# ଓଡ଼ିଆ-କିଂଝାଲ୍-କନ୍ଧାନ୍ ଶବ୍ଦକୋଷ


**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ଓଡ଼ିଆ-ବିନ୍‌ଝାଲ-କନ୍ଧାନ୍ ଶବ୍ଦକୋଷ

(ମାତୃଭାଷାଭିତ୍ତିକ ପ୍ରାଥମିକ ଶିକ୍ଷାଦାନ ନିମନ୍ତେ ଏକ ସହାୟକ ଶବ୍ଦକୋଷ)

*ସଂକଳକ ଓ ସମ୍ପାଦନା*

ଡ଼. ପରମାନନ୍ଦ ପଟେଲ

*ମାର୍ଗଦର୍ଶକ :*

ପ୍ରଫେସର ଅଖିଳ ବିହାରୀ ଓତା

*ସହାୟତା:*

ୟୁନିସେଫ୍

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ଓଡ଼ିଆ-ବିନ୍‌ଝାଲ୍-କନ୍ଧାନ୍ ଶବ୍ଦକୋଷ


*ସଂକଳକ ଓ*
*ସମ୍ପାଦନା* : ଡ. ପରମାନନ୍ଦ ପଟେଲ

© *ପ୍ରକାଶକ* : ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପ୍ରାନ୍ତର
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

*ପ୍ରଥମ ପ୍ରକାଶ* : ଜାନୁୟାରୀ, ୨୦୧୬

*ମୁଦ୍ରଣ* : ଭୋଲାନାଥ ପ୍ରେସ୍
ବମିଖାଲ, ଭୁବନେଶ୍ୱର

*ସହାୟତା* : ୟୁନିସେଫ୍


**ODIA - BINJHAL-KANDHAN SABDAKOSH**


**Compilor &**
***Editor*** : **Dr. Paramananda Patel**

**©*Publisher*** : Member Secretary
Academy of Tribal Languages & Culture
Adivasi Exhibition Ground
Unit - I, Bhubaneswar - 751 009

**First Edition** : January, 2016.

**Printed at** : Bholanath Press
Bomikhal, Bhubaneswar.

**Supported by** : UNICEF

# ବିନ୍‌ଝାଲ୍‌-କନ୍ଧାନ୍‌

ଭାରତର ଇତିହାସ ଗଭୀର ପ୍ରତ୍ନତାତ୍ତ୍ୱିକ ଗବେଷଣା ଉପରେ ପର୍ଯ୍ୟବେସିତ । ଅତୀତ ସମାଜର ପ୍ରତ୍ୟେକଟି ଦିଗ ଏ ଦିଗରେ ସଠିକ୍ ଉନ୍ମୋଚିତ ହୋଇ ପାରିନଥିଲେ ହେଁ ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କର ଚେଷ୍ଟା ଏ ଦିଗରେ ଅବ୍ୟାହତ ରହିଛି । ଭାରତର ପ୍ରାଗୈତିହାସ ସମ୍ପର୍କରେ ଏଯାବତ୍ କୌଣସି ଭିତ୍ତିଭୂମି ସଂପୂର୍ଣ୍ଣ ସଠିକ୍ ଭାବରେ ପ୍ରଦାନ କରିବା ସମ୍ଭବ ହୋଇ ନଥିଲେ ହେଁ, ସୁଲଭ ପ୍ରତ୍ନତାତ୍ତ୍ୱିକ ତଥ୍ୟ ଓ ଭାଷାଗତ ସାମଞ୍ଜସ୍ୟକୁ ଭିତ୍ତି କରି ଭାରତରେ ଆଦିବାସୀ ପରମ୍ପରାର ସୃଷ୍ଟି ସମ୍ପର୍କରେ ଏକ ଅସ୍ପଷ୍ଟ ତଥ୍ୟ ଦିଆଯାଇପାରେ । ଆର୍ଯ୍ୟମାନଙ୍କର ଏଦେଶକୁ ଆଗମନ ପୂର୍ବରୁ ଏଇମାଟିର ମୂଳ ବାସିନ୍ଦା ବା ଜନସମୂହ ବିଶେଷତଃ ବାସୋପଯୋଗୀ ସମତଳଭୂମି ତଥା ନଦୀ ଉପତ୍ୟକାମାନଙ୍କରେ ବାସ କରୁଥିଲେ । ପରିବେଶ ଓ ସାମାଜିକ ଜୀବନ ଧାରାର ଭିନ୍ନତା ଅନୁସାରେ ଭିନ୍ନ ଭିନ୍ନ ଗୋଷ୍ଠୀ ଭିନ୍ନ ଭିନ୍ନ ଜୀବନ ଧାରଣ ପ୍ରଣାଳୀ ଅବଲମ୍ବନ କରୁଥିଲେ । କେହି ଫଳମୂଳ ସଂଗ୍ରହ ଓ ଶୀକାରକୁ ଭିତ୍ତିକରି, କେହି ବା ପୋଡୁଚଷ ଅବଲମ୍ବନ କରି ଜୀବିକା ନିର୍ବାହ କରୁଥିଲେ । କେତେକ ଗୋଷ୍ଠୀ ଧାତୁର ବ୍ୟବହାର କରି ନିଜର କର୍ମ ପନ୍ଥାକୁ ସହଜ ଓ ସରଳ କରିବାକୁ ସକ୍ଷମ ଥିଲେ । କ୍ରମୋନ୍ନତି ପର୍ଯ୍ୟାୟରେ ବିଭିନ୍ନ ଗୋଷ୍ଠୀ ନିଜର ଜୀବିକା ନିର୍ବାହ ପ୍ରଣାଳୀକୁ ଉନ୍ନତ କରିବାକୁ ସକ୍ଷମ ହେଲେ । ଏହି କ୍ରମରେ କେତେକ ଗୋଷ୍ଠୀ ଖାଦ୍ୟ ସଂଗ୍ରହ ବ୍ୟବସ୍ଥାରୁ ଖାଦ୍ୟ ଉତ୍ପାଦନ ସହ ଜନପଦଠାରୁ ଦୂରରେ ରହୁଥିଲେ । ଐତିହାସିକ ତଥ୍ୟାନୁଯାୟୀ ଏହି ମୂଳ ବାସିନ୍ଦା ବା ଜନଜାତି ଗଣ ଏକ ସମୁଦାୟ ଅର୍ଥନୀତି ବା ସମାଜ ବିଶିଷ୍ଟ ଆର୍ଯ୍ୟଜାତିର ଆଗମନ ତଥା ଆକ୍ରମଣ ହେତୁ ଅଗମ୍ୟ ବଣ ଜଙ୍ଗଲରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଥିଲେ । ଏଭଳି ଅଞ୍ଚଳ ସେତେବେଳେ ଆଟବିକ ରାଜ୍ୟ, ମହାକାନ୍ତାର ଓ ପ୍ରତ୍ୟନ୍ତ ଦେଶ ନାମରେ ପରିଚିତ ଥିଲା । ତେବେ ଏତିକି ତଥ୍ୟ ଭାରତର ଅତୀତ ଇତିହାସ ଉନ୍ମୋଚନ କରିବାକୁ ଯଥେଷ୍ଟ ଓ ବିଶେଷ ସକ୍ଷମ ନୁହେଁ । ଏହା ଅଧିକ ପ୍ରତ୍ନତାତ୍ତ୍ୱିକ ଓ ଐତିହାସିକ ଗବେଷଣା ସାପେକ୍ଷ ।

ଭାଷାଗତ ତଥ୍ୟକୁ ନେଇ ଭାରତୀୟ ଇତିହାସରେ ଆଦିବାସୀ ସଂସ୍କୃତିର ବିଭିନ୍ନ ପର୍ଯ୍ୟାୟ ଆଲୋଚନା କରାଯାଇପାରେ । ଭାରତରେ ଜନଜାତି ସମୂହକୁ ଭାଷାଗତ ବର୍ଗୀକରଣ ଦୃଷ୍ଟିରୁ ୪ ଭାଗରେ ବିଭକ୍ତ କରାଯାଇଥାଏ । ଯଥା(୧) ଭାରତୀୟ - ଆର୍ଯ୍ୟ ଭାଷାଗୋଷ୍ଠୀ, (୨) ଦ୍ରାବିଡ଼ୀୟ ଭାଷାଗୋଷ୍ଠୀ, (୩) ତିବ୍ବତୋ-ବର୍ମିଜ ଭାଷାଗୋଷ୍ଠୀ ଓ (୪) ଅଷ୍ଟ୍ରିକ୍ ଭାଷା ଗୋଷ୍ଠୀ । ଭାରତରେ ଅନ୍ୟୂନ ୪୦୦ ପ୍ରକାର

ଆଦିବାସୀ ଭାଷାର ପ୍ରଚଳନ ଦେଖାଯାଏ । ଏଣୁ ପ୍ରାୟତଃ ଅଧିକାଂଶ ଆଦିବାସୀ ଗୋଷ୍ଠୀର ନିଜସ୍ୱ ଭାଷା ରହିଥିବାର ଜଣାଯାଏ । ତେବେ ଅଧିକାଂଶ ଭାଷା କେବଳ କଥିତ ଭାଷା । ଏ ସବୁର ଲିଖିତ ଲିପି ନାହିଁ । ଆମ ଓଡ଼ିଶାରେ ତିବତୋ-ବର୍ମିଜ ଭାଷା ଗୋଷ୍ଠୀର କୌଣସି ଆଦିବାସୀ ନଥିବାରୁ ଓଡ଼ିଶାର ଆଦିବାସୀମାନଙ୍କୁ ଅବଶିଷ୍ଟ ତିନି ପ୍ରକାର ଭାଷା ଗୋଷ୍ଠୀରେ ବିଭକ୍ତ କରାଯାଇଥାଏ ।

ଓଡ଼ିଶାର ଆଦିବାସୀମାନଙ୍କ ମଧ୍ୟରେ ଦକ୍ଷିଣୀ ଓଡ଼ିଆ କହୁଥିବା ଦେଶିଆ, ଭୂୟାଁ, ଭତ୍ରୀ, ଝରିଆ ଓ ମାଟିଆ, ପଶ୍ଚିମାଞ୍ଚଳୀୟ ଓଡ଼ିଆ ବା ସମ୍ବଲପୁରୀ କହୁଥିବା କନ୍ଧନ୍, ଲରିଆ, ଅଘରିଆ ଓ ଭୂଲିଆ; ଉତ୍ତରାଞ୍ଚଳୀୟ-ଓଡ଼ିଆ ବା ବଙ୍ଗଳା ମିଶ୍ରିତ ଓଡ଼ିଆ କହୁଥିବା କୁର୍ମୀ ସାଦ୍ରି; ଛତିଶଗଡ଼ି ହିନ୍ଦୀ କହୁଥିବା ବିନ୍‌ଝିଆ, ଔପଭାଷିକ ହିନ୍ଦୀ କହୁଥିବା ବନ୍‌ଜାରା; ଛତିଶଗଡ଼ି କହୁଥିବା ବଇଗା, ମିଶ୍ରିତ ମରାଠି କହୁଥିବା ଭୂଞ୍ଜିଆ, ଓଡ଼ିଆ, ମରାଠି ଓ ଛିତିଶଗଡ଼ି ମିଶ୍ରିତ ଭାଷା କହୁଥିବା ହାଲ୍‌ବି ଇତ୍ୟାଦି ଭାରତୀୟ-ଆର୍ଯ୍ୟ ଭାଷା ଗୋଷ୍ଠୀର ଅନ୍ତର୍ଗତ । ପରଜି (ଧାରୁଆ), କୋୟା, କୁଇ (କୁଟିଆ) କୁଭି (ଡଙ୍ଗରିଆ), କନ୍ଦା/କୁବି (କନ୍ଧଡୋରା), ଓଲାରି (ଗଦବା), କୁରୁଖ (ଓରାଓଁ), ଗଣ୍ଡି (ଗଣ୍ଡ), ମାଡ଼ିଆ, କୁଭି (ଜାତାପୁ କନ୍ଧ, ପେଙ୍ଗକନ୍ଧ) ଓ କିସାନ ଇତ୍ୟାଦି ଭାଷା ଗୋଷ୍ଠୀ ଦ୍ରାବିଡ଼ୀୟ ଭାଷା ପରିବାରର ଅନ୍ତର୍ଗତ । ଶେଷରେ ଅଷ୍ଟ୍ରିକ ଭାଷା ଗୋଷ୍ଠୀରେ ଗତା (ଡିଡାୟୀ), ଗୁତବ୍ (ଗଦ୍‌ବା), ଜୁଆଙ୍ଗ, କୋଡ଼ା, ବିରହର୍ (ମାଙ୍କିଡ଼ିଆ), ମୁଣ୍ଡାରୀ(ମୁଣ୍ଡା), ସାନ୍ତାଳୀ, ସୋରା (ସଉରା-ଲାଞ୍ଜିଆ, ଜୁରେ, ଆରସି ଇତ୍ୟାଦି) ଗୋରୁମ୍ (ପାରେଙ୍ଗା), ରେମୋ (ବଣ୍ଡା), ଖରିଆ, କୋରୱା, ଭୂମିଜ, ହୋ (ହୋ ଏବଂ କୋହ୍ଲ) ଓ ମାହିଲି (ମାହାଲି) ଅନ୍ତର୍ଗତ ହୋଇଥିବାର ଦେଖାଯାଏ ।

ଅଧିକାଂଶ ଆଦିବାସୀ ଭାଷା କଥିତ ଭାଷା ହୋଇଥିଲେ ହେଁ ଲିପିଥିବା ଭାଷାଗୁଡ଼ିକଠାରୁ ଏସବୁ କୌଣସି ଗୁଣରେ ନ୍ୟୁନ୍ ନୁହେଁ । ଭାଷାତତ୍ତ୍ୱବିଦ୍‌ମାନଙ୍କ ମତରେ ଏସବୁ ଭାଷାରେ ଧ୍ୱନିତତ୍ତ୍ୱ ଓ ଶବ୍ଦ ଭେଦରେ ଦ୍ୱୈତ ସଂରଚନା ବା ଗଢ଼ଣ ସାଙ୍ଗକୁ ସୃଜନ ସାମର୍ଥ୍ୟ (ସୃଜନ ଓ ନୂତନତ୍ୱ) ରହିଛି । ତଥାପି ସାଧାରଣ ଦୃଷ୍ଟିରୁ ଏହା, ଲିଖିତ ସାହିତ୍ୟିକ ପରମ୍ପରା ଯେଭଳି ସୁରକ୍ଷିତ ପରମ୍ପରା ଅନୁବର୍ତ୍ତୀ ରହିଛି, ତାହା ଦେଖିଲେ, ଅତ୍ୟନ୍ତ ପ୍ରଶଂସନୀୟ ମନେ ହୁଏ । ଇତି ମଧ୍ୟରେ କେତେକ ଆଦିବାସୀ ଭାଷା ସ୍ଥାନୀୟ ମୁଖ୍ୟ ଭାଷା ଓଡ଼ିଆକୁ ବ୍ୟବହାର କରି ଏକ ଲିଖିତ ସାହିତ୍ୟିକ ପରମ୍ପରାରେ ମନୋନିବେଶ କଲେଣି । ଆଉ କେତେକ ଭାଷା ନିଜସ୍ୱ ଲିପି ବ୍ୟବହାର କରି ଏ ଦିଗରେ ଅନେକ ଆଗେଇ ଗଲେଣି । ସାଁନ୍ତାଳମାନଙ୍କ 'ଅଲ୍‌ଚିକି. ହୋ

ମାନଙ୍କର ୱାରଙ୍ଗ୍‌ଚିତି ଓ ସଉରାମାନଙ୍କର 'ସୋରାଙ୍ଗ ସୋଙ୍ଗପେଙ୍ଗ' ଏହାର ପ୍ରକୃଷ୍ଟ ଉଦାହରଣ । ଏ ପ୍ରକାର ଲିପିର ବ୍ୟବହାର ଫଳରେ ସେମାନେ ଉଚ୍ଚ ସାହିତ୍ୟିକ ପରମ୍ପରା ସୃଷ୍ଟି ଦିଗରେ ସମର୍ଥ ହୋଇପାରିଛନ୍ତି । ସଂପ୍ରତି ବାର୍ଷିକ କ୍ୟାଲେଣ୍ଡର ବା ପାଞ୍ଜି ଓ ସମ୍ବାଦ ପରିକ୍ରମା ପ୍ରକାଶନ ସାଙ୍ଗକୁ ପରମ୍ପରା ଗତ ସଂଗୀତ, ପ୍ରବାଦ, ପ୍ରହେଳିକା, ସାଙ୍କେତିକ ପ୍ରଶ୍ନ, ଢ଼ଗ ଢ଼ମାଳି, କାହାଣୀ ଇତ୍ୟାଦିକୁ ନେଇ ପାଠ୍ୟ ପୁସ୍ତକ ରଚନା କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରମାଣ କରିପାରିଛନ୍ତି ।

ଭାରତ କାହିଁକି ସାରା ବିଶ୍ୱରେ ଓଡ଼ିଶାର ପ୍ରସିଦ୍ଧି ଦୁଇଟି କ୍ଷେତ୍ର ପାଇଁ ବିଶେଷ ଭାବରେ ପରିଚିତ । ଗୋଟିଏ ହେଲା ଜଗନ୍ନାଥ କ୍ଷେତ୍ର ଓ ଦ୍ୱିତୀୟଟି ହେଲା ଜନଜାତି କ୍ଷେତ୍ର । ଜଗତର ନାଥ ଜଗନ୍ନାଥଙ୍କୁ ସମସ୍ତେ ଜାଣନ୍ତି । ସେ ହେତୁରୁ ଜଗନ୍ନାଥ ପୁରୀ ଓଡ଼ିଶାକୁ ଜାଣନ୍ତି । ଦ୍ୱିତୀୟରେ ଏଠାରେ ସମ୍ବିଧାନ ଦ୍ୱାରା ସ୍ୱୀକୃତି ଲାଭ କରିଥିବା ୬୨ ପ୍ରକାର ଜନଜାତି (ଆଦିବାସୀ) ଏଠାରେ ବସବାସ କରନ୍ତି । ଏମାନଙ୍କର ଭାଷା, ସଂସ୍କୃତି, ଚଳଣିରେ ପ୍ରତ୍ୟେକ ପ୍ରତ୍ୟେକଠାରୁ ଅଲଗା ଭାବରେ ବାରି ହୁଅନ୍ତି । ବହୁ ପୁରାତନ ଆଦିମ ଜନଜାତିଙ୍କଠାରୁ ଆରମ୍ଭ କରି ଆଧୁନିକ ସଭ୍ୟତା ସହ ସମାନ୍ତରାଳ ଭାବରେ ପାଦ ଥାପି ଅଗ୍ରସର ହେଉଥିବା ଗୋଷ୍ଠୀ ଭେଦରେ ଓଡ଼ିଶାରେ ବସବାସ କରୁଥିବା ଜନଜାତି ସମୂହ ବହୁଚର୍ଚ୍ଚିତ । ଏମାନଙ୍କ ବିଷୟରେ ପୁରାଣ ଇତିହାସରୁ ଅନେକ କଥା ଶୁଣିବାକୁ ମିଳେ । ରାମାୟଣ, ମହାଭାରତରେ ଏମାନଙ୍କ ସମୟରୁ ଏମାନେ ଆର୍ଯ୍ୟମାନଙ୍କ ସହ ମିତ୍ରତା ସୂତ୍ରରେ ଆବଦ୍ଧ ହୋଇ ନିଜକୁ ଶିକ୍ଷିତ କରି ଆସିଛନ୍ତି । ତଥାପି ନିଜ ଭାଷା ସଂସ୍କୃତି ସହ ଏକାତ୍ମ ଏମାନେ ମୂଳ ଭାବକୁ ଛାଡ଼ି ନାହାନ୍ତି । ନିଜ ସଂସ୍କୃତି, ଚଳଣି, ଭାଷା ପରମ୍ପରା ମଧ୍ୟରେ ବାନ୍ଧି ରହି ଏମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଫଳରେ ଯୁଗକୁ ଯୁଗ ଏମାନଙ୍କ ଉପରେ ଗବେଷକମାନେ ଅଧ୍ୟୟନ କରି ତାଙ୍କ ଅର୍ନ୍ତନିହିତ ଗୁଣ କୌଶଳକୁ ଲୋକ ଲୋଚନକୁ ଆଣି ତାଙ୍କ ମହନୀୟତା ବର୍ଣ୍ଣନା କରି ଆସୁଛନ୍ତି । ଓଡ଼ିଶାରେ ଆଦିବାସୀମାନେ ବିକ୍ଷିପ୍ତ ଭାବରେ ବସବାସ କରୁଥିବା ହେତୁ ଭାଷା-ସଂସ୍କୃତିରେ ବହୁ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ । ପଶ୍ଚିମାଞ୍ଚଳରେ ବହୁ କନ୍ଧ ଜନଜାତି ବସବାସ କରି ମୁଖ୍ୟସ୍ରୋତ ସହ ସେମାନଙ୍କ ଅସ୍ମିତାକୁ ବଜାୟ ରଖିବାକୁ ସଚେଷ୍ଟ ଅଛନ୍ତି । ଫଳତଃ ସେହି ସ୍ରୋତରେ ନିଜ ଭାଷା ଓ ପରମ୍ପରାରୁ କ୍ରମଶଃ ଦୂରେଇ ଯାଇ ମହା ପରମ୍ପରାକୁ ଆପଣାଇବାରୁ ଚେଷ୍ଟାରେ ଏକ ଭାଷିକ ପରିବର୍ତ୍ତନ ଘଟାଇଛନ୍ତି । ଫଳତଃ ବଲାଙ୍ଗିର, କଳାହାଣ୍ଡି, ସୋନପୁର, ବରଗଡ ଅଞ୍ଚଳରେ ବସବାସ କରୁଥିବା କନ୍ଧମାନଙ୍କ ଭାଷାକୁ କନ୍ଧାନ ହିସାବରେ ସେମାନେ ପରିଚିତ କରାଇବା ସହ ନିଜକୁ କନ୍ଧାନ ବୋଲି କହିବାରେ

ଅଭ୍ୟସ୍ତ ହେଲେଣି । ଠିକ୍ ସେହିପରି ଏହି ଅଞ୍ଚଳରେ ବସବାସ କରୁଥିବା ବିନ୍‌ଝାଲ୍ । ପଶ୍ଚିମାଞ୍ଚଳର ସମୃଦ୍ଧ ଭାଷା ସମ୍ବଲପୁରୀ ସହ ନିଜ ସହୋଦରଭାବ ପ୍ରଦର୍ଶନ ସହ ତାଙ୍କ ଭାଷାରେ ପରିବର୍ତ୍ତନ ଆଣିଛନ୍ତି । ଏ ଉଭୟ ଭାଷାକୁ ଆଖି ଆଗରେ ରଖି ଭାଷାର ବଳିଷ୍ଠ ପରମ୍ପରାକୁ ଉପଜୀବ୍ୟ କରି ସର୍ବଶିକ୍ଷା ଅଭିଯାନରେ ମାତୃଭାଷା କୈନ୍ଦ୍ରିକ ଶିକ୍ଷା ପାଇଁ ସହାୟକ ପୁସ୍ତକର ପରିକଳ୍ପନା କରାଯାଇଛି ।



● ଚିହ୍ନିତ ଜିଲ୍ଲା ବିନ୍‌ଝାଲ-କନ୍ଧାନ୍ ଭାଷାଭାଷି

ଆଦିବାସୀ ଘନ ଜନବସତି ଅଞ୍ଚଳରେ ଏମାନେ ନିଜ ଭାଷାରେ ଭାବଗତ ଆଦାନପ୍ରଦାନ କରୁଥିବାରୁ ଅନ୍ୟ ଭାଷା ବୁଝିବାରେ ଓ ବୁଝାଇବାରେ ଅନେକ ଅସୁବିଧା ସୃଷ୍ଟି ହୋଇଥାଏ । ପ୍ରାଥମିକ ଶିକ୍ଷାରେ ଏହି ଅସୁବିଧା ଯୋଗୁଁ ସେମାନଙ୍କୁ ରାଜ୍ୟ ଭାଷାରେ ଶିକ୍ଷାଦାନ ଦେବା କଷ୍ଟ ହୋଇଥାଏ । ଏହାକୁ ଆଖି ଆଗରେ ରଖି ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ମାତୃଭାଷା କେନ୍ଦ୍ରିକ ବହୁଭାଷିକ ଶିକ୍ଷାଦାନର ପରିକଳ୍ପନା କରାଯାଇଛି । ପରିକଳ୍ପିତ ଓଡ଼ିଆ - ବିନ୍‌ଝାଲ୍-କନ୍ଧାନ୍ ଶବ୍ଦକୋଷ ସେହି ପିଲା ଓ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ସମର୍ପିତ । ଏଥିରେ ନିତିଦିନିଆ ବ୍ୟବହାରରେ ଆସୁଥିବା ଶବ୍ଦ ଓ ବାକ୍ୟ ସହ କଥୋପକଥନ ଏବଂ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପାଠ୍ୟ ବହିର ସରଳ ଅର୍ଥବୋଧ ସମ୍ବଳିତ ଏକ ପୁସ୍ତିକା ସଂକଳିତ ହୋଇଛି । ଏହି ପୁସ୍ତିକା ଶିକ୍ଷକମାନଙ୍କ ବ୍ୟବହାରରେ ଆସିବା ସହ ଅଭିଭାବକ ଛାତ୍ରଛାତ୍ରୀ ତଥା ଶିକ୍ଷା ସହିତ ସଂପୃକ୍ତ ସମସ୍ତ କର୍ମକର୍ତ୍ତାଙ୍କ ସଦ୍‌ବ୍ୟବହାରରେ ଆସିବ ବୋଲି ଆଶା ଓ ବିଶ୍ୱାସ । ପୁସ୍ତକ ପ୍ରକାଶନରେ ଏକାଡେମୀର ଡ. ପଟେଲଙ୍କ ଶ୍ରମ ସ୍ୱୀକୃତ । ୟୁନିସେଫ୍‌ର ସହଯୋଗରେ ଏହା ପ୍ରକାଶକ୍ଷମ ହୋଇଥିବାରୁ ଏକାଡେମୀ ତାଙ୍କ ନିକଟରେ କୃତଜ୍ଞ ।



ଅଖିଳ ବିହାରୀ ଓତା

ଓ - ଅତିଥି - ଆମ ଘରକୁ ଅତିଥି ଆସିଛନ୍ତି ।

ବି - ପୋହଁନା - ହାମର୍ ଘରକେ୍ ପୋହଁନା ୟେହେ ।

କ- - ଆମର୍ ଘେର୍‌କେ ଲୋକ୍ ଆସ୍‌ଲା ଚେତ୍ ।

ଓ- ଅଙ୍କନ - ଗୋଟିଏ କାଉର ଚିତ୍ର ଅଙ୍କନ କର ।

ବି- କାଟୋ - ଗୋଟେକ୍ କୁଆଁକେ ଫଟୁ କାଟୋ ।

କ- ବାନା - ଗୋଟେକ୍ କଏଲାର ଫୋଟୋ ବାନା ଦେଖ୍ ।

ଓ- ଅଭିଭାବକ - ଅଭିଭାବକ ମାନେ ତୁମର ଯତ୍ନ ନିଅନ୍ତି ।

ବି- ଆୟାବୁଆ - ଆୟାବୁଆମନ୍ ତାହାଁମନ୍‌କେ ଦେଖ୍‌ଭାଲ୍ କର୍‌ଥେ ।

କ- ମା,ବୁଅ - ବହୁଲୋକମନେ ତୋର ଜତନ୍ କିଏତିଆ ।

ଓ- ଅଭ୍ୟାସ - ଗୀତ ଗାଇବା ଅଭ୍ୟାସ କର ।

ବି- ଚେରେଷ୍ଟା - ଗୀତ୍ ଗାବା କେ ଚେରେଷ୍ଟା କରୋ ।

କ- ଲଏ - ଗିତ୍ ଗାଏବାର ଲଏ କେର ।

ଓ- ଅଭିନୟ - ରବି ଭଲ ଅଭିନୟ କରି ଜାଣେ ।

ବି- ନାଁଛି -. ରବି ଅଏନ୍ ନାଚନ୍ ଜାନ୍‌ଥେ ।

କ- ଠାଣିମାଣୀ - ରବି ବନେକେତେ ଠାଣିମାଣି କିର୍‌ଲିଆ ।

ଓ- ଅଜା - ଆମ ଅଜାଙ୍କ ନାମ ଡ଼ିଙ୍ଗୁରା ପ୍ରଧାନ ।

ବି- ଦାଦି - ହାମର, ଦାଦି କେ ନାଁ ଡିଙ୍ଗୁରା ପ୍ରଧାନ ।

କ- କନ୍ଧ - ଆମର୍ ଦାଦି ନାଁ ଡ଼ିଙ୍ଗୁରା ପ୍ରଧାନ ।

ଓ- ଅଧିକ - ମୁଁ ଅଧିକ ପାଠ ଜାଣେ ।

ବି- ଗୁର୍‌ଦୁ - ମେଁ ଗୁର୍‌ଦୁ ପାଠ ଯାନ୍‌ଥୁଁ ।

କ- ଖୁବ୍ - ମୁଇଁ ଖୁବ୍ ପାଠ୍ ଯାନ୍‌ଲାଛେଁ ।

ଓ- ଅମୃତ - ଅମୃତ ଖାଇଲେ କେହି ମରନ୍ତି ନାହିଁ ।

ବି- ଅମୃତ୍ - ଅମୃତ ଖାଁଲେ କୋହ୍ନେ ନି ମରେ ।

କ- ଅମୃତ - ଅମୃତ ଖାଲେ କେନ୍‌ବି ନା ମରେ ।

ଓ- ଅଣ ଓସାରିଆ - ଆମ ଗ୍ରାମକୁ ଅଣ ଓସାରିଆ ରାସ୍ତାଟିଏ ଅଛି ।

ବି- ସାଁକୁର - ହାମ୍‌ର୍ ଗାଁ କେ ସାକୁଁର ବାଟ୍ ଗୋଟେକ ଏହେ ।

କ- ରାକ୍ରି - ଆମର୍ ଗାଁକେ ସାକ୍ରି ବାଟ୍ ଗୋଟେ ଆଚେ ।

ଓ- ଅପେକ୍ଷା - ମୁଁ ତୁମକୁ ଅପେକ୍ଷା କରି ଆସିବି ।

ବି- ଟାକ୍‌ବା - ମିଁ ତାହାଁ ମନ୍‌କେ ଟାଏକ୍ କେ ଏହିଁ ।

କ- ଟାକ୍‌ତେ - ମୁଇ ତମ୍‌କେ ଟାକ୍‌ତେ ଆସ୍‌ମି ।

ଓ- ଅକ୍ଷର - ତୁମର ଅକ୍ଷର ବହୁତ ସୁନ୍ଦର ଅଟେ ।

ବି- ଅଖର - ତାହାମନ୍‌କେ ଅଖର ଜବର ବନେ ଏ ।

କ- ଅଖର - ତୁମର ଲେଖା ଖୋବ୍ ସୁନ୍ଦର ଦିସଚେ ।

ଓ- ଅଠା - ଅଠାରେ କାଗଜ ଲଗାଯାଏ ।

ବି- ଆଠା - ଆଠାନେ କାଗତ୍ ଲଗାଥେ ।

କ- ଅଠା - ଅଠାନେ କାଗଜ ଲଟ୍‌କା ଟ୍ୟା ।

ଓ- ଅକଲ ଗୁଡୁମ - ମୃତ୍ୟୁ ଖବର ପାଇ ମୋ ଅକଲ ଗୁଡୁମ୍ ହେଲା ।

ବି- ବୁଧିବନା - ମରବା ସୋର୍ ପାବାକେ ମୋର ବୁଧିବନା ହେ ଯାଏସ୍ ।

କ- ବୁଦ୍ଧିବାନ୍ - ମଲା ଖବର୍ ସୁନ୍‌ତେ ମୋର ବୁଦ୍ଧି ବାନା ହଡେଗଲ ।

ଓ- ଅଧଃକ୍ରମ - ମୁଁ ଅଧଃ କ୍ରମରେ ନାମ ଗୁଡ଼ିକ ପଢ଼ିଲି ।

ବି- ତଳି - ମେଁ ତଳିଲେ ନାଁ ମନକେ ପଢ଼େଁ ।

କ- ତଲ୍ - ମୁଇଁ ଉପରନୁ ତଲ ପେଟେକ୍ ନାଁ ମେନ୍‌କେ ପୁଟ୍‌ଲି ।

| | | |
|---|---|---|
| ଓ- ଅମ୍ଳ | - | ଅମ୍ଳ ରସ ପିଇ ହୁଏ ନାହିଁ । |
| ବି- ଆମଟ୍ | - | ଆମଟ୍ ରସ୍ ପିଅନ୍ ନି ସକାଏ । |
| କ- ଆମିଲ୍ | - | ଆମିଲ୍ ରସ୍ ନା ପି, ହୁଏ । |
| ଓ- ଅନ୍ନ | - | ଅନ୍ନ ବିନା ଆମେ ବଞ୍ଚି ପାରିବା ନାହିଁ । |
| ବି- ଅରନ୍ | - | ଅରନ୍ ବିନା ହାଁମେ ଜୀଁଅନ୍ ନି ସକନ୍ । |
| କ- ଅରନ୍ | - | ଅରନ୍ ବିନା ଆମେ ନା ଜୀଁପାରୁଁ । |
| ଓ- ଅଣ୍ଟା | - | ବୁଢ଼ାବୁଢ଼ୀ ମାନେ ଅଣ୍ଟା ସଳଖି ପାରନ୍ତି ନାହିଁ । |
| ବି- ଆଁଟା | - | ବୁଢା ବୁଢୀ ମନ୍ ଆଁଟା ସଲ୍‌ଖାନ୍ ନି ସକେ । |
| କ- ଆଟା | - | ବୁଢ଼ାବୁଢ଼ୀ ମନେ ଆଟା ନା ସଲଖେ ପାରେତ୍ । |
| ଓ- ଅଳାଁ | - | ଅଁଳା ତେଲ କେଶକୁ ଭଲ । |
| ବି- ଅଏଁଲା | - | ଅଏଁଲା ତେଲ୍ ବାଲ୍ କାଜର୍ ବନେ । |
| କ- ଅଁଲା | - | ଅଁଲା ଟିକନ୍ ବାଲ୍‌କେ ବନେ । |
| ଓ- ଅଞ୍ଚଳ | - | ଆମ ଅଞ୍ଚଳ ଜଙ୍ଗଲରେ ପୂର୍ଣ୍ଣ । |
| ବି- ଫାଂଖ୍ | - | ହାମର୍ ଫାଖ୍ ଜଙ୍ଗଲ ନେ ଭରେହେ । |
| କ- ଠାନ୍ | - | ଆମର ଠାନ୍ ଖମନ୍‌ଥି ପୁର୍‌ଲାଚେ । |
| ଓ- ଅରମା | - | ଆମେ ଆମ ବାରିର ଅରମା ସଫା କରୁ । |
| ବି- ମୈଲା | - | ହାଁମେ ହାମର୍ ବାରିକେ ମୈଲା ସାଫ୍ କରଥୋଁ । |
| କ- ଲୁଟୁକୁଡ୍ | - | ଆମେ ଆମର୍ ବାରିର୍ ଲୁଟୁଜୁଡ୍ ସଫାକିନୁଆଁ । |
| ଓ- ଅନୁଚ୍ଛେଦ | - | ତୁମେ ପ୍ରତିଦିନ ପାଞ୍ଚୋଟି ଅନୁଚ୍ଛେଦ ସାହିତ୍ୟ ପଢ଼ । |
| ବି- ଛାନ୍ଦ୍ | - | ତି ସବ୍‌ଦିନ୍ ସାହିତ୍ୟ ବହିକେ ପାଁଚ୍‌ଟା ଛାନ୍ଦ ପଢିଦ୍ । |
| କ- ବିଷୟ | - | ତୁମେ ସବୁଦିନ୍ ସାହିତ୍ୟ ବହିର ପାଞ୍ଚଟା ବିଷୟ ପଢସା । |

| | | | |
|---|---|---|---|
| ଓ- | ଅଧ୍ୟୟନ | - | ଧର୍ମ ପୁସ୍ତକ ଅଧ୍ୟୟନ ଜୀବନ ପାଇଁ ଭଲ । |
| ବି- | ପଢ୍‌ବାଁ | - | ଧରମ୍ ବହି ପଢ୍‌ବା ଜୀବନ୍ କାଜର ବନେ । |
| କ- | ପଢ | - | ଧର୍ମ ପୁରାଣ ପଢଲେ ଜୀବନ କେ ଭଲ୍ ଲାଗ୍‌ଲ୍ୟା । |
| ଓ- | ଆସନା | - | ପିଲାଟି ବହୁତ ଅସନା ହୋଇଛି । |
| ବି- | ମୈଲା | - | ପିଲା ଗୋଟେକ୍ ଜବର ମୈଲା ହେହେ । |
| କ- | କେଚ୍‌କେଚ | - | ପିଲା ଖୁବ୍ କେଚ୍‌କେଚା ହଲାଚେ । |
| ଓ- | ଅକଲ | - | ବଣରେ ବାଘ ଦେଖି ମୋର ଅକଲ ହଜିଗଲା । |
| ବି- | ଅକଲ୍ | - | ଜଙ୍ଗଲ୍ ନେ ବାଘ୍ ଦେଖିକେ ମୋର ଅକଲ୍ ହେ ଜ୍ୟାସ୍ । |
| କ- | ହ୍‌ଜତେ | - | ଖମନ୍ ଡ଼ି ବାଘ୍ ଦେଖଲାକେ ମୋର ବୁଦ୍ଧି ହାଜତେ ଗଲ । |
| ଓ- | ଅଟ୍ଟାଳିକା | - | ଧନୀକ ମାନେ ଅଟ୍ଟାଳିକାରେ ରହନ୍ତି । |
| ବି- | ମହଲା | - | ଧନୀ ଲୋଗ୍ ମନ୍ ମହଲା ନେ ରେଥେ । |
| କ- | ପାକାଘେରେ | - | ମାଜନ ଲୋକ୍ ମେନେ ପାକାଘେରେ ରିତ୍ୟା । |
| ଓ- | ଅଳନ୍ଧୁ | - | ରୋଷେଇ ଘରେ ଅଳନ୍ଧୁ ଲାଗି ଥାଏ । |
| ବି- | ଆନ୍ଧୁ | - | ରାନ୍ଧା ଘରେ ଆନ୍ଧୁ ଲାଗ୍‌ଥେ । |
| କ- | ଉନ୍‌ଦା | - | ରୋଷେଇ ଘରେ ଅଳନ୍ଧୁ ଲାଗେ । |
| ଓ- | ଅଳପ | - | ମଦ ଖାଇଲେ ଅଳପ ଆୟୁ ହୁଏ । |
| ବି- | କମ୍ | - | ମଦ୍ ପିଁଲେ ବଏସ୍, ଘଟ୍ ଯାଥେ । |
| କ- | ଅଳପ | - | ମନ୍ଦ୍ ପିଇଲେ ଅଳ୍ପାୟୁସ୍ ହୁଇତ୍ୟା । |
| ଓ- | ଅଳିଆ | - | ଅଳିଆ ଖାତରେ ଗଦା କରି ପୋତି ପକାଅ । |
| ବି- | ମୈଲା | - | ମୈଲା ଖାଁଚା ନେ ଗଦା କେ ତୋପ୍ ଦୋହୋ । |
| କ- | କେଚରା | - | କେଚରା ଦୁତ୍‌କେ ଖତ୍ ଗାଦାନେ କୁପାକେତେ ଓ ତପ୍‌ଦିଆସ୍ । |

| | | | |
|---|---|---|---|
| ଓ- | ଅନ୍ଧ | - | ଅନ୍ଧକୁ ବାଟ ଦେଖାଇ ଦିଅ । |
| ବି- | କଣାଁ | - | ଆନ୍ଧା କେ ବାଟ୍ ଦେଖା ଦୋହୋ |
| କ- | କାଣା | - | କାଣା କେ ବାଟ୍ ଦେଖା ଦିଆସ୍ । |
| ଓ- | ଅସୁମାରି | - | ରାତିରେ ଅସୁମାରି ତାରା ଦେଖାଯାଆନ୍ତି । |
| ବି- | ଜବର୍ | - | ରାତିନେ କତକ୍ ନିକତକ୍ ତରା ଦିଖ୍ ଥେ । |
| କ- | ଖୋବ୍ | - | ରାତିନେ ଖୋବ୍ ତାରା ଦିସଲିଆ । |
| ଓ- | ଅସମ୍ଭବ | - | ଅସମ୍ଭବ ବୋଲି କେବେ କହ ନାହିଁ । |
| ବି- | ନିହନ୍‌ସକେ | - | ନିହନସକେ ବୋଲ୍‌କେ ନି କହି । |
| କ- | | - | ନା' ହୁଏ ବଲତେ ନା' କୁଆ ସବୁ ହତ । |
| ଓ- | ଅମ୍ବର | - | ନୀଳ ଅମ୍ବର ଭାରି ସୁନ୍ଦର । |
| ବି- | ବାଦଲ | - | ନୀଳିଆ ବାଦଲ ଜବର ସୁନ୍ଦର ଦିଖଥେ । |
| କ- | ଆକାଶ | - | ନିଲିଆ ଆକାଶ ବେଶି ସୁନ୍ଦର ଦିସ୍‌ଲିଆ । |
| ଓ- | ଅସ୍ତ | - | ଅସ୍ତ ବେଳେ ସୂର୍ଯ୍ୟ ଲାଲ ଦେଖାଯାଏ । |
| ବି- | ଡୁବ୍‌ବା | - | ଡୁବ୍‌ବା ସମିୟାନେ ବେଲ୍ ଲାଲ ଦିଖ୍‌ଥେ । |
| କ- | ବୁଡ଼ବା | - | ବେଲ ବୁଡ୍‌ବା ବେଲ୍‌କେ ବେଲ ଲାଲ ଦିସିରିଆ । |
| ଓ- | ଅମର | - | ଦେଶ ପାଇଁ ପ୍ରାଣ ଦେବା ବ୍ୟକ୍ତି ଅମର ହୁଅନ୍ତି । |
| ବି- | ଅମର | - | ଦେଶ୍ କାଜର୍ ଜୀବନ୍ ଦବା ମନୁଷ୍ ଅମର୍ ହେ ଯଥେ । |
| କ- | ଅମର | - | ଦେଶ ଲାଗି ଜେନ୍ ଲୋକ୍ ଜୀବନ୍ ଦିଲ୍ୟିଆ ସେ ଅମର ହୁଇଲିଆ । |
| ଓ- | ଅପରିଷ୍କାର | - | ଅପରିଷ୍କାର ହୋଇ ରହିଲେ ରୋଗ ହୁଏ । |
| ବି- | ମୈଲା | - | ମୈଲା ହେକେ ରେଲେ ବେମାର ହେଥେ । |
| କ- | ବଠା | - | ବଠା ହଅତେ ରେଲେ ରୋଗ ହତ । |

ଓ- ଅମଳ - ଫସଲ ଅମଳ ସମୟରେ ଚାଷି ଖୁସି ହୁଏ ।

ବି- ସେକ୍‌ଲା - ଫସଲ୍ ସେକ୍‌ଲାନେ ସମିୟାଁନେ ଚାଷି ଖୁସ୍ ହେଥେ ।

କ- କମାଲା - କମାଲା ଫସଲ କେ ଦେଖ୍‌ତେ ଚାଷି କେ ସାର୍‌ଦା ଲାଗବେ ।

ଓ- ଅପାର - ଅପାର ଧନ ଅପେକ୍ଷା ପ୍ରେମ ଉତ୍ତମ ।

ବି- ଜହ - ଜହ ଧନ୍ ଠାନୁ ଭଲ ପାଗା ବନେ ଏଁ ।

କ- ସଂପଦ୍ - ମନ୍ ସାରଧା ରେଲେ କୋଟି ସମ୍ପଦ୍ କାଁ କିଲ୍ୟା ।

ଓ- ଅବଶିଷ୍ଟ - ଅବଶିଷ୍ଟ ସମୟ ମୁଁ ବଗିଚ କାମ କରେ ।

ବି- ବାକି ସମିୟାଁ - ବାକି ସମିୟାଁ ମେ ବାରିବଖରୀ କାମ୍ କରେଥୋଁ ।

କ- ଫୁରସତ୍ - ଫୁରସତ୍ ଦେଖ୍‌ତେ ମୁଇଁ ବଗିଚ କାମ୍ କେନା ।

ଓ- ଅନ୍ତର - ମନ୍ଦ ଅଭ୍ୟାସକୁ ନିଜଠାରୁ ଅନ୍ତର କର ।

ବି- ବାହାର୍ - ଖରାପ୍ ଅଭ୍ୟାସ କେ ନିଜର୍ ଲେ ବାହାର କଏର୍ ଦହ ।

କ- - ଖାରାପ କାମ୍ ପାଖ୍‌କେ ନାଆନ ।

ଓ- ଅଳ୍ପ - ମୁଁ ଅଳ୍ପ କହେଁ ବେଶୀ କରେ ।

ବି- ଟିକେକ୍ - ମେ ଟିକେକ୍ କଥଁ ଜବର୍ କର୍‌ଥଁ ।

କ- ଅଲପ୍ - ମୁଇଁ ଅଲପ୍ କଏନା ବେଶି କେର୍‌ନା ।

ଓ- ଅଳ୍ପାୟୁ - ନିଶା ସେବନ କଲେ ଅଳ୍ପାୟୁ ହୁଏ ।

ବି- କମ୍ ଉମର - ନିଶା ଖାଁଲେ କମ୍ ଉମର ହେଥେ ।

କ- - ନଶା ଖାଲେ ଅଲପ୍‌କେ ମୁର୍‌ତ୍ୟା ।

ବି- ଅରାଜି - ମଲି ଜଙ୍ଗଲ, ଯିବାର କାଜର, ଅରାଜି ହେସ୍ ।

କ- ମାନା - ମିଲି ଖମନ୍ କେ ଯିବାକେ ମାନା କେଲ ।

ଓ- ଅସ୍ତ୍ର - ଯେ ଅସ୍ତ୍ର ଧାରଣ କରେ ସେ ଅସ୍ତ୍ରରେ ମରେ

ବି- ହଁତିଆର - ଜୋନ୍ ହଥିଁଆର୍ ଧେର୍‌ଥେ ଓ ହଥିଁଆର୍ ନେ ମର୍‌ଥେ ।

କ- ଅତିଆର - ଯେନ୍ ହତିଆ ଧ୍ରଲିଆ ସେ ହତିଆର୍‌ନେ ସେ ମୁଲ୍ୟା ।

ଓ- ଅଳି - ମିନି ସ୍କୁଲକୁ ଯିବା ନିମନ୍ତେ ଅଳି କରୁଛି ।

ବି- ରେଟେନ୍ - ମିନି ସ୍କୁଲ ଲେଗେ ଯିବା କାଜର୍, ରେଟେନ୍ କରଥେ ।

କ- - ମିନି ସ୍କୁଲକେ ଯିବାର ଲାଗି ତର୍‌ତର୍ ହଅଚେ ।

ଓ- ଅର୍ଦ୍ଧରାତ୍ର - ଚୋର ଅର୍ଦ୍ଧରାତ୍ରରେ ବାହାରେ ।

ବି- ଅଧାରାତିଁ - ଚୋର୍ ଆଧାରାତିନେ ବାହାରଥେ ।

କ- ଅଧାରାଏତ - ଚ୍ୟେର ରାତ୍ ଭାଗ ହଲେ ବାହାର୍‌ଲିଆ ହଅଚେ ।

ଓ- ଅଦ୍ଭୁତ - ଆକାଶରେ ବେଳେବେଳେ ଅଦ୍ଭୁତ ଦୃଶ୍ୟ ଦେଖାଯାଏ ।

ବି- ଆକାଭୂତ - ଆକାଶ୍‌ନେ ସମିୟାଁ ସମିୟାଁ ନେ ଆକାଭୂତ ଦୃଶ୍ୟ ଦିଖ୍‌ଥେ ।

କ- କେବେନା ଦିଶ୍‌ଲାଟା -ବାଦୁଲ୍‌ନେ କେବେ ନା ଦିଶ୍‌ଲା ଟା ଦିସ୍‌ଲିଆ ।

ଓ- ଅଧା - ବଗିଚାର ଅଧା କାମ ଆମେ କରିବୁ ।

ବି- ବାକି - ବାରି ବଖ୍‌ରିକେ ବାଁକି କାମ, ହାଁମେ କରବ୍ ।

କ- ଆଧାମାମ - ବାରୀର ଅଧା କାମ ଆମେ କିନ୍ୟୁ ।

ଓ- ଅଧିର - ଦୁଃଖବେଳେ ଆମେ ଅଧିର ହେଉ ।

ବି- ଘବ୍‌ରା - ଦୁଃଖ୍‌ସମିୟାଁନେ ହାମେ ଘବ୍‌ରା ଯାଥଁ ।

କ- - ଦୁଃଖ ବେଲ୍‌କେ ଆମ୍‌କେ ବୁଧିନା ଦିଶେ ।

| | | | |
|---|---|---|---|
| ଓ- | ଅଦାଲତ | - | ଆମ ରାଜ୍ୟରେ ସର୍ବୋଚ୍ଚ ଅଦାଲତ ରହିଛି । |
| ବି- | ଅଦାଲତ୍ | - | ହାମର, ରାଇଜନେ ସବ୍‌ଲେ ଉଚାଁ ଅଦାଲତ୍ ଏ ହେ । |
| କ- | କଚେରି | - | ଆମ ରାଏଜ୍‌ତି ସବ୍‌କୁନ ବଡ଼ କଚରେଇ ଆଚେ । |
| ଓ- | ଅବିବେକୀ | - | ଅବିବେକୀ ବିନଷ୍ଟ ହେବ । |
| ବି- | ଅବିବେକି | - | ଅବିବେକି ବିନାଶ୍ ହେଥେ । |
| କ- | ବିବେକ ହୀନ | - | ବୁଦ୍ଧି ହାଜାଲେ ନଷ୍ଟ ହୁଇଯ୍ୟା । |
| ଓ- | ଅବଜ୍ଞା | - | ବାପା ମାଆଙ୍କ ଆଦେଶ ଅବଜ୍ଞା କରନାହିଁ । |
| ବି- | ଅବଜ୍ଞା | - | ବୁଆମାଁକେ ଗୋଏଟ୍ ଅବଜ୍ଞା ନି କରୋ । |
| କ- | ଲେଙ୍ଗା | - | ବୁଆର ମାଁ କାଥାକେ ନା ଲେଙ୍ଗା । |
| ଓ- | ଅଫିସର | - | ଆମ ସାହିକୁ ଜଣେ ଅଫିସର ଆସିଥିଲେ । |
| ବି- | ସାହେବ୍ | - | ହାମର୍ ପରାକେ ଲେଗେ ଗୋଟେକ୍ ସାହେବ୍ ଆଏ ରେହେସ । |
| କ- | ସାଏବ | - | ଆମର ପାରାକେ ଜନେକ ସାହେବ ଆତତ |
| ଓ- | ଅଶେଷ | - | ପ୍ରେମ ଅଶେଷ ଅଟେ । |
| ବି- | ଅଶେଷ | - | ପେରେମ୍ କେ ଶେଷ ନିଏ । |
| କ- | | - | ପେରେମ୍ ନା ତୁଟେ । |
| ଓ- | ଅବଶ୍ୟ | - | ଆମେ ଅବଶ୍ୟ ଦେଶ ସେବା କରିବା ହେବୁ । |
| ବି- | ଜରୁର୍ | - | ହାମେ ଜରୁର୍ ଦେଶ ସେବା କରବ୍ । |
| କ- | | - | ଆମେ ମାତର୍ ଦେଶସେବା କେରବା କାଥା । |
| ଓ- | ଅଳ୍ପକ୍ଷଣ | - | ଇନ୍ଦ୍ରଧନୁ ଅଳ୍ପକ୍ଷଣ ଦେଖାଯାଏ । |
| ବି- | ଛନେକ୍ | - | ଇନ୍ଦ୍ରର ଧୁନ୍ ଛନେକ୍ ଘଡେ ଦିଶ୍‌ଥେ । |

ଓ- ଅସ୍ଥି - ଆମ ଦେହରେ ୨୦୬ ଖଣ୍ଡ ଅସ୍ଥି ଅଛି ।

ବି- ହାଡା - ହାମର (ଦେହେ) ଶରୀର ନେ ଦୁଇଶହ ଛ ଖଣ୍ଡ ହାଡା ଏ ହେ ।

କ- - ଆମର୍ ଦେହେ ୨୦୬ଟା ହାଡ ଆଚେ ।

ଓ- ଅସହଯୋଗ - ଅସହଯୋଗରେ ବିକାଶ ନାହିଁ ।

ବି- ଅସହଯୋଗ - ଅସହଯୋଗ୍ ନେ ଉନ୍ନତି ନି ହଏ ।

କ- - ମିଲ୍‌ତେ ମିସ୍‌ତେନା ରେଲେ ବିକାଶ ହୁଲ୍ୟା ।

ଓ- ଅଝଟ - ଅଝଟ କରିବା ମନ୍ଦ ଅଟେ ।

ବି- ଝନ୍‌ଝଟିଆ - ଝନ୍‌ଝଟିଆ କର୍‌ବାର୍‌ଟା ବନେ ନିଏ ।

କ- - କଲି ଝଗଡା କୋରବାଟା ଖାରାପ୍ କାଥା ।

ଓ- ଅର୍ଥ - ପରିଶ୍ରମ କରି ଅର୍ଥ ଉପାର୍ଜନ କର ।

ବି- ରୁପିୟା - କାମ୍ ବୁତା କର୍‌କେ ଅର୍ଥ ଉପାର୍ଜନ କରୋ ।

କ- ଟଙ୍ଗା - ପରିଶ୍ରମ୍ କେରା ଟଙ୍ଗା କମାୟା ।

ଓ- ଅବସ୍ଥିତି - ନଈର ଅବସ୍ଥିତି ଆମ ପାଇଁ ମଙ୍ଗଳ ଜନକ ।

ବି- ରବାଟା - ନନ୍ଦୀଁକେ ରବାଟା ହାମର୍ କାଜର ସନ୍ତୋଷଜନକ ଏ ।

କ- ନଏନ୍ - ନଏନ୍ ଆଚେ ବଲତେ ଆମର ମଙ୍ଗଲ ହଚେ ।

ଓ- ଅନୁମାନ - ଅନୁମାନ ଦ୍ୱାରା କାର୍ଯ୍ୟ ସଫଳ ହୁଏନାହିଁ ।

ବି- ଅନୁମାନିକ୍ - ଅନୁମାନିକ୍ ନେ କାମ୍ ସଫଲ୍ ନି ହଏ ।

କ- - ଦେଖ୍‌ଦେଲେ କାମ୍ ନ ସରେ ।

ଓ- ଅନେକ - ଆମ ଦେଶରେ ଅନେକ ସମସ୍ୟା ଅଛି ।

ବି- ଜବ୍‌ର - ହାମର ଦେଶ୍ ନେ ଜବର ସମସ୍ୟା ଏହେ ।

କ- କେତେ - ଆମର୍ ଦେଶ୍‌ନେ କେତେ୍ ଅସୁବିଧା ଥାଚେ ।

| | | |
|---|---|---|
| ଓ- | ଅଦଳବଦଳ | - ପୂର୍ବ କାଳରେ ଅଦଳବଦଳ ଦ୍ୱାରା କିଣା ବିକା |
| ବି- | ବଦଲା ଉଦ୍‌ଲା | - ପୁରୁବ୍ କାଲେଁ ବଦ୍‌ଲା ଉଦ୍‌ଲା ହିସାବ ନେ ଘିନା ବିଚା ହେତ୍ ରେହେସ୍ । |
| କ- | ବଦଲା ବଦଲି | - ସେକାଲେ ବଦଲା ବଦଲି ହତେ ଘିନା ବିକା ହତେଲ । |
| ଓ- | ଅଣ୍ଡା | - ଅଣ୍ଡାର କେଶର ଦେହ ପାଇଁ ହିତକାରକ । |
| ବି- | ଗାରା | - ଗାରା କେ ମନା ଦେହେଁ କାଜର ବନେ ଏ । |
| କ- | ଗାଇ | - ଅଣ୍ଡାର୍ ଡୋଲୋ ଗାଗର୍ କେ ଭଲ୍ ରାଖିଲ୍ୟା । |
| ଓ- | ଅଷ୍ଟମ | - ମୋ ବଡ ଭଉଣୀ ଅଷ୍ଟମ ଶ୍ରେଣୀରେ ପଢେ । |
| ବି- | ଆଟ୍ | - ମୋର ବଡ୍‌ଖା ବହେନ ଆଠ ଗିଲାସ୍ ନେ ପଢଥେ । |
| କ- | ଆଟ୍ | - ମୋର ବଡ୍‌ବାଇ ଆଟ୍ ଶ୍ରେଣୀ ପଢଚେ । |
| ଓ- | ଅନୁସାରେ | - ଉଚ୍ଚତା ଅନୁସାରେ ଠିଆ ହୁଅ । |
| ବି- | ହିସାବ୍‌ନେ | - ଉଚାଁ ହିସାବ୍‌ନେ ଠାଡ୍ ହୋ । |
| କ- | ହିସାବେ | - ବଡ଼ ସାନ୍ ହତେ ଠିଆ ହୁଆ । |
| ଓ- | ଅନ୍ତନଳୀ | - ଅନ୍ତନଳୀ ସଫା ରଖିବାକୁ ଯଥେଷ୍ଟ ପାଣି ଆବଶ୍ୟକ । |
| ବି- | ଅନ୍ତନଲୀ | - ଅନ୍ତନଲୀ ସାଫ୍ ରଖବା କଜେ ଦନେ ପାନି ଦରକାର । |
| କ- | ଅଁତି | - ଅଁତିପୁଟା ସଫ୍‌ ରାଖିବା କେ ହେଲେ ଖୁବ୍ ପାଏନ୍ ପିଇବାକେ ହତ । |
| ଓ- | ଅନାଇବା | - ଭିକାରୀଟି କରୁଣ ଦୃଷ୍ଟିରେ ଅନାଇଛି । |
| ବି- | ଦେଖି | - ଭିକାରୀ ଗୋଟେକ୍ ଗୋଲାଗୋଲା ନଜର ନେ ଦେଖଥେ । |
| କ- | ଦେଖିବା | - ଭିକାରୀ ଅଟି ଗୁଲ୍ ଖୁଲା ହତେ ଦେଖଚେ । |

ଓ- ଅଣ୍ଡାକୃତି - ପୃଥିବୀର କକ୍ଷପଥ ଅଣ୍ଡାକୃତି ଅଟେ ।

ବି- ଗାରା ଭଲିଆ - ପୃଥିକେ କକ୍ଷପଥ ଗାରା ଭଲିଆ ଏହେ ।

କ- ଗାର - ପୃଥିବୀର୍ ବୁଲ୍‌ବାର୍ ବାଟ ଅଣ୍ଡା ଭଲ୍ୟା ଗୋଲ ଦିଶଚେ ।

ଓ- ଅନ୍ଧାର - ଅନ୍ଧାର ରାତିରେ ଚୋରକୁ ଡର ନ ଥାଏ ।

ବି- ଆନ୍ଧାର - ଆନ୍ଧାର୍ ରାତିନେ ଚୋର୍ କେ ଡର୍ ନ ରହେ ।

କ- ଆନ୍ଦାର - ଆନ୍ଧାର୍ ରାତିନେ୍ ଚୋର ନା ଡରେ ।

ଓ- ଅର୍ଦ୍ଧକ ଅଂଶ - ମୋ ମିଠେଇର ଅଧାଭାଗ ସାନ ଭାଇକୁ ଦେଲି ।

ବି- ଅଧାଭାଗ - ମୋର୍ ମିଠେଇ କେ ଆଧାଭାଗ ଛୋଟେ ଭାଇକେ ଦେହେ ।

କ- ଅଧା - ମୋର୍ ମିଠେଇର୍ ଫାଲେକ ଭାଗ ସାନ୍ ଭାଏ କେ ଦେ ଦିଲି ।

ଓ- ଅଭାବୀ - ଆମ ଗ୍ରାମରେ ଅନେକ ଅଭାବୀ ଲୋକ ଅଛନ୍ତି ।

ବି- ଅଭାବୀ - ହାମର୍ ଗାଁନେ ଜବର୍ ଅଭାବୀ ଲୋକ ଏହେ ।

କ- - ଆମର୍ ଗାଁନେ ଖୁବ୍ ଗୁଲ୍‌ଗୁଲା ଲୋକ୍ ଆଚେଚ୍ ।

ଓ- ଅପକାରିତା - ଧୂମ ପାନର ଅପକାରିତା ଅତି ଭୟଙ୍କର ।

ବି- ଅପକାରିତା- ଧୁଙ୍ଗିଆ ପିଆକେ ଅପକାରିତା କତକ୍ ନି କତକ୍ ଡରଡରନା ଏ ।

କ- ଖାରାପ୍ - କାଏଲି ଭାଙ୍ଗ୍, ଘାବାଟ୍ ଖାରାପ ଆରୁ ଭଏଙ୍କାର ହୁଲ୍ୟା ।

ଓ- ଅଭାବ - ପରିଶ୍ରମୀର ଅଭାବ ନ ଥାଏ ।

ବି- ଅଭାବ - ମେହେନେତି କେ ଅଭାବ ନି ରେହେ ।

କ- - କାମ କାବାର୍ କେଲେ ଖାବାକେ ମିଲ୍ୟା ।

ଓ- ଅନୁସରଣ - ଆମେ ଧାର୍ମିକର ଅନୁସରଣ କରିବା ଉଚିତ୍ ।

ବି- ପିଛାକରବା - ହାଁମେ ଧାର୍ମିକର ଲୋକ କେ ପଛିଲ ଜବଦାର କଥା ଏ ।

କ- - ଆମେ ଧରମ୍ ପୁରୁଷର୍ କାଥା ହିସାସେ ଚାଲ୍‌ବା କାଥା ।

ଓ- ଅକାଳ - ମଦ୍ୟାପନ ହେତୁ ତାଙ୍କର ଅକାଳରେ ମୃତ୍ୟୁ ହେଲା ।

ବି- ସମିୟାନିହବା - ମଦପିଆ କାଜର ଉଟା ମନ୍‌କେ ମୃତ୍ୟୁ ହେସ୍ ।

କ- - ନିଷା ଖାଲାକେ ଅଧାବାଟେ ମରତେ ଗଲ ।

ଓ- ଅଶ୍ୱତଥ - ଅଶ୍ୱତଥ ଗଛର ଛାଇ ଥଣ୍ଡା ଲାଗେ ।

ବି- ପିପ୍‌ପଲ - ପିପ୍‌ପଲ୍ ଗଛକେ ଛଏଁଗା କାଁକର ଲାଗଥେ ।

କ- ପିପ୍‌ଲା - ପିପଲ୍ ଗଛର ଛାଇ ତି ଥଣ୍ଡ୍ୟା ଲାଗ୍‌ଲିଆ ।

- ଆ -

ଓ- ଆଲୋଚନା - ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୁଏ ।

ବି- ପଚରାଉଚରା- ପଚରାଉଚରା କେ ହିସାବ୍ ନେ ସମସ୍ୟା ସମାଧାନ ହେଥେ ।

କ- କାତାବାର୍ତ୍ତା - କଥାବାର୍ତ୍ତା ହଲେ ଯାତେ ଭଲ ମନ୍ଦ ବାରିହତ ।

ଓ- ଆଦାୟ - ଚାଷୀମାନେ ଜମିରୁ ଫସଲ ଆଦାୟ କରନ୍ତି ।

ବି- ଆଦାୟ - ଚାଷୀମନେ ଜମିଲେ ଫସଲ୍ ଆଦାୟ୍ କର୍ ଥେ ।

କ- ଆଏଁ - ଚାଷିମେନେ ଜମିନ୍ ଠାବୁ ଫସଲପାଇତ୍ୟା ।

ଓ- ଆଖିରେ ରଖିବା- ପିତା ମାତା ନିଜ ପିଲାକୁ ଆଖିରେ ରଖିବା ଉଚିତ୍ ।

ବି- ନଜର ନେ - ଆୟାବୁଆ ନିଜ୍‌କେ ଛୁଆକେ ନଜର ନେ ରଖ୍‌ବା ଉଚିତ ଏ ।

କ- - ବୁଆ ମାଁ ଆକଟ କେରବାର କାତା ।

ଓ- ଆଖିରେ ପଡିବା- ଯାଉ ଯାଉ ସାପ ଉପରେ ମୋର ଆଖି ପଡିଲା ।

ବି- ନଜର ପଡିବା - ଯାଆତ୍ ଯାଆତ୍ ସାଁପ କେ ଉପର୍ ନେ ମୋର ନଜର ପଡେସ ।

କ- - ଯାତେଯାତେ ସାଁପ୍ ଉପ୍‌ରେ ମର୍ ଆଁଖ ପଡ଼ତେ ଗଲ ।

ଓ- ଆଗ୍ରହ - ପାଠ ପଢ଼ା ସହିତ କ୍ରୀଡାରେ ଆଗ୍ରହ ରଖିଥାଅ ।

ବି- ମନ୍‌ଦେବା - ପାଠ୍‌ପଢା କେ ସାଙ୍ଗେ ଖେଲ୍ ନେ ମନ୍ ଦେହିଁ ।

କ- - ପାଠ ପଢ଼ିବା ସଙ୍ଗେ ଖେଳ ବି ଶିଖ୍‌ତେ ବାର୍ କାଥା ।

ଓ- ଆଖି - ଆମେ ଆଖିର ଯତ୍ନ ନେବା ଉଚିତ୍ ।

ବି- ଆଖି - ହାଁମେ ଆଖିଁକେ ଯତନ୍ ବା ଜରୁରୀ ଏ ।

କ- ଆଏଁକ୍ - ଆମେ ଆଏଁକ୍ କେ ସଫାସୁତ୍‌ରା ରାଖ୍‌ବା କାଥା ।

ଓ- ଆବିଷ୍କାର - କଲମ୍ବସ୍ ଆମେରିକା ଆବିଷ୍କାର କରିଥିଲେ ।

ବି- ଆବିଷ୍କାର - କଲମ୍ବସ ଆମେରିକା ଆବିଷ୍କାର କରେ ରେହେସ୍ ।

କ- ସିରଜିନା - କଲମ୍ବସ୍ ଆମେରିକା କେ ସିରଜିନା କେଲେ ।

ଓ- ଆବୃତ୍ତି - ରବି ଶ୍ରେଣୀରେ କବିତା ଆବୃତ୍ତି କଲା ନାହିଁ ।

ବି- ଆବୃତ୍ତି - ରବି ଶ୍ରେଣୀନେ ଗୀତ୍ ଆବୃତ୍ତି ନି କରେସ ।

କ- ପାଲି - ରବି ଶ୍ରେଣୀରେ ଗୀତ ନାଁ ଗାଆଲ ।

ଓ- ଆକାଶ - ନୀଳ ଆକାଶ ସୁନ୍ଦର ଦେଖାଯାଏ ।

ବି- ବାଦ୍‌ଲ - ନୀଳିଆ ବାଦଲ୍ ସୁନ୍ଦର୍ ଦିଖ୍‌ଥେ ।

କ- - ନିଲିଆ ଆକାଶ ସୁନ୍ଦର୍ ଦିଶିଲିଆ ।

ଓ- ଆମ୍ବ - ଗ୍ରୀଷ୍ମ ଋତୁରେ ଆମ୍ବ ପାଚେ ।

ବି- ଆମା - ଖରା ରିତୁ ନେ ଆମା ପାଚ୍‌ଥେ ।

କ- ଆମ୍ - ଖାରା ମାସେଆମ ପାଚଲିଆ ।

ଓ- ଆହା - ଆହା, ବୁଢ଼ୀଟି କେତେ ଦୁଃଖ ପାଉଛି ।

ବି- ଆହ - ଆହା, ବୁଢ଼ୀଟା କତକ ତକଲିପ୍ ପାଆଥେ ।

କ- - ଆହାରେ ବୁଢ଼ି କେତେ କଷ୍ଟ ପାଆଚେ ।

ଓ- ଆହ୍ଲାଦ - ନୂଆ ବହି ଦେଖି କୁନି ଆହ୍ଲାଦ ପାଉଛି ।

ବି- - ନୂଆଁ ବହି ଦେଖ୍‌କେ କୁନି ଆନନ୍ଦ ପାଏସ୍ ।

କ- ଖୁସି - ନୂଆଁ ବହି ଦେଖ୍‌ତେ କୁନି ଖୁସି ହଚେ ।

ଓ- ଆଶ୍ୱାସନା - ବାପା ମୋତେ ଆଶ୍ୱାସନା ଦେଲେ ।

ବି- ପ୍ରତିବୋଧ୍ - ବୁଆ ମୋଖେ ପ୍ରତିବୋଧ ଦେହେସ୍ ।

କ- ଦମ୍ - ବୁଆ ମକେ ଦମ୍ ଦେଲ ।

ଓ- ଆୟୋଜନ - ବିଦ୍ୟାଳୟରେ କ୍ରୀଡା ଆୟୋଜନ କରାଗଲା ।

ବି- ଯୋଗାଡଜାଟ୍ - ଇସ୍କୁଲେ ଖେଲ୍ କେ ଯୋଗାଡ୍‌ଜାଟ୍ କରାଯାଏସ୍ ।

କ- - ବିଦ୍ୟାଳୟ ଠାନେ ଖେଲ ଖେଲବାର ହତେଲ ।

ଓ- ଆବାସ - ଜଙ୍ଗଲ ହାତୀ ମାନଙ୍କ ଆବାସ ସ୍ଥଳ ଅଟେ ।

ବି- ଯଗା - ଜଙ୍ଗଲ ହାଁଥୀ ମନକେ ରବା କେ ଯଗାଏ ।

କ- ରେଏବାର - ହାତୀ ମେନ୍‌କର ରେଏବାର୍ ଯାଗା ।

ଓ- ଆବଶ୍ୟକ - ପିତା ମାତାଙ୍କର ଆଦେଶ ମାନିବା ଆବଶ୍ୟକ

ବି- ଜରୁରୀ - ବୁଆ ମାକେ କଥା ମାନ୍ ବା ଜରୁରୀ ଏ ।

କ- - ବୁଆର ମାଁର କାଥା ମାନ୍‌ତେ ରେବାର ।

ଓ- ଆଲୋକ - ସୂର୍ଯ୍ୟ ଠାରୁ ପୃଥିବୀକୁ ଆଲୋକ ଆସେ ।

ବି- ଉଜିଆଁ - ବେଲ୍‌ଲେ ପୃଥୀକେ ଉଜିଆଁ ଆଥେ ।

କ- ଉଁଜିଅ - ବେଲ ଠାନୁନ୍ ପୁର୍ଥିବୀ କେ ଉଁଜିଆ ଆସଚେ ।

ଓ- ଆପଣା ପର - ଆପଣା ପର ଭାବିବା ପାପ ଅଟେ ।

ବି- ଘରପର - ଘର୍‌ପର୍ ଭାବ୍‌ବାରଟା ପାପ୍ ହେଥେ ।

କ- ନିଜର୍‌ପର୍ - ନିଜର୍‌ପର୍ ଭାବ୍‌ଟା ପାପ୍ ଏଁ ।

ଓ- ଆରୋଗ - ମୁଁ ତୁମର ଆରୋଗ୍ୟ କାମନା କରେ ।

ବି- ଉଲାକର୍‌ଦା - ମେଁ ତୋର୍ ନିରୋଗ୍ ଭାବନା କର୍‌ଥିଁ ।

କ- - ମୁଲିଁ ତମର ବେମାର ବନେ ହେବାକେ କାମନା୍ କେରୋଚେ ।

ଓ- ଆଚରଣ - ଆମ ଆଚରଣ ମାର୍ଜିତ ହେବା ଉଚିତ୍ ।

ବି- ବେଭାର - ହାମର୍ ବେଭାର୍ ସଫା ହବା ଜରୁରୀ ।

କ- ବେଭାର୍ - ଆମର୍ କାରବାର୍ କେ ଦୋଷ ନା ଧେରବାସ ।

ଓ- ଆମ୍ବଗଛ - ଆମ ବାଗିରେ ଗୋଟିଏ ଆମ୍ବ ଗଛ ଅଛି ।

ବି- ଅମାଗଛ୍ - ହାମର୍ ବାଗିନେ ଗୋଟେକ୍ ଆମାଗଛ ଏହେ ।

କ- ଆମ୍ - ଆମର୍ ବାଏରଡ଼ି ଗୋଟେ ଆମ୍ ଗେଚ୍ ଆଚେ ।

ଓ- ଆଡମ୍ବର - ଲୋକେ ନୂଆ ବର୍ଷ ଆଡମ୍ବର ସହିତ ପାଳନ୍ତି ।

ବି- ଜାକ୍‌ଜମକ - ମନ୍‌ସେମନ ନୂଆଁ ବଛର୍ ଜାକ୍‌ଜମକ୍ ନେ ମାନ୍‌ଥେ ।

କ- ଆଡ଼ା - ଲୋକ୍‌ମେନେ୍ ନୂଆଁ ବରଷନୋ କେ ଖୋବ୍ ଆଡ଼ାନେ୍ ପାଲନ୍ତିଆ ।

ଓ- ଆଙ୍କିବା - ଚିତ୍ର ଆଙ୍କିବା ଅଭ୍ୟାସ କର ।

ବି- କାଟିବା - ଫଟୁ କାଟ୍‌ବାର୍ କେ ମନ୍ ଦିହି ।।

କ- - ଫଟୋ ଲେଖ୍‌ବା ଅଭ୍ୟାସ୍ କେର୍ ।

ଓ- ଆଦିମ ମଣିଷ - ଆଦିମ ମଣିଷ ଶିକ୍ଷିତ ନଥିଲେ ।

ବି- ଆଦିମ୍ ମୁନୁଷ୍ - ଆଦିମ୍ ମୁନୁଷ୍ ଶିକ୍ଷିତ ନି ରେହେଶ୍ ।

କ- - ଆଦିବାସି ଲୋକମେନେ ପାଠପଢ଼ବାଟା ନା ଜନତେଲେ ।

| | | | |
|---|---|---|---|
| ଓ- | ଆମ୍ଲେଟ | - | ଅଣ୍ଡା ଆମ୍ଲେଟ୍ ଖାଇବାକୁ ରୁଚିକର ଲାଗେ । |
| ବି- | ଆମ୍ଲେଟ୍ | - | ଅଣ୍ଡା ଆମ୍ଲେଟ୍ ଖାଦାକେ ବନେ ସୁଆଦ୍ ଲାଗ୍‌ଥେ । |
| କ- | ପୁର୍‌ଗା | - | ଗାର ପୁରୁଗା ଖାବାକେ ସୁରତ୍ ଲାଗ୍‌ଲିଆ । |
| ଓ- | ଆବଶ୍ୟକ | - | ବ୍ୟାୟାମ ଆମ ଶରୀର ପାଇଁ ଆବଶ୍ୟକ ଅଟେ । |
| ବି- | ଜରୁରୀ | - | କସ୍‌ରତ୍ ହାମର ଦେହେଁ କାଜର୍ ଜରୁରୀ ଏ । |
| କ- | | - | ଧାଁ ଧୂପା ଆମର୍ ଦେହର୍ କାଜେ ଦରକାର୍ ହୁଲ୍ୟା । |
| ଓ- | ଆମ ଗାଁ | - | ଆମ ଗାଁ ଉପର ମୁଣ୍ଡରେ ପାହାଡଟିଏ ଅଛି । |
| ବି- | ହାମ୍‌ର ଗାଁ | - | ହାମର୍ ଗାଁ କେ ଉପର୍ ମୁଣେ ଡୋଙ୍ଗରୀ ଗୋଟେକ୍ ଏହୋ । |
| କ- | | - | ଆମର୍ ଗା ଉପରୀ ଭାଗେ ଡୁଙ୍ଗ୍‌ରୀ ଗୁଟେ ଆଚେ । |
| ଓ- | ଆମ୍ବ ଟାକୁଆ | - | ଆଦିବାସୀ ମାନେ ଆମ୍ବ ଟାକୁଆର କୁଇଲି ଖାଆନ୍ତି । |
| ବି- | ଆମା ଟାଁକୋ | - | ଆଦିବାସୀ ମନ୍ ଆମା ଟାକୋଁ କେ କୁଇଲି ଖାଥେ । |
| କ- | ଆମ୍‌ଟାକ୍ | - | ଆଦିବାସୀ ମେନେ ଆମ୍‌ଟକ୍କ୍‌ର ଗଭାକେ ଖାଇତିଆ । |
| ଓ- | ଆତୁର | - | ପରୀକ୍ଷା ଫଳ ଜାଣିବା ପାଇଁ ପିଲେ ଆତୁର ହୋଇଥାନ୍ତି । |
| ବି- | ଆତୁର | - | ପରୀକ୍ଷା ଫଳ ଜାନ୍‌ବା କାଜର୍ ପିଲାମାନ ଆତୁର ହେ ଯାଥେ । |
| କ- | ଆକୁଳ | - | ପରୀକ୍ଷା ଫଲ୍ ସୁନ୍‌ବା କେପିଲାମେନେ ଆକୁଳ ହଚେତ୍ । |
| ଓ- | ଆସ୍ଫାଳନ | - | ମନୁଷ୍ୟର ଆସ୍ଫାଳନ ବୃଥା ହୋଇଯାଏ । |
| ବି- | ଆଶା | - | ମୁନୁଷକେ ଆଶା ବେକାର ହେ ଯାଥେ । |
| କ- | | - | ମନୁସ୍ ଆଶା ହଲେ ଭଲ୍ ଗତି ନାହୁଏ । |
| ଓ- | ଆସାର୍ଦ୍ଧା | - | ଗର୍ବୀର ଆସାର୍ଦ୍ଧା ତାର ବିନାଶର କାରଣ ଅଟେ । |
| ବି- | ବଡ ପଣିଆ | - | ଗର୍ବୀକେ ବଡ ପଣିଆଁ ଓକର୍ ବିନାଶ୍ କେ କାରନ୍ ଆଏ । |
| କ- | ଖରବ୍ | - | ଗରବ୍ କେଲେ ଖରବ୍ ହୁଇଲିଆ । |
| ଓ- | ଆଙ୍ଗୁଠି | - | ଆଙ୍ଗୁଠି ଧରିବାରେ ସାହାଯ୍ୟ କରେ । |
| ବି- | ଆଠଗୁଟ୍ | - | ଆଙ୍ଗୁଟ ଧରାବା କାଜର ସାହାଜ୍ କରଥେ । |
| କ- | ଆଙ୍ଗ୍‌ଠି | - | ଆଙ୍ଗ୍‌ଠି ଧେର୍‌ବା କାମ କିଲ୍ୟାୟା । |

ଓ- ଆଖଡାଘର - ପୂର୍ବ କାଳର ଆଖଡା ଘର ବର୍ତ୍ତମାନ ଆଉ ନାହିଁ ।

ବି- ଆଖଡାଘର - ପୁରୁବ୍ କାଲ୍ କେ ଆଖଡାଘର ଆର୍ ନିଏ ।

କ- - ଆଗକାଲର ଆଖାଡ୍। କେର୍‌ବା ଘେର୍ ରେଲ ଏବେ ଆରୁ ନା କେରବାର

ଓ- ଆଶ୍ୱସ୍ତ - ଭଲ ଫସଲ ଦେଖି ଚାଷୀ ଆଶ୍ୱସ୍ତ ହୁଅନ୍ତି ।

ବି- ଖୁସ୍ - ବନେ ଫସଲ ଦେଖି କେ ଚାଷୀ ଖୁସ୍ ହେ ଯାଥେ ।

କ- ଖୁସି - ଭଲ୍ ଚାଷ୍ କାମ୍ (ଫସଲ) ଦେଖ୍‌ତେ ଚାଷୀ କେ ଖୁସି ଲାଗଚେ ।

ଓ- ଆଗ୍ରହୀ - ପିଲାମାନେ ପାଠ ପଢାରେ ଅଧିକ ଆଗ୍ରହୀ ହେବା ଉଚିତ୍ ।

ବି- ମନ୍‌ଦେବା - ପିଲାମାନ୍ ପାଟ୍ ପଢ୍ ବା କାଜର୍ ଜବର୍ ମନ୍ ଦେବା ଦରକାର ।

କ- ମନ୍‌ଲାଗାତେ - ପିଲାମେନେ ପାଠ୍ ପଢ଼ବାତି ଅଧିକ୍ ମନ ଲୁଗାତେ ପାଠ ପଢ଼ିଲେ ହତ ।

ଓ- ଆନନ୍ଦ - ଈଶ୍ୱର ଭୟ ପ୍ରକୃତ ଆନନ୍ଦ ଦିଏ ।

ବି- ଉଷତ୍ - ଈଶ୍ୱର କେଡର୍ ସଥେଁ ଉଷତ୍ ଦେଥେ ।

କ- - ଭଗବାକେ ଡ଼େର୍‌ତେ ରେଲେ ପୁରା ଆନନ୍ଦ ଦେତ ।

ଓ- ଆସ - ଆସ ସ୍କୁଲକୁ ଯିବା ।

ବି- ଆଓ - ଆହି ଇସ୍କୁଲ୍, ଯାବ୍ ।

କ- ଆସା - ଆସା ସ୍କୁଲ୍‌କେ ଯାଉଁ ।

ଓ- ଆଗ - ଆଗ ଧାଡିରେ ବସିଲେ ଶିକ୍ଷା ଦାନ ଭଲ ଶୁଭେ ।

ବି- ପହିଲା - ପହିଲା ଧାଡି ନେ ବସ୍‌ଲେ ପାଟ୍ ଦାନ ବନେ ଶୁଭଥେ ।

କ- ଆଗ୍ - ଆଗ ଧଡ଼ିନେ ବସ୍‌ଲେ ପାଠ୍ ଭଲ୍ ଆସ୍‌ଲିଆ ।

ଓ- ଆରମ୍ଭ - ପ୍ରାର୍ଥନା କରି କାର୍ଯ୍ୟ ଆରମ୍ଭ କରିବା ଭଲ ।

ବି- ସୁରୁ - ପାରଥନା କର୍‌କେ ବୁତା ସୁରୁ କର୍‌ବା ଠିକ୍ ଏ ।

କ- ଅରମ୍ - ପ୍ରାର୍ଥନା କେତେ କାମ ଆରମ୍ କେଲେ ଭଲ୍ ହୁଇଲିଆ ।

ଓ- ଆତ - ଆତ ଫଳ ଭାରି ସୁଆଦିଆ ଲାଗେ ।

ବି- ବଢେଲ୍ - ବଢେଲ୍ ଫଲ୍ ଜବର୍ ମିଠା ଲାଥେ ।

କ- ସୀତାଫଲ - ସିତା ଫଲ୍ ଖୁବ୍ ସୁଆଦ୍ ଲାଗ୍‌ଲିଆ ।

ଓ- ଆଶା - ପରିଶ୍ରମ ବିହୀନ ଆଶା ବୃଥାରେ ଯାଏ ।

ବି- ଆଶ୍ - ବିନା ପରିଶ୍ରମ୍‌କେ ଆଶା କର୍‌ବା ବେକାର ଏ ।

କ- କାମ - କାମ ନା କେଲେ ସବୁ ବେକାର ହତେ ଯାତ ।

ଓ- ଆଲମିରା - ଆଲମିରାରେ ବହିପତ୍ର ସୁରକ୍ଷିତ ରହେ ।

ବି- ଆଲମିରା - ଆଲମିରା ଥାକ୍ ନେ ବହି ପତର୍ ଜତନ୍ ନେ ରେଥେ ।

କ- - ବାକସ୍ ନେ ବହିପତ୍ର ରାଖିଲେ ମୁଷା, ଉଇ ନା ଖାଏ ।

ଓ- ଆଙ୍କୁଡ଼ି - ଆଙ୍କୁଡ଼ି ସାହାଯ୍ୟରେ ଆମ୍ବ ତୋଳାଯାଏ ।

ବି- ଅଁକଡି - ଅକ୍‌ଡିଂ କେ ବଁଲେ ଆମା ତୁଲ୍‌ଥେ ।

କ- - ଆକାଡ଼ା ବାଡ଼ି ଲାଗାତେ ଆମ୍ ତଲବାର୍ କଥା ।

ଓ- ଆହ୍ଲାଦ - ନୂଆ ବହି ଦେଖି କୁନି ଆହ୍ଲାଦ ପାଉଛି ।

ବି- ଖୁସ୍ - ନୂଆଁ ବହି ଦେଖକେ କୁନୀ ଖୁସ୍ ପାଆଥେ ।

କ- - ନୂଆ ବହି ଦେଅତେ କୁନୀ ଉସତ ହଚେ ।

ଓ- ଆୟୋଜନ - ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଆୟୋଜନ କରାଯାଏ ।

ବି- ଯୋଗାଡ୍ - ଇସ୍କୁଲ୍‌ନେ ବଛରକିଆ ଉତ୍ସବ ମନା ଯଥେ ।

କ- - ଇସ୍‌କୁଲନେ ବରଷ୍ ମୁଣ୍ଡେ ଥରେ ପରବ୍ ମାନ୍‌ତିଆ ।

ଓ- ଆହୁରି - ଭଲ ଫଳ ପାଇବାକୁ ହେଲେ ଆହୁରି ପରିଶ୍ରମ କର ।

ବି- ଆଉର୍ - ଆଚ୍ଛା, ଫଲ୍ ପାବାଁକେ ହେଲେ ଆଉର୍ କାମ୍ କରହି ।

କ- ଆର୍ - ଭଲ୍ ଫଲ୍ ପାବକେ ହଲେ ଆର୍ ଅଧିକ କାମ କେବାକେ ପଡତ ।

(ଇ)

ଓ- ଈଶ୍ୱର - ଈଶ୍ୱର ଆମ ସୃଷ୍ଟି କର୍ତ୍ତା ଅଟନ୍ତି ।

ବି- ଈଶ୍ୱର - ଈଶ୍ୱର ହାମର୍ ସୃଷ୍ଟି କର୍ତ୍ତା ଏ ।

କ- ଭଗବାନ - ପ୍ରଭୁ ଭଗବାନ୍ ଆମ୍‌କେ ସିରଜିନା ହେଲାଚେ ।

ଓ- ଇଟା - ଇଟା ଗଢ଼ି ପୋଡାଯାଏ ।

ବି- ଇଟ୍ - ଇଟ୍ ଗଢ୍‌କେ ପୁଡାଥେ ।

କ- - ଇଟା ବାନାତେ ଜୁଏ ତି ଆଗ୍‌ବାର୍ କାଥା ।

ଓ- ଇସ୍ତ୍ରୀ - ଇସ୍ତ୍ରୀ କରିବା ପରେ ପୋଷାକ ପିନ୍ଧିବା ଭଲ ।

ବି- ଇସ୍ତ୍ରୀ - ଇସ୍ତ୍ରୀ କରକେ ପିନ୍ଧନା ପିନ୍ଧା ବନେ ଏ ।

କ- - କାପ୍‌ଡା ଲତା ସଜାତେ ପିନ୍ଦ୍‌ବାର କାଥା ।

(ଉ)

ଓ- ଉତ୍ତର - ପ୍ରଶ୍ନର ସଠିକ୍ ଉତ୍ତର ଦିଅ ।

ବି- ଜବାବ୍ - ପ୍ରଶ୍ନକେ ଠିକ୍ ଜବାବ୍ ଦିହି ।

କ- - ଠିକ୍ କଥା କି ଭୁଲ୍ ନା କେର୍ ।

ଓ- ଉଚିତ୍ - ପିଲାମାନଙ୍କୁ ଉଚିତ୍ ଶିକ୍ଷା ଦିଅନ୍ତୁ ।

ବି- ଠିକ୍ - ଛୋକ୍‌ରାମନ୍‌କେ ଠିକ୍ ଶିକ୍ଷା ଦେହି ।

କ- - ପିଲାମେନ୍‌କେ କାନେକାନେ କଅତେ ଶିକ୍ଷା ଦିଆସ୍ ।

ଓ- ଉଦୟ - ପ୍ରତିଦିନ ଠିକ୍ ସମୟରେ ସୂର୍ଯ୍ୟ ଉଦୟ ହୁଏ ।

ବି- ଉଦ୍‌ବା - ସବ୍‌ଦିନ୍ ଠିକ୍ ସମେନେ ବେଲ୍ ଉଦ୍‌ଥେ ।

କ- ଉଦ୍‌ଲିଆ - ପରତିଦିନ୍ ଠିକ୍ ବେଲକେ ସୁରଜ୍ ଉଦ୍‌ଲିଆ ।

ଓ- ଉପାଧି - ବିଜ୍ଞ ଲୋକମାନଙ୍କୁ ଯୋଗ୍ୟ ଉପାଧି ଦିଆଯାଏ ।

ବି- ପଦ୍ - ଜ୍ଞାନୀ ଲୋକ୍‌ମନ୍‌କେ ଉଚିତ୍ ପଦ ଦିଆଯାଥେ ।

କ- - ଜ୍ଞାନୀ ଲୋଗ୍ ମେନ୍‌କେ ସାଜଲା ବାଗିର୍ ପଦ୍ ଦେବାର କାଥା ।

ଓ- ଉପଯୁକ୍ତ - ରୋଗୀକୁ ଉପଯୁକ୍ତ ଚିକିତ୍ସା ଆବଶ୍ୟକ ।

ବି- ବନେଯତନ୍ - ଦୁଖିଆ କେ ବନେ ଯତନ୍ ଜରୁରୀ ଏ ।

କ- ବନେକେତେ - ରୁଗିକେ ବନେକେତେ ଚିକିତ୍ସା କେରବାର କାଥା ।

ଓ- ଉଦ୍ଭାବନ - ମାର୍କୋନୀ ରେଡିଓ ଉଦ୍ଭାବନ କରିଥିଲେ ।

ବି- ଉଦ୍ଭାବନ୍ - ମାର୍କୋନୀ ରେଡୁ ଉଦ୍ଭାବନ୍ ରେହେସ ।

କ- - ମାର୍କୋନୀ ରେଡ଼ିଓ ପହେଲା ବାନାତେଲେ ।

ଓ- ଉହାଡ - ପାହାଡ ଉହାଡରେ ସୂର୍ଯ୍ୟ ଲୁଚିଗଲେ ।

ବି- ଉଢ଼ାଲେ - ଡଙ୍ଗର କେ ଉଢ଼ାଂଲେ ବେଲ୍ ଲୁକେସ୍ ।

କ- ତଲେ - ଡ଼ଙ୍ଗର ତଲେ ବେଲ ବସ୍ତେ ଗଲ ।

ଓ- ଉପାୟ - ମନ ଥିଲେ ଉପାୟ ଆସେ ।

ବି- ଉପାୟ - ମନ୍ ରେଲେ ଉପାୟେ ଆଥେ ।

କ- - ମନ୍ ରେଲେ ସବୁ ହୁଲିଆ ।

ଓ- ଉଚ୍ଚତା - ରବି ଉଚ୍ଚତାରେ ସବୁଠୁ ଡେଙ୍ଗା ପିଲା ଅଟେ ।

ବି- ଉଁଚା - ରବି ଉଚାଁନେ ସବ୍‌ଲେ ଡେଙ୍ଗା ପିଲା ହେଥେ ।

କ- ଡ଼େଙ୍ଗା - ରବି ସବୁ ଠାନୁ ଡ଼େଙ୍ଗ ହୁଲିଆ ।

ଓ- ଉନ୍ନତି - ପିତାମାତା ପିଲାମାନଙ୍କର ଉନ୍ନତି କାମନା କରନ୍ତି ।
ବି- ଉପରଉଠ୍‌ବା - ବୁଆ ମାଁ ପିଲାମନ୍ କେ ଉନ୍ନତି କାମ୍‌ନା କର୍‌ଥେଁ ।
କ- - ମାଁତୁଆ ମନେ ପୋଝିର ବନେଲାଗି ଚିନ୍ତା କିର୍‌ତିଆ ।
ଓ- ଉର୍ଦ୍ଧକ୍ରମ - ଉର୍ଦ୍ଧକ୍ରମରେ ସଜାଇ ରଖ ।
ବି- ଉପର୍‌ଲେ - ଉପର୍‌ଲେ ସଜା କେ ରଖ୍ ।
କ- - ବଡ଼ନୁ ସାନ୍ କେତେ ଲେଖା ।
ଓ- ଉତ୍ସାହିତ - ପ୍ରଂସଶା ମିଳିଲେ ସମସ୍ତେ ଉତ୍ସାହିତ ହୁଅନ୍ତି ।
ବି- ଖୁସ୍ - ପ୍ରଂସଶାଁ ମିଲ୍‌ଲେ ସବ୍ ଖୁସି ହେଥେ ।
କ- ଖୁସି - ପର୍‌ସଶା ମିଲ୍‌ଲେ ସବୁଲୋକ୍ ଖୁସୀ ହୁତିଆ ।
ଓ- ଉତ୍ତମ - ମୀନା ଜଣେ ଉତ୍ତମ ବାଳିକା ଅଟେ ।
ବି- ବନେ - ମୀନା ଝନେଁକ୍ ବନେ ଟୁକେଲ୍ ଏ ।
କ- - ମୀନା ଗୋଟେ ବନେ ଟୁକେଲ ।
ଓ- ଉଦୁଉଦିଆ - ଉଦୁଉଦିଆ ଖରାରେ ପଦାକୁ ବାହାରନ୍ତୁ ନାହିଁ ।
ବି- ଉଦୁଉଦିଂଆ - ଉଦ୍‌ଉଦିଆ ଖରାନେ ଭାଟାକେ ନି ବାହାରି ।
କ- - ବେଲ ଠିଆ ଖାରାତି ଭାଟାକା ନା ଯାହା ।
ଓ- ଉଡିବା - ଛୁଆ ପକ୍ଷୀ ମାଆ ଠାରୁ ଉଡିବା ଶିଖେ ।
ବି- ଉଡ଼୍‌ଥେ - ଛୁଆ ଚେରେ ମାଁଲେ ଉଡବାର୍‌ଟା ଶିଖ୍‌ଥେ ।
କ- - ଗଚେକ ଚେରେ ମା ଲୁକୁନ୍ ଉଡ଼ବା ଟା ଶିଖ୍‌ଲିଆ ।
ଓ- ଉପଦେଶ - ଗୁରୁଜନ ମାନଙ୍କର ଉପଦେଶ ମାନି ଚଲ ।
ବି- ଉପଦେଶ - ଗୁରୁ ମନ୍‌କେ ଉପଦେଶ ମାଏନ୍ କେ ଚଲ୍‌ହି ।
କ- - ଗୁରୁ ମେନ୍‌କର କାଥା ମାନତେ ଗ୍ଧଲ ।
ଓ- ଉଭା - ଘନ ମେଘ ଆସ୍ତରଣ ମଧ୍ୟରେ ସୂର୍ଯ୍ୟ ଉଭା ହେଲେ ।
ବି- ଉଭା - କଲା ବାଦଲ କେ ଭିତର୍ ନେ ବେଲ୍ ଉଭା ହେସ୍ ।
କ- - କାଲା ମେଘ୍ ଭିତ୍‌ରେ ସୁରୁଜ୍ ଦିଶଚେ ।

ଓ- ଉଚ୍ଚସ୍ୱର - ରମ୍ୟ ମୋତେ ଉଚ୍ଚ ସ୍ୱରରେ ଡାକିଲା ।

ବି- ତନିଆଁକେ - ରମା ମୋଖେ ତନିଆଁକେ ଡାକେସ୍ ।

କ- ହୋଲ୍‌ହାଲ - ରମା ମକେ ହୋଲ୍‌ହାଲ୍ କେତେ ଡ଼ାକ୍‌ଲିଆ ।

ଓ- ଉପକାର - ଅସହାୟ ଲୋକର ଉପକାର କର ।

ବି- ସାହାଜ - ନିସାହାତା ଲୋକ୍‌କେ ସାହାଜ୍ କରହି ।

କ- - ଗଲ୍‌ଗଲା ଲୋକ୍‌କେ ଉପ୍‌କାର କେରା ।

ଓ- ଉଦ୍‌ଯୋଗ - ଦେଶ ସେବାରେ ଉଦ୍‌ଯୋଗ ଥିବା ଆବଶ୍ୟକ ।

ବି- ଉଦ୍‌ଯୋଗ - ଦେଶ୍ ସେବାନେ ଉଦ୍‌ଯୋଗ ରବା ଜରୁରୀ ଏ ।

କ- - ଦେଶ ସେବା କେରବା ଲାଗି ମନ୍ ଲାଗାବାର କଥା ।

ଓ- ଉଇ - ଉଇ ବହି ପତ୍ର ଖାଇଯାଏ ।

ବି- ଢୁକୁ - ଢୁକୁକୀରା ବହି ପତର୍ ଖାଏ୍ ଯାଥେ ।

କ- ଢ଼ିଆଁ - ବହିପତର୍ କେ ଢ଼ିଆଁ ମାରଲିଆ ।

ଓ- ଉତ୍ତାପ - ଜ୍ୱର ହେଲେ ଦେହର ଉତ୍ତାପ ବଢ଼େ ।

ବି- ତାତି - ଜର୍ ହେଲେଁ ଦେହେଁକେ ତାତି ବଢ୍‌ଥେ ।

କ- ତପ୍ - ଜର୍ ହେଲେ ସାଗର ତୁପଲିଆ ।

ଓ- ଉତ୍ପାଦନ - କୃଷି ଉତ୍ପାଦନ ବଢ଼ାଇବା ଆବଶ୍ୟକ

ବି- ଉପ୍‌ଜାବା - କୃଷି ଉତ୍ପାଦ ବଢ଼ାବା କେ ଜରୁରୀ ଏ ।

କ- - ଋଷ ବାସ୍‌କେ ବନେକେତେ ବାଢାବା କାଥା ।

ଓ- ଉଷୁମ - ଶୀତ ଦିନେ ଉଷୁମ ପାଣିରେ ଗାଧୋଇବା ଭଲ ।

ବି- ତତ୍‌ଲା - ଠଣ୍ଡା ଦିନେ ତତ୍‌ଲା ପାନିନେ ଗୋଧିବା ବନେ ଏ ।

କ- ତପତ୍ - ଶିତ୍ ଦିନେ ତପତ୍ ପାଏନ୍ ଗାଧବା କେ ଭଲ୍ ଲାଗଲ୍ୟା ।

ଓ- ଉଚିତ - ପିଲାମାନେ ପିତାମାତାଙ୍କର ଆଜ୍ଞାବହ ହେବା ଉଚିତ୍ ।

ବି- ଠିକ୍ଏ - ପିଲାମନ୍ ବୁଆ ମାଁକେ କଥା ମାନଗବା ଠିକ୍ ଏ ।

କ- - ପିଲାମେନେ ବୁଆର୍ ମାଁର୍ କାଥା ମାନ୍‌ବାକେ ପଡ଼ତ ।

ଓ- ଉପକରଣ - ପାଠ ଉପକରଣ ସାଇତି ରଖ ।

ବି- ଉପକରଣ - ପାଟ୍ ପଢା ଉପକରଣ ସେକେଲ କେ ରଖୋ ।

କ- - ପାଠପଢ଼ା କାଗଜ୍ ପତର୍ କେ ସଜାଢେ ରାଖ୍‌ବା କଥା ।

ଓ- ଉପସ୍ଥିତ - ଶିକ୍ଷକ ଡାକିବା ମାତ୍ରେ ମୁଁ ଉପସ୍ଥିତ ରହେ ।

ବି- ହାଜିର - ମାଷ୍ଟର୍ ଡାକ୍‌ବା ବେଳେ ମେ ହାଜିର୍ ହଥେଁ ।

କ- ହାଜର - ମାଷ୍ଟର ଡ଼ାକ୍‌ଲା ସାଙ୍ଗେ ମୁଁଇ ହାଜର୍ ହୁଇନା ।

ଓ- ଉକୁଣି - ଅପରିଷ୍କାର ମୁଣ୍ଡରେ ଉକୁଣି ଜାତ ହୁଅନ୍ତି ।

ବି- ଉକେନ୍ - ମଇଲା ମୁଁଢେ ଉକେନ୍ ଜନମ୍ ହେଥେ ।

କ- ଉକୁନ - ମୁଢ଼ କେଚ୍‌କେଚା ହଲେ ଉକୁନ୍ ବାସା ହୁଇଲିଆ ।

ଓ- ଉତ୍ତର ଦିଗ - ଉତ୍ତର ଦିଗରୁ ଥଣ୍ଡା ପବନ ବହେ ।

ବି- ଉତ୍ତର ଦିଶା - ଉତ୍ତର ଦିଶାଲେ ଠଣ୍ଡା ହଜ୍ୱା ବହଥେ ।

କ- - ଉତ୍ତରଦିଗୁଁନ୍ ଶିତ୍‌ଲ୍ୟା ହାଓ୍ୱା ଆଇଲିଆ ।

ଓ- ଉତ୍କୃଷ୍ଟ - କନ୍ଧମାଳରେ ଉତ୍କୃଷ୍ଟ ହଳଦୀ ଉତ୍ପାଦନ କରାଯାଏ ।

ବି- ଜବ୍‌ରବନେ - କନ୍ଧ୍‌ମାଲନେ ଜବର୍‌ବନେ ହଳଦୀ ଉପ୍‌ଜା ଯାଥେ ।

କ- ବନେ - କାନ୍ଧ୍‌ମାଲ୍ ତି ବନେ ହଳଦୀ ଚଷ ପାତ୍ୟା ।

ଓ- ଉତ୍ପାଦିକା - ଜମିର ଉତ୍ପାଦିକା ଶକ୍ତି କମି ଗଲାଣି ।

ବି- ଉପ୍‌ଜାବାଟିଜ୍ - ଜମିନ୍ କେ ଉପ୍‌ଜାବା ବଲ୍ କମ୍ ହେ ଯାଏ ସ୍‌ନେ ।

କ- - ଜମି ମେନକର ରସ୍ ସବୁ କମ୍‌ତେ ଗଲନେ ।

ଓ- ଉତ୍ସ - ଗ୍ରୀଷ୍ମ ଋତୁରେ ଜଳସ୍ରୋତ ଉତ୍ସ ଶୁଖିଯାଏ ।

ବି- ଧାର୍ - ଖରା ଦିନନେ ପାନିକେ ଧାର ଶୁଖିଯାଥେ ।

କ- - ଲାଣ ମାସେ ଝରନ୍ ସୁଖ୍‌ତେ ଯାଲ୍ୟା ।

ଓ- ଉତ୍ସାହୀ - ଉତ୍ସାହୀ ବ୍ୟକ୍ତି ସବୁ କାମରେ ସଫଳ ହୁଏ ।

ବି- ଉତ୍ସାହୀ - ଉତ୍ସାହୀ ମନ୍‌ସେ ସବ୍ କାମ୍‌ନେ ସଫଲ୍ ହେଥେ ।

କ- - ସାର୍‌ଧା ରେଲାଲୋଗ ସବୁ କାମତି ଜିତ୍‌ଲ୍ୟା ।

ଓ- ଉତ୍ତୋଳନ - ଖଣିରୁ ଖଣିଜ ପଥର ଉତ୍ତୋଳନ କରାଯାଏ ।

ବି- ଉତ୍ତୋଳନ - ଖଣିଲେ ଖନିଜ୍ ପାଖୁନ୍ ଉତ୍ତୋଳନ୍ କରଯାଥେ ।

କ- ବାର୍ - ଖଣିନୁ ଖଣିପଥର୍ ବାର୍ କେରା ଯାଇଲିଆ ।

ଓ- ଉପବାସ - ଉପବାସ ଦ୍ୱାରା ପାକସ୍ଥଳୀ ବିଶ୍ରାମ ପାଇଥାଏ ।

ବି- ଉପାସ୍ - ଉପାସ୍ ନେ ପାକସ୍ଥଳୀ ଆରାମ୍ ପାଥେ ।

କ- ଭୋକେ୍ - ଭୋକେ ରେଏଲେ ପାକସ୍ଥଳୀ କେ ପୁରସତ୍ ମିଲ୍ୟା ।

ଓ- ଉଠାଇ - ବେଳେବେଳେ ପବନ୍ ଚାଳକୁ ଉଠାଇ ନେଇଥାଏ ।

ବି- ଉଡ଼ିଆବା - ଛନେକ୍ ଘଡେକ୍ ଧୁକା ଚ୍ଛଲ୍‌କେ ଉଠାକେ ଲେଯାଥେ ।

କ- - କେବେକେବେ ପବନ ଚ୍ଛଲ୍‌କେ ଉଡ଼ାତେ ନିଲିଆ ।

ଓ- ଉଭୟ - ବିଦ୍ୟାଳୟ ସଫା ରଖିବା ଛାତ୍ରଛାତ୍ରୀ ଉଭୟଙ୍କ କର୍ତ୍ତବ୍ୟ ଅଟେ ।

ବି- ସବ୍‌କେ - ଇସ୍କୁଲ ସାପ୍ ରଖ୍‌ବା ଛୋକ୍‌ରାଛୋକରି ଦିନୋ ଝନ୍‌କେ କାମ ଏ ।

କ- - ଇସ୍‌କୁଲ୍ କେ ସଫା କେର୍‌ବାର୍ ପିଲାଟୁକେଲ୍ ଦୁଇ ଜନାର୍ କାମ୍ କେର୍‌ବା କାଥା ।

ଓ- ଉଇକେଟ୍ - କ୍ରିକେଟ୍‌ରେ ଗୋଟିଏ ଦଳରେ ଏଗାରଟା ଉଇକେଟ୍ ଥାଏ ।

ବି- ଉଇକେଟ - କ୍ରିକେଟ୍‌କେ ଗୋଟେକ୍ ଦଲେଁ ଗ୍ୟାର୍‌ଟା ଉଇକେଟ୍ ରେଥେ ।

କ- - କ୍ରିକେଟ ଖେଲ୍‌ଲାବେଲ୍‌କେ ଗୋଟେ ବାଟେ ଏଗାର ଜନ୍ ଖିଲ୍‌ତ୍ୟା ।

ଓ- ଉଚ୍ଚ - ଶାଗୁଣା ଖୁବ୍ ଉଚ୍ଚରେ ଉଡିପାରେ ।

ବି- ଉଚ୍ଚାଁ - ଗିଧାବନେଚ ଉପରନେ ଉଡଥେ ।

କ- ଉପ୍‌ରେ - ଗାବଣ୍ ଚେରେ ଖୁବ୍ ଉପ୍‌ରେ ଉଡ଼ିପାର୍‌ଲିଆ ।

ଓ- ଉଚ୍ଚାସନ - ସମ୍ମାନୀୟ ଅତିଥିଙ୍କୁ ଉଚ୍ଚ ଆସନରେ ବସାଯାଏ ।

ବି- ସମ୍ମାନନୀୟ - ସମ୍ମାନନୀୟ ପୁହୁନାମାନ୍‌କେ ଉଚ୍ଚାଠାନ ନେ ବସାଥେ ।

କ- - ସମ୍ମାନୀୟ ଅତିଥି ମେନ୍‌କେ ଉଚ୍ ଆସନ୍‌ନେ ବସା ତ୍ୟା ।

ଓ- ଉଚ୍ଛନ୍ନ - ଦୁର୍ଘଟଣାରେ ତାର ସବୁ ଉଚ୍ଛନ ହୋଇଗଲା ।

ବି- ଉଚ୍ଛନ୍ - ଦୁର୍ଘଟଣାନେ ଓକରସବ୍ ଉଚ୍ଛନ୍ ହେ ଯାଏସ୍ ।

କ- - ଦୁର୍ଘଟଣା ହେଲେ ସବୁନଷ୍ଟ ହତେ ଗୁଲିଆ ।

ଓ- ଉତ୍‌ପାତ - ଦୁଷ୍ଟ ମାନଙ୍କର ଉତ୍ପାତ ବଢିବାରେ ଲାଗିଛି ।

ବି- ତପବା - ଭତ୍‌ବସିଆ ମନ୍‌କେ ଉତ୍ପାତ ବଢବାକେ ଲାଗେ ହେ ।

କ- - ବଦ୍‌ମାସ ମେନ୍‌କର, ବଢିମା ହତେ ଗ୍ଲଲ ଛେ ।

ଓ- ଉତ୍କଟ - କିଛି ବର୍ଷ ପରେ ଖଣିଜ ତୈଳର ଉତ୍କଟ ଅଭାବ ହେବ ।

ବି- ଘୋର - ଆଉ କତ୍‌ନି ବଛର କେ ପଛିଲନେ ଖୋଦାନ କେ ତେଲ ଘୋର ଅଭାବ ହେଯାହି ।

କ- - ଆର କେତେ ବରଷ୍ ଗଲେମାଏଟ୍ ତେଲ ଆର ଅଭାବ ହତ ।

ଓ- ଉତ୍ପତ୍ତି - ଜମି ରହୁଥିବା ପାଣି ମଶାର ଉତ୍ପତ୍ତି ସ୍ଥଳ ଅଟେ ।

ବି- ଜନ୍‌ମିବାର - ଜମ୍‌ଜାବାର ପାନି ନେ ମୁଡିଆ ଜନ୍‌ମିବାର ଠାନ୍‌ଏ ।

କ- ଜନମ୍ - ପାଏନ୍ ଜମା ହେତେ ରେହେଲେମଶା ମାଛି ଜମ ଠାନେ ଜନମ ହୁତ୍ୟା ।

ଓ- ଉପହାର - ପବନ ଈଶ୍ୱର ଆମକୁ ଦେଇଥିବା ଉପହାର ଅଟେ ।

ବି- ଉପହାର୍ - ଧୁକା ଈଶ୍ୱର, ହାମ୍‌କେ ଦେଲା ଉପହାର ହେଥେ ।

କ- - ବତାସ କେ ଭଗବାନ ଆମ୍‌କେ ଗୋଟେ ଭେଟି ଦେଲାଚେ ।

ଓ- ଉପର - ବାୟୁମଣ୍ଡଳର ଉପରଭାଗରେ ମହାଶୂନ୍ୟ ରହିଛି ।

ବି- ଉପରନେ - ବାୟୁମଣ୍ଡଲ୍‌କେ ଉପ୍‌ର୍ ଭାଗ୍‌ନେ ମହାଶୁଇନ ଏହେଁ ।

କ- - ବାୟୁମଣ୍ଡଲର୍ ଉପରୀ ଭାଗେ ମାହାଶୁନ୍ୟ ରେଲାଚେ ।

ଓ- ଉର୍ବର - ପ୍ରଚୁର ଫସଲ ନିମନ୍ତେ ଉର୍ବର ମାଟି ଆବଶ୍ୟକ ।

ବି- ଉର୍ବର - ବନେ ଫସଲ୍ କାଜର୍ ଉର୍ବର ମାଏଟ୍ ଜରୁରୀଏ ।

କ- ପବଡା - ଖୁବ୍ ଭଲଚାଷ ହେବାର ଲାଗି ଗବଡା ମାଏଟ ଦରକାର ।

ଓ- ଉଣା - ପାଠ ପଢ଼ା ଉଣା କର ନାହିଁ ।

ବି- କମ୍ - ପାଟ୍ ପଢ଼୍‌ବା କମ୍ ନି କରହି ।

କ- ଉନା - ପାଠ ପଢ଼ବା ଟାକେ ପଛନା କେର୍ ।

ଓ- ଉଲି - ଗ୍ରୀଷ୍ମ ଋତୁରେ ଏକ ଉଲି କାମ କରିବା ଭଲ ।

ବି- ବେଲ୍ - ଖରା ଋତୁନେ ଗୋଟେକ୍ ବେଲ୍ କାମ୍ କର୍‌ବା ବନେ ଏ ।

କ- ପହରୀ - ଖାରା ଦିନେ ପହରୀ କାମ କେର୍‌ବା କାଥା ।

ଓ- ଋତୁ - ଗ୍ରୀଷ୍ମ ଋତୁରେ ଆମ୍ବ ପାଚେ ।

ବି- ଋତୁନେ - ଖରା ଋତୁନେ ଆମା ପାଚ୍‌ଥେ ।

କ- - ଖାରା ଦନେ ଆମ୍ ପାଚଲିଆ ।

ଓ- ଏଣେତେଣେ - ଆବର୍ଜନା ଏଣେତେଣେ ପକାନ୍ତୁ ନାହିଁ ।

ବି- ଜାହାଁତାହାଁ - କେଚେରା କୋଟା ଜାହାଁତାହାଁ ନି ପକାହି ।

କ- ଇବାଟେସେବାଟେ - କେଚ୍‌ରାଜୁତ୍‌କେ ନା ପାକାବାର କାଥା ।

| | | | |
|---|---|---|---|
| ଓ- | ଏଣ୍ଡୁଅ | - | ଏଣ୍ଡୁଅ କଙ୍କି ମାରି ଖାଏ । |
| ବି- | ଟେଟ୍‌ଙ୍ଗା | - | ଟେଟ୍‌ଙ୍ଗା ଫଁରଫିରି ମାର୍ କେ ଖାଥେ । |
| କ- | | - | ଟେଣ୍‌କୋ କିରାପତଙ୍ଗ ମାର୍‌ଲିଆ ଆରୁ ଖାଇଲିଆ । |
| ଓ- | ଏକ | - | କୁକୁର ଏକ ବିଶ୍ୱସ୍ତ ପ୍ରାଣୀ ଅଟେ । |
| ବି- | ଗୋଟେକ୍ | - | କୁକୁରକୁ ଗୋଟେକ୍ ବିଶ୍ୱାସି ଜୀବ ହଥେ । |
| କ- | | - | କୁକୁର ଗୋଟେ ବିଶାସ୍ ଜୀବ୍ । |
| ଓ- | ଏକବାରଛୁ | - | କୁକୁରକୁ ଦେଖି ମାଙ୍କଡ ଏକବାର ଛୁ । |
| ବି- | ପରଲା ମାରକେ ଭାଗ୍‌ବା | - | କୁକୁର୍‌କେ ଦେଖ୍‌ତେ ହିଁ ବେନ୍ଦରା ପରଲା ମରକେ ଭାଗେଶ୍ । |
| କ- | | - | କୁକୁର୍ କେ ଦେଖ୍‌ତେ ମାକଡ୍ ମେନେ ଡେର୍‌ତେ ପାଲାତେ ଗଲେ । |
| ଓ- | ଏକଜୁଟ | - | ଗାଁ ଲୋକ ଏକଜୁଟ ହୋଇ ରାସ୍ତା ମରାମତି କଲେ । |
| ବି- | ଏକଜୁଟ୍ | - | ଗାଁ ଲୋଗ୍ ଏକଜୁଟ ହେକେ ସଡକ୍ ମରାମରି କରେସ୍ । |
| କ- | | - | ଗାଁଆର ଲୋକମେନେ ଏକ୍‌ହତେ ବାଟକାମ କେ ମରାମତି କେରଦେଲେ । |
| ଓ- | ଏକକ | - | ମିଟର ଦୂରତା ମାପିବାର ଏକକ ଅଟେ । |
| ବି- | ଏକକ୍ | - | ମିଟର୍ ଧୁରିଆ ମାପ୍‌ବା କେ ଏକକ୍ ଏ । |
| କ- | | - | ମିଟର କେ ଲମ୍ ମାପ୍‌ବାର୍ ଲାଗି ଏକା ଦରକାର କିତ୍ୟା । |
| ଓ- | ଏଇଠି | - | ଏଇଠି ବସି ମୁଁ ନିତି ବହି ପଢ଼େ । |
| ବି- | ଇଠାନେ | - | ଇଠାନେ ବଏସ୍ କେ ମିଇଁ ସବ୍ ଦିନ୍ ବହି ପଢ଼ଥିଁ । |
| କ- | ଇନେ | - | ଇନେ ବସ୍‌ତେ ମୁଇ ବହିପଡ୍‌ନା । |
| ଓ- | ଏକତା | - | ଏକତା ହିଁ ବଳ ଅଟେ । |
| ଓ- | ଏକଲା | - | ଆମ ଗ୍ରାମରୁ ମୁଁ ଏକଲା କଲେଜ ଯାଏ । |
| ବି- | ଏକଲା | - | ହାମର ଗାଁଲେ ମେଁ ଏକଲା କଲେଜ ଯାଥିଁ । |
| କ- | ଏକଜୁଟ୍ | - | ଏକଜୁଟ୍ ହଲେ ବଲ ଲାଗ୍‌ଲ୍ୟା । |

ଓ- ଏକଲା - ଆମ ଗ୍ରାମରୁ ମୁଁ ଏକଲା କଲେଜ ଯାଏ ।

ବି- ଏକଲା - ହାମର ଗାଁଲେ ମେଁ ଏକଲା କଲେଜ ଯାଥିଁ ।

କ- - ଆମର ଗାଁଆରୁ ମୁଇ ଯନେକ୍ କଲେଖ ଯାଆନା ।

ଓ- ଏମନ୍ତ - ଏମନ୍ତ କରି ଦେଖାଅ, ଯାହା ଦେଖି ଲୋକ ଖୁସି ହେବେ ।

ବି- ଏନ୍ତା - ଏନ୍ତା କର୍‌କେ ଦେଖାବ୍, ଯାଖେ ଦେଖ୍‌କେ ମନ୍‌ସେ ଖୁସ୍ ହେ ଯାହି ।

କ- ଏନ୍‌ତା - ଏନା ତା କେତେ ଦେଖାବାର ଯେନତା ଲୋକ ଦେଖତେ ସାରଧା ହତବା ।

ଓ- ଏବେ - ଏବେ ପାଠ ପଢ଼ାର ସମୟ ଅଟେ ।

ବି- ଇଞ୍ଛୁନ୍ - ଇଞ୍ଛନ୍ ପାଟ୍ ପଢ଼୍‌ବା ବେଲା ଏ ।

କ- - ଇଛନ୍ ତ ପାଠ ପଢବାର ବେଲ ହଲା ଚେ ।

ଓ- ଏଟିଏମ୍ - ଏଟିଏମ୍‌ରୁ ଯେ କୌଣସି ସମୟରେ ଟଙ୍କା ଉଠାଯାଏ ।

ବି- ଏଟିଏମ୍ - ଏଟିଏମ୍ ଲେ ଯତକ୍ ଦିଆଁ ରୁପିଆ ବାହାର କରଦା ହେଥେ ।

କ- - ଏଟିଏମ୍ ଠାନୁବ୍ ଯେନ୍‌ତା ବେଲେ ବି ଟଙ୍କା ଉଠା ହୁଇଲ୍ୟା ।

'ଐ'

ଓ- ଏନ୍ତୁଳିଶାଳ - ଏନ୍ତୁଳିଶାଳ ଆମ ଜନ୍ମ ସ୍ଥାନ ଅଟେ ।

ବି- ଏନ୍ତୁଳିଶାଳ - ଏନ୍ତୁଳିଶାଳ ହାମର ଜନମ୍ ଜାଗା ହେଥେ ।

କ- - ଜନମ ହେଲାଠାନ ଆମର ଜନମ୍ ମାଏଟ୍ ।

ଓ- ଏକ ଟଙ୍କିଆ - ଆଜିକାଲି ଏକ ଟଙ୍କିଆ ନୋଟ ଦେଖାଯାଏ ନାହିଁ ।

ବି- ଏକ୍ ଟଙ୍କି - ଆଏଜ୍ କାଏଲ୍ ଏକ ଟଙ୍କି ନୋଟ୍ ଦେଖ୍‌ବାର ନି ମିଲତ୍ ଲା ।

କ- - ଏବରକାଲେ ଏକ୍‌ଟଙ୍ଗା ଲୋଟ୍ ନା ଦିସଚେ ।

ଓ- ଏକାଦଶ - ମୁଁ ଏକଦଶ ବାର ଚିଲିକା ଦେଖିଛି ।

ବି- ଏକଦଶଖେପ୍ - ମେଁ ଏକାରଖେପ୍ ଚିଲିକା ଦେଖିଦାରେ ହଁ ।

କ- ଦଶଥର - ମୁଁଇ ଗାର ଥର୍ ଚିଲିକାଦେଖି ଲାଚେ ।

ଓ- ଏକାଠି - ପରିବାରର ସମସ୍ତେ ଏକାଠି ରହନ୍ତି ।

ବି- ଗୋଟେକ୍ଠାନେ- କୁଟୁମ୍ କେ ସବ୍ ଗୋଟେକ ଠାନେ ରେଥେ ।

କ- ଗୋଟେଥାନେ - ଘେରେ ସାବୁ ଲୋକ୍ ଏକା ରନ୍ଧାରେ ରିଇତିଆ ।

ଓ- ଏକାଧିକ - ମୋ ପାଖରେ ଏକାଧିକ ଗଣିତ ବହି ଅଛି ।

ବି- କତ୍ନିକତ୍କ୍ - ମୋର୍ ଲେଗେ କତନିକତକ୍ ଗଣିତ ବହି ଏହେ ।

କ- - ମର୍ପାଖେ ବେଶି ଗଣିତ୍ ବହି ଆଚେ ।

ଓ- ଏକାଡିଆଁ - ମାଙ୍କଡଟି ଏକା ଡିଆଁରେ ପଳାଇଲା ।

ବି- ଗୋଟେକ୍କୁଦା - ମାକର୍ଗୋଟେକ୍ ଗୋଟେକ୍ କୁଦାନେ ପଲା ଯାଏସ୍ ।

କ- - ମାକ୍ଡି ଟା ସଟ୍ କେତେ ପାଲତେ ଗଲା ।

ଓ- ଏକାପ୍ରକାର - ସଇ ନିକ ମାନେ ଏକପ୍ରକାରର ପୋଷାକ ପିନ୍ଧନ୍ତି ।

ବି- ଗୋଟେକ୍ପ୍ରକାର- ସଇନିକ୍ ମନ୍ ଗୋଟେକ୍ ପ୍ରକାର୍କେ ପିନ୍ଧନା ପିନ୍ଧଥେ ।

କ- ରକମର - ଫୋଜ ମେନେ ଗୋଟେ ରକମର ପୋଷାକ ପିନ୍ଧ୍ତିଆ ।

ଓ- ଏହି - ଏହି ଦେଶ ଆମ ଜନ୍ମଭୂମି ଅଟେ ।

ବି- ଇ - ଇ ଦେଶ୍ ହାମର୍ ଜନମ୍ ମାଏଟ୍ ହେଥେ ।

କ- - ଇଦେଈା ଆମର ଜନ୍ମଭୂମି ଦିଶଚେ ।

ଓ- ଐରାବତ - ଐରାବତ ହାତୀ ମାନଙ୍କ ଦଳପତି ଅଟେ ।

ବି- ଐରାବତ୍ - ଐରାବତ ହାଁଥୀ ମନ୍କେ ସିଆଁନ୍ ହେଥେ ।

କ- - ଐରାବତ୍ ହାତୀ ମେନଙ୍କର ମକର ଦମି ।

ଓ- ଓ - ମାଛ ଓ ମାଂସ ଶରୀରର ବୃଦ୍ଧି କରନ୍ତି ।

ବି- ଆରୁ - ମଛରି ଆରୁ ମାସ୍ ଦିହିଁ କେ ତାକତ୍ ବଢାଥେ ।

କ- ଆରୁ - ମାଛ୍ ଆରୁ ସାଂକାର ଦେହେକେ ବଡ଼ କିଲିଆ ।

ଓ- ଓଳି - ଗୋଟିଏ ଓଳି କାମ କଲେ ଅଧା ମଜୁରି ପାଇବ ।

ବି- ଗୋଟେକ୍‌ବେଲ - ଗୋଟେକ୍ ବେଲ୍ କାମ୍ କଲେ ଆଧା ଭୁତି ପାହି ।

କ- ବେଲା - ଏକ ବେଲା କାମ କେଲେ ଆଧା ଭୁତି ଦେତ ।

ଓ- ଓଠ - ଶୀତ ଦିନେ ଓଠ ଫାଟେ ।

ବି- ଚଏଣ୍ - ଶୀତ୍ ଦିନେ ଚଏଣ୍ ଫାଟ୍‌ଥେ ।

କ- ଚାଏଣ୍ - ଶୀତ ଦିନେ ଚଅଣ ପାଟ୍‌ଲ୍ୟା ।

ଓ- ଓସାର - ଓସାର, ଲମ୍ବା ଅପେକ୍ଷା ସାନ ଅଟେ ।

ବି- ଚଉଡ଼ା - ଉସାର୍ ଲାମାଲେ ଛୋଟେ ଏ ।

କ- ଉସାର୍ - ଉସାର ଲମ୍ ଠାନୁନୁ ସୁରୁ ହତ ।

ଓ- ଓଜନ - ଚାଷୀମାନେ ଓଜନ କରି ପନିପରିବା ବିକିବା ଉଚିତ୍ ।

ବି- ଉଜନ୍ - ଚଷୀମନ୍ ନାପ୍ କେ ତୁନସାଗ୍ ବେଚ୍‌ବା ଜରୁରୀ ଏ ।

କ- ଉଜନ - ଚଷି ମେନେ ଓଜନ୍ କେର୍‌ତେ ସାଗ ଡ଼ାଲ ବିକ୍‌ବାର୍ କାଥା ।

ଓ- ଓଧ - ଓଧ ପାଣିରେ ଯା ଆସ କରିପାରେ ।

ବି- ଟଟାସ୍ - ଟଟାସ୍ ପାନିନେ ଯାବାର୍ ଆବାର୍ କରନ୍ ପାର୍‌ଥେ ।

କ- ମାର୍‌ନାମୂଷା - ଉତୁଲ୍ ମୁଷା ପାଏନ୍ ତି ଆସା ଯା ହୁଇଲିଆ ।

ଓ- ଓହ୍ଲାଇବା - ସାବଧାନରେ ସାଇକେଲରୁ ଓହ୍ଲାଇବା ଉଚିତ୍ ।

ବି- ଉତ୍‌ରୋ - ସାବ୍‌ଧାନ୍ ହେକେ ସାଇକେଲ୍ ଲେ ନେଉତର୍ ବା ଉଚିତ୍ ଏ ।

କ- ଉତୁର୍‌ବାର - ସାବ୍‌ଧାନ୍ ହତେ ସାଇକ୍ ନୁ ଉତୁର୍‌ବା କେ ହତ ।

| | | | |
|---|---|---|---|
| ଓ- | ଓଟ | - | ଓଟ ମରୁଭୂମିର ଜାହାଜ ଅଟେ । |
| କ- | | - | ଓଟ୍ କେ ମରୁଭୂମିର୍ ଜାହାଜ୍ ବୁଲ୍ୟା । |
| ବି- | ଉଟ୍ | - | ଉଁଟ୍ ମରୁଭୂମି କେ ଜହାଜ୍ ଏ । |
| କ- | | - | ଓଟ୍ କେ ମରୁଭୂମିର୍ ଜାହାଜ୍ ବୁଲ୍ୟା । |
| ଓ- | ଓସାରିଆ | - | ଗାଁ ଗହଳିରେ ଓସାରିଆ ରାସ୍ତା ନ ଥାଏ । |
| ବି- | ଚାକଲ୍ | - | ଗାଁ ଭୂଇଁନେ ଚାକଲ୍ ବାଟ୍ ନି ରେହେ । |
| କ- | ଉସାର | - | ଗାଁ ଗହଲି ନେ ଉସାର୍ ବାଟ ନାରେ । |
| ଓ- | ଓଷ୍ଠ | - | କଥା କହିବାରେ ଓଷ୍ଠ ସାହାଯ୍ୟ କରେ । |
| ବି- | ଉଠ୍ | - | ଗୋଏଟ୍ ଗୋଠିଆବା କେଁଠ୍ ସାହାଜ୍ କର୍‌ଥେ । |
| କ- | ଓଠ୍ | - | କାଥା କଅବାକେ ଚଏଣେ୍ ଦରକାର ହୁଇଲିଆ । |
| ଓ- | ଓଲଟାଇ | - | ଘୂର୍ଣ୍ଣିବାୟୁ ଘରର ଚାଳ ଓଲଟାଇ ଫିଙ୍ଗେ । |
| ବି- | ଉଲ୍‌ଟାଥେ | - | ଗରେଲ୍ ଧୁକା ଘର୍‌କେ ଚାଲ୍ ଉଲ୍‌ଟା କେ ଫିକ୍ ଦେଥେ । |
| କ- | ଉଲ୍‌ଟାତେ | - | ଚକର୍‌ପବନ୍ ଘେରର୍ ଚାଲ୍‌କେ ଉଲ୍‌ଟାତେ ଫିକ୍‌ଲିଆ । |
| ଓ- | ଓଡ଼ିଶୀ | - | ଓଡ଼ିଶୀ ନୃତ୍ୟ ବିଶ୍ୱ ଦରବାରରେ ଆଦର ପାଇଛି । |
| ବି- | ଉଡ଼ଶୀ | - | ଓଡ଼୍‌ଶୀ ନାଚ୍ ପୃଥୀକେ ଆସନ ନେ ମାନ୍ୟତା ପେଁହେ । |
| କ- | | - | ଓଡ଼ିଶାର୍ ନାଚ୍ ଗୀତ ପୃଥିବୀ ଭିତରେ ନା କମାଚେ । |
| ଓ- | ଓହଳି | - | ଯାନବାହନ୍‌ରେ ଓହଳି ଯାତ୍ରା କରିବା ବିପଦପୂର୍ଣ୍ଣ ଅଟେ । |
| ବି- | ଝୁଲ୍‌କେ | - | ଗାଡିମଟର୍ ନେ ଝୁଲ୍‌କେ ଯାତ୍ରା କର୍‌ବା ବିପଦ୍ ଏ । |
| କ- | ଝୁଲ୍‌ତେ | - | ଯାନ୍ ବାହାନ୍ ଟୀ ଝୁଲ୍‌ତେ୍ ଯିବାଟା ବିପଦ୍ ଆଚେ । |

'ଔ'

| | | | |
|---|---|---|---|
| ଓ- | ଔଷଧ | - | ଡାକ୍ତର ପରାମର୍ଶରେ ଔଷଧ ସେବନ ନିରାପଦ ଅଟେ । |
| ବି- | ଉଷୋ | - | ଡାକ୍ତର ଗୁଟରନେ ଉଷୋ ନେବା ବିପଦ୍ ନି ରେହେ । |
| କ- | ଓଶୋ | - | ଡାକଟ୍‌ର କେ ପାଚରା ତେ ଔଷୋ ଖାବାଟା ଏକା ଭଲ କଥା । |

ଓ- ଔଷଧ - ଔଷଧ କିଣିବା ପାଇଁ ଗରିବ ଲୋକଙ୍କ ଠାରେ ପଇସା ନଥାଏ ।

ବି- ଉଷୋ - ଉଷୋ ଘିନ୍‌ବା କାଜର ଗରିବ ମନସେ୍ ଠାନ୍ ପଇସା ନି ରେହେ ।

କ- ଓଶୋ - ଗରୀବ୍ ଲୋକ୍‌କେ ଓଷୋ କିନ୍‌ବାକେ ବି ପଏସା ନା ରେ ।

ଓ- କଜିଆ - ଶ୍ରେଣୀରେ କଜିଆ କର ନାହିଁ ।

ବି- ଝଗ୍‌ଡା - କିଲାସ୍ ନେ ଝଗଡା ନି କରୋ ।

କ- କଲି - ଶ୍ରେଣୀ ନେ ହୁରା ଟୁଟା ନାହୁଆ ।

'କ'

ଓ- କଳି - କଳିରୁ ଶାନ୍ତି ହଜିଯାଏ ।

ବି- ଝଗଡା - ଝଗଡାଲେ ଶାନ୍ତି ହଏଜ୍ ଯାଥେ ।

କ- କଲି - ହୁରାଟୁଟା ହତଲେ ଶାନ୍ତି ନା ମିଲେ ।

ଓ- କଥାଭାଷା - ଆମ କଥା ଭାଷା ସ୍ୱାଦ ଯୁକ୍ତ ହେବା ଉଚିତ୍ ।

ବି- ଗୋଏଟ୍‌ବାର୍ତ୍ତା - ହାମର ଗୋଏଟ୍‌ବାର୍ତ୍ତା ସୁଆଦ୍ ପନ ହେବା ଜରୁରୀ ।

କ- କାଥାଭାଷା - ଆମର୍ କାଥା ବାରତା ଅମୃତମେତା ନ୍ ହେବାର କାଥା ।

ଓ- କରୁଣ - ଦୁଃଖି ଲୋକର କରୁଣ କନ୍ଦନ ଈଶ୍ୱର ଶୁଣନ୍ତି ।

ବି- କରଲେଇ - ଦୁଃଖି ମନ୍‌ସେ କେ କରଲେଇ କାନ୍ଦି ଈଶ୍ୱର ସୁନ୍‌ଥେ ।

କ- - ଗରିବ୍ ମେନ୍‌କ ଦୁଃଖର୍ କାନ୍ଦନା ଭଗବାନ ସୁନ୍‌ତ୍ୟା ।

ଓ- କମ୍ପାଉଣ୍ଡର - ଡାକ୍ତରଖାନାରେ କମ୍ପାଉଣ୍ଡର ଔଷଧ ଦିଅନ୍ତି ।

ବି- କୁମ୍ପାଣ୍ଡର - ଅସ୍‌ପାତାଲ ନେ କୁମ୍ପାଣ୍ଡର ଉଷୋ ଦେଥେ ।

କ- - ଡାକ୍‌ଟର୍ ଖାନା ତି କମ୍ପାଣ୍ଡର ଓଷୋ ଦିଲିଆ ।

ଓ- କର୍ମଚାରୀ - କର୍ମଚାରୀ ନିଜ କର୍ତ୍ତବ୍ୟରେ ବିଶ୍ୱସ୍ତ ହେବା ଉଚିତ୍ ।

ବି- ଚାକ୍‌ରିହା - କରମ୍‌ଚାରୀ ନିଜେ କାମ୍‌ନେ ବିଶ୍ୱାସ୍ ହେବା କଥା ।

କ- ଚାକରିଆ - ନୋକୋର୍ ଲୋଗ ନିଜର୍ କାମ୍ ତି ବିଶ୍ୱାସ ରାଖ୍‌ବା କାଥା ।

ଓ- କରଇ - ମୁଁ ନିତି ସକାଳେ ପ୍ରାର୍ଥନା କରଇ ।

ବି- କର୍‌ଥେ - ମେ ସବ୍‌ଦିନ ସେଖାଲ୍ ଲେ ପ୍ରାର୍ଥନା କରଥଁ ।

କ- କେନା - ମୁଁଇ ସବୁ ସଂକାଳ ପାଏଲେ ପ୍ରାର୍ଥନା କେନା ।

ଓ- କଷଣ - କଷଣ ସହିବା ବୁଦ୍ଧିମାନର କାମ ଅଟେ ।

ବି- ଦୁଃଖ - ଦୁଃଖ୍ ସହବା ବୁଦ୍ଧିମାନ କେ କାମ ଏ ।

କ- ଦୁଃଖ୍ - କଷ୍ଟ ସହବାଟା ବୁଦ୍ଧ ଲୋକଟ୍ କଥା ।

ଓ- କର୍ଣ୍ଣ - କର୍ଣ୍ଣ ଦ୍ୱାରା ଶ୍ରବଣ ହୁଅଇ ।

ବି- କାନ୍ - କାନ୍ ଲେ ସୁନେଇ ହେଥେ ।

କ- କାନ୍ - କାନ୍‌ର ଲାଗି ସୁନି ହୁଇଲିଆ ।

ଓ- କଇଁଚି - କଇଁଚିରେ ବାଳ କଟାହୁଏ ।

ବି- କଇଁଚି - କଇଁଚି ନେ ବାଲ୍ କାଟଥେ ।

କ- - କଏଁଚି ତି ବାଲ କଟ୍‌ତିଆ ।

ଓ- କଇଁଛ - ଗହୀରମଥା କଇଁଛଙ୍କ ପ୍ରଜନନ କେନ୍ଦ୍ର ଅଟେ ।

ବି- କେଛୋ - ଗହୀର ମଥା କେଛୋମନ୍‌କେ ଜନ୍‌ମ୍‌ଠାନ ଏ ।

କ- - ଗହୀର ମାଥା କେଚ ମାନଙ୍କର ଜନମ ଠାନ ।

ଓ- କଣ୍ଟା - ଗୋଲାପ ଗଛରେ କଣ୍ଟା ଥାଏ ।

ବି- କାଁଟା - ଗୁଲାପ ଗଛେଁ କାଁଟା ରେଥେ ।

କ- କାଟା - ଗୋଲାପ ଗେଛେ କାଟା ଗିଇଲିଆ ।

ଓ- କଦଳୀ - କଦଳୀ ଏକ ସୁଆଦିଆ ଫଳ ଅଟେ ।

ବି- କଦେଲ୍ - କଦେଲ୍ ଗୋଟେକ୍ ମିଠା ଫଲ୍ ଏ ।

କ- କହେଲ୍ - କମ୍‌ଲା ଠାନୁନ୍ ଫଲ ରସ ତିଆରିକିତ୍ୟା ।

ଓ- କମଳା - କମଳାରୁ ଫଳ ରସ ପ୍ରସ୍ତୁତ କରାଯାଏ ।

ବି- ଟେଭା - ଟେଭାଲେ ଫଳ ରସ ତିଆରି ହେଥେ ।

କ- କାଚା - କାଚ୍ଁ କାଠ୍ ସହଜେ ନା ଜଲେ ।

ଓ- କଞ୍ଚା - କଞ୍ଚା କାଠ ସହଜରେ ଜଳେ ନାହିଁ ।

ବି- କାଁଚା - କାଚାଁ କାଠ୍ ସହଜ୍ ନେ ନି ।

କ- କାଚା - କାଚ୍ଁ କାଠ ସହଜେ ନା ଜଲେ ।

ଓ- କଲବଲ - ଭିକାରୀଟି କଲବଲ ହୋଇ ଅନାଇଛି ।

ବି- ତକ୍‌ଲିତ - ଭିକାରୀ ଗୋଟେକ୍ ଗୋଲ୍ ଗୋଲା ହେକେ ଦେଖଥେ ।

କ- - ଭିକାରୀ କେନ୍‌ତା କଲ୍‌ବଲ୍ ହତେ ଦେଖଚେ ।

ଓ- କପୋତି - କପୋତି ଚିତ୍ର ବିଚିତ୍ର ଅଣ୍ଡା ଦିଏ ।

ବି- ପଣ୍‌କୀ - ପଣ୍‌କି ରଙ୍ଗ୍ ବିରଙ୍ଗ୍ କେ ଗାର୍ ଦେଥେ ।

କ- - ପଗୁଆ ଚିତ୍ର ବିଚିତ୍ର ଗାର୍ ଦିଲିଆ ।

ଓ- କପୋତ - କପୋତ ଶାନ୍ତିର ପ୍ରତୀକ ଅଟେ ।

ବି- ପଣ୍‌କା - ପଣ୍‌କୀ ଶାନ୍ତିକେ ଚିନ୍‌ହା ଏ ।

କ- - ପଗୁଆ ଶାନ୍ତିର ଚିହ୍ନ ।

ଓ- କମ୍ପନ - ଘଣ୍ଟିକୁ ଆଘାତ କଲେ କମ୍ପନ ସୃଷ୍ଟି ହୁଏ ।

ବି- ପ୍ରତିଧ୍ୱନି - ଘଟିଁକେ ପିଟ୍ ଦେଲେଁ ଘଁଟି କେଠେଠା ଦେନେ, ଗରଜ୍ ଥେ ।

କ- - ଘଣ୍ଟିକେ ଆଘାତ କେଲେ ଘାବଧ୍ ହୁଲିଆ ।

ଓ- କମ୍ - କମ ବୃଷ୍ଟିପାତରେ ଭଲ ଫସଲ ହୁଏନାହିଁ ।

ବି- କମ୍ - କମ୍ ବର୍‌ସା ନେ ଆଛା ଫସଲ୍ ନି ହନ୍ ସକେ ।

କ- - ଅଲପ୍ ବର୍ଷା ହେଲେ ଭଲ୍ ଫସଲ୍ ନା ହୁଏ ।

ଓ- କମ୍ବଳ - କମ୍ବଳ ଘୋଡାଇ ହେଲେ ଶୀତରୁ ରକ୍ଷା ମିଳେ ।

ବି- ଢୋରା - କମ୍ବଲ୍ ଓଡ୍‌ଲେ ଶୀତଲେ ରକ୍ଷା ମିଲ୍‌ଥେ ।

କ- କମଲ୍ - କମଲ ଡାବି ହଲେ ଶୀତୁନ୍ ରକ୍ଷା ମିଲ୍‌ଲ୍ୟା ।

ଓ- କଣ୍ଢେଇ - ପ୍ଲାଷ୍ଟିକ୍ କଣ୍ଢେଇ ଭଙ୍ଗୁର ନୁହେଁ ।

ବି- ଖେଲ୍‌ନା, ପୁତଲା- ପ୍ଲାଷ୍ଟିକ ପୁତ୍‌ଲା ନି ଭାଙ୍ଗେ ।

କ- - ପ୍ଲାଷ୍ଟିକ୍ ଖେଳନା ନା ଭାଙ୍ଗେ ।

ଓ- କର - ଛୋଟ ବେଳୁ ଚରିତ୍ର ଗଠନ କର ।

ବି- କରଥେ - ଛୁଆ ବେଲ୍‌ଲେ ଆଚରନ୍ ତିଆରି କର୍‌ହି ।

କ- କେରା - ଗିଦେକ ବେଲୁନ ଚରିତ୍ର ଗଠନ୍ (ତିଆରି) କେରା ।

ଓ- କଢ - କଢ ଫୁଟି ଫୁଲ ହୁଏ ।

ବି- କହଣୋ - କହଣୋ ଫୁଏଟ୍‌କେ ଫୁଲ ହେଥେ ।

କ- ଢୁଣ୍ଡୁ - ଢୁଣ୍ଡୁ ଫୁଟତେ ଫୁଲ ହୁଲିଆ ।

ଓ- କଟିବା - ବହୁଦିନ ଅନୁପସ୍ଥିତ ରହିଲେ ନାମ କଟିବା ସମ୍ଭାବନା ଥାଏ ।

ବି- କଟ୍‌ଥେ - ଜବର୍‌ଦିନ୍ ହାଜିର୍ ନିହେଲେଁ ନାଁ କାଟ୍‌ବାକେ ଡର୍ ରେଥେ ।

କ- - ଖୋବଦିନ ହାଜିର୍ ନା ହେଲେ ନାଁ କେ କାଟଦେବାର୍ ସମ୍ଭାବନା ଗିଲିଆ ।

ଓ- କଳା - ଆମର ଗୋଟିଏ କଳା ଗାଈ ଅଛି ।

ବି- କଲିଆ - ହାମର୍ ଗୋଟେକ୍ କାଲିଆ ଗାଏ ଏହେ ।

କ- କାଲା - ଆମର ଗୋଟେକ କାଲା ଗାଏ ଆଚେ ।

ଓ- କବାଟ - ଲୋକେ ରାତିରେ କବାଟ ବନ୍ଦ କରି ଘରେ ଶୁଅନ୍ତି ।

ବି- ଟାଟି - ମନ୍‌ସେମନ୍ ରାତିନେ ଟାଟି ତାଏଁକ୍ କେ ସୁଥେ ।

କ- କାବାଟ୍ - ଲୋକମେନେ ରାତ୍‌ବେଗ୍ଲୁ କାବାଟ ବନ୍ଦ କେତେ ଶୁଇତିଆ ।

ଓ- କଟୁରୀ - କଟୁରୀରେ ଘାସ ବୁଦା ଇତ୍ୟାଦି ସଫା କରାଯାଏ ।

ବି- କର୍‌ରି - କର୍‌ରି ନେ ଲଟା ବୁଦା କିଛି କାହିଁ ସାପ୍ କରାଯାଥେ ।

କ- ଇଲା - ଇକାଥ୍ ଘାସ ଲୁଟା ମନକେ୍ ସାଫ୍ କିତିଆ ।

ଓ- କଲମ - କଲମ ଲେଖା ଗୁଡିକ ଦୀର୍ଘ ସ୍ଥାୟୀ ହୁଏ ।

ବି- କଲମ୍ - କଲମ ଲେଖା ଜବରଦିନ୍ ସ୍ଥାୟୀ ରେଥେ ।

କ- - କଲମ ଲେଖଲାଟା ସବୁ ଖୋବ୍ ଦିନ ରିଲିଆ ।

ଓ- କର - ପିତା ମାତାକଚ ସମାଦର କର ।

ବି- କରବା - ବୁଆ ମାଁ କେ ସମାଦର୍ କର୍‌ହି ।

କ- କେରା - ବୁଆମାଁକେ ସଅକି କେର୍ ।

ଓ- କହି - ଜେଜେମା ଗପ କହି ଆମକୁ ଶୁଆନ୍ତି ।

ବି- କଥେ - ବୋବି କଥାନୀ କଏକେ ହାମ୍‌କେ ଶୁନାଥେ ।

କ- କଅତେ - ବୁଢ଼ୀ ମା କାଥାନୀ କଅତେ ଆମକେ ଶୁଆଲିଆ ।

ଓ- କଢ଼ି - କଢ଼ିରୁ ଫୁଲ ଫୁଟେ ।

ବି- କହଣୋ - କହଣୋ ଲେ ଫୁଲ ଫୁଟ୍‌ଥେ ।

କ- ଢୁଣୁ - କଢ଼ିଠାନୁନ୍ ଫୁଲ୍ ଫୁଟ୍‌ଲିଆ ।

ଓ- କଥନ - କଥନ ଦ୍ୱାରା ଭାବ ପ୍ରକାଶ କରାଯାଏ ।

ବି- ଗୋଠିଆବା - ଗୋଠିଆବା ନେ କଥାଭାଷା ଜନା ଯାଥେ ।

କ- କାଥା - କାଥା କଲେ ସେ ଭାବ୍ ଆସ୍‌ଲିଆ ।

ଓ- କମ୍ପ - ଘଡଘଡି ଶବ୍ଦରେ ମେଦିନୀ କମ୍ପ ଉଠେ ।

ବି- କାଁପ - ଘଡ୍‌ଘଡ଼ି ଶବଦ୍ ନେ ଧରତୀ କାଁପ ଉଠ୍‌ଥେ ।

କ- - ଘଡ଼ଘଡ଼ି ଶବଦ୍‌କେ ପୃଥିବୀ କମ୍ପତେଯାଇଲିଆ ।

ଓ- କଣ୍ଠ - ମଧୁର କଣ୍ଠରେ ସଙ୍ଗୀତ ଗାନ କର ।

ବି- କଁଠ୍ - ମଧୁର ସୁର୍ ନେ ଗୀତ୍ ଗାଓ ।

କ- ସରେ - ବନେ୍ ସୁର୍‌ନେ ଗୀତ୍ ଗାନା କେରା ।

ଓ- କଡରେ - ରାସ୍ତ କଡରେ ମଳ ତ୍ୟାଗ ଅନୁଚିତ୍ ।

ବି- ଡଁରେ - ବାଁଟ୍ ଡରେ ହାଗ୍‌ବାର୍ ଉଚିତ୍ ନି ହେଁ ।

କ- ଡାରାକେ - ବାଟ ଡାରାତି ହାଗି ନା ବସ୍‌ବାର୍ କାଥା ।

ଓ- କଳିକଜିଆ - ମୂର୍ଖ ଲୋକେ କଳିକଜିଆ କରିଥାନ୍ତି ।

ବି- ଗାଲିଝଗର୍ - ମୁରୁଖ ମନ୍‌ସେ ଗାଲିଝଗର୍ କରଥେ ।

କ- ଗଏଁଲ୍ ଝଗଡ଼ା - ମୁରଖ୍ ଲୋକ ଗୁଏଲ୍ ଝଗଡ କିର୍‌ତି ।

ଓ- କଲରା - କଲରା ଏକ ହିତକାରୀ ଖାଦ୍ୟ ଅଟେ ।

ବି- କରଲା - କରଲା ଗୋଟେକ୍ ଖାଏବ ଏ ।

କ- କାର୍ଲା - କାର୍ଲା ଗଟେକ୍‌ହିତ୍‌କାରୀ ଖାଏଦ୍ ।

ଓ- କପଡା - ଶୀତ ଦିନେ ଗରମ କପଡା ଆବଶ୍ୟକ ।

ବି- ଉଢ଼ନା - ଶୀତଦିନେ ଗରମ୍ ଛିଡା ଦରକାର ।

କ- କାପଡ଼ା - ଶୀତ୍‌ଦିନେ ଗରମ୍ କାପଡ଼ା ଦରକାର ହୁଲିଆ ।

ଓ- କମିବା - ଶରୀରରେ ଜଳ ଅଂଶ କମିବା ଅନୁଚିତ୍ ।

ବି- କମଜାବା - ଦିହିଁନେ ପାନିଭାଗ୍ କମ୍‌ବା ଉଚିତ୍ ନିସେ ।

କ- କମ୍‌ବା - ଗାଗରଅ ଜଲ୍ ଭାଗ୍ ନା କମ୍‌ବାର କାଥା ।

ଓ- କାବା - ସର୍କସରେ ହାତୀ ଦେଖି ପିଲାଟି କାବା ହୋଇଗଲା ।

ବି- ଭକୁଆ - ସର୍କସ୍‌ନେ ହାତୀ ଦେଖ୍‌କେ ଛୁଆଗୋଟେକ୍ ଭକୁଆଁ ହେ ଜ୍ୟାସ୍ ।

କ- ଭକୁଆ - ସର୍କସନେ ହାତୀ ଦେଖ୍‌ତେ ପିଲା କାବା ହତେ ଗଲ ।

କ- କମ୍‌ବା - ଗାଗର୍‌ଅ ଜଲ୍ ଭାଗ୍ ନା କମ୍‌ବାର କାଥା ।

ଓ- କାବା - ସର୍କସରେ ହାତୀ ଦେଖି ପିଲାଟି କାବା ହୋଇଗଲା ।

ବି- ଭକୁଆ - ସର୍କସ୍‌ନେ ହାତୀ ଦେଖ୍‌କେ ଛୁଆଗୋଟେକ୍ ଭକୁଆଁ ହେ ଜ୍ୟାସ୍ ।

କ- ଭକୁଆ - ସର୍କସନେ ହାତୀ ଦେଖିତେ ପିଲା କାବା ହତେ ଗଲ ।

ଓ- କାଳକାଳ - ଦେଶ ପାଇଁ ପ୍ରାଣବଳି କାଳ କାଳ ସ୍ମରଣୀୟ ହୋଇ ରହେ ।

ବି- ଯୁଗ୍‌ଯୁଗ୍ - ଦେଶକାଜର ଜୀବନ ଦବା ଯୁଗ୍‌ଯୁଗ୍ ଅଭୁଲା ହେକେ ରେଥେ ।

କ- - ଦେଶ୍‌ଲାଗି ଯେନ୍ ଜୀବନ୍ ଦିଲିଆ ତା'ର ନାଁ ସବୁଦିନ୍ ରିଲିଆ ।

ଓ- କାଉ - କାଉ କାକା ବୋଲି ରଡି ଛାଡେ ।

ବି- କୁଁଆ - କୁଆଁ କାଁ କାଁ କର୍ କେ ରାଂଗିଆଥେ ।

କ- କୁଆ - କୁଆ କା'କା କେତେ ଡାକ ଛାଡ୍‌ଲ୍ୟା ।

ଓ- କାଳ - ଆଜିକାଲିର କାଳ ଅତ୍ୟନ୍ତ ମନ୍ଦ ଅଟେ ।

ବି- ଯୁଗ୍ - ଆଏଜ୍ କାଏଲ୍ ଯୁଗ୍ ଜବର୍ ଖରାପ୍ ଏ ।

କ- - ଆଜ୍‌କାଲ୍‌ର ଦିନ୍‌ଖୋବ୍ ଖାରାପ୍ ଚ୍ୟଲଛେ ।

ଓ- ଖରା - ଗ୍ରୀଷ୍ମ ଋତୁରେ ଟାଣ ଖରା ହୁଏ ।

ବି- ଖରା - ଖରା ଋତୁନେ ଟାନ୍ ଖରା ହେଥେ ।

କ- ଖାରା - ଖାରା ମାସେ ଟନ୍ ଖାରା ହୁଲ୍ୟା ।

ଓ- କାରଣ - ରବି ଏ ବର୍ଷ ଫେଲ୍ ହେଲା କାରଣ ସେ ମନଦେଇ ପଢ଼ିନଥିଲା ।

ବି- ମତ୍‌ଲବ - ରବି ଇସାଁଲେ ଫେଲ୍ ହେ ଜ୍ୟାସ୍ ମତଲବ ଓ ମନ ଦେକେ ନି ପଢେ ରେଇ ।

କ- - ରବି ଏସୁ ଫେଲ୍ ହଲ କାଥା ହଲପେ ସେ ମନ ଦେତେ ନା ପଢ଼ତେଲ ।

ଓ- କଳାହାଣ୍ଡିଆ - କଳାହାଣ୍ଡିଆ ମେଘ ଦେଖି ମୟୂର ଖୁସି ହୁଏ ।

ବି- କଳିଆମେଘ୍ - କଳିଆ ବାଦଲ୍ ଦେଖ୍‌କେ ମଁଜୁର ଖୁସ୍ ହେଥେ ।

କ- - କଲାହାଣିଆ ବାଦୁଲ୍ ଦେଖତେ୍ ମଞ୍ଜୁର ଖୁସି ହୁଲ୍ୟା ।

ଓ- କାଠହଣା - କାଠ ହଣା ଚଢ଼େଇ କାଠ ଭିତର ପୋକ ଖୋଲି ଖାଏ ।

ବି- ସୁରଗୁନା - ସୁରଗୁନା ଚେରେ ଗଛ ଭିତର୍ କେ କିରା ଖୋଏଲ୍ ଖାଥେ ।

କ- ସୁରଗୁନା - ସୁରଗୁନା ଚେରେ କାଠ୍ ଭିତରର୍ କିଗ୍ ଖୋଲତେ୍ ଖାଇଲ୍ୟା ।

ଓ- କାମନା - ପିତାମାତା ପୁତ୍ର କନ୍ୟା ମାନଙ୍କ ମଙ୍ଗଳକାମନା କରନ୍ତି ।

ବି- ଚନ୍‌ତା - ବୁଆ ମା ବେଟାବେଟୀ ମନ୍‌କେ ମଙ୍ଗଲ୍ ଚିନ୍‌ତା କରଥେ ।

କ- ମଙ୍ଗଲ - ବୁଆ ମାଆ ପିଲା ଟୁକିଲ୍ ମେନ୍‌କର୍ ବନେ ବିଚାର୍ କିତିଆ ।

ଓ- କାର୍ଯ୍ୟ - କୃଷି କାର୍ଯ୍ୟକରି ,ରମା ପରିବାର ଚଳାଏ ।

ବି- ବୁତା - ଚ୍ୟଷବାସ୍ ବୁତା କର୍‌କେ ରମା କୁଟୁମ୍ ଚଲାଥେ ।

କ- କାର୍ଯ୍ୟ - ଚ୍ୟଷ୍ କାମ୍ କେତେ ରମା ତାର୍ କୁଟୁମ୍‌କେଚ୍ୟଲାଲ୍ୟା ।

ଓ- କାନ୍ଧ - କାଠୁରିଆ କାନ୍ଧରେ କାଠ ବୋହି ନିଏ ।

ବି- ଖାନ୍ଦେ - ଗଛକାଟୁ ଖାନ୍ଦେ ଗଛ୍ ବୋହେ କେ ଲେଥେ ।

କ- ଖନ୍ଦେ - କାଠ୍‌ରିଆ ଖନ୍ଦେ କାଠ୍ ବଅତେ ନିଲ୍ୟା ।

ଓ- କାଠ - ସାଗୁଆନ ଏକ ଶକ୍ତ ଅଥଚ ହାଲୁକା କାଠ ।

ବି- ଲଖ୍‌ଡି - ସାଗୁନ୍ ଗୋଟେକ୍ ବରକସ୍ ଲେକିନ୍ ଉସାସ୍ ଗଛ ଏ ।

କ- - ସାଗୁନଗେଛ୍ ଗୋଟେ ଯେତ୍‌କି ଟାନ ସେତ୍‌କି ଉସାସ୍ ।

ଓ- କାହିଁକି - ଭୂମିକମ୍ପ କାହିଁକି ହୁଏ ତାର କାରଣ ଜାଣକି ?

ବି- କେଁ କାଜର - ଭୂମିକମ୍ପ କେଁ କାଜର୍ ହେଥେ ଉଟାର୍ କାରନ୍ ଜାନେ ହେତ୍ କେଁ ?

କ- କାଁ କଜେ - ଭୂମିକମ୍ପ କାଁ କାଯେ ହୁଲ୍ୟା ତାର କାରଣ ଜାନ୍‌ଲାଚେସ କେଁ ।

ଓ- କାମୁଡିବା - କୁକୁର କାମୁଡିବା ବିପଦ ପୂର୍ଣ୍ଣ ଅଟେ ।

ବି- ଚବ୍‌ବା - କୁକୁର ଚବ୍‌ବା ବିପଦ୍ ପୂର୍ଣ୍ଣ ଏ ।

କ- ଚବ୍‌ବାଟା - କୁକୁର ଚାବ୍‌ବାରଟା ଗୋଟେ ବିପଦର କାଥା ।

ଓ- କାଣ୍ଡ - ଗଛର କାଣ୍ଡରୁ ଶାଖା ବାହାରେ ।

ବି- ଡାହି - ଗଛ୍‌କେ ଡାହିଲେ ଖେନା ବାହାର୍‌ଥେ ।

କ- - ଗେଛର୍ ବୁନ୍ଧୁନୁ ଖାନି ବାହାରଲ୍ୟା ।

ଓ- କାଇଁଚ - କାଇଁଚ ମାଲି ଭାରି ସୁନ୍ଦର ଦିଶେ ।

ବି- କାଁଚି - କାଚିଁ ମାଲି ଜବର୍ ସୁନ୍ଦର ଦିଖ୍‌ଥେ ।

କ- - ପଥିଁଲା ମାଲି ଖୋବ୍ ସୁନ୍ଦର୍ ଦିଶ୍‌ଲ୍ୟା ।

ଓ- କାନ - କାନରେ ଆମେ ଶୁଣିପାରୁ ।

ବି- କାନ୍ - କାନ୍‌ନେ ହାମେ ଶୁନନ୍ ସକ୍‌ଥିଁ ।

କ- - କାନ୍‌ଥି ଆମେ ଶୁଣି ପାର୍‌ନୁଆ ।

ଓ- କାଛୁକୁଣ୍ଡିଆ - ଅପରିଷ୍କାର ରହିଲେ କାଛୁକୁଣ୍ଡିଆ ରୋଗ ହୁଏ ।

ବି- ଖସୁଖୁଜ୍‌ରି - ସାପ୍‌ସୁତୁର ନି ରେନେ ଖସୁଖୁଜ୍‌ରି ହେଥେ ।

କ- - ବଢ଼ାହଲେ ଘା' ଦା' (ଖୁଜ୍‌ରି ଖାଜ୍‌ଲି) ରୋଗ ହୁଲ୍ୟା ।

ଓ- କାଳ୍ପନିକ - କାରଗିଲ ଯୁଦ୍ଧ ଏକ କାଳ୍ପନିକ କାହାଣୀ ନୁହେଁ ।

ବି- ମନ୍‌ଗଢ଼ା - କାରଗିଲ ଯୁଦ୍ଧ ଗୋଟେକ୍ ମନ୍‌ଗଢ଼ା କଥାନି ନି ସେ ।

କ- ମନଗଢ଼ା - କାର୍‌ଗିଲ୍ ଯୁଦ୍ଧକେ୍ ଗୋଟେ ମନଗଢ଼ା କାଥାନୀ ବଲେ ନା ହୁଏ ।

ଓ- କାରିଗର - କାରିଗର ମାନେ ସୂକ୍ଷ୍ମ କାରୁକାର୍ଯ୍ୟ କରନ୍ତି ।

ବି- ମିସ୍ତ୍ରୀ - ମିସ୍ତ୍ରୀମନ୍ ବାରିକ୍ କାମ୍‌ବୁତା କରଥେଁ ।

କ- ମିସ୍ତ୍ରୀ - ମିସ୍ତ୍ରୀମେନେ ଅତି ସୁରୁକାମ୍ କିତିଆ ।

| | | | |
|---|---|---|---|
| ଓ- | କାଙ୍କଡ଼ | - | ମାଙ୍କଡ଼ କାଙ୍କଡ଼ ଖାଆନ୍ତି । |
| ବି- | କକ୍‌ଡୋ | - | ବେନ୍ଦେରା କକ୍‌ଡୋ ଖାଥେ । |
| କ- | କର୍କୋଟ୍ | - | ମାକଡ୍ କୋର୍କୋଟ୍ ଖାଇଲ୍ୟା । |
| ଓ- | କାଠଗୋଲି | - | କାଠଗୋଲି ହାଲୁକା ଲାଗେ । |
| ବି- | ଗଛଗୁଟି | - | ଗଛଗୁଟି ଉସାସ୍ ଲାଗ୍‌ଥେ । |
| କ- | କାଠଗୁଲି | - | କାଠର୍ ଗୁଲି ଉସାସ ଲାଗ୍‌ଲ୍ୟା । |
| ଓ- | କାକୁଡି | - | ଖରାଦିନେ କାକୁଡି ଖାଇବା ଭଲ । |
| ବି- | ଖୀରା | - | ଖରାଦିନେ ଖୀରା ଖାବା ବନେ ଏ । |
| କ- | କାକେର୍ | - | ଖାରାର୍ ଦିନେ କାକେର୍ ଖାବାର୍‌ଟା ବନେ । |
| ଓ- | କାମ | - | ରୋଗୀ ସେବା କରିବା ଏକ ମହତ କାମ । |
| ବି- | ବୁତା | - | ଦୁଖିଆ କେ ସେବା କର୍‌ବା ଗୋଟେକ୍ ବନେ ବୁତା ଏ । |
| କ- | | - | ରୁଗୀ ଲୋକ୍‌କେ ସେବା କେର୍‌ବାଟା ଗୋଟେକ୍ ମହତ କାମ୍ । |
| ଓ- | କାଠିକୁଟା | - | ବର୍ଷା ଜଳରେ କାଠିକୁଟା ଭାସିଯାଏ । |
| ବି- | ଝାଟିକୁଟି | - | ବରଷା ପାନିନେ ଝାଟିକୁଟି ଓହଲ୍ ଯାଥେ । |
| କ- | | - | ପରବାର୍‌ପାନଥି କୁଟିକାଟି ଭାସ୍‌ତେ ଯାଇଲ୍ୟା । |
| ଓ- | କାତି | - | ପରିବା କାଟିବା ପାଇଁ କାତିଟିଏ ଆବଶ୍ୟକ । |
| ବି- | ଛୁରୀ,କଟୁରୀ | - | ତୁନ୍‌ଶାଗ୍ କାଟ୍‌ବା କାଜର୍ ଛୁରୀ ଗୋଟେକ୍ ଜରୁରୀ ଏ । |
| କ- | ଚକୁ | - | ଶାଗ୍‌ଡାଲ କାଟ୍‌ବାକେ ପନ୍‌କି ଗୋଟେ ଦରକାର୍ ପୁଡ଼ଲ୍ୟା । |
| ଓ- | କାଖ | - | ବୁଢ଼ାଟି ଛତା କାଖରେ ଜାକି ଯାଉଛି । |
| ବି- | ଖାଁଖେ | - | ବୁଢ଼ା ଗୋଟେକ ଛାତା ଖାଁଖେ ଚେଯାକେ ଯାଆଥେ । |
| କ- | ଖାକେ | - | ବୁଢ଼ା ଗୋଟେ ଛାତାକେ ଖାକେ ଜେକାତେ୍ ଯା'ଛେ । |

ଓ- କାନଫୁଲ - ଝିଅମାନେ ସୁନାର କାନଫୁଲ ପିନ୍ଧନ୍ତି ।

ବି- କାନ୍‌ଫୁଲ - ଟୁକେଲ୍ ମନ୍ ସୁନାକେ କାନଫୁଲ ପିନ୍ଧ୍‌ଥେ ।

କ- - ଟୁକିଲ୍‌ମନେ ସନାର୍ କାନଫୁଲ ପିନ୍ଧ୍‌ତିଆ ।

ଓ- କାହାଣୀ - ଜେଜେମା ମୋତେ କାହାଣୀ କହି ସୁଆଇ ଦିଅନ୍ତି ।

ବି- କଥାନୀ - ବୋବି ମଗେଁ କଥାନୀ କୋଏକେ ସୁଆଥେ ।

କ- କୁଁଉନି - ଆଇ ମାଁ ମକେ କୁନି କ'ତେ ଶୁଆ ଦିଲ୍ୟା ।

ଓ- କାଗଜ - କାଗଜରେ ବହି ତିଆର ହୁଏ ।

ବି- କାଗତ୍ - କାଗତ୍‌ନେ ବହି ତିଆରି ହେଥେ ।

କ- - କାଗଜନେ ବହି ତିଆର୍ ହୁଲ୍ୟା ।

ଓ- କାର୍ଡ - କାର୍ଡରେ ଚିଠି ଲେଖି ପଠାଯାଏ ।

ବି- କାରଡ୍ - କାରଡ୍ ନେ ଚିଠି ଲେଖିକେ ପଠାଥେ ।

କ- - ଡାକ୍ କାଗଜ୍‌ତି ଚିଠି ଲେଖ୍‌ତେ ପାଠା ଯାଇଲ୍ୟା ।

ଓ- କାନକୁ - ମନ୍ଦ ଭାଷା କାନକୁ ଭଲ ଶୁଭେ ନାହିଁ ।

ବି- କାନ୍‌ନେ - ଖରାପ୍ ଗୋଏଟ୍ କାନକେ ବନେ ନି ଲାଗେ ।

କ- କାନ୍‌କେ - ଖାରାପ୍ କାଥା କାନ୍‌କେ ବନେ ନା ଲାଗେ ।

ଓ- କାମୁଡି - କୁକୁର ହାଡଟିଏ କାମୁଡି ଧାଇଁଗଲା ।

ବି- ଚ୍ୟାବ୍‌କେ - କୁକୁର୍ ହାଡ୍ ଗୋଟେକ୍‌କେ ଚାବ୍‌କେ କୁଦତ୍ ଭାଗେସ୍ ।

'ଚ'

କ- ଚାବ୍‌ତେ - କୁକୁର ହାଡ୍‌ଖଣେକ୍ ଚବ୍‌ତେ ଧାଁତେ ଗଲ ।

ଓ- କାଦୁଅ - ରାସ୍ତାଟି କାଦୁଅ ହୋଇଛି ।

ବି- କାଦୋ - ବାଟ୍ ଟା କାଦୋ ହେ ହେ ।

କ- କାଦୋ - ବାଟ କାଦୋ ହଲାଛେ ।

ଓ- କାନ୍ଦୁଲ - ଆଦିବାସୀ ମାନେ ଜଙ୍ଗଲ କାଟି କାନ୍ଦୁଲ ଚାଷ କରନ୍ତି ।

| | | | |
|---|---|---|---|
| ବି- | କାନ୍ଦୁଲ୍ | - | ଆଦିବାସୀ ମନ୍ ଝାର କାଟ୍‌କେ କାନ୍ଦୁଲ ଚ଼ଷ କରଥେ । |
| କ- | ଖମନ୍ | - | ଆଦିବାସୀ ମେନେ୍ ଖମନ୍ କାଟତେ କାନ୍ଦୁଲ ଚ଼ଷ କିର୍‌ତ୍ୟା । |
| ଓ- | କାଢିବା | - | କୂଅରୁ ପାଣି କାଢିବା ପାଇଁ ଅରଟ ଲାଗିଥାଏ । |
| ବି- | କାଢବା | - | ଚୁଆଁନେ ପାନି କାଢ୍‌ବା କାଜର୍ ଘଡ୍ ଘଡି ଲାଗେରେଥେ । |
| କ- | ବାହାର୍ | - | ଚୁଆଁନୁ ପାନି ବାହାର୍ ଜେଦାକେ ଘୁଡଘୁଡି କାଗ୍‌ତେ ଗିଲିଆ । |
| ଓ- | କାମରେ | - | ଚିରା କନା ବେଳେ ବେଳେ କାମରେ ଲାଗେ । |
| ବି- | ବୁଢ଼ାନେ | - | ଫଟା ଲେଖରୀ ସମିୟା ସମିୟା ନେ କାମେ ଲାଗ୍‌ଥେ । |
| କ- | | - | ଫାଟଲା କାପଡ଼ା କେଭେକେଭେ କାମ୍‌ତି ଲାଗ୍‌ଲ୍ୟା । |
| ଓ- | କିକି | - | ନନ୍ଦନ କାନନରେ କି କି ପ୍ରାଣୀ ରହିଛନ୍ତି । |
| ବି- | କେକେ | - | ନନ୍ଦନ କାନନ୍‌ନେ କେ କେ ଜୀବ ଏହେ । |
| କ- | କାଏଁକାଏଁ | - | ନନ୍ଦନକାନନରେ କାଏଁ କାଏଁ ଚେରେ ରହିତିଆ । |
| ଓ- | କିଚିରିମିଚିରି | - | ନୀଡ ଭିତରେ ପକ୍ଷୀ ଛୁଆ କିଚିରିମିଚିରି ହୁଅନ୍ତି । |
ଓ- ଜଡ଼ିତ - ଅଧ୍ୟୟନ ସହିତ ଜଣେ ଦେଶ ସେବାରେ ଜଡ଼ିତ ଥାଏ ।

ବି- ସାମିଲ - ପଢତ୍ ପଢତ୍ ଦେଶକେ ସେବାନେ ଝନେକ୍ ସାମିଲ ରଥେ ।

କ- ମିଶି - ପଡା ପୁଡି ସଙ୍ଗେ ଦେଶସେବାନେ ମିଶ୍‌ତେ ଥାଆ ।

ଓ- ଜହ୍ନି - ଜହ୍ନିଫୁଲ ରଙ୍ଗ ହଳଦିଆ ।

ବି- ତରେଇ - ତରେଇ କେ ଫୁଲ୍ ହଲ୍‌ଦିଆ ।

କ- ଜନି - ଜନି ଫୁଲର ରଙ୍ଗ ହଳଦିଆ ।

ଓ- ଜୟ - କାରଗିଲ ଯୁଦ୍ଧରେ ଭାରତ ଜୟ ଲାଭ କଲା ।

ବି- ଜିତ୍ - କାରଗିଲ୍ ଯୁଦ୍ଧ ଭାରତ୍ ଜିତେସ୍ ।

କ- ଜିତ୍ - କାରଗିଲ ଯୁଦ୍ଧନେ ଭାରତ ଜିତ୍‌ଲା ।

ଓ- ଜୟନ୍ତି - ନେତାଜୀଙ୍କ ଜୟନ୍ତି ବିଦ୍ୟାଳୟରେ ପାଳନ କରାଯାଏ ।

ବି- ଜନମ୍‌ଦିନ୍ - ନେତାଜୀ କେ ଜନମ୍‌ଦିନ୍ ଇସ୍‌କୁଲ୍‌ନେ ମନା ଯଥେ ।

କ- ଜନମ୍‌ଦିନ - ନେତାଜୀର ଜନମଦିନ୍ ଇସ୍କୁଲନେ ପାଳନ୍ କେରାଯାଏ ।

ଓ- ଜଣକା - ଜଣକା ହଳେ ଲେଖାଏ ପୋଷାକ ଦିଆଗଲା ।

ବି- ଝନେ - ଝନେକ୍ କେ ଏକ ଯୋଡା ଛିଡ଼ା ପଟା ଦିଆଯାଏସ୍ ।

କ- ଗଟେକ - ଗଟେକ କେ ହଳେକ ପୁଷାକ୍ ଦେତେରେଲେ ।

ଓ- ଜଣ - ଏକ ଜଣ ବ୍ୟକ୍ତି ବଞ୍ଚିବା କଷ୍ଟ ଅଟେ ।

ବି- ଝନେ - ଝନେକ୍ ମୁନୁଷ୍ ଜିଁ ବାର୍‌ଟା ଭାରି ଦୁଃଖ ଏ ।

କ- ଗଟେ - ଗଟେ ଲୋକ ବଞ୍ଚିବାର୍ କଷ୍ଟ / ମସ୍କୁଲ ।

ଓ- ଜମା - ଗାଁରେ ଜଣେ ମୃତ ହେଲେ ଲୋକ ଜମା ହୁଅନ୍ତି ।

ବି- ଗଦା - ଗାଁନେ ଝନେକ୍ ମର୍ ଜନେ ମନ୍‌ଷେ ମନ୍ ଗଦା ହେ ଯଥେ ।

କ- ଠୁଲ - ଗାଁନେ ଗଟେକ ଲୋକ ମଲେ ଠୁଲ ହୁତିଆନ୍ ।

ଓ- ଜ୍ୱର - ମେଲେରିଆ ଏକ ଘାତକ ଜ୍ୱର ଅଟେ ।

ବି- ଜର - ମେଲେରିଆ ଗୋଟେକ୍ ବଡ୍ ଭାରି ଜରଏ ।

କ- ଜର - ମେଲେରିଆ ଗଟେ ଘାତକ୍ ଜର୍ ।

ଓ- ଜ୍ୱଳନ୍ତ - ଆଦର୍ଶ ଛାତ୍ର ଅନ୍ୟର ଜ୍ୱଳନ୍ତ ଉଦାହରଣ ହୁଅନ୍ତି ।

ବି- - ଅଏନ୍ ଛୁଆ ଦୁସ୍‌ରାକେ ଜ୍ୱଳନ୍ତ୍ ଉଦାହରନ୍ ବନ୍‌ଥେ ।

କ- ଜଳନ୍ତ୍ - ଭଲ ପିଲା ଅଲଗାର୍ ଜଳନ୍ତା ଉଦାହରଣ ହୁତିଆନ୍ ।

ଓ- ଜକେଇ - ମୋ ସାଙ୍ଗର ଦୁଃଖ ଦେଖି ମୋ ଆଖି ଜକେଇ ଗଲା ।

ବି- ମୁଞ୍ଜା - ମୋର୍ ସଙ୍ଗୀ କେ ଦୁଖ୍ ଦେଖ୍ କେ ମୋର ଆଁଖି ମୁଞ୍ଜା ଯାଏସ୍ ।

କ- ସୁକ୍‌ସୁକେଇ - ମର ସଙ୍ଗର ଦୁଖ ଦେଖ୍‌ତେ ମର୍ ଆଏକ ସୁକ୍‌ସୁକାତେ ଗଲ ।

ଓ- ଜାତି - ଜାତିପ୍ରଥା ଏକ ସାମାଜିକ କଳଙ୍କ ଅଟେ ।

ବି- ଜାଏତ୍ - ଜାଏତ୍ କେ ପର୍‌ଥା ଟା ଗୋଟେକ୍ ସମାଜ୍ କେ କଲଙ୍ଗ୍ ଏ ।

କ- ଜାଏତ - ଜାଏତ ପ୍ରଥା ଗୁଟେକ ସାମାଜିକ୍ କଳଙ୍କ୍ ।

| | | | |
|---|---|---|---|
| ଓ- | ଜାଗରଣ | - | ଦେଶରେ ଦୁର୍ନୀତି ବିରୁଦ୍ଧରେ ଜାଗରଣ ସୃଷ୍ଟି ହୋଇଛି । |
| ବି- | ଜାଗରଣ | - | ଦେଶ୍‌ନେ ଅନ୍ୟାୟକେ ପକ୍ଷୀଆ କେ ଜାଗରଣ୍ ତିଆର୍ ହଏହେ । |
| କ- | ଜାଗରଣ | - | ଦେଶନେ ଦୁର୍ନିତୀକାଯେ ଜାଗରଣ ସୃଷ୍ଟି ହଲାଚେ । |
| ଓ- | ଜାତୀୟ | - | ଖଣି ଗୁଡ଼ିକ ଜାତୀୟ ସମ୍ପତ୍ତି, ଲୁଟ କରିବା ଅନ୍ୟାୟ । |
| ବି- | ଦେଶକେ | - | ଖଦାନ୍ ମନ୍ ଦେଶ୍‌କେ ସମ୍ପଦ୍ ଏ, ଲୁଟ୍ ବାର୍ ଟା ଅନ୍ୟାୟ୍ ଏ । |
| କ- | ଜାତିର | - | ଖଣି ମନେ ଜାତିର୍ ସଂପତି ଚରାକାର୍ ନିଅତେ । |
| ଓ- | ଜାମା | - | ସ୍କୁଲ ସମୟରେ ମାଁ ମୋତେ ଜାମା ପିନ୍ଧନ୍ତି । |
| ବି- | ପେଁଟ୍‌ବଗ୍‌ଲି | - | ଇସ୍‌କୁଲ୍ ସମିୟା ହେନେ ଆୟା ମଖେ ଫେଟ୍ ଦଗ୍‌ଲି ପିନ୍ଧା ଦେଥେ । |
| କ- | ପୁଷାକ | - | ଇସକୁଲ୍ ବେଲ୍‌ହଲେ ମାଁ ମକେ ପୁଷାକ ପିନ୍ଧାଲିଆ । |
| ଓ- | ଜାମୁ | - | ଜାମୁ କୋଳି ଖାଇବାକୁ ମିଠା ଲାଗେ । |
| ବି- | ଜାମ୍ | - | ଜାମ୍ ଫଲ୍ ଖବାକେ ଭାରି ସୁଆଦ୍ ଲାଗ୍‌ଥେ । |
| କ- | ଘୁଲିଜାମ | - | ଘୁଲିଜାମ୍ ଖାକାକେ ବନେ ଲାଗ୍‌ଲିଆ । |
| ଓ- | ଜାଲ୍ | - | କେଉଟମାନେ ଜାଲରେ ମାଛ ଧରନ୍ତି । |
| ବି- | ଜାଲ୍ | - | କେଉଁଟାମନ୍ ଜାଲ୍‌ନେ ଝୋରି ଧର୍‌ଥେ । |
| କ- | ଜାଲ | - | କେଉଟମନେ ଜାଲନେ ମାଚ ଧ୍ରତିଆନ୍ । |
| ଓ- | ଜାଣିଲୁ | - | ରେଡ଼ିଓରୁ ଆମେ ପାଣି ପାଗ ଖବର ଜାଣିଲୁ । |
| ବି- | ଜାନେ | - | ରେଡ୍ଡୁ ନେ ହାମେ ପାନି ବର୍‌ଷା କେ କଥା ଜାନେ । |
| କ- | ଜାନଲୁ | - | ରେଡିଓ ଠାନୁନ୍ ଆମେ ପାଏନ୍ ପାଗର୍ ଖବେର୍ ଜାନଲୁ । |
| ଓ- | ଜାଣିବା | - | ଦେଶରେ ଘଟୁଥିବା ଘଟଣା ଜାଣିବା ଆବଶ୍ୟକ । |
| ବି- | ଜାନେକ୍ | - | ଦେଶ୍ ନେ ଘଟତ୍‌ରମା ଘଟ୍‌ନା ମନ୍‌କେ ଜାନେବାର୍ କଥା । |
| କ- | ଜାନ୍‌ବା | - | ଦେଶନେ ଘଟ୍‌ଥେବା ଘଟନା ଜାନ୍‌ବାର କଥା । |

ଓ- ଜିତିବା - ବିନା ଅଭ୍ୟାସରେ ଖେଳରେ ଜିତିବା କଷ୍ଟ ।

ବି- ଜିତ୍‌ବା - ବିନା ଅଭ୍ୟାସ୍ ନେ ଖେଲ୍‌ନେ ଜିତ୍‌ବା ଟା କଡ଼ାଏ ।

କ- ଜିତ୍‌ବା - ବିନା ଅଭ୍ୟାସନେ ଖେଲନେ ଜିତ୍‌ବାରଟା ମୁସ୍କୁଲ ।

ଓ- ଜିନିଷ - ଘରେ ନିଆଁ ଲାଗିଲେ ଅନେକ ଜିନିଷ ପୋଡ଼ିଯାଏ ।

ବି- ଜିନିଷପତର - ଘର୍ କୁରିଆ ନେ ଜୁଏଲଗ୍‌ଜନେ ଜିନିଷ୍ ପତର୍ ପୋଏଡ଼୍ ଯଥେ ।

କ- ଜିନିଷ୍ - ଘେରେ ଜୁଏ ଲାଗଲେ ଖୋବ ଜିନିଷ ପୁଡତେ ଯାଲଆ ।

ଓ- ଜିରାଫ୍ - ଜିରାଫ ଏକ ତୃଣଭୋଜି ପ୍ରାଣୀ ।

ବି- ଜିରାଫ୍ - ଜିରାଫ୍ ଗୋଟେକ୍ ଲଟା ଖିଆ ଯଏତ୍ ଏ ।

କ- ଜିରାଫ୍ - ଜିରାପ୍ ଗଟେ ପତର୍ ଖିଆ ଜୀବ ।

ଓ- ଜିଲ୍ଲାଜର୍ଜ - ପ୍ରତି ଜିଲ୍ଲାରେ ଜଣେ ଜିଲ୍ଲାଜର୍ଜ ଥାନ୍ତି ।

ବି- ଜିଲାନିଆଏଦାର୍- ସବୋଜିଲାନେ ଗୋଟେକ୍ ଜିଲାନିଆଏଦାର୍ ରେଥେ ।

କ- ଜିଲାଜଜ - ସବୁ ଜିଲ୍ଲାନେ ଗଟେକ ଜିଲାଜଜ୍ ଥିତିଆନ ।

ଓ- ଜୀବ - ଜୀବ ହତ୍ୟା ମହାପାପ ।

ବି- ଯଏଁତ୍ - ଯଏଁତ୍ ମାର୍‌ବାର୍ ଟା ବଡ଼୍ ପାପ୍ ଏ ।

କ- ଜୀବ - ଜୀବ୍ ମାରବାଟା ବଡ଼ା ପାପ୍ ।

ଓ- ଜୀବନ୍ତ - ବଣପୋଡ଼ି ବେଳେ ଅନେକ ପ୍ରାଣୀ ଜୀବନ୍ତ ଦଗ୍‌ଧ ହୁଅନ୍ତି ।

ବି- ଜୀଅଁତ୍ - ଜଙ୍ଗଲ୍ ପୋଡବା ସମିୟାନେ ଜବର୍ ଯଏଁତ୍ ଜୀଅଁତ୍ ପୋଏଡ଼୍ ଯଥେ ।

କ- ଜୀବନ୍ତ - ବନ୍ ପଡଲାବେଲ୍‌କେ ଖୋବ ଜୀବ୍‌ଜନ୍ତୁ ପୁଡତିଆନ ।

ଓ- ଜୀବନ - ଚିକିତ୍ସା ଅଭାବରେ ଅନେକଙ୍କ ଜୀବନ ଚାଲିଯାଏ ।

ବି- ଜୀବନ୍ - ଜତନ୍‌କେ ଅଭାବ୍ ନେ ବନେଚ୍ ଲୋଗ୍ କେ ଜୀବନ୍ ଭାଏଗ୍ ଯଥେ ।

କ- ଜୀବନ - ଚିକିତ୍ସା ଅଭାବନେ ଢୋବ ଜୀବନ୍ ଯାଇଲିଆ ।

ଓ- ଜିବନଯାପନ - ନର୍ସ ସ୍ୱାସ୍ଥ୍ୟ ସେବା ଦେଇ ଜୀବନ ଯାପନ କରନ୍ତି ।

ବି- ଜୀଅଁତ୍‌ଖାଏତ୍ - ଧାଇଁ ଯତନ୍ ପାତନ୍ କେର୍ କେ ଜୀଅଁତ୍ ଖାଏତ୍ ରେଥେ ।

କ- ଜୀବନଯାପନ - ନସହାରି ସ୍ୱାସ୍ଥ୍ୟ ସେବା କେତେ ଜୀବନଯାପନ କିରତିଆନ୍ ।

ଓ- ଜୀବିକା - ଲୁଗାବୁଣା ତନ୍ତୀର ଜୀବିକା ଅଟେ ।

ବି- ପେଟପୋଷା - ଛିଡ଼ା ପଟା ବନାବାର୍‌ଟା ଭୁଲିଆ ମନ୍‌କେ ପେଟପୋଷା ଏ ।

କ- ଜୀବ୍‌କା - ଧୁତିବୁଣା ତନ୍ତିର୍ ଜୀବ୍‌କା ଅଟେ ।

ଓ- ଜୁହାର - ଗୁରୁଜନ ମାନଙ୍କୁ ଆମ୍ଭେ ଜୁହାର କରୁ ।

ବି- ଜୁହାର୍ - ଗୁରୁ ମନ୍ କେ ହାମେ ଜୁହାର୍ କରଥୁଁ ।

କ- ଜୁହାର - ବଡ଼ ଲୋକମନ୍‌କେ ଆମେ ଜୁହାର କିଲୁଆ ।

ଓ- ଜୁତୁବୁତୁ - ମୁଣ୍ଡ ଫାଟିଯିବାରୁ ସେ ରକ୍ତ ଜୁତୁବୁତୁ ହୋଇ ପଡ଼ିଛି ।

ବି- ଲଟ୍ ପଟିଆଏ - ମୁଡ୍ ଫାଏଟ୍ ଯବାନେ ଉ ଲହୁ ନେ ଲର୍‌ବଟା କେ ପଡ଼େ ହେ ।

କ- ଜୁତୁବୁତୁ - ମୁଡ୍ ଫାଟଲାକେ ସେ ରକତନେ ଲୁଟପୁରତେ ପଡ଼ ତେଲ ।

ଓ- ଜେଜେ - ଆମ ଜେଜେ ଚଷମା ପିନ୍ଧି ବହି ପଢ଼ନ୍ତି ।

ବି- ଦାଦୀ - ହାମର୍ ଦାଦୀନେ ଚଷ୍‌ମା ଲଗାକେ ବହି ପଢ୍‌ଥେ ।

କ- ଦାନି - ଆମ ଦାଦି ଚଷମା ପିନ୍ଧତେ ବହି ପୁଡଲିଆ ।

ଓ- ଜେବ୍ରାକ୍ରସିଂ - ଜେବ୍ରାକ୍ରସିଂ ରେ ଲୋକେ ଚାଲି ଚାଲି ପାର ହୁଅନ୍ତି ।

ବି- ଜେବ୍ରାକ୍ରସିଂ - ଜେବ୍ରାକ୍ରସିଂ ନେ ଲୋଗ୍ ମନ୍ ରେଙ୍ଗ୍ ରେଙ୍ଗ୍ କେ ନାହାକ୍ ଥେ ।

କ- ଜେବ୍ରାକ୍ରସିଂ - ଜେବ୍ରାକ୍ରସିଂ ନେ ମନ୍‌ଷେମନ୍ ଚଲତେଚଲତେ ପାରହୁତିଆ ।

ଓ- ଜୋରରେ - ହେଲ୍‌ମେଟ ପିନ୍ଧି ନ ଥିଲେ ମୁଣ୍ଡରେ ଜୋରରେ ଆଘାତ ହୁଏ ।

ବି- ଜୋର୍‌ସେ - ହେଲ୍‌ମେଟ୍ ନି ପିନ୍ଧେ ରେନେ ମୁଡ୍ ନେ ଜୋର୍‌ସେ ଆଘାତ୍ ହଥେ ।

କ- ଜୋରସୋର - ରାସ୍ତାକାମ ଜୋରସୋରନେ ଚଲତେ ।

ଓ- ଜୋରସୋର - ରାସ୍ତାକାମ ଜୋରସୋରରେ ଚାଲିଛି ।

ବି- ଜୋର୍‌ଦାର୍ - ସଡ଼କ୍ ବୁତାକାମ୍ ଜୋର୍ ଦାର୍ ଚଲଥେ ।

କ- ଜୋରସୋର - ରାସ୍ତାକାମ ଜୋରସୋରନେ ଗ୍ଲଲଚେ ।

ଓ- ଜ୍ୟେଷ୍ଠ - ଜ୍ୟେଷ୍ଠ ଭ୍ରାତାଙ୍କୁ ଆମ୍ଭେ ପିତୃତୁଲ୍ୟ ସମ୍ମାନ ଦେଉ ।

ବି- ବଡ଼ଖା - ବଡ଼ଖା ଦଦାକେ ହାମେ ବୁଆ ବାଗିର୍ ମାନ୍‌ଥୁଁ ।

କ- ବଡ଼ - ବଡ଼ ଦଦାକେ ଆମେ କୁଆ ପରା ମାନ୍‌ନୁଆ ।

ଓ- ଜ୍ୟୋତ୍ସ୍ନା - ଚାନ୍ଦର ଜ୍ୟୋତ୍ସ୍ନା ଅନ୍ଧକାର ଦୂର କରେ ।

ବି- ଉଁକିଆ - ଜନକ୍ ଉଁକିଆନେ ଅନ୍ଧାର୍‌କେ ଭଗାଦେଥେ ।

କ- ଉକିଆଁ - ଜନର ଉକିଆ ଅନ୍ଧାରକେ ଘୁଚ୍ଲିଆ ।

ଓ- ଜ୍ୟୋତିର୍ବିଦ - ପଠାଣି ସାମନ୍ତ ଜଣେ ବିଖ୍ୟାତ ଜ୍ୟୋତିର୍ବିଦ୍ ଥିଲେ ।

ବି- ଜ୍ୟୋତିର୍ବିଦ୍ - ପଠାଣି ସାମନ୍ତ ନେ ଝନେକ୍ ରୋଁଟ୍ ଜ୍ୟୋତିର୍ବିଦ ରେହେସ୍ ।

କ- ଜ୍ୟୋତିର୍ବିଦ - ପଠାଣି ସାମନ୍ତ ଗଟେକ ବଡ଼ ଜ୍ୟୋତିର୍ବିଦ ଥେଲ ।

'ଝ'

ଓ- ଝଡ଼ - ଗତ ଝଡ଼ ବର୍ଷାରେ ବରଗଛଟି ଉପୁଡ଼ି ଗଲା ।

ବି- ଚାରୌଁଧୁକା - ଯାଏସ୍ ଗର୍ରାପାନି ବରଗଛ୍ ଉଣ୍ଡୋଲ୍ ଯାଏସ୍ ।

କ- ଗରାଲ୍ - ଗଲା ଗରାଲ୍ ବର୍ଷାନେ ବର୍ଡିଗେଚ୍ ତୁଲଲ ।

ଓ- ଝଡ଼ୁଛି - ଟିକିଏ ପବନ ହେଲେ ପାଚିଲା ଆମ୍ବ ଝଡ଼ୁଛି ।

ବି- ଝଏର୍ - ଟିକେ ଧୋକାନେ ଅମା ଝଏର୍ କେ ପଏଡ଼୍ ଯାଆଥେ ।

କ- ପଡ଼ଚେ - ଖଣେକ ଥୁକାକଲେ ପାଚଲା ଆମ ପଡ଼ଚେ ।

ଓ- ଝଡ଼ିବର୍ଷା - ଝଡ଼ିବର୍ଷା ଅନେକ ଦିନ ଯାଏ ଲାଗି ରହେ ।

ବି- ଝକୈଁର୍ - ପାନି ଝକୈଁର୍ ଜବର୍ ଦିନ୍ ଲାଗେ ରଥେ ।

କ- ଝେରବର୍ଷା - ଝେର ବର୍ଷା / ପାଏନ ଖୋକଦିନ ଲାଗତେଲିଆ ପାଏନ ।

ଓ- ଝଗଡ଼ା - ବେଳେବେଳେ ପିଲାଏ ପରସ୍ପର ଝଗଡ଼ା ଲାଗନ୍ତି ।

ବି- - ଛନେକ୍ ଘଡେକ୍ ଛୁଆମନ୍ ନିଜର୍ ଭିଲ୍‌ନେ ଝଗ୍‌ରୋ ଲାଗ୍‌ଥେ ।

ଓ- ଝରଣା - ଝରଣାଟିଏ କୁଳୁକୁଳୁ ହୋଇ ବୋହି ଯାଉଛି ।

ବି- ଝରନ୍ - ଝରନ୍ ଟା ଖୁଲ୍‌ଖୁଲ୍ ହେକେ ବୋହାଏ ଯାଥେ ।

କ- ଝରନ୍ - ଝରନ ଗୁଟେ କୁଲକୁଲ ହତେ ବୁଅଚେ ।

ଓ- ଝରଝର - ପର୍ବତରେ ବର୍ଷା ଝରଝର ହେଉଛି ।

ବି- ଖୁଲ୍‌ଖୁଲ୍ - ଡ଼ଙ୍ଗର୍ ନେ ପାନି ଖୁଲ୍‌ଖୁଲ୍ ହଥେ ।

କ- ଝରଝର - ଡଙ୍ଗରଲେ ବର୍ଷା / ପାଏନ ଝରଝର ଶବଦ୍ ହଅଚେ ।

ଓ- ଝରକା - ରାତିରେ ଝରକା ବନ୍ଦ କରି ରଖ ।

ବି- ଖିଡକି - ରାତିନେ ଖିଡକି ଢ଼େଁପ୍ କେ ରାଖ ।

କ- ଝରକା - ରାତିନେ ଝରକା ବନ୍ଦ କେରା ।

ଓ- ଝଲକ - ଇନ୍ଦ୍ରଧନୁର ଝଲକ ଅତ୍ୟନ୍ତ ମନଲୋଭା ।

ବି- ଝିଲ୍‌ମିଲ୍ - ଇନ୍ଦର୍ ଧନୁକେ ଝିଲ୍‌ମିଲାବାର୍‌ଟା ବନେ ଲୋଭ୍ ଲୋଭାନିଆ ଏ ।

କ- ଝଲକ - ଇନ୍ଦ୍ରଧନୁର୍ ଝଲକ ଖୋବ ସୁନ୍ଦର ।

ଓ- ଝଲମଲ - ପାଣିରେ ସୂର୍ଯ୍ୟକିରଣ ଝଲ୍‌ମଲ୍ ହୋଇ ଦିଶୁଛି ।

ବି- ଝକ୍‌ମକ୍ - ପାନି ଭିତର୍ ନେ ବେଲ୍ ଉଜିଆ ଝକ୍‌ଝକ୍ ଦିଶଥେ ।

କ- ଝଲମଲ - ପାଏନନେ ବେଲର ତରାସ ଝଲମଲ ଦିଶଚେ ।

ଓ- ଝାଉଁଳିବା - ସଂନ୍ଧ୍ୟା ହେଲେ ଚାଖୁଣ୍ଡା ପତ୍ର ଝାଉଁଳିବା ଆରମ୍ଭ କରେ ।

ବି- ଓଲମ୍ବା - ଅନ୍ଧାର୍ ହେଲେ ଚାଖୁଣ୍ଡା ଗଛ୍ କେ ପତର୍ ଓଲମବା କେ ସୁରୁ କରଥେ ।

କ- ଟାବିହୁଲିଆ - ବେଲବୁଡ଼ାକେ ଚକୁଣା ପତର ଟାବି ହୁଲିଆ ।

ଓ- ଝାଳ - ଦେହ ଭିତରର ମଇଳା ଝାଳ ଆକାରରେ ବାହାରେ ।

ବି- ପେସ୍‌ନା - ହେହେଁ ଭିତର୍‌କେ ଅସ୍‌କଟ୍ ପେସେନା୍ ନେ ନିଥେର୍ ଯଥେ ।

କ- ଝାଲ - ଗାଗରର ମଏଲଝାଲ ହତେ ବାହାରଲିଆ ।

ଓ- ଝାଡୁ - ଝାଡୁରେ ଅଳିଆ ସଫା କରାଯାଏ ।

ବି- ବାଢ଼ନି - ବାଢ଼ନି ନେ କେଚ୍‌ରାକୁଟା ଚତ୍‌ରାଏ ଯଥେ ।

କ- ବାଡୁନ୍ - ବାଡୁନନେ ମଏଲା ସାପା କେରାହତ ।

ଓ- ଝାମ୍ପି - ଛଞ୍ଚାଣ ଅନ୍ୟ ପକ୍ଷୀଙ୍କୁ ଝାମ୍ପି ନିଏ ।

ବି- ଝପଟ୍ - ବାଜ୍ ନେ ଦୁସ୍‌ରା ଚେରେ କେ ଝପଟ୍ କେ ଲେଥେ ।

କ- ଗାପତେ - ଗିଦନ୍ ଅଲଗା ଚେଡ଼େକେ ଗାପତେ ନିଲିଆ ।

ଓ- ଝିଟିପିଟି - ଝିଟିପିଟି କାନ୍ଥରେ ଥାଇ ପୋକ ଖାଏ ।

ବି- ଘିରଲିଖା - ଘିରଲିଖା କାଁଥି ନେ ରେହେକେ କିରା ଖଥେ ।

କ- ଝିଟିପିଟି - ଝିଟିପିଟି କାତନେ ଥେତେ କିରା ଖାଲିଆ ।

ଓ- ଝିମ୍‌ଝିମ୍ - ମୁଣ୍ଡରେ ଆଘାତ ଲାଗିଲେ ଦେହ ଝିମ୍‌ଝିମ୍ ହୁଏ ।

ବି- ଝିମ୍‌ଝିମା - ମୁଡ୍ ନେ ଆଘାତ୍ ହନେ ଦେହେଟା ଝିମ୍ ଝିମା ଜଥେ ।

କ- ଟୁନ୍‌ଟୁନି - ମୁଡ୍‌ନେ ଆଘାତ ହଲେ ଗାଗର ଟୁନଟୁନ ହୁଲିଆ ।

ଓ- ଝୁଲିଝୁଲି - ପ୍ରଜାପତି ଫୁଲ୍ ଗୁଡ଼ିକରେ ଝୁଲିଝୁଲି ରସ ପାନ କରେ ।

ବି- ଝୁଲଇଲ୍‌ଝୁଲଇଲ୍ - ପରଜା ପତି ଫୁଲ୍ ମନ୍‌କେ ଝୁଲଇଲ୍ ଝୁଲଇଲ୍ କେରସ୍ ପିଥେ ।

କ- ଝୁଲିଝୁଲି - କୋକୋପାନା ଫୁଲମନ୍‌କେ ଝୁଲିଝୁଲି ରସ ପିଲିଆ ।

ଓ- ଝୁଲାଇ - ପ୍ରିୟ ଲୋକଙ୍କ ଫଟୋ ଘରେ ଝୁଲାଇ ରଖାଯାଏ ।

ବି- ଟେଙ୍ଗ୍‌କେ - ନିଜେକେ ଲୋଗ୍ ମନ୍‌କେ ଫଟୋ କେ ଘରେଁ ନେ ଟେଙ୍ଗ୍ କେ ରଖାଯଥେ ।

କ- ଝାଙ୍ଗତେଭଲାତେ- ନିଜର ଲୋକମନକର ଫଟୁକେ ଘେରେ ଟାଙ୍ଗତେ ଗାକଡିଆନ୍ ଭଲାତେ ।

ଓ- ଝୁଡ଼ି - ଶ୍ରମିକମାନେ ଝୁଡ଼ିରେ ମାଟି ବୋହି ନିଅନ୍ତି ।

ବି- ଡ଼ଲା - ଭୁତିଆର୍ ମନ୍ ଡ଼ଲାନେ ମାଟି ବୋଏକେ ଲେଥେ ।

କ- ଛେଟନା - କାମ କିରୁମ୍‌ନେ ଛେଟନାନେ ମାଟ ବହତେ ନିତିଆନ୍ ।

'ଟ'

ଓ- ଟଙ୍କା - ଟଙ୍କା ପଇସା ଦେଇ ଆମେ ଜିନିଷ କିଣୁ ।

ବି- ରୁପିଆ ପଇସା - ରୁପିଆ ପଇସ୍ ଦେକେ ହାମେ ଜିନିଷ୍ ଘିନ୍ ଥଁ ।

କ- ଟଙ୍ଗା - ଟଙ୍ଗା ପଏସା ଦେତେ ଆମେ ଜିନିଷ୍ ଘିନ୍‌ନୁଆ ।

ଓ- ଟଙ୍କିଆ - ଆଜିକାଲି ଏକ ଟଙ୍କିଆ ନୋଟ ଦେଖାଯାଉ ନାହିଁ ।

ବି- ଏକରୁପିଆ - ଆଏଜ୍ କାଏଲ୍ ଏକ ଟଙ୍କିଆ ଲୋଟ୍ ଦେଖ୍ ବା କଜେଙ୍ଗ୍ ନି ମିଲତ୍ ।

କ- ଟଙ୍କିଆ - ଆଜକାଲ ଏକ ଟଙ୍ଗିଆ ଲୋଟ ନା ଦିଶ୍‌ବାର ।

ଓ- ଟାଙ୍ଗି - ଅଲଗୁଣାରେ ସାର୍ଟ ଟାଙ୍ଗି ଦେଇଛି ।

ବି- ଟେଙ୍ଗ୍ - ଆଡ଼ା ନେ ଦଗ୍‌ଲି ଟେଙ୍ଗ୍ ଦେହେଁ ।

କ- ଭଲାତେ - ମୁଇ ଭଲଗୁନାନେ ଅଙ୍ଗାକେ ଭଲାତେ ରଖନା ।

ଓ- ଟାଙ୍ଗରା - ଆମ ଅଜାଙ୍କ ମୁଣ୍ଡ ଟାଙ୍ଗରା ହୋଇଛି ।

ବି- ଠାଠୁ - ହାମର୍ ଦାଦୀ କେ ମୁଡ଼୍ ଠାଠୁ ହେ ଜାଏ ହେ ।

କ- ନାଡ଼ୋ - ଆମ ଦାଦିର ମୁଡ଼ ନାଡ଼ୋ ହଲାଚେ ।

ଓ- ଟିକସ - ଲୋକମାନେ ସରକାରଙ୍କୁ ଟିକସ ଦିଅନ୍ତି ।

ବି- ଟିକସ୍ - ମନ୍‌ଷେମନ୍ ସର୍‌କାର୍‌କେ ଟିକସ୍ ଦେଥେ ।

କ- ଟିକସ - ଲୋକମନେ ସରକାରକେ ଟିକସ ଦିତିଆନ୍ ।

ଓ- ଟିକି - ଟିକି ପିଲାଟି ଗୁରୁଣ୍ଡୁଛି ।

ବି- ନାନ୍‌କୁନ୍ - ନାନ୍‌କୁନ୍ ଛୁଆଟା ଉଁଣ୍ଡଲତ୍ ଥେ ।

କ- ସାନ - ସାନ କେଡ଼ା ଲତାଲଚେ ।

ଓ- ଟିକିଲି - ମହିଳାମାନେ ମୁହଁରେ ଟିକିଲି ଛାପି ରଖନ୍ତି ।

ବି- ଟିକ୍‌ଲି - ଡ଼ୋକି ପିଲାମନ୍ ମୁହୁଁନେ ଟିକ୍‌ଲି ଛାପ୍ କେ ରାଖ୍‌ଥେ ।

କ- ଟିକିଲି - ମାଁ ଭନ ମନେ ମୁହେଁ ଟିକିଲ ଛାପି ହଲାଚେତ୍ ।

ଓ- ଟ୍ରିଗାର - ଟ୍ରିଗାର ଟାଣିଲେ ବନ୍ଧୁକ ଫୁଟେ ।

ବି- ଘୋଡ଼ା - ଘୋଡ଼ା ଚିପ୍‌ଦେନେ ବନ୍ଧୁକ୍ ଫୁଟ୍ ଥେ ।

କ- ଟ୍ରାଇଗର - ଘୋଡା ଚିପ୍‌ଦଲେ ନଲି ଫୁଟ୍‌ଲିଆ ।

ଓ- ଟୋକନ୍ - ଟୋକନ ଦେଇ ଷ୍ଟାଣ୍ଡରେ ସାଇକେଲ ରଖାଯାଏ ।

ବି- ଟୋକନ - ଟୋକନ୍ କେ ଦେକେ ଷ୍ଟାଣ୍ଡ୍ ନେ ସାଇକଲ୍ ରଖାଯଥେ ।

କ- ଟୋକନ - ଟୋକନ୍ ଦେତେ ଷ୍ଟାନତି ସାଇକଲ୍ ରାଖତେ ଯାଲିଆ ।

ଓ- ଟୋକେଇ - କୃଷକ ଟୋକେଇରେ ପରିବା ବୋହି ହାଟକୁ ନିଏ ।

ବି- ଛେଟ୍‌ନି - କିଷାନ୍ ମନ୍ ଛେଟ୍ ନି ନେ ଶାଗ୍ ଭାଜି ବୋଏକେ ହାଟ୍ କେ ଲେଥେ ।

କ- କୁର୍ଲା - ଚଷୀମନେ ଟୁପ୍‌ଲି ସାଗ୍‌ଡାଲ୍ ବଅତେ ହାଟକେ ନିତିଆନ୍ ।

ଓ- ଟୋପୀ - ଖରାଦିନେ ଟୋପୀ ପିନ୍ଧି ପଦାକୁ ବାହାରନ୍ତୁ ।

ବି- ଟୁପି - ଘାମ୍‌ଦିନ୍ ନେ ଟୁପି ପିନ୍ଧ୍‌କେ ଭଁଟା କେ ବାହାରିହି ।

କ- ଟୁପି - ଖାରାଦିନେ ଟୁପି ପିନ୍ଦତେ ବାହାରକେ ବାହାର୍ ହୁଆ ।

'ଠ'

ଓ- ଠାକୁର - ମନ୍ଦିରରେ ଠାକୁର ପୂଜା ପାଆନ୍ତି ।

ବି- ଦେବ୍‌ତା - ଗୁଡ଼ି ନେ ଦେବ୍‌ତା ପୂଜା ପାଥେ ।

କ- ଦେବତା - ଗୁଡିନେ ଦେପତା ପୂଜା ପାଆତିଆନ୍ ।

ଓ- ଠାକୁରାଣୀ - ଅନେକ ମନ୍ଦିରରେ ଠାକୁରାଣୀ ପୂଜା ପାଆନ୍ତି ।

ବି- ଦେବୀ - ଅନେକ୍ ଗୁଡିନେ ଦେବୀ ପୂଜା ପାଥେ ।

କ- ଡୁକରି - ଖୋବଗୁର୍ଦ୍ଧୀ ଗୁଡିନେ ଡକରୀ ପୂଜା ପାଆତିଆନ୍ ।

ଓ- ଠାବ - ପୋଲିସ ଚୋରକୁ ଠାବ କରିପାରିଲେ ।

ବି- ପଣ - ପୁଲୁସ୍ ଚୋର୍ କେ ପତା କର୍ ପକେସ୍ ।

କ- ଶିଲାଲେ - ପୁଲୁସ ଚ୍ଚେରକେ ମିଲାଲେ ।

ଓ- ଠିକ୍ - ରବି ଯାହା କହିଛନ୍ତି ତାହା ଠିକ୍ ଅଟେ ।

ବି- ଠିକ୍ - ରବି ଯେଣାକେହେହେ, ଉଟା ଠିକ୍ ଏହେ ।

କ- ଠିକ୍ - ରବି ଯେନଟା କଲାଚେ ସେଟା ଠିଇକ୍ / ବନେ ।

ଓ- ଠିକଣା - ବାପାଙ୍କର ଠିକଣା ଆମ ପାଖରେ ରହିଛି ।

ବି- ପତା - ବୁଆକେ ପତା ହାମର୍ ଲଗ୍ ଏହେ ।

କ- ଠିକନା - ବୁଆର ଠିକ୍ନା ଆମର ପାସେ ଆଚେ ।

ଓ- ଠିକ୍‌ଠିକ୍ - ରୋଗ ବିଷୟରେ ଡ଼ାକ୍ତରଙ୍କୁ ଠିକ୍ ଠିକ୍ କହ ।

ବି- ସାଫ୍‌ସାଫ୍ - ବେମାର୍ କେ ବାରେନେ ଡ଼ାକ୍ତର୍ ଲଗ୍ ସାଫ୍ ସାଫ୍ କହ ।

କ- ଠିକ୍‌ଠିକ୍ - ରୋଗର୍ / ବେମାର୍ ବାବ୍‌ଦନେ ଡକ୍ତରକେ ଠିକ୍‌ଠିକ୍ କୁଆ ।

ଓ- ଠୁଳ - ବିଦେଶୀ ପକ୍ଷୀ ଶୀତ ଦିନେ ଚିଲିକାରେ ଠୁଳ ହୁଅନ୍ତି ।

ବି- ସେଁକଲାଥେ - ବିଦେଶ୍ କେ ଚିରେଇ ଜାଡ୍ କେ ଦିନ୍‌ନେ ଚିଲ୍‌କାନେ ସେଁକ୍ ଲାଥେ ।

କ- ଠୁଲ - ପରଦେଶୀ ଚେଡ଼େ ଶୀତଦିନେ ଚିଲିକାନେ ଠୁଲ ହୁତିଆନ୍ ।

ଓ- ଠେକୁଆ - ଠେକୁଆ ଆଖି ମେଲି ଶୋଇଥାଏ ।

ବି- ଲମ୍ବା - ଲମ୍ବା ଆଏଁଖ୍ ମେଲା କର୍‌କେ ଶୋଏ ରଥେ ।

କ- ଖାଡ଼ା - ଖାଡ଼ା ଢେଲ ଢେଲ କେତେ ଶତେଲିଆ ।

ଓ- ଠେଲାପେଲା - କିରାସିନି ପାଇଁ ଲୋକେ ଠେଲାପେଲା ହୁଅନ୍ତି ।

ବି- ଠେଲ୍‌ଗାପେଲ୍‌ଘା- ମାଟିତେଲ୍ କଜେଙ୍ଗ୍ ଲୋଗ୍‌ମାନ୍ ଠେଲଗା ପେଲ୍‌ଘା ହଥେ ।

କ- ହେବଲାହୁବଲି - ଗନ୍ଦରିତେଲ କାଯେ ଲୋକମନେ ଘୁଚାପେଲା ହୁତିଆନ୍ ।

ଓ- ଠୋଠୋ - ମତେ ଦେଖି ରବି ଠୋଠୋ ହସିଲା ।

ବି- ଖିଲ୍‌ଖିଲାକେ - ମଖେଁ ଦେଖିକେ ରବି ଖିଲ୍ ଖିଲାକେ ହସିସ୍ ।

କ- ଖିଲଖିଲ - ମକେ ଦେଖିତେ ରବି ଖିଲ୍‌ଖିଲ୍ ହତେ ହସଲ ।

'ଡ଼'

ଓ- ଡ଼ଉଲଡ଼ାଉଲ - ପିଲାଟି ଡ଼ଉଲଡ଼ାଉଲ ଦେଖାଯାଉଛି ।

ବି- ଅଇନ୍‌ମଜା - ଛୁଆଟା ଆଇନ୍ ମଜା ଦେଖାଯଥେ ।

କ- ଚିକନଚକନ୍ - କେଡ଼ା ଗୁଟେ ଚିକନ୍ ଚକନ୍ ଦିଶଚେ ।

ଓ- ଡ଼ର - ବାଘ ଦେଖିଲେ ମତେ ଡ଼ର ଲାଗିବ ।

ବି- ଡ଼ର୍ - ବାଘ୍‌କେ ଦେଖନେ ମଖେଁ ଡ଼ର୍ ଲାଗି ।

କ- ଡେର - ବାଗକେ ଦେଖିତେ ମକେ ଡେ଼ର୍ ଲାଗଲିଆ ।

ଓ- ଡ଼ରିବା - ଦୁଷ୍ଟ ମାନଙ୍କୁ ଡ଼ରିବା ଅନୁଚିତ ।

ବି- ଡ଼ରବା - ବଦମାସ୍ ମନ୍‌କେ ନି ଡ଼ରାହି ।

କ- ଡେରବା - ଖାରାପ୍ ଲୋକମାନ୍‌କେ ନା ଡେର୍‌ବାର କାତା ।

ଓ- ଡ଼ବା - କ୍ଷୀର ଡ଼ବାରେ ରଖି ରପ୍ତାନି କରାଯାଏ ।

ବି- ଡ଼ବା - ଗୋରସ୍ ଡ଼ବାନେ ଥୋଏ କେ ପଠାଯଥେ ।

କ- ଡ଼ାବା - ଗୁରସକେ ଡ଼ାବାନେ ରାଖତେ ପାଟା ଜାଲିଆ ।

ଓ- ଡ଼ଜନ - କଦଳୀ ଡ଼ଜନ କୋଡ଼ିଏ ଟଙ୍କା ।

ବି- ଦର୍‌ଜନ୍ - କେରା ଦର୍‌ଜନ୍ ବିସ୍ ରୁପିଆ ।

କ- ଡଜନ - କଦେଲ ଡଜନ କୁଡ଼େ ଟଙ୍ଗା ।

ଓ- ଡ଼ଙ୍ଗା - ଡ଼ଙ୍ଗାରେ ନଈ ପାର କରାଯାଏ ।

ବି- ଡ଼ଙ୍ଗା - ଡ଼ଙ୍ଗାନେ ନଦି କେ ନାହାକା ଯଥେ ।

କ- ଡ଼ାଇସ - ଡଙ୍ଗାଥି ନଏଦ୍ ପାର୍ କିତୀଆ

ଓ- ଡ଼ାଇସ - ଲୁଡୁ ଖେଳ ପାଇଁ ଡ଼ାଇସ ଆବଶ୍ୟକ ।

ବି- ଠୁବି - ଲୁଡୁ ଖେଲ୍‌ବା କଜେ, ଠୁବି ଦର୍‌କାର୍ ଏ ।

କ- ଡ଼ାଇସ - ଲୁଡୁ ଖେଳବାର କାଜେ ତୁବି ଦର୍‌କାର୍ ହୁଲିଆ ।

ଓ- ଡ଼ାକିବା - ମୁଁ ଭାଇକୁ ଡ଼ାକିବା ପାଇଁ ଗଲି ।

ବି- ଡ଼ାକ୍‌ବାର୍ - ମେଁ ଭାଇକେ ଡ଼ାକ୍‌ବାର୍ କଜେବାଂ ଯାଏଁ ।

କ- ଡ଼ାକିବା - ମୁଇ ଭାଏକେ ଡ଼ାକବାକେ / ଡ଼ାକବାର ଲାଗି ଗୁଲି ।

ଓ- ଡ଼ାକ୍ତରଖାନା - ଡ଼ାକ୍ତରଖାନାରେ ରୋଗୀ ଚିକିତ୍ସା କରାଯାଏ ।

ବି- ଡ଼ାକ୍ତରଖାନା - ଡ଼ାକ୍ତରଖନା ନେ ବେମ୍‌ରିହା କେ ଯତ୍‌ନା ଯାଥେ ।

କ- ରସପାତାଲ - ରସ୍ ପାତାଲନେ ରୋଗୀ ମନକେ ଚିକିତ୍ସା କେରା ଗୁଲିଆ ।

ଓ- ଡ଼ାକ୍ତର - ଡ଼ାକ୍ତର ସମାଜକୁ ସ୍ୱାସ୍ଥ୍ୟ ସେବା ଦିଅନ୍ତି ।

ବି- ଡ଼ାକ୍ତର୍ - ଡ଼ାକ୍ତର୍ ସମାଜ୍ କେ ସ୍ୱାସ୍ଥ୍ୟ ସେବା ଦେଥେ ।

କ- ଡ଼ାକ୍ତର - ଡ଼ାକ୍ତର୍ ସମାଜନେ ସ୍ୱାସ୍ଥ୍ୟ ସେବା ଦିତିଆନ୍ ।

ଓ- ଡ଼ାହାଣ - ଆମେ ଡ଼ାହାଣ ହାତରେ ଲେଖୁ ।

ବି- ଭୁଜ୍‌ନୀ - ହାମେଁ ଖାଇ ହାଁଢ୍ ନେ ଲିଖିଥଁ ।

କ- ଖାଇହାତ - ଆମେ ଖାଇହାତେ ଲିଖିନୁଆ ।

ଓ- ଡ଼ାକବାଲା - ଡ଼ାକବାଲା ଆମକୁ ଚିଠି ଦେଇ ଯାଆନ୍ତି ।

ବି- ଡାକ୍‌ବାଲା - ଡ଼ାକ୍‌ବାଲା ହାମ୍‌କେଁ ଚିଠି ଦେକେ ଯାଥେ ।

କ- ଡ଼ାକବାଲା - ଡ଼ାକବାଲା ଆମକେ ଚିଠି ଦେତେ ଯାଲିଆ ।

ଓ- ଡ଼ାଳ - ଘୂର୍ଣ୍ଣିବାତ୍ୟାରେ ଗଛର ଡ଼ାଳ ଭାଙ୍ଗିଯାଏ ।

ବି- ଡ଼ାଲ୍ - ଗର୍ଗାଧୁକାନେ ଗଛ୍ କେ ଡ଼ାହିଟା ଟୁଟ୍ ଯଥେ ।

କ- ଖେନା - ଗରାନ ଧୁକାନେ ଗଛର୍ ଖେନା ଭାଙ୍ଗଲିଆ ।

ଓ- ଡ଼ିଆଁ - ମୀରା ଲମ୍ଫ ଡ଼ିଆଁରେ ପ୍ରଥମ ହେଲା ।

ବି- ଡାଁହାକ୍‌ବାର - ମୀରା ଲମ୍ପା ଡାଁହାକ୍‌ବାର୍ ନେ ପରଥମ୍ ।

କ- ଡେଗବା - ମୀରା ଲମ୍ ଡେଗ୍‌ବାନେ ପରଥମ୍ ହଲ ।

ଓ- ଡ଼ିଆଁଡେଇଁ - ମାଙ୍କଡ଼ ମାନେ ଗଛରେ ଡ଼ିଆଁଡ଼େଇଁ କରନ୍ତି ।

ବି- ଡେହେକା ଡେହେକି-ବେନ୍ଦରାମନ୍ ଗଛ୍‌ନେ ଡେହେଁକା ଡ଼େହେଁକି କର୍‌ଥେ ।

କ- ଡେଗାଡୁଗି - ମାକଡ୍‌ମନେ ଗେଚେ ଡେଗାଡୁଗି ହୁତିଆନ୍ ।

ଓ- ଡୁବି ଦବଲା - ରମା ଡୁବିତବଲା ବଜାଇ ଜାଣେ ।

ବି- ଡୁବିତବଲା - ରମା ବୁଡ଼ିତବଲା ବଜାନ୍ ଜାନ୍ ଥେ ।

କ- ଡୁବିତବଲା - ରମା ଡୁବିତବଲା ବାଜେଇ ଜାନ୍‌ଲିଆ ।

ଓ- ଡ଼େରି - ଘରେ ପହଂଚିବା ମୋର ଡ଼େରି ହେଲା ।

ବି- ବିଲମ୍ - ଘର୍ ନେ ପହଁଚ୍‌ବାର୍‌ଟା ମୋର ବିଲମ୍ ହେସ୍ ।

କ- ବେଲ - ଘେରେକେ ଖେଟ୍‌ବାଟା ବେଲ ହଲ ।

ଓ- ଡ଼େଙ୍ଗା - ଆମ ଗାଁରେ ଡ଼େଙ୍ଗା ଖଜୁରି ଗଛ ଗୁଡ଼ିକ ରହିଛି ।

ବି- ଡ଼େଙ୍ଗ୍ - ହାମର୍ ଗାଁନେ ଡ଼େଙ୍ଗ୍ ଛିନ୍ ଗଛ୍‌ମନ୍ ଏହେ ।

କ- ଡ଼େଙ୍ଗାଡ଼େଙ୍ଗା - ଆମର ଗାଁତି ଡେଙ୍ଗଡେଙ୍ଗା ଖଜୁର୍ ଚେଚ୍‌ମନେ ଆଚେ ।

ଓ- ଡ଼େଙ୍ଗୁରା - ଡ଼େଙ୍ଗୁରା ବାଡ଼ାଇ ସରକାରୀ ସୂଚନା ଦିଆଯାଏ ।

ବି- ତାସା - ତାସା ବଜା ବଜାଏକେ ସରକାରୀ ଜାନ୍‌କାରି ଦିଆଯଥେ ।

କ- ଡିବିଡିବି - ଡିବିଡିବି ବାଜାତେ ସରକାରୀ ଖବେର ଦିଆଯାଲିଆ ।

ଓ- ଡ଼ାଳ - ଘୂର୍ଣ୍ଣିବାତ୍ୟାରେ ଗଛର ଡ଼ାଳ ଭାଙ୍ଗିଯାଏ ।

ବି- ଡ଼ାଲ୍ - ଗର୍ରାଧୁକାନେ ଗଛ୍ କେ ଡ଼ାହିଟା ଟୁଟ୍ ଯଥେ ।

କ- ଖୋନା - ଗରାନ ଧୁକାନେ ଗଛର୍ ଖୋନା ଭାଙ୍ଗଲିଆ ।

ଓ- ଡ଼ିଆଁ - ମୀରା ଲମ୍ବ ଡ଼ିଆଁରେ  ପ୍ରଥମ ହେଲା ।

ବି- ଡାଁହାକ୍‌ବାର - ମୀରା ଲମା ଡାଁହାକ୍‌ବାର୍ ନେ ପରଥମ୍ ।

କ- ଡେଗବା - ମୀରା ଲମ୍ ଡେଗ୍‌ବାନେ ପରଥମ୍ ହଲ ।

ଓ- ଡ଼ିଆଁଡେଇଁ - ମାଙ୍କଡ଼ ମାନେ ଗଛରେ ଡ଼ିଆଁଡ଼େଇଁ କରନ୍ତି ।

ବି- ଡେହେକା ଡେହେକି-ବେନ୍ଦରାମନ୍ ଗଛ୍‌ନେ ଡେହେଁକା ଡ଼େହେଁକି କର୍‌ଥେ ।

କ- ଡେଗାଡୁଗି - ମାକଡ୍‌ମନେ ଗେଚେ ଡେଗାଡୁଗି ହୁଟିଆନ୍ ।

ଓ- ଡୁବି ଦବଲା - ରମା ଡୁବିତବଲା ବଜାଇ ଜାଣେ ।

ବି- ଡୁବିତବଲା - ରମା ଡୁଡ଼ିତବଲା ବଜାନ୍ ଜାନ୍ ଥେ ।

କ- ଡୁବିତବଲା - ରମା ଡୁବିତବଲା ବାଜେଇ ଜାନ୍‌ଲିଆ ।

ଓ- ଡ଼େରି - ଘରେ ପହଂଚିବା ମୋର ଡ଼େରି ହେଲା ।

ବି- ବିଲମ୍ - ଘର୍ ନେ ପହଁଚ୍‌ବାର୍‌ଟା ମୋର ବିଲମ୍ ହେସ୍ ।

କ- ବେଲ - ଘେରେକେ ଖେଟ୍‌ବାଟା ବେଲ ହଲ ।

ଓ- ଡ଼େଙ୍ଗା - ଆମ ଗାଁରେ ଡ଼େଙ୍ଗା ଖଜୁରି ଗଛ ଗୁଡ଼ିକ ରହିଛି ।

ବି- ଡ଼େଙ୍ଗ୍ - ହାମର୍ ଗାଁନେ ଡ଼େଙ୍ଗ୍ ଛିନ୍ ଗଛ୍‌ମନ୍ ଏହେ ।

କ- ଡ଼େଙ୍ଗାଡ଼େଙ୍ଗା - ଆମର ଗାଁତି ଡେଙ୍ଗଡେଙ୍ଗା ଖଜୁର୍ ଚେଟ୍‌ମନେ ଆଚେ ।

ଓ- ଡ଼େଙ୍ଗୁରା - ଡ଼େଙ୍ଗୁରା ବାଡ଼ାଇ ସରକାରୀ ସୂଚନା  ଦିଆଯାଏ ।

ବି- ତାସା - ତାସା ବଜା ବଜାଏକେ ସରକାରୀ ଜାନ୍‌କାରି ଦିଆଯଥେ ।

କ- ଡିବିଡିବି - ଡିବିଡିବି ବାଜାତେ ସରକାରୀ ଖବେର ଦିଆଯାଲିଆ ।

| | | | |
|---|---|---|---|
| ଓ- | ଡ଼େଣା | - | ପକ୍ଷୀର ଦୁଇଟି ଡ଼େଣା ଥାଏ । |
| ବି- | ଡ଼େନା | - | ଚିରେଇ କେ ଦୁଇଟା ଡ଼େନା ରେଥେ । |
| କ- | ପାଟକା | - | ପକ୍ଷୀର ଦୁଇଟି ଡ଼େଣା ରିଲିଆ । |
| ଓ- | ଡ଼ୋରି | - | କାଠ ବନ୍ଧା ଯାଇଥିବା ଡ଼ୋରି ଛିଣ୍ଡିଗଲା । |
| ବି- | ଡ଼ୋର୍ | - | ଲଖ୍‌ରି ବନ୍ଧା ଯାଏ ରେବା ଡ଼ୋର୍ ଟା ଛିଡ଼୍ ଯାଏସ୍ । |
| କ- | ଡ଼ୋର | - | କାଟ ବାନ୍ଧଲା ଡୋର ଛିଡଲ । |

‘ଢ଼’

| | | | |
|---|---|---|---|
| ଓ- | ଦ୍ୱିପ | - | ଆମ ଘର ଏକ ଦ୍ୱିପ ଉପରେ ରହିଛି । |
| ବି- | ଡ଼ିପ | - | ହାମର୍ ଘର୍ ଗୋଟେକ୍ ଡ଼ିପ ଜାଗାନେ ଏହେ । |
| କ- | ଢେପ | - | ଆମର ଘେର ଢେପ ଉପରେ ଆଚେ । |
| ଓ- | ଢ଼ୋଲ | - | ଆଦିବାସୀ ମାନେ ଢ଼ୋଲ ବଜାଇ ନାଚନ୍ତି । |
| ବି- | ଢ଼ୋଲ୍ | - | ଆଦିବାସୀ ମନ୍ ଢ଼ୋଲ୍ ବଜାଏକେ ନାଚ୍‌ଥେ । |
| କ- | ଢ଼ୋଲ | - | ଆଦିବାସୀ ମନେ ଢ଼ୋଲ ବାଜାତେ ନାଚ୍‌ତିଆନ । |
| ଓ- | ଢ଼ଙ୍ଗ | - | ପ୍ରତ୍ୟେକେ ନିଜ ନିଜ ଢ଼ଙ୍ଗରେ ଚଳନ୍ତି । |
| ବି- | ଢଙ୍ଗ | - | ସବ୍‌ଝିନ୍ ଆପ୍ପୁନ୍ ଆପ୍ପୁନ୍ କେ ଢ଼ଙ୍ଗ ନେ ଚଲ୍‌ଥେ । |
| କ- | ହିସାବେ | - | ସବୁଲୋକ ନିଜର ନିଜର ହିସାବେ ଚୁଲତିଆନ୍ । |
| ଓ- | ଢ଼ୋଲ୍‌କି | - | ଢ଼ୋଲ୍‌କି ବଜାଇ ଗୀତ ଗାଅ । |
| ବି- | ଢ଼ୋଲ୍‌କ୍ | - | ଢ଼ୋଲ୍‌କ୍ ବଜାଏ କେ ଗୀତ୍ ଗାଅ । |
| କ- | ଢ଼ୋଲକ | - | ଢୋଲ ବାଜାତେ ଗୀତ୍ ଗାହା । |

‘ତ’

| | | | |
|---|---|---|---|
| ଓ- | ତରାଟି | - | ସେ ମୋତେ  ଆଖି ତରାଟି ଚାହିଁଲା । |
| ବି- | କର୍‌ନଖି | - | ଓ ମେଖେଁ କର୍‌ନଖି ଦେଖେସ୍ |
| କ- | ଟେରାତେ | - | ସେ ମକେ ଟେରାତେ ଦେଖଲ । |

ଓ- ତଟକା - ତଟକା ଫଳ ଖାଅ ।

ବି- ଦଗଦ୍ - ଦଗଦ୍ ଫଲ୍ ଖାଅ ।

କ- ତୁଗତୁର - ତୁର୍‌ତୁର୍ ଫଲ୍ ଖାହା ।

ଓ- ତଳ - ଥାଳିର ତଳ ଅଂଶ ଚକଟା ଅଟେ ।

ବି- ତଲ୍ - ଥାଲିକେ ତଲ୍ ପାଖ ଚେପ୍‌ଟା ଏ ।

କ- ଟିଳେ/ପେଟବାଟ - ଥାଳୀର ପେଟ୍‌ବାଟେ ପାତା ।

ଓ- ତଳେ - ପିଲାଟି ଖେଳୁ ଖେଳୁ ତଳେ ପଡ଼ିଗଲା ।

ବି- ତଲେଁ - ଛୁଆଟା ଖେଲତ୍ ଖେଲତ୍ ତଲେଁ ଗିର୍ ଜାଏସ୍ ।

କ- ତଲେ - କେଡା ଖିଲୁଖିଲୁ ତଲେ ପଡ଼୍‌ଲ ।

ଓ- ତଳୁ - ମାଟି ତଳୁ କୋଇଲା ବାହାରେ ।

ବି- ଭିତର୍ - ମାଟି କେ ଭିତର ଲେ କୁଇଲା ନିସ୍‌ରଥେ ।

କ- ଥାନୁନ୍ - ମାଟ୍ ଠାନୁନ୍ କୁଇଲା ବାହାର ହୁଲିଆ ।

ଓ- ତଡ଼ା - ଛୋଟ ପିଲାଟି ତରାରେ ଠିଆ ହୋଇଅଛି ।

ବି- ତଡ଼ା୍ - ଛୁଇ ଛୁଆଟା ତଡ଼ାନେ ଠାଢ଼ ହେହେ ।

କ- ତାରା - ସାନ କେଡ଼ା ତାରାନେ ଠିଆ ହଲାଚେ ।

ଓ- ତମତମ - ସେ ରାଗରେ ତମତମ ହୋଇ ଚାଲିଗଲା ।

ବି- ଗର୍‌ଗର୍ - ଉ ରିସ୍ ନେ ଗର୍‌ଗର୍ ହେ କେ ଭାଗ୍ ଯାଏସ୍ ।

କ- ତମତମ - ସେ ରାଗନେ ଗର୍‌ଗର୍ ହତେ ଗଲ ।

ଓ- ତରତର - ବାପା ତରତର ହୋଇ ଅଫିସ ଗଲେ ।

ବି- ତରବର୍ - ବୁଆ ହର୍‌ବର୍ ହେକେ ଅଫିସ୍ ଯାଏସ୍ ।

କ- ତରତର - ବୁଆ ତରତର ହତେ ଅଫିସ ଗଲ ।

ଓ- ତରଳ - ତରଳ ପଦାର୍ଥକୁ ଲିଟରରେ ମପାଯାଏ ।

ବି- ପନିଆଁ - ପନିଆଁ ଜିନିଷ କେ ଲିଟର୍ ନେ ନପାୟଥେ ।

କ- ପାନିଆ - ପାନିଆ ଜିନିଷକେ ଲିଟର୍‌ନେ ନାପତିଆନ୍ ।

ଓ- ତରୁ - ଜଙ୍ଗଲରେ ବିଭିନ୍ନ ତରୁଲତା ଥାନ୍ତି ।

ବି- ନାଁର ବିଆଁର - ଜଙ୍ଗଲ ନେ ଅନେକ୍ କିସମ୍ କେ ନାଁର୍ ବିଆଁର୍ ରେଥେ ।

କ- ଗେଚ - ଖମନ୍‌ନେ ଅଲ୍‌ଗା ଅଲ୍‌ଗା ଗେଚ ପତର୍ ଥାଲିଆ ।

ଓ- ତଣ୍ଟି - ତାଙ୍କ ତଣ୍ଟିରେ ଥରେ ମାଛ କଣ୍ଟା ଲାଗିଥିଲା ।

ବି- ଟେଁଟୁ - ଓକର୍ ଟେଁଟୁ ନେ ମଛରିକେ କଁଟା ଗଡ଼େ ରେହେସ୍ ।

କ- ତଟି - ତାର୍ ତଟିନେ ଥରେ ମାଚ୍ କାଁଟା ଲାଗ୍‌ଥେଲ ।

ଓ- ତତ୍ତ୍ୱାବଧାନ - ପିତାମାତା ସନ୍ତାନର ତତ୍ତ୍ୱବଧାନ କରନ୍ତି ।

ବି- ଦେଖ୍‌ରେଖ୍ - ଆୟାବୁଆ ଛୁଆ ପିଲାକେ ଦେଖ୍‌ରେକ୍ କର୍‌ଥେ ।

କ- ଦେଖାରେଖା - ବୁଆ ମାଁ ପିଲାଟୁକେଲ୍‌କେ ଦେଖାରେଖା କିରତିଆନ୍ ।

ଓ- ତନ୍ତ - ତନ୍ତରେ ଲୁଗା ବୁଣାଯାଏ ।

ବି- ରହଁଟା - ରହଁଟା ନେ ଛିଡ଼ା ବନାଯଥେ ।

କ- ତନ୍ତ - ଖଝ ଖଟି ଛିଡା ବୁନାଯାଲିଆ ।

ଓ- ତାଳ - ତାଳରୁ ଗୁଡ଼ ତିଆରି ହୁଏ ।

ବି- ତାଲ୍ - ତାଲ୍‌ନେ ଗୁର୍ ବନାଯଥେ ।

କ- ତାଳ - ତାଳନୁ ଗୁଡ଼ ବାନା ହୁଲିଆ ।

ଓ- ତାଳଗଛ - ତାଳଗଛ ଖୁବ୍ ଡ଼େଙ୍ଗା ।

ବି- ତାଲ୍‌ଗଛ - ତାଲ୍‌ଗଛ ଜବର୍ ଡ଼େଙ୍ଗ୍ ଏ ।

କ- ତାଲଗେଚ - ତାଲଗେଚ ଖୋବ ଲମା ।

ଓ- ତାଲିକା - ଭୋଟର ମାନଙ୍କର ନାମ ତାଲିକା ପ୍ରକାଶ ପାଇଲା ।

ବି- ତାଲିକା - ଭୋଟ୍ ବାଲା ମନ୍‌କେ ନାଟା ତାଲିକା ପ୍ରକାଶ ପାଏ ହେସ୍ ।

କ- ତାଲିକା - ଭୋଟର୍ ମନ୍‌କର ନା ତାଲିକା ବାହାର୍ ହଲ । ପ୍ରକାଶ ହଲ ।

ଓ- ତାଲା - ମାଁ ଘରେ ତାଲା ଦେଇ କାମକୁ ଯାନ୍ତି ।

ବି- ତାଲା - ଆୟା ଘରେ ନେ ତାଲା କେ ଦେକେ କାମ୍ କରନ୍ ଯାଏ ହେ ।

କ- ତାଲା - ମାଁ ଘେରେ ତାଲା ଦେତେ କାମ୍ କରିଯାଲିଆ ।

ଓ- ତାଟକା - ପିଲାଟି ହାତୀ ଦେଖି ତାଟକା ହୋଇଗଲା ।

ବି- ଅବାକ୍ ଡ଼ାଙ୍ଗ୍ - ଛୁଆଟା ହାଁଥିକେ ଦେଖ୍ କେ ଅବାକ୍ ହେ ଯାଏସ୍ ।

କ- ଭକୁଆ/କାବା - କେଡ଼ା ହାତୀକେ ଦେଖ୍‌ତେ ଭକୁଆ / କାବା ହଲ ।

ଓ- ତାରକା - ରାତିରେ ତାରକା ଦିଶେ କି ସୁନ୍ଦର ।

ବି- ତାରା - ରାତିନେ ତାରା କତକ୍ ସୁନ୍ଦର୍ ଦିଖ୍ ଥେ ।

କ- ତାରା - ରାତିନେ ତାରା କାଏଁ ସୁନ୍ଦର ଦିସ୍‌ଲିଆ ।

ଓ- ତିନୋଟି - ନଡ଼ିଆରେ ତିନୋଟି ଆଖି ଥାଏ ।

ବି- ତିନ୍‌ଟା - ନଡ଼ିଆ ନେ ତିନ୍‌ଟା ଆଁଖି ରେଥେ ।

କ- ତିନଟା - ନଡିଆନେ ତିନଟା ଆଏଁକ ଥିଲିଆ ।

ଓ- ତ୍ରିଭୂଜ - ତ୍ରିଭୂଜରେ ତିନୋଟି କୋଣ ଥାଏ ।

ବି- ତିନ୍‌କୋଟିଆଁ - ତିନ୍‌କୋଟିଆଁ କେ ତିନ୍‌ଟା କୋହ୍ନା ରେଥେ ।

କ- ତ୍ରିଭୂଜ - ତ୍ରିଭୂଜନେ ତିନଟା କୁନା ଥିଲିଆ ।

ଓ- ତିଳେ - ବାର୍ଷିକ ପରୀକ୍ଷାକୁ ମୁଁ ତିଳେ ମାତ୍ର ଭୟ କରେ ନାହିଁ ।

ବି- ଟିଖେଭି - ବାର୍ଷିକ କେ ପରୀକ୍ଷା କେ ମଁ ଟିଖେଁ ଭି ନି ଡ଼ରାଥିଁ ।

କ- ଟିଳେକ୍ - ବାର୍ଷିକ୍ ପରୀକ୍ଷାକେ ମୁଇ ଟିକେ ବି ନା ଡେରେ ।

ଓ- ତିରଙ୍ଗା - ତିରଙ୍ଗା ଆମର ଜାତୀୟ ପତାକା ଅଟେ ।

ବି- ତ୍ରିରଙ୍ଗା - ତ୍ରିରଙ୍ଗା ହାମର୍ ଜାତୀୟ ପତ୍‌କା ଏ ।

କ- ତ୍ରିରଙ୍ଗା - ତ୍ରିରଙ୍ଗା ଆମ୍ ଜାତୀର ପାତ୍‌କା ।

ଓ- ତୀର - ଆଦିବାସୀ ମାନେ ତୀର ମାରି ଶୀକାର କରନ୍ତି ।

ବି- ଶର୍ - ଆଦିବାସୀ ମନ୍ ଶର୍ ମାଏର୍ କେ ଶୀକାର୍ କର୍‌ଥେ ।

କ- କାଣ୍ - ଆଦିବାସୀ ମନେ ଶର୍ ମାରତେ ଶିକାର କରତିଆନ୍ ।

ଓ- ତୁରନ୍ତ - ଜ୍ୱର ହେଲେ ତୁରନ୍ତ ଔଷଧ ଖାଅ ।

ବି- ଜଲ୍‌ଦି - ଜର୍ ହେନେ ଜଲ୍‌ଦି ଉଷାହା ଖା ।

କ- ଜଲଦି - ଜର୍ ହଲେ ଜଲଦି ଓଶୋ ଖାହା ।

ଓ- ତୁଷ୍ଟ - ସଇନିକର ଧୈର୍ଯ୍ୟ ଦେଖି ରାଜା ତୁଷ୍ଟ ହେଲେ ।

ବି- ଖୁସ୍ - ସଇନ୍ କେ ଧରେଜ୍ ଦେଖ୍ କେ ରଜା ଖୁସ୍ ହେ ଯାଏସ୍ ।

କ- ଉଷତ୍ / ଖୁସି - ସଇନ୍‌କର ସାହାସ ଦେଖ୍‌ତେ ରାଜା ଉଷତ୍ / ଖୁସି ହଲେ ।

ଓ- ତୃତୀୟ - ରାଗିଣୀ ପରିବାରର ତୃତୀୟ କନ୍ୟା ଅଟେ ।

ବି- ତିନ୍ - ରାଗିନୀ କୁଟୁମ୍‌କେ ତିନ୍ ଲମର୍ ବେଟି ଏ ।

କ- ତିନନମର - ରାଗିଣୀ ଘେରର୍ ତିନ୍‌ନମର୍ ଟୁକିଲ୍ ।

ଓ- ତୁଚ୍ଛା - ସେ ତୁଚ୍ଛାରେ ମୋତେ ସନ୍ଦେହ କରୁଛି ।

ବି- ଶୋଝେ - ଉ ମୋଖେ ଶୋଝେ ଶୋଝେ ଭରମ୍ ଥେ ।

କ- ଛୁଟ୍ଚଟା - ସେ ଛୁଟ୍ଚଟାକେ ମକେ ହିସ୍‌ଲାଚେ ।

ଓ- ତୂରୀ - ଯୁଦ୍ଧ ପାଇଁ ତୂରୀ ବଜାଉଥିଲେ ।

ବି- ମୁହୁରୀ - ଯୁଦ୍ଧ୍ ନେ ମୁହୁରୀ ବଜାତ୍ ରେହେସ୍ ।

କ- ମୁରୀ - ଯୁଦ ଲାଗି ମୁରୀ ବାଜା ଥେଲ ।

ଓ- ତେଲ - ଜଡ଼ା ମଞ୍ଜିରୁ ତେଲ ବାହାରେ ।

ବି- ତେଲ୍ - ଅଣ୍ଡି ବିହନ୍ ନେ ତେଲ୍ ନିସର୍ ଥେ ।

କ- ଚିକନ - ଜାଡା ମଞ୍ଜିନୁ ଚିକନ୍ ବାହାର୍ ହୁଲିଆ ।

ଓ- ତେଣ୍ଡା - ତେଣ୍ଡାରେ ପାଣି ଉଠାଇ ଜଳସେଚନ କରାଯାଏ ।

ବି- ଟେଁଣା - ଟେଁଣାନେ ପାନି ଟେଁଣ୍‌କେ ବୋଲାଥେ ।

କ- ଟେଣା - ଟେଣାନେ ପାନ ଉଠାତେ ପାନ୍ ଲାଗା ହୁଲିଆ ।

ଓ- ତେନ୍ତୁଳି - ତେନ୍ତୁଳି ଖଟା ଲାଗେ ।

ବି- ଅମ୍‌ଲି - ଅମ୍‌ଲି ଅମଟ୍ ଲାଗ୍‌ଥେ ।

କ- ତେତେଲ - ତେତେଲ୍ ଆମିଲ୍ ଲାଗଲିଆ ।

ଓ- ତୋଟା - ଆମ ଗାଁ ପାଖରେ ଏକ ଆମ୍ବ ତୋଟା ଅଛି ।

ବି- ବୁରେଇ - ହାମର୍ ଗାଁ କେ ପାସ୍‌ନେ ଗୋଟେକ୍ ଆମା ବୁରେଇ ଏହେ ।

କ- ବରାଇ - ଆମର ଗାଁ ପାଖେ ଗଟେକ୍ ଆମ୍ ବରେଇ ଆଚେ ।

ଓ- ତୋତେ - ମୁଁ ତତେ ସାହାଯ୍ୟ କରିବି ।

ବି- ତଖେ - ମେଁ ତଖେ ସାହାଜ୍ କର୍ ହିଁ ।

କ- ତକେ - ମୁଇ ତକେ ସାହାଯ୍ୟ କିବି ।

ଓ- ତୋଳିବା - ରୀନା ଓ ଲିନା ଶାଗ ତୋଳିବା ପାଇଁ ଗଲେ ।

ବି- ଟୋଲନ୍ - ରୀନା ଓ ଲିନା ଭାଜି ଟୋଲନ୍ ଯାଏସ୍ ।

କ- ତୁଲିବା - ରୀନା ଓ ଲୀନା ଶଗ ତୁଲବାକେ ଗେଲେ ।

ଓ- ତୋରାଣୀ - ଗାଈକୁ କୁଣ୍ଡା ତୋରାଣୀ ଦିଅ ।

ବି- ଥିର୍ - ଗାଏ କେ ପସିଆ କୋଁଣା ଦହ ।

କ- ଥିର - ଗାଏକେ କଣାକେ ଥିର ଦିଆସ ।

‘ଥ’

ଓ- ଥର - ମୁଁ ଦିନକୁ ଦୁଇଥର ଭାତ ଖାଏ ।

ବି- ଘାଏ - ମେଁ ଦିନେକ୍ ନେ ଦୁଇଘାଏ ବାସି ଖାଥେଁ ।

କ- ଥର - ମୁଇଁ ଦିନକେ ଦୁଇଥର୍ ଭାତ୍ ଖାଏନା ।

ଓ- ଥରକେ - କୁକୁଡ଼ା ଥରକେ ଗୋଟିଏ ଅଣ୍ଡା ଦିଏ ।

ବି- ଘାଏକେ - କୁକ୍‌ରୀ ଘାଏନେ ଗୋଟେକ୍ ଗାରା ଦେଥେ ।

କ- ଥରକେ - କୁକ୍‌ରା ଥରକେ ଗଟେକ୍ ଗାର୍ ଦିଲିଆ ।

ଓ- ଥରଥର - ରୋଗୀ ଥରଥର ହୋଇ ବସିଛି ।

ବି- ଥର୍‌ଥେରା - ବେମ୍‌ରିହା ଥରଥେରାକେ ବସେ ହେ ।

କ- ଥରଥର - ରୋଗୀ ଥର୍‌ଥର୍‌ତେ ବସଲାଚେ ।

ଓ- ଥରିବା - ଥରିବା ମେଲେରିଆ ରୋଗର ଲକ୍ଷଣ ।

ବି- ହଲ୍‌ବା - ହଲ୍‌ବା ମେଲେଣିଆ ବେମାର୍ ଲଇଖନ ଏ ।

କ- ଥରଥରବା - ଥର୍‌ଥର୍‌ବାଟା ମେଲେରିଆ ରୋଗର୍ ଲକ୍ଷଣ୍ ।

ଓ- ଥଟାମଜା - ଥଟାମଜାରେ କ୍ଷଣିକ ଆନନ୍ଦ ମିଳେ ।

ବି- ହାଁସିମଜା - ହାଁସି ମଜାକ୍ ନେ ଛନେକ୍ ଆନନ୍ଦ୍ ମିଲ୍‌ଥେ ।

କ- ଘେଗଡ଼ - ଖେଚଡ଼ ହଲେ ଛନେକ୍ ବନେ ଲାଗଲିଆ ।

ଓ- ଥଣ୍ଟ - ଶୁଆର ଥଣ୍ଟ ବଙ୍କା ଥାଏ ।

ବି- ଟଁଚ - ମିଟ୍ଠୁ କେ ଟଁଚ ଟେଡ଼୍‌ଗା ରଥେ ।

କ- ଥତନା - ମିଟ୍ଠୁର ଥତ୍‌ନା ବାଙ୍କ ହତେଲିଆ ।

ଓ- ଥଣ୍ଡା - ଖରା ଦିନରେ ଥଣ୍ଡା ପାଣି ପିଇବାକୁ ଭଲ ଲାଗେ ।

ବି- ଚାଏଁ - ଖରାଦିନ୍ ନେ କାକର୍ ମାନି ପିବାର୍ କେ ବନେ ଲାଗ୍ ଥେ ।

କ- କାକର - ଖାରାଦିନେ କାକର୍ ପାନ୍ ପିଇ୍‌ବାକେ ବନେ ଲାଗ୍‌ଲିଆ ।

ଓ- ଥାନ - ଏହି ଥାନରେ ମୋର ଭାଇ ସହୀଦ ହୋଇଥିଲେ ।

ବି- ଜଗା - ଇ ଜଗା ନେ ମୋର୍ ଭାଇ ସହୀଦ୍ ହେ ରେହେସ୍ ।

କ- ଠାନେ - ଇ ଠାନେ ମର୍ ଭାଏ ସହୀଦ ହତେଲ ।

ଓ- ଥାନା - ଅନ୍ୟାୟ ଦୂର କରିବା ପାଇଁ ଥାନା ରହିଛି ।

ବି- ଥାନା - ଅନ୍ୟାୟ କେ ଦୂର୍ କର୍‌ବା କଲେଙ୍ଗ୍ ଥାନା ଏହେ ।

କ- ଥାନା - ଅନିଏ ନା ହବାର୍ ଲାଗି ଥାନା ଆଚେ ।

ଓ- ଥାଳି - ମୁଁ ମୋ ଖାଇବା ଥାଳି ସଫା କରେ ।

ବି- ଥାଲି - ମେଁ ମୋର୍ ଖବା ଥାଲି କେ ସାଫ୍ କର୍‌ଥେଁ ।

କ- ଥାଲି - ମୁ'ଇ ମର୍ ଖାଏବାର୍ ଥାଲି ସାପା କେନା ।

ଓ- ଥୋଇ - ଟେବୁଲ ଉପରେ ମୁଁ ଘଣ୍ଟାଟି ଥୋଇଥିଲି ।

ବି- ଥୋଏ - ଟେବୁଲ୍ ଉପର୍‌ନେ ମେଁ ଘଡ଼ି କେ ଥୋଏ ରେହେଁ ।

କ- ଗାକ୍‌ତେଲି - ଟେବୁଲ୍ ଉପରେ ମୁଁଇ ମର୍ ଘଡ଼ି ଗାକ୍‌ତେଲି ।

'ଦ'

ଓ- ଦୟା - ଅସହାୟ ଲୋକକୁ ଦୟା କର ।

ବି- ଦୟା - ଦୁଃଖଲିଆ ଲୋଗ୍ କେ ଦୟା କର୍‌ବ୍ ।

କ- କୁର୍ମା - ଗୁଲ୍‌ଗୁଲା ଲୋକମନ୍‌କେ ଦୟା କେରା ।

ଓ- ଦରବ - ଆମ ରାଜ୍ୟ ଧନ ଦରବରେ ପରିପୂର୍ଣ୍ଣ ।

ବି- ଧନ୍‌ଦରବ୍ - ହାମର୍ ରାଇଜ୍ ନେ ଧନ ଦରବ୍ ନେ ପୁରେ୍ ହେ ।

କ- ଦରଦ୍ - ଆମ ଦେଶ ଧନ ଦରଦ୍‌ନେ ଭୁରି ହଲାଚେ ।

ଓ- ଦରିଆ - ଲୋକେ ଜାହାଜରେ ଦରିଆ ପାରି ହୁଅନ୍ତି ।

ବି- ସମୁଦର୍ - ମନ୍‌ଷେମନ ଜାହାଜ୍‌ନେ ସମୁଦର କେ ପାର ହଥେ ।

କ- ସମୁଦ୍ର - ଲୋକମନେ ଜାହାଜନେ ସମୁଦ୍ର ପାର୍ ହୁତିଆନ ।

ଓ- ଦଉଲତ - ରାଜାଙ୍କର ଅନେକ ଦଉଲତ ଥାଏ ।

ବି- ଧନ ଦରବ୍ - ରାଜାକେ ବନେଁଚ୍ ଧନ୍‌ଦରବ୍ ରେଥେ ।

କ- ଧନ - ରଜାମନକର୍ ଖୋଜ ଧନ୍ ଥିଲିଆ ।

| | | | |
|---|---|---|---|
| ଓ- | ଦଣ୍ଡ | - | ବିଦ୍ୟାଳୟ ଏକ ଦଣ୍ଡମୁକ୍ତ ଅଞ୍ଚଳ ଅଟେ । |
| ବି- | ଦଣ୍ଡ | - | ଇସ୍‌କୁଲ ଟା ଗୋଟେନ୍ ବିନା ଦଣ୍ଡ କେ ଜଗା ଏ । |
| କ- | ଦଣ୍ | - | ଇସ୍କୁଲ୍ ଗଟେ ଦଣ୍ ମୁକ୍ତ ଜାଗା / ଠାନ୍ । |
| ଓ- | ଦଧିନଉତି | - | ମନ୍ଦିର ଚୂଡ଼ାରେ ଦଧିନଉତି ବସାଯାଏ । |
| ବି- | କୁମ୍ | - | ମନ୍ଦିର୍ କେ ଟିପି ନେ କୁମ୍ ବସାଯଥେ । |
| କ- | ଦଧିନଉତି | - | ମନ୍ଦିର / ଗୁଡି ଉପରେ ଦଧିନଉଡ଼ି ବସା ହୁଲିଆ । |
| ଓ- | ଦମନ | - | ବ୍ରିଟିଶ ଶାସକ ଭାରତୀୟଙ୍କୁ ଦମନ କରି ରଖିଥିଲେ । |
| ବି- | ଦବାଏକେ | - | ଇଂରେଜ୍ ମନ୍ ଭାରତ୍ କେଟା ମନ୍‌କେ ଦବାଏ କେ ରାଖେ ରେହେସ୍ । |
| କ- | ଦମନ | - | ବ୍ରିଟିଶ ଶାସକ ମନେ ଭାରତୀୟ ମନ୍‌କେ ଦମନ୍ କେତେ ରାଖିତେଲ । |
| ଓ- | ଦଳ | - | ହାତୀ ଦଲ୍ ଗାଁ ଗଣ୍ଡାରେ ପଶୁଛନ୍ତି । |
| ବି- | ଗୋହୋଡ଼ି | - | ହାଥିଁ ଗୋହଡ଼ି ଗାଁ ଗୋଁଡ଼ାନେ ପଏଶ୍ ଯାଥେ । |
| କ- | ଦଲ | - | ହାତୀ ଦଲ୍ ଗାଁ ଭିତରକେ ପଶୁଚେତ୍ । |
| ଓ- | ଦରକାରୀ | - | ଦାଆ ଏକ ଦରକାରୀ ବସ୍ତୁ । |
| ବି- | ଦରକାରୀ | - | ହଁସିଆ ଗୋଟେକ୍ ଜରୁରୀ ଜିନିଷ ଏ । |
| କ- | ଦରକାରୀ | - | ଇଲା ଗଟେକ୍ ଦରକାରୀ ଜିନିଷ୍ । |
| ଓ- | ଦଳେ | - | ଦଳେ ଲୋକ ଭୋଟ ପ୍ରଚାର କରୁଛନ୍ତି । |
| ବି- | ଗୋହଡ଼େକ୍ | - | ଗୋହଡ଼େକ୍ ଲୋକ୍ ଭୋଟ୍ ପରଚାର୍ କରତ୍ ରହେସ୍ । |
| କ- | ଦଲେ | - | ଦଲେ ଲୋକ ଭୋଟ ପ୍ରଚାର କେରଚେତ୍ । |
| ଓ- | ଦଉଡ଼ | - | ଦଉଡ଼ ଖେଳରେ ରିମି ପ୍ରଥମ ସ୍ଥାନ ପାଇଲା । |
| ବି- | କୁଦ୍‌ବା | - | କୁଦ୍‌ବା ଖେଲ୍‌ନେ ରିମି ପହେଲା ଜାଗା ପାଏସ୍ । |
| କ- | ଧାଏଁବା | - | ଧାଏଁବାର ଖେଲେ ରିମି ପରଥମ୍ ହଲ । |
| ଓ- | ଦଉଡ଼ି ଦଉଡ଼ି | - | ମୁଁ ଦଉଡ଼ି ଦଉଡ଼ି ଆମ୍ବ ଗୋଟାଇଲି । |
| ବି- | କୁଇଦ୍‌କୁଇଦ୍ | - | ମେଁ କୁଇଦ୍‌କୁଇଦ୍ କେ ଆମା ବେଚେଁ । |
| କ- | ଧାଇଁଧାଇଁ | - | ମୁଇ ଧାଇଁଧାଇଁ ଆମ୍ ଠୁଲାଲିଁ । |

ଓ- ଦଖଲ - ଏହି ଜମି ଆମ ଦଖଲରେ ରହିଛି ।

ବି- ଦଖଲ - ଇ ଜମିନ୍ ଟା ହାମର ଦଖଲ୍‌ନେ ଏହେ ।

କ- ଦଖଲ୍ - ଇ ତୁଲି / କ୍ଷେତ ଆମର ଦଖଲ୍‌ନେ ଆଚେ ।

ଓ- ଦଣ୍ଡବିଧାନ - ଦୋଷୀକୁ ଦଣ୍ଡବିଧାନ କରାଯାଏ ।

ବି- ଡ଼ାଁଣ - ଦୋଷୀ କେ ଡ଼ାଁଗ୍ ଜରିବନା କରାଯଥେ ।

କ- ଦଣ୍ଡ - ଦୁଷିକେ ଦଣ୍ଡ ଦିଆ ଯାଇଲିଆ ।

ଓ- ଦର୍ଶନୀୟ - ଚିଲିକା ଏକ ଦର୍ଶନୀୟ ସ୍ଥାନ ଅଟେ ।

ବି- ଦେଖେକ୍ ଲାଏକ୍- ଚିଲିକା ଗୋଟେକ୍ ଦେଖେକେ ଲାଏକ୍ ଯାଗାଏ ।

କ- ଦେଖବା - ଚିଲିକା ଗଟେ ଦେଖବାର ଠାନ୍ / ଜାଗା ।

ଓ- ଦର୍ପଣ - ମୁଁ ନିତି ଦର୍ପଣଦେଖି ମୁଣ୍ଡ କୁଣ୍ଡାଏ ।

ବି- ଦର୍‌ପନ୍ - ମେଁ ସବ୍ ଦିନ୍ ଦରପନ୍ କେ ଦେଖ୍ କେ ମୁଡ଼୍ କୋର୍‌ଥେଁ ।

କ- ଦର୍ପଣ - ମୁଇ ସବୁଦିନେ ଦର୍ପନ୍ ଦେଖତେ କୁରିହନା ।

ଓ- ଦଳ - ଗାଁ ପୋଖରୀ ଦଳରେ ପରିପୂର୍ଣ୍ଣ ହୋଇଛି ।

ବି- ଜଗଲ୍ - ଗାଁ କେ କଁଟା ଜଗଲ୍ ନେ ପୁର୍ ଯାଏ ହେ ।

କ- ଜଗଲ - ଗାଁର ବନ୍ଧ ଜଗଲନେ ଭୂରି ହଲାଚେ ।

ଓ- ଦକ୍ଷିଣ - ଦକ୍ଷିଣ ଦିଗରୁ ମଳୟ ପବନ ବହେ ।

ବି- ଦକ୍ଷିନ୍ - ଦକ୍ଷିନ୍ ଦିଗ୍‌ଲେ ବଉଲିଆ ଧୁକା ଆଥେ ।

କ- ଦକ୍ଷିଣ - ଦକ୍ଷିଣ୍ ଦିଗନୁ ଭୂରିଭୂରି ଧୁକା ହୁଲିଆ ।

ଓ- ଦରକାର - ବରିଷ୍ଠ ନାଗରିକଙ୍କୁ ଉଭା ଦରକାର ।

ବି- ଦରକାର୍ - ବୁଢ଼ା ଲୋକ୍ ଜନ୍‌କେ ଉଭା ଦରକାର୍ ଏହେ ।

କ- ଦରକାର - ବୁଢ଼ାବୁଢ଼ି ନାଗରିକମାନକେ ଭାତା ଦରକାର ।

ଓ- ଦରଜୀ - ମୋ ଭାଇ ଜଣେ ଦରଜୀ ଅଟନ୍ତି ।

ବି- ଦରଜୀ - ମୋର୍ ଭାଇ ଗୋଟେକ୍ ଦରଜୀ ଏ ।

କ- ଦରଜୀ - ମର ଭାଏ ଗଟେ ଦରଦି ବାଲା ।

ଓ- ଦସ୍ତା - ଦସ୍ତା ଏକ ପ୍ରୟୋଜନୀୟ ବସ୍ତୁ ଅଟେ ।

ବି- ରଙ୍ଗା - ରଙ୍ଗା ଗୋଟେକ୍ ବେଭାରିକ୍ ଜିନିଷ୍ ଏ ।

କ- ଦସ୍ତା - ଦସ୍ତା ଗଟେ ଦର୍କାର୍ ହବାର୍ ଜିନିଷ ।

ଓ- ଦପ୍ତର - ମୁଁ ଜିଲ୍ଲାପାଳଙ୍କ ଦପ୍ତରରେ ଗୁହାରି କଲି ।

ବି- ଦପ୍ତର - ମେଁ ଜିଲାପାଲ୍ ସାହେବ୍ କେ ଦପ୍ତର ନେ ଅର୍ ଦଲି କରେଁ ।

କ- ଦପ୍ତର - ମୁଇ ଜିଲାପାଲ୍ର ଦପ୍ତର୍ନେ ଜାନାଲି ।

ଓ- ଦଶ - ମାମୁଁ ମୋତେ ଦଶ ଟଙ୍କା ଦେଲେ ।

ବି- ଦଶ୍ - ମାମାଁ ମୋଖେଁ ଦଶ୍ ରୁପିଆ ଦେହେସ୍ ।

କ- ଦଶ - ମାମୁ ମକେ ଦଶ୍ ଟଙ୍ଗା ଦେଲେ ।

ଓ- ଦଶମ - ଗୀତା ଦଶମ ଶ୍ରେଣୀରେ ପଢ଼େ ।

ବି- ଦଶ୍ - ଗୀତା ଦଶ୍ କିଲାସ୍ନେ ପଢ଼୍ ଥେ ।

କ- ଦଶ - ଗୀତା ଦଶ୍ କିଲାସ୍ନେ ପୁଢଲିଆ ।

ଓ- ଦଶକ - ପନ୍ଦରରେ ଏକ ଦଶକ ସ୍ଥାନରେ ରହିଛି ।

ବି- ଦଶ୍ - ପନ୍ଦର୍ଟା ନେ ଏକ୍ ଦଶ୍ କେ ଜାଗାନେ ଏହେ ।

କ- ଦଶ - ପନ୍ଦରନେ ଏକ ଦଶ୍ ଠାନେ ରୁହିଲିଆ ।

ଓ- ଦଶମ - ଗୀତା ଦଶମ ଶ୍ରେଣୀରେ ପଢ଼େ ।

ବି- ଦଶ୍ - ଗିତା ଦଶ କିଲାସନେ ପଢଥେ ।

କ- ଦଶ - ଗୀତା ଦଶ ଶ୍ରେଣୀନେ ପଢ଼ୁଚେ ।

ଓ- ଦର୍ଶନ - ମୋ ଜେଜେଙ୍କର ଟିକିଏ ଦର୍ଶନ ତୃଟି ରହିଛି ।

ବି- ଦେଖ୍‌ବା - ମୋର ଦାଦୀକେ ରଂଚେକ୍ ଦେଖବା ଦୋଷ ଏହେ ।

କ- ଦେଖବାର୍ - ମର ଦାଦିର ଗିଚେକ ଦେଖବାର ଦୋଷ ଆଚେ ।

ଓ- ଦଉଡ଼ିବା - ଦଉଡ଼ିବା ଏକ ଭଲ ବ୍ୟାୟାମ୍ ଅଟେ ।

ବି- କୁଦାନର୍‌ଦା - କୁଦବାଟା ଗୋଟେକ୍ ବନେ ବ୍ୟାୟାମ୍ ଏ ।

କ- ଧାଏଁବାର - ଧାଏବାର୍‌ଟା ଗଟେ ବନେ ଅଭ୍ୟାସ୍ ।

ଓ- ଦାଆ - ଦାଆରେ ଧାନ କଟାଯାଏ ।

ବି- ହସିଆ - ହସିଆନେ ଧାନ୍ କଟାଯଥେ ।

କ- ଇଲା - ଇଲାନେ ଧାନ୍ କାଟା ଯାଇଲିଆ ।

ଓ- ଦାନ୍ତ - ପ୍ରତିଦିନ ସକାଳେ ଦାନ୍ତ ଘଷିବା ଭଲ ।

ବି- ଦାଁତ୍ - ସବ୍‌ଦିନ ବିହାନେଁ ଦାଁତ୍ କେ ଗେଁତ୍‌ବାର୍‌ଟା ବନେ ଏ ।

କ- ଦାତ୍ - ସବୁଦିନ୍ ସକାଳେ ଦାତ୍ ଘାସ୍‌ବାର୍‌ଟା ଭଲ୍ ।

ଓ- ଦାଣ୍ଡ - ଆମ ଗାଁ ଦାଣ୍ଡ ଖୁବ୍ ଓସାରିଆ ଅଟେ ।

ବି- ଖୁଏଲ୍ - ହାମର୍ ଗାଁକେ ଖୁଏଲ୍ ଜବର୍ ଉଷାର୍ ଏହେ ।

କ- ଖୁଏଲ - ଆମର୍ ଗାଁର୍ ଖୁଏଲ୍ ଖୋବ୍ ଉସାର୍ ।

ଓ- ଦାନା - କୁକୁଡ଼ାଙ୍କୁ ଯଥେଷ୍ଟ ଦାନା ଦେଇ ପାଳନ କର ।

ବି- ଦାନା - କୁକ୍‌ରୀ କେ ବନେଚ୍ ଦାନା ଦେକେ ପୋଷ୍ ।

କ- ଦାନା - କୁକୁଡ଼ାକେ ଖୋବ୍ ଦାନା ଦେତେ ପୁଶା

ଓ- ଦାର୍ଶନୀକ - ଦାର୍ଶନୀକ ମାନେ ଜୀବନର ପଥ ଦେଖାନ୍ତି ।

ବି- ଦାର୍ଶନୀକ୍ - ଦାର୍ଶନୀକ୍ ମନ୍ ଜୀବନ୍ କେ ବାଟ୍ ଦେଖାଥେ ।

କ- ଦାର୍ଶନିକ - ଦାର୍ଶନିକମନେ ଜୀବନର୍ ରାସ୍ତା ଦେଖାଡିଆନ୍ ।

ଓ- ଦାଉ - ପରିବେଶ ଆଦି ମନୁଷ୍ୟ ଉପରେ ଦାଉ ସାଧୁଛି ।

ବି- ଦୁଃଖ୍ - ପରିବେଶଟା ଲୋକକେ ଉପରନେ ଦୁଃଖ ଦେଥେ ।

କ- ଦାଉ - ପରିବେଶ୍ ଆଜକାଲ ମୁନୁଷର୍ ଉପରେ ଦାଉ ସାଧଚେ ।

ଓ- ଦାୟୀତ୍ୱ - ବାପାଙ୍କ ପରେ ଘରର ଦାୟୀତ୍ୱ ମୋ ଉପରେ ପଡିଛି ।

ବି- ବୋଝ - ବୁଆକେ ପଛିଲନେ ମୋର୍ ଉପରେ ଦେଖରେଖଟା ପଡେହେ ।

କ- ଦାୟୀତ୍ୱ - ବୁଆର ପେଚେ ଘେର୍‌ର ଦାୟୀତ୍ୱ ମର୍ ଉପରେ ପଡ଼ଲାଚେ ।

ଓ- ଦିଆସିଲି - ନରମ କାଠରେ ଦିଆସିଲି ଖୋଳ ତିଆରି ହୁଏ ।

ବି- ମାଚିସ୍ - ହଲକା ଗଛକେ କାଠନେ ମାଚିସ୍ ଖୋଲ୍ ତିଆରି ହେଥେ ।

କ- ଦିଆସିଲ - ନରମ କାଠନେ ଦିଆସିଲ୍ ଖୁଲା ତିଆର୍ ହୁଲିଆ ।

ଓ- ଦିପହର - ଦି ପହର ବେଳେ ମଧାହ୍ନ ଭୋଜନ ଦିଆଯାଏ ।

ବି- ଦୁଇପହରିୟା - ଦୁଇପହରିୟା ବେଲ୍‌ନେ ମଝନ୍ କେ ଖାନା ଦିଆଯାଥେ ।

କ- ବେଲାକେ - ବେଲାକେ ଦିନ୍‌ବେଲାର ଖାନା ଦିଆଯାଇଲିଆ ।

ଓ- ଦିଗଦର୍ଶନ - ଗୁରୁଜନ ମାନେ ଆମକୁ ଦିଗଦର୍ଶନ ଦିଅନ୍ତି ।

ବି- ଦିଗଦର୍ଶନ- ଗୁରୁମନ ହାମଗେଁ ଦିଗଦର୍ଶନ ଦେଥେ ।

କ- ଦିଗଦର୍ଶନ - ବଡ଼ଲୋକମାନେ ଆମ୍‌କେ ଦିଗଦର୍ଶନ୍ ଦଲିଆ ।

ଓ- ଦିବସ - ଦିବସରେ ଲୋକେ କାମ କରନ୍ତି

ବି- ଦିନନେ - ଦିନନେ ଲୋକ କାମ୍ କର୍‌ଥେ ।

କ- ଦିନବେଲା - ଦିନବେଲା ଲୋକ୍‌ମନେ କାମ୍ କିର୍‌ତିଆନ ।

ଓ- ଦ୍ୱିତୀୟ - ଏହା ରବିର ଦ୍ୱିତୀୟ ଚେଷ୍ଟା ଥିଲା ।

ବି- ଦୁଇ - ଇଟା ରବିକେ ଦୁଇ ଲମର ଚେରେଷ୍ଟା ରେହେସ୍ ।

କ- ଦୁଇନମ୍ବର - ଇଟା ରବିର୍ ଦୁଇ ନମର୍ ଚେଷ୍ଟା ଥେଲ ।

ଓ- ଦୀପ - ଗରିବ ଲୋକେ ରାତିରେ ଘରେ ଦୀପ ଜାଳନ୍ତି ।

ବି- ଦିଆ - ଗରିବ୍ ଲୋକମନ୍ ରାତିନେ ଦିଆ ଯାଲଥେ ।

କ- ଚିମନି - ଗରିବ୍‌ଲୋକ୍‌ମନେ ରାତିନେ ଚିମ୍‌ନି ଜଳାତିଆନ୍ ।

ଓ- ଦୀପାବଳୀ - ଦୀପାବଳୀ ଅମାବାସ୍ୟାରେ ବାଣ ଫୁଟାଯାଏ ।

ବି- ଦିଆଲି - ଦିଆଲି ଉଆଁସ ନେ ଫୋଟକା ଫୁଟାଯାଥେ ।

କ- ଦୀପାବଲୀ - ଦୀପାବଲୀ ଉଆଁସ୍‌ନେ ବାହାନ୍ ଫୁଟାଯାଇଲିଆ ।

ଓ- ଦ୍ୱୀପ - ହ୍ୱିଲର ଦ୍ୱୀପରୁ ରକେଟ ପ୍ରେରଣ କରାଯାଏ ।

ବି- ଟାପୁ - ହ୍ୱିଲର ଟାପୁନେ ରକେଟ ଛଡା ଯାଥେ ।

କ- ଦ୍ୱୀପ - ହ୍ୱିଲର ଦ୍ୱୀପ୍ ଠାନୁ ରକେଟ୍ ପେଶଣ୍ କିର୍‌ତିଆନ୍ ।

ଓ- ଦୁଇଫାଲ - ନଡ଼ିଆ ଭାଙ୍ଗିଲେ ଦୁଇ ଫାଲ ହୋଇଯାଏ ।

ବି- ଦୁଇଫାଲ୍ - ନଡ଼ିଆ ଫୁଟାନେ ଦୁଇଫାଲ୍ ହେ ଯଥେ ।

କ- ଦୁଇଫାଲ - ନଡିଆକେ ଭାଙ୍ଗ୍‌ଲେ ଦୁଇଫାଲ୍ ହୁଇଲିଆ ।

ଓ- ଦୁଧ - ଗାଈ ଦୁଧ ଶିଶୁ ମାନଙ୍କ ପାଇଁ ଉପକାରୀ ।

ବି- ଗୋରସ୍ - ଗାଏ ଗୋରସ୍ ଛୁଆମନ୍ କଲେଙ୍ଗ୍ ଅଏନ୍ ଏ ।

କ- ଗୁରସ - ଗାଏ ଗୁରସ୍ ଛୁଆମାନଙ୍କର ଲାଗି ବନେ ।

ଓ- ଦୁସ୍ଥ - ଦୁସ୍ଥ ଲୋକଙ୍କୁ ସରକାରୀ ସାହାଯ୍ୟ ମିଳେ ।

ବି- ଦୁର୍‌ବଲିଆ - ଦୁର୍‌ବଲିଆ ଲୋଗ୍‌କେ ସରକାରୀ ସାହେଜ୍ ମିଲ୍‌ଥେ ।

କ- ନିସହାୟ - ଗରିବ/ ନିସ୍‌ହାୟ ଲୋକ୍‌ମନ୍‌କେ ସର୍‌କାରୀ ସହଯୋଗ ମିଲଲିଆ ।

ଓ- ଦୁହେଁ - ଆମେ ଦୁହେଁ ହାଟକୁ ଯାଇଥିଲୁ ।

ବି- ଦିନୋଝନ୍ - ହାମେଁ ଦିନୋଝନ୍ ହାଟ୍ ଯାଏ ରେହେଁ ।

କ- ଦୁଇଲୋକ - ଆମେ ଦୁଇଲୋକ୍ ହାଟ୍‌କେ ଯାତେଲୁ ।

ଓ- ଦୁଃଖ - ଆତ୍ମୀୟଙ୍କୁ ହରାଇଲେ ଭାରି ଦୁଃଖ ଲାଗେ ।

ବି- ଦୁଃଖ - ଆପୁନ୍‌କେ ଲୋଗ୍‌କେ ଗୁଏଁଦାର୍‌ନେ ବଡ୍ ଦୁଃଖ୍ ଲାଗ୍‌ଥେ ।

କ- ଦୁଖ - ନିଜର୍ ଲୋକକେ ହାରାଲେ ଦୁଖ୍ ଲାଗ୍‌ଲିଆ ।

ଓ- ଦୁଃଖିରଙ୍କୀ - ଆଁମ ଦେଶରେ ଦୁଃଖୀରଙ୍କୀଙ୍କ ସଂଖ୍ୟା କମ୍ ନୁହେଁ ।

ବି- ଗରିବ୍‌ଦୁଖୀ - ହାମର୍ ଦେଶ୍‌ନେ ଗରିବ୍‌ଦୁଖି ମନ୍‌କେ ସଂଖ୍ୟା କମ୍ ନିଏ ।

କ- ଦୁଖିରଙ୍କି - ଆମର୍ ଦେଶେ ଦୁଖି ଗରିବର୍ / ଦୁଖିର୍‌ଙ୍କ ସଂଖ୍ୟା କମ୍‌ନାଇ ।

ଓ- ଦୁସାହସ - ଶୀକାରୀର ଦୁଃସାହାସ ଥାଏ ।

ବି- ବନେଚ୍ ଦମ୍ - ଶିକାରୀକେ ଜବର୍ ଦମ୍ ରେଥେ ।

କ- ଦୁସାହାସ - ଶିକାରିର୍ ଦୁସାହାସ୍ ଥିଲିଆ ।

ଓ- ଦୃଷ୍ଟି - ପିଲାଙ୍କ ପାଠ ପଢ଼ା ପ୍ରତି ପିତାମାତା ଦୃଷ୍ଟି ଦିଅନ୍ତୁ ।

ବି- ଦେଖ୍‌ରେଖ୍ - ଛୁଆ ପିଲାକେ ପାଠପଢ଼ା ବା କଲେଇଂ ଆୟା ବୁଆ ଦେଖ୍‌ରେଖ୍ କରୋ ।

କ- ଦେଖଲଖା - ପିଲାମାନଙ୍କର୍ ପାଠପଢ଼ା କାମେ ବୁଆ ମା ଦେଖ୍‌ରେଖ୍ କେର୍‌ବାର୍ ଉଚିତ ।

ଓ- ଦୂରରେ - ଦୂରରେ ଥାଇ ମଧ୍ୟ ସାହାଯ୍ୟ କରିହେବ ।

ବି- ଧୁରିଆ - ଧୁରିଆନେ ରେକେ ଭି ସାହାଜ୍ କରନ୍ ସେକାହି ।

କ- ଧୁରେ - ଧୁରେ ଥେତେ ବି ସାହାଯ୍ୟ କିରି ହତ ।

ଓ- ଦୁଷ୍ଟ - ଦୁଷ୍ଟ ମାନେ ଦିନେ ବିନିଷ୍ଟ ହେବେ ।

ବି- ବଦ୍‌ମାସ୍ - ବଦ୍‌ମାସ୍ ମନ୍ ଦିନେକ୍ ନାଶ୍ ହେ ଯହି ।

କ- ଖାରାପ - ଖାରାପ୍ ଲୋକମନେ ଦିନେ ନଷ୍ଟ ହତ ।

ଓ- ଦୂଷିତ - ଦୂଷିତ ଜଳ ପାନ କଲେ ରୋଗ ହୁଏ ।

ବି- ଖରାପ୍ - ଖରାପ୍ ପାନି ପିନେ ବେମାର୍ ହଥେ ।

କ- ଖାରାପ - ଖାରାପ୍ ପାନ୍ ପିଲେ ବେମାର ହୁଇଲିଆ ।

ଓ- ଦୃଶ୍ୟ - କରୁଣ ଦୃଶ୍ୟ ଦେଖିଲେ ହୃଦୟକୁ ବାଧେ ।

ବି- ଦୃଶ୍ୟ - କରୁଲେଇକେ ଦେଖ୍‌ନେ ଛାତିକେ ବାଏଦ୍ ଯଥେ ।

କ- ଦୃଶ୍ୟ - କରୁଣ ଦୃଶ୍ୟ ଦେଖ୍‌ଲେ ଛାତି ଫାଟଲିଆ ।

ଓ- ଦୀପାବଳୀ - ଦୀପାବଳୀ ଅମାବାସ୍ୟାରେ ବାଣ ଫୁଟାଯାଏ ।

ବି- ଦିଆଲି - ଦିଆଲି ଉଆଁସ ନେ ଫୋଟକା ଫୁଟାଯାଥେ ।

କ- ଦୀପାବଳୀ - ଦୀପାବଳୀ ଉଆଁସ୍‌ନେ ବାହାନ୍ ଫୁଟାଯାଇଲିଆ ।

ଓ- ଦ୍ୱୀପ - ହ୍ୱିଲର ଦ୍ୱୀପରୁ ରକେଟ ପ୍ରେରଣ କରାଯାଏ ।

ବି- ଟାପୁ - ହ୍ୱିଲର ଟାପୁନେ ରକେଟ ଛଡା ଯାଥେ ।

କ- ଦ୍ୱୀପ - ହ୍ୱିଲର ଦ୍ୱୀପ୍ ଠାନୁ ରକେଟ୍ ପେଶଣ୍ କିର୍‌ତିଆନ୍ ।

ଓ- ଦୁଇଫାଲ - ନଡ଼ିଆ ଭାଙ୍ଗିଲେ ଦୁଇ ଫାଲ ହୋଇଯାଏ ।

ବି- ଦୁଇଫାଲ୍ - ନଡ଼ିଆ ଫୁଟାନେ ଦୁଇଫାଲ୍ ହେ ଯଥେ ।

କ- ଦୁଇଫାଲ - ନଡିଆକେ ଭାଙ୍ଗ୍‌ଲେ ଦୁଇଫାଲ୍ ହୁଇଲିଆ ।

ଓ- ଦୁଧ - ଗାଈ ଦୁଧ ଶିଶୁ ମାନଙ୍କ ପାଇଁ ଉପକାରୀ ।

ବି- ଗୋରସ୍ - ଗାଏ ଗୋରସ୍ ଛୁଆମନ୍ କଲେଙ୍ଗ୍ ଅଏନ୍ ଏ ।

କ- ଗୁରସ - ଗାଏ ଗୁରସ୍ ଛୁଆମାନଙ୍କର ଲାଗି ବନେ ।

ଓ- ଦୁସ୍ଥ - ଦୁସ୍ଥ ଲୋକଙ୍କୁ ସରକାରୀ ସାହାଯ୍ୟ ମିଳେ ।

ବି- ଦୁର୍‌ବଲିଆ - ଦୁର୍‌ବଲିଆ ଲୋଗ୍‌କେ ସରକାରୀ ସାହେଜ୍ ମିଲ୍‌ଥେ ।

କ- ନିସହାୟ - ଗରିବ/ ନିସ୍‌ହାୟ ଲୋକ୍‌ମନ୍‌କେ ସର୍‌କାରୀ ସହଯୋଗ ମିଲଲିଆ ।

ଓ- ଦୁହେଁ - ଆମେ ଦୁହେଁ ହାଟକୁ ଯାଇଥିଲୁ ।

ବି- ଦିନୋଝନ୍ - ହାମେଁ ଦିନୋଝନ୍ ହାଟ୍ ଯାଏ ରେହେଁ ।

କ- ଦୁଇଲୋକ - ଆମେ ଦୁଇଲୋକ୍ ହାଟ୍‌କେ ଯାତେଲୁ ।

ଓ- ଦୁଃଖ - ଆତ୍ମୀୟଙ୍କୁ ହରାଇଲେ ଭାରି ଦୁଃଖ ଲାଗେ ।

ବି- ଦୁଖ୍ - ଆପୁନ୍ କେ ଲୋଗ୍‌କେ ଗୁଏଁଦାର୍‌ନେ ବଡ୍ ଦୁଃଖ୍ ଲାଗ୍‌ଥେ ।

କ- ଦୁଖ - ନିଜର୍ ଲୋକକେ ହାରାଲେ ଦୁଖ୍ ଲାଗ୍‌ଲିଆ ।



ଓ- ଦୁଃଖିରଙ୍କୀ - ଆମ ଦେଶରେ ଦୁଃଖୀରଙ୍କୀଙ୍କ ସଂଖ୍ୟା କମ୍ ନୁହେଁ ।

ବି- ଗରିବ୍‌ଦୁଖୀ - ହାମର୍ ଦେଶ୍‌ନେ ଗରିବ୍‌ଦୁଖି ମନ୍‌କେ ସଂଖ୍ୟା କମ୍ ନିଏ ।

କ- ଦୁଖିରଙ୍କି - ଆମର୍ ଦେଶେ ଦୁଖି ଗରିବର୍ / ଦୁଖିର୍‌ଙ୍କ ସଂଖ୍ୟା କମ୍‌ନାଇ ।

ଓ- ଦୁସାହସ - ଶୀକାରୀର ଦୁଃସାହାସ ଥାଏ ।

ବି- ବନେଚ୍ ଦମ୍ - ଶିକାରୀକେ ଜବର୍ ଦମ୍ ରେଥେ ।

କ- ଦୁସାହାସ - ଶିକାରିର୍ ଦୁସାହାସ୍ ଥିଲିଆ ।

ଓ- ଦୃଷ୍ଟି - ପିଲାଙ୍କ ପାଠ ପଢ଼ା ପ୍ରତି ପିତାମାତା ଦୃଷ୍ଟି ଦିଅନ୍ତୁ ।

ବି- ଦେଖ୍‌ରେଖ୍ - ଛୁଆ ପିଲାକେ ପାଠପଢ଼ା ବା କଲେଙ୍ଗଂ ଆୟା ବୁଆ ଦେଖ୍‌ରେଖ୍ କରୋ ।

କ- ଦେଖଲଖା - ପିଲାମାନଙ୍କର୍ ପାଠପଢ଼ା କାମେ ବୁଆ ମା ଦେଖ୍‌ରେଖ୍ କେର୍‌ବାର୍ ଉଚିତ ।

ଓ- ଦୂରରେ - ଦୂରରେ ଥାଇ ମଧ୍ୟ ସାହାଯ୍ୟ କରିହେବ ।

ବି- ଧୁରିଆ - ଧୁରିଆନେ ରେକେ ଭି ସାହାଜ୍ କରନ୍ ସେକାହି ।

କ- ଧୁରେ - ଧୁରେ ଥେତେ ବି ସାହାଯ୍ୟ କିରି ହତ ।

ଓ- ଦୁଷ୍ଟ - ଦୁଷ୍ଟ ମାନେ ଦିନେ ବିନିଷ୍ଟ ହେବେ ।

ବି- ବଦ୍‌ମାସ୍ - ବଦ୍‌ମାସ୍ ମନ୍ ଦିନେକ୍ ନାଶ୍ ହେ ଯହି ।

କ- ଖାରାପ - ଖାରାପ୍ ଲୋକମନେ ଦିନେ ନଷ୍ଟ ହତ ।

ଓ- ଦୂଷିତ - ଦୂଷିତ ଜଳ ପାନ କଲେ ରୋଗ ହୁଏ ।

ବି- ଖରାପ୍ - ଖରାପ୍ ପାନି ପିନେ ବେମାର୍ ହଥେ ।

କ- ଖାରାପ - ଖାରାପ୍ ପାନ୍ ପିଲେ ବେମାର ହୁଇଲିଆ ।

ଓ- ଦୃଶ୍ୟ - କରୁଣ ଦୃଶ୍ୟ ଦେଖିଲେ ହୃଦୟକୁ ବାଧେ ।

ବି- ଦୃଶ୍ୟ - କର୍‌ଲେଇକେ ଦେଖ୍‌ନେ ଛାତିକେ ବାଏଦ୍ ଯଥେ ।

କ- ଦୃଶ୍ୟ - କରୁଣ ଦୃଶ୍ୟ ଦେଖ୍‌ଲେ ଛାତି ଫାଟଲିଆ ।

ଓ- ଦେଖାଦେଖି - ଲୁଚମ୍ କେ ଟିକେ ଦେଖି ଦେଖାକେ ଦୁଆ ଫିର୍ ଯଥେ ।

ବି- ଦେଖ୍ଦେଖା - ଲୁଚମ୍ କେ ଟିକେ ଦେଖ୍ ଦେଖାକେ ବୁଆ ଫିର୍ ଯଥେ ।

କ- ଦେଖାଦେଖ୍ଖି - ଘେରର ଲୋକକେ ଦେଖଦେଖ୍ଖି କେତେ ବୁଆ ଭାଗଲିଆ ।

ଓ- ଦେଶ - ଆମ ଭାରତ ଏକ ବୃହତ୍ ଦେଶ ଅଟେ ।

ବି- ଦେଶ - ହାମର୍ ଭାରତ୍ ଗୋଟେକ୍ ବଡ଼ ଜାବର୍ ଦେଶ୍ ଏ ।

କ- ଦେଶ - ଆମର ଭାରତଗ ଗଟେ ବଡ଼ ଦେଶଗ ।

ଓ- ଛୁଏଁ - ସମୁଦ୍ର ଆମ ଜନ୍ମଭୂମିର ପାଦ ଛୁଏଁ ।

ବି- ଛିତେ - ସମୁଦର୍‌ନେ ହାମର୍ ଜନମଭୂଇଁକେ ପାଦ୍‌କେ ଛିଥେ ।

କ- ଛିଲିଆ - ସମୁଦ୍ର ଆମରଗ ଜନଗମ ଭୂଇଁ ପାଦଗକେ ଛିଲିଆ ।

ଓ- ଦେଖିବା - ସୂର୍ଯ୍ୟଙ୍କୁ ଦେଖିବା ଦ୍ୱାରା ଆଖି ଖରାପ ହୁଏ ।

ବି- ଦେଖ୍ନେ - ବେଲ୍ କେ ଦେଖ୍ନେ ଆଁଖି ଖରାପ୍ ହଥେ ।

କ- ଦେଖ୍ଲେ - ବେଲକେ ଦେଖ୍ଲେ ଆଁଖ ଖାରାପ୍ ହୁଲିଆ ।

ଓ- ଦେହ - ମୋ ଦେହ ଆଜି ଟିକିଏ ଭଲ ନାହିଁ ।

ବି- ଦେହେଁ - ମୋର୍ ଦେହେଁ ଆଏଜ୍ ବନେ ନି ଏ ।

କ- ଗାଗର - ମର ଗାଗର ଆଏଜ୍ ଖଣେକ୍ ବନେ ନାହିଁ ।

ଓ- ଦେବଦାରୁ - ଦେବଦାରୁ ଗଛର କାଠରେ ଦିଆସିଲି ତିଆରି ହୁଏ ।

ବି- ଦେବ୍ଦାରୁ - ଦେବ୍ଦାରୁ ଗଛ୍ କେ ଲକ୍‌ରିନେ ଖାଡ଼ି ତିଆର୍ ହଥେ ।

କ- ଦେବଦାରୁ - ଦେବ୍ଦାରୁ ଗଛର୍ କାଠନେ ଦିଆସିଲ ତିଆର୍ ହୁଲିଆ ।

ଓ- ଦେଖି - ହଠାତ୍ ବାଘ ଦେଖି ମୁଁ ଡ଼ରିଗଲି ।

ବି- ଦେଖ୍କେ - ଭରକୋଲେ ବାଘ୍ ଦେଖ୍ କେ ମେଁ ଡ଼ରାଯାଏଁ ।

କ- ଦେଖ୍ତେ - ଅଠାତ୍ ବାଗକେ ଦେଖ୍ତେ ଡିରଲି ।

ଓ- ଦେବୀ - କାଲି ଜାଇ ପାହାଡ଼ରେ ଦେବୀ ମନ୍ଦିର ଅଛି ।

ବି- ଦେବୀ - କାଲି ଜାଇ ଡ଼ଙ୍ଗର୍ ନେ ଦେବୀ ମନ୍ଦିର୍ ଏହେ ।

କ- ଦେପତା - କାଲିଯାଇ ଡଙ୍ଗର୍‌ନେ ଦେପ୍‌ତା ଗୁଡ଼ି ଆଚେ ।

ଓ- ଦୋକାନ - ଆମ ଗ୍ରାମରେ ଔଷଧ ଦୋକାନଟିଏ ନାହିଁ ।

ବି- ଦୁକାନ୍ - ହାମର୍ ଗାଁନେ ଉଖୋଦୁକାନ୍ ନିଏ ।

କ- ଦୁକାନ - ଆମର ଗାଁନେ ଓଶୋ ଦୁକାନ୍ ଗଟେକ୍ ଆଚେ ।

ଓ- ଦୋଳି - ଝିଅମାନେ ଦୋଳି ଖେଳି ଆନନ୍ଦ ପାଆନ୍ତି ।

ବି- ଦୁଲି - ଛୋକ୍‌ରି ମନ୍ ଦୁଲି ଖେଲ୍‌ବାକେ ବନେଚ୍ ଆନନ୍ଦପାଥେ ।

କ- ଦୁଲି - ଟୁକିଲ୍‌ମନେ ଦୁଲି ଖେଳିକର୍ ଉଷତ୍ ହୁଟିଆନ ।

ଓ- ଦୈର୍ଘ୍ୟ - ହୀରାକୁଦ ବନ୍ଧର ଦୈର୍ଘ୍ୟ ପ୍ରାୟ ୨୫ କି.ମି. ।

ବି- ଲମା - ହୀରାକୁଦ୍ ବାନ୍ଧ୍ କେ ଲମାଟା ଅନ୍‌ମାନ୍ ନେ ୨୫ କି.ମି. ହହି ।

କ- ଲମା - ହୀରାକୁଦ୍ ବନ୍ଦର୍ ଲମା ପାଖାପାଖି ୨୫ କିଲୋମିଟର୍ ।

ଓ- ଦୌଡ଼ିବା - ଶିକ୍ଷକ ପିଲାଙ୍କୁ ଦୌଡ଼ିବା ପାଇଁ କହିଲେ ।

ବି- କୁଦ୍‌ବା - ଗୁରୁ ଛୁଆମନ୍ କେ କୁଦ୍‌ବାର୍ କଲେଙ୍ଗ କୋହେସ୍ ।

କ- ଧାଆଁବା - ଶିକ୍ଷକ ପିଲାମନ୍‌କେ ଧାଆଁବାକେ କଅଲେ ।

ଓ- ଦ୍ୱନ୍ଦ - ଲୋକଟିର କଥା ଶୁଣି ମୁଁ ଦ୍ୱନ୍ଦରେ ପଡ଼ିଲି ।

ବି- ଅଡୁଆ - ଲୋଗ୍‌କେ ଗୋଏଟ୍ କେ ଶୁଇନ୍ କେ ମେଁ ଅଡୁଆ ନେ ପଡ୍ ଯାଏଁ ।

କ- ଅଡୁଆ - ଲୋକର କାତା ଶୁନ୍‌ତେ ମୁଁଇ ଅଡୁଆକେ ପୁଡଲିଁ ।

ଓ- ଦ୍ୱାର - ମନ୍ଦିରର ଦ୍ୱାର ସମସ୍ତଙ୍କ ପାଇଁ ଖୋଲା ରହିବା ଆବଶ୍ୟକ ।

ବି- ମୁହୁଁଟା - ମନ୍ଦିର୍‌କେ ମୁହୁଁଟା ସବଝନ କଜେ ମେଲାରେବାର୍ କଥା ।

କ- ଦ୍ୱାର - ଗୁଡିର ଦ୍ୱାର୍ ସବ୍‌କର୍ କାଯେ ଖୁଲା ହେବାର୍ କାତା ।

ଓ- ଧଳା - ଟଗର ଫୁଲର ରଙ୍ଗ ଧଳା ।

ବି- ପର୍‌ର୍ଗା - ଟଗର୍ ଫୁଲ୍‌କେ ରଙ୍ଗ୍ ପର୍‌ର୍ଗା ଏ ।

କ- ଧବଲା - ଟଗର୍ ଫୁଲର୍ ରଙ୍ଗ୍ ଧବଲା ।

ଓ- ଧମନୀ - ଧମନୀରେ ପରିଷ୍କୃତ ରକ୍ତ ଯାଏ ।

ବି- ଛିର - ଛିର୍ ନେ ଅଏନ୍ ଲହୁ ଯଥେ ।

କ- ଧମନୀ - ଧମ୍‌ନୀନେ ସାପା ରୁଧିର୍ / ରକତ୍ ଯାଇଲିଆ ।

ଓ- ଧନୁଶର - ଶବର ମାନେ ଧନୁଶର ଧରି ଯାଆ ଆସ କରନ୍ତି ।

ବି- ଧନୁତୀର୍ - ଶବର୍ ମନ୍ ଧନୁତୀର୍ ଧେର୍ କେ ଯା ଆସ କର୍‌ଥେ ।

କ- ଧନୁଶର୍ - ଶବର୍‌ମନେ ଧନୁଶର୍ ଧେର୍‌ତେ ଯାଆସ କିର୍‌ତିଆନ୍ ।

ଓ- ଧଇଁସଇଁ - ଲୋକଟି ଧଇଁସଇ ହୋଇ ଘରେ ପହଞ୍ଚିଲା ।

ବି- ଲକର୍‌ପକର୍ - ଲୋକ୍ ନେ ଲକର୍ ଧକର୍ ହେକେ ଘର୍ ଆଏସ୍ ।

କ- ଧୁଁଷୁଁ - ଲୋକଗୁଟେ ଧୁଁସୁଁ ହତେ ଘେର୍‌କେ ଖେଟ୍‌ଲ ।

ଓ- ଧରିବା - ମାଛ ଧରିବା କେଉଁଟ ମାନଙ୍କ ବୃତ୍ତି ଅଟେ ।

ବି- ଧେରବା - ମଛଲି ଧେର୍‌ବା କେଉଁଟା ମନ୍‌କେ ପେଷା ଏ ।

କ- ଧେର୍‌ବା - ମାଚ୍ ଧେର୍‌ବା କେଉଟ ମନ୍‌କର୍ ପେଶା ।

ଓ- ଧରାଧରି - ପିଲାଏ ଧରାଧରି ହୋଇ ଖେଳନ୍ତି ।

ବି- ଧେରାଧେରି - ଛୁଆମନ୍ ଧେରାଧେରି ହେକେ ଖେଲ୍‌ଥେ ।

କ- ଧେରାଧୁରି - କେଡ଼ାମନେ ଧେରାଧୁରି ହତେ ଖ୍‌ଲତିଆନ୍ ।

ଓ- ଧନ୍ଦା - ସ୍କୁଲ ମାନଙ୍କରେ ଧନ୍ଦାମୂଳକ ଶିକ୍ଷା ଦେବା ଉଚିତ୍ ।

ବି- ଧେନ୍ଦା - ଇସ୍‌କୁଲ୍ ମନ୍ କେ ଧେନ୍ଦା ଶିଖାବାର୍ ଶିକ୍ଷା ଦେବାର୍ କଥା ।

କ- ପେଶା - ଇସ୍କୁଲ୍ ମନ୍‌କେ ପେଶା / ଧନ୍ଦାମୂଲକ୍ ପାଟ୍ ପଡାବାର୍ କାତା ।

| | | | |
|---|---|---|---|
| ଓ- | ଧନ୍ୟ | - | ଦେଶ ପାଇଁ ପ୍ରାଣବଳୀ ଦେଉଥିବା ଲୋକ ଧନ୍ୟ । |
| ବି- | ଧଇନ୍ | - | ଦେଶ୍ କଲେଇଁ ଜୀବନ ଦେବା ଲୋକ୍ଟା ଧଇନ୍ ଏ । |
| କ- | ଧଏନ | - | ଦେଶର୍ କାଯେ ଜୀବନ୍ ଦେବାର୍ ଲୋକ ଧଏନ୍ । |
| ଓ- | ଧନୀ | - | ଧନୀମାନେ ଗରିବଙ୍କ କଥା ଶୁଣିବା ଉଚିତ୍ । |
| ବି- | ଧନୀ | - | ଧନୀମନ୍ ଗରିବ୍ ଲୋକ୍କେ ବାତ୍ ଶୁନ୍ବା ବନେଏ । |
| କ- | ଧନୀ | - | ଧନୀ ଲୋକମନେ ଗରିବ୍ଲୋକର୍ କାତା ବୁଝ୍ବା କାତା । |
| ଓ- | ଧାର | - | ଗାଁର ଲୋକେ ଧାର ଉଧାର କରି ଚଳନ୍ତି । |
| ବି- | ଉଧାର | - | ଗାଁକେ ଲୋକମନ୍ ଉଧାର୍ କର୍କେ ଚଲ୍ଥେ । |
| କ- | ଉଧାର | - | ଗାଁର୍ ଲୋକମନେ ଧାର୍ ଉଧାର୍ କେତେ ଚଲତିଆନ୍ । |
| ଓ- | ଧାନ | - | ବାସୁମତୀ ଧାନ ଚାଷ ଏକ ଲାଭଜନକ କୃଷି କାର୍ଯ୍ୟ । |
| ବି- | ଧାନ | - | ବାସମତୀ ଧାନ୍ ଚାଷ୍ କମାବାଟା ଗୋଟେକ୍ ବନେ ଲାବ୍ ଚାଷ ଏ । |
| କ- | ଧାନ | - | ବାସୁମତି ଧାନ୍ ଗଟେକ୍ ଲାଭ୍ ଦେବାର୍ ଚଷ କାମ । |
| ଓ- | ଝର | - | ଝର ପାଣି ପଥର କାଟେ । |
| ବି- | ଝର୍ | - | ଝର ପାଏନ୍ ପାଖ୍ରୁନ୍ କାଠ୍ ଥେ । |
| କ- | ଧିର | - | ଧିର ପାନେ ପଥର୍ କାଟଲିଆ । |
| ଓ- | ଧୂଆଁ | - | ନିମ୍ବ ପତ୍ର ଧୂଆଁ, ମଶା ଘଉଡ଼ାଏ । |
| ବି- | କୁହୁଲା | - | ଲିମ୍ ପତର୍ କେ କୁହୁଲା, ଗୁଣିଁଆ ଖେଦ୍ଥେ । |
| କ- | କୁଉଁଲା | - | ଲିମ୍ ପତ୍ର କୁଉଁଲା ମଶା ଖିଦ୍ଲିଆ । |
| ଓ- | ଧୂଆଁଳିଆ | - | ଖରାଦିନେ ଆକାଶ ଧୂଆଁଳିଆ ଦେଖାଯାଥେ । |
| ବି- | ଧୂଳିଆ | - | ଘାମ୍ ଦିନ୍ନେ ଆକାଶ୍ ଧୂଳିଆ ଦେଖାଯାଏ । |
| କ- | କୁହୁଡିଆ | - | ଖାରା ଦିନେ ବାଦଲ କୁହୁଡିଆ ଦିଶଲିଆ । |

ଓ- ଧୂପ - ପୂଜକ ଧୂପ ଦେଇ ପୂଜା କରନ୍ତି ।

ବି- ଧୂପ୍ - ପୂଝାରୀ ଧୂପ୍ ଦେକେ ପୂଜା କରୁଥେ ।

କ- ଧୂପ - ପୁଝାରୀ / ଦାନୀ ଧୂପ ଦେତେ ପୂଜା କିଲିଆ ।

ଓ- ଧୂଏ - ସକାଳେ ଉଠି ମୁଁ ମୁହଁ ଧୂଏ ।

ବି- ଧୂଥିଁ - ସକାଲ୍ ନେ ଉଠ୍ କେ ମିଁ ମୁହୁଁ ଧୂଥିଁ ।

କ- ଧଏନା - ସାକାଲେ ଉଠ୍ତେ ମୁଁ ଇଁ ମୁହଁ ଧୁଏନା ।

ଓ- ଧୂଳି - ମାଟି ରାସ୍ତାରେ ଖୁବ୍ ଧୂଳି ଉଡ଼େ ।

ବି- ଧୂଏଲ୍ - ମାଟି ସଡ଼କନେ ଅଡ଼୍ବଡ଼୍ ଧୂଏଲ୍ ଉଡ଼୍ଥେ ।

କ- ଧୂଲ୍ - ମାଟ ବାଟେନେ ଜୋରସେ ଧୂଲ ଉଡଲିଆ ।

ଓ- ଧୂଳିଛାଡ଼ି - ପିଲାଟି ଧୂଳି ଛାଡ଼ି ଉଠିପଡ଼ିଲା ।

ବି- ଧୁର୍ଗା ଝରାଏ - ଛୁଆଟା ଧୁର୍ଗା ଝରାଏ କେ ଉଠେସ୍ ।

କ- ଧୂଲପୁଛ - କେଡ଼ା ଧୂଲ ଫାମ୍ରୀ ହତେ ଉଠଲ ।

ଓ- ଧ୍ୱଂସ - ପରମାଣୁ ବୋମା କ୍ଷଣିକେ ମଧ୍ୟରେ ସବୁ ଧ୍ୱଂସ କରେ ।

ବି- ଧ୍ୱଂସ୍ - ପରମାଣୁ ବୋମା ଛନେକ୍ ଘଡ଼େକ୍ ନେ ସବ୍ ଧ୍ୱଂସ୍ କରଦେଥେ ।

କ- ଧମ - ପରମାଣୁ ଗୁଲା ଅଲପ୍କେ ସବ୍ ଧଁସ କିଲିଆ ।

ଓ- ନଈ - ମୁଁ ଆମ ଗାଁ ନଈରେ ପହଁରା ଶିଖିଛି ।

ବି- ଜୋର୍ - ମେଁ ହାମର ଗାଁକେ ଜୋର୍ ନେ ତଅଁରବା କେ ଶିଖେ ହଁ ।

"ନ"

ଓ- ନଈ - ମୁଁ ଆମ ଗାଁ ନଈରେ ପହଲା ଶିଖିଛି ।

ବି- ନଦୀ - ମେଁ ହାମର୍ ଗାଁ କେ ନଦିନେ ତଅଁରବା ଟା ଶିଖେ ହଁ ।

କ- ନଦି/ନଏଦ - ମୁଇଁ ଆମର ଗାଁର ନଏଦ୍ନେ ପୁହୁର୍ବାଟା ଶିଖଲା ।

ଓ- ନଈବନ୍ଧ - ନଈବଢ଼ିବେଳେ ନଈବନ୍ଧ ଭାଙ୍ଗିଯାଏ ।

ବି- ନନ୍ଦିବନ୍ଧା - ଟୁଣାଁ ଆନେ ନନ୍ଦିବନ୍ଧା ଫୁଟ୍ ଯଥେ ।

କ- ନଦି/ନଏଦବନ୍ଧ- ନଏଦ ବଏଡ଼ ବେଲେ ହାଂଡା ବନ୍ଧ ଭାଙ୍ଗଲିଆ ।

ଓ- ନଈବଢ଼ି - ନଈବଢ଼ି ଆମ ରାଜ୍ୟର ଏକ ବଡ଼ ବିପତ୍ତି ।

ବି- ଟୁଣାଁ - ଟୁଣାଁ ହାମର୍ ରାଜ୍‌କେ ଗୋଟେକ୍ ବଡ଼ଖା ବିପ୍ତି ଏ ।

କ- ନଏଦବଏଡ଼ - ନଏଦବଏଡ଼ ଆମର ରାଏଜର ଗଟେ ବଡ଼ ବିପତ୍ ।

ଓ- ନଦୀ - ମହାନଦୀ ଓଡ଼ିଶାର ବଡ଼ ନଦୀ ।

ବି- ନନ୍ଦି - ମହାନନ୍ଦି ଓଡ଼ିଶାକେ ବଡ଼୍‌ଖା ନନ୍ଦିଏ ।

କ- ନନ୍ଦ - ମହାନଦୀ ଓଡ଼ିଶାର ବଡ଼ ନେଦ୍ ।

ଓ- ନକ୍‌ସା - ଇଂଜିନିୟମ୍ ଆସି ବିଦ୍ୟାଳୟର ନକସା ପ୍ରସ୍ତୁ କଲେ ।

ବି- ନକ୍‌ସା - ଇଂଜିନିୟର୍ ଆକେ ଇସ୍‌କୁଲ୍‌କେ ନକ୍‌ସା କେ ବନାଏସ୍ ।

କ- ନକସା - ଇଞ୍ଜିନିୟର ଆସ୍‌ତେ ଇସ୍କୁଲ ନାକସା ବାନାଲେ ।

ଓ- ନଜର - ଶିକ୍ଷକ ପ୍ରତି ପିଲା ଉପରେ ନଜର ରଖନ୍ତି ।

ବି- ନେଘା - ଗୁରୁଜୀ ସବୋ ଛୁଆମନ୍‌କେ ଉପର୍‌ନେ ନେଘା ରାଖ୍‌ଥେ ।

କ- ଆଖ୍ - ମାଷ୍ଟର ସବୁ ପିଲାର ଉପରେ ଆଖ୍ ରଖ୍‌ତିଆ ।

ଓ- ନଟୁ - ପିଲାମାନେ ନଟୁ ଖେଳ ଭଲ ପାଆନ୍ତି ।

ବି- ଭଅଁରା - ଛୁଆମନ୍ ଭଅଁରା ଖେଲବାର୍ କଜେ ବନେପାଥେ ।

କ- ନଟୁ - କେଡ଼ାମନେ ନଟୁ ଖେଲ୍‌ବାକେ ବନେ ପାଇତିଆ ।

ଓ- ନଡ଼ିଆ - ନଡ଼ିଆ କତାରେ ଦଉଡ଼ି ତିଆରି ହୁଏ ।

ବି- ନଢେଲ - ନଢେଲ ବୁଜ୍‌ନେ ଡ଼ୋର୍ ତିଆର୍ ହଥେ ।

କ- ନଡିଆ - ନଡିଆ କାତାନେ ଡ଼ୋର ବାନା ହୁଲିଆ ।

ଓ- ନବମ - ଦୌଡ଼ ଖେଳରେ ରୀତା ନବମ ସ୍ଥାନରେ ରହିଲା ।

ବି- ନବମ - କୁଦ୍ ବା ଖେଲ୍ ନେ ରୀତା ନବମ ଜାଗାନେ ରେହେସ୍ ।

କ- ନନମର - ଧାଁଧୁପଡ୍ ଖେଲନେ ରୀତା ନନ୍‌ମର ହଲ ।

ଓ- ନଳ - ନଳକୂପ ପାଣି ପିଇବା ନିରାପଦ ।

ବି- କଲ୍‌ଚୁଆଁ - କଲଚୁଆଁ କେ ପାନି ପିବାର୍‌ଟା ନିରାପଦ ଏ ।

କ- ନଳଚୁଆ - ନଳଚୁଆଁର ପାନ୍ ପିଇବାରଟା ସୁରକ୍ଷୀତ / ନିରାପଦ ।

ଓ- ନଷ୍ଟ - ଖାଦ୍ୟ ଦ୍ରବ୍ୟ ଆଦି ନଷ୍ଟ କର ନାହିଁ ।

ବି- ଖଇତା - ଖବା ଦରବ୍ କେ ଖଇତା ନି କର୍ ।

କ- ଖାରାପ - ଖାଏବାର ଝିନୀସ୍ ଖାରାପ୍ ନା କେରା ।

ଓ- ନାଲି - ସଂନ୍ଧ୍ୟା ସୂର୍ଯ୍ୟ ନାଲି ଦେଖାଯାଏ ।

ବି- ଲାଲିହା - ବେଲ୍‌ବୁଡ୍‌ତିକେ ବେଲ୍ ଲାଲିହା ଦିକ୍‌ଥେ ।

କ- ଲାଲ - ବେଲବୁଡ଼ାକେ ବେଲ୍ ଲାଲ ଦିଶଲିଆ ।

ଓ- ନାଳ - ନାଳରେ ପାଣି ଦୂରକୁ ନିଆଯାଏ ।

ବି- ବର୍‌ହା - ବର୍‌ହାନେ ପାନି ଧୁରିଆକେ ନିଆଯଥେ ।

କ- ନାଳ - ନାଳନେ ପାନକେ ଧୁରକେ ନିଆଯାଇଲିଆ ।

ଓ- ନାତୁଣୀ - ମୋର ଗୋଟିଏ ନାତୁଣୀ ଅଛି ।

ବି- ନାତେନ୍ - ମୋର୍ ଗୋଟେକ୍ ନାତେନ୍ ଏହେ ।

କ- ନାତେନ୍ - ମର୍ ଗଟେକ୍ ନାତେନ୍ ଆଚେ ।

ଓ- ନାଶ - ଦୁଷ୍ଟର ସର୍ବନାଶ ହୋଇଯାଏ ।

ବି- ନାଶ - ଦୁଷ୍ଟ ଲୋକ୍‌କେ ସରବ୍‌ନାଶ୍ ହେ ଯଥେ ।

କ- ନାଶ - ଖାରାପ ଲୋକର ସବ୍ବୁନାସ ହୁଇଲିଆ ।

ଓ- ନାମ - ବହୁମୂଲ୍ୟ ସୁବର୍ଣ୍ଣ ଅପେକ୍ଷା ଉତ୍ତମ ନାମ ଭଲ ।

ବି- ନାଁ - ବନେ ଦାମ୍‌କିଆ ସୁନା ଲେ ବନେ ନାଁଟା ଅଇନ୍‌ ଏ ।

କ- ନାମ - ଖୋବ୍‌ ସୁନା ଠାନୁନ୍‌ ଭଲ ନା ବନେ ।

ଓ- ନାରଖାର - ଅବାଧ୍ୟ ପୁତ୍ର ସଂପତ୍ତି ନାରଖାର କରେ ।

ବି- ନାର୍‌ଖାର୍‌ - ବେଚଲନିଆ ଛୁଆଟା ସମ୍ପତି କେ ଖୁରୁପ୍‌ ନାଶ କରଥେ ।

କ- ନାରଖାର - ଖାରାପ ପିଲା ଧନ୍‌କେ ନାରଖାର କିଲିଆ ।

ଓ- ନାରିକେଲ - କେରଲ ରାଜ୍ୟରେ ବହୁତ ନାରିକେଳ ଗଛ ଅଛି ।

ବି- ନଡ଼ିଆ - କେରଲ୍‌ ରାଇଜ୍‌ନେ ଜବର୍‌ ନଡ଼ିଆ ଗଛ ଏହେ ।

କ- ନଡିଆ - କେରଲ୍‌ ରାଏଜନେ ଖୋବ୍‌ ନଡିଆଗେଚ ଆଚେ ।

ଓ- ନାତି - ରବିବାବୁଙ୍କ ନାତି ଷଷ୍ଠ ଶ୍ରେଣୀରେ ପଢ଼େ ।

ବି- ନାତି - ରବିବାବୁକେ ନାତି ଛେ ଗିଲାସ୍‌ ନେ ପଢଥେ ।

କ- ନାତି - ରବିବାବୁର୍‌ ନାତି ଛ ଶ୍ରେଣୀନେ ପଢ଼ଚେ ।

ଓ- ନା - ଧୂମ୍ର ପାନକୁ ନା କୁହ ।

ବି- ଉଁ... - ଧୂଆଁ ପିବାକେ ଉଁ କୋହେ ।

କ- ନାଇ - ବିଡି ସିଗ୍‌ରେଟକେ ନା କେରା ।

ଓ- ନାଚିନାଚି - ଲହଡ଼ି ନାଚିନାଚି କୂଳରେ ପିଟି ହୁଏ ।

ବି- ନାଚତ୍‌ନାଚତ୍‌ - ଲହରା ଟା ନାଚତ୍‌ ନାଚତ୍‌ ଖେଁଣ୍‌ ନେ ପିଟି ହଥେ ।

କ- ନାଚତେନାଚତେ- ଲହଡା ନାଚତେ୍‌ ନାଚତେ୍‌ ତାରାକେ ପିଟି ହୁଲିଆ ।

ଓ- ନାଗରିକ - ଆମେ ଭାରତର ନାଗରିକ ଅଟୁ ।

ବି- ପର୍‌ଜା - ହାମେ ଭାରତ୍‌ କେ ପର୍‌ଜା ଅଁ ।

କ- ନାଗରିକ - ଆମେ ଭାରତର ନାଗରିକ୍‌ ।

ଓ- ନାନା - ସେ ମୋତେ ନାନା କଟୁ କଥା କହିଲା ।

ବି- ଅନେକ୍‌ - ଉ ମକେଁ ଅନେକ୍‌ ଭାଁଡ଼ଭେସର ଗୋଏଠ୍‌ କୋହେସ୍‌ ।

| | | | |
|---|---|---|---|
| ଓ- | ନାନା | - | ସେ ମୋତେ ନାନା କଟୁ କଥା କହିଲା । |
| ବି- | ଅନେକ୍ | - | ଉ ମଖେଁ ଅନେକ୍ ଭାଁଡ଼ଭେସର ଗୋଏଠ୍ କୋହେସ୍ । |
| କ- | ନାନା | - | ସେ ମକେ ଖବ୍ ଖାରାପ କଥା କଅଲା । |
| ଓ- | ନାକ | - | ଦୁର୍ଗନ୍ଧରେ ନାକ ଫାଟି ପଡୁଛି । |
| ବି- | ନାକ୍ | - | ଗନ୍ଧିନେ ନାକ୍ ଫାଏଟ୍ ଯାଆଥେ । |
| କ- | ନାକ | - | ଦୁଇ ଗେନ୍ଦନେ ନାକ ଫାଟତେ ଯାଆଚେ । |
| ଓ- | ନାଡ଼ି | - | କବିରାଜ ନାଡ଼ି ଦେଖି ରୋଗ ଚିହ୍ନନ୍ତି । |
| ବି- | ଛିର | - | ବଇଦ୍ ନେ ଛିର୍ ଦେଖ୍କେ ବେମାର୍ ଚିନ୍‌ଥେ । |
| କ- | ନାଡ଼ି | - | କବିରାଜ ନାଢି ଦେଖ୍ତେ ବେମାର ଚିନଲିଆ । |
| ଓ- | ନିଜେ | - | ପିଲାମାନେ ନିଜେ ନିଜର ଖାତା ପତ୍ର ସଜାଇ ରଖନ୍ତୁ । |
| ବି- | ଅପନ୍ | - | ପିଲାମନ୍ ନିଜେନିଜେକେ ଖାତା ପତର୍ ସଜାଏ କେ ରାଖେ । |
| କ- | ନିଜେ | - | ପିଲାମନେ ନିଜେ ନିଜର୍ ଖାତା ପତର ସଜାତେ ରାଖା । |
| ଓ- | ନିଦ | - | ଦିନ ବେଳେ ନିଦରେ ଶୋଇବା ଅନୁଚିତ୍ । |
| ବି- | ନିନ୍ଦ | - | ଦିନର୍ ବେଲା ଝୁମ୍‌ରା ନେ ନି ଶୋବାର କଥା । |
| କ- | ନିଦ | - | ଦିନବେଲା ନିଦେ ନା ଶଅବାର କାଥା । |
| ଓ- | ନିୟମ | - | ସମସ୍ତେ ବିଦ୍ୟାଳୟର ନିୟମ ମାନିବା ଉଚିତ୍ । |
| ବି- | ନିୟମ୍ | - | ସବୋଝନ୍ ଇସ୍‌କୁଲ୍‌କେ ନିୟମ୍ ମାନ୍‌ବାର୍ ଟାଏ । |
| କ- | ନିୟମ | - | ସବୁଲୋକ ଇସ୍କୁଲର ନିୟମ ମାନବାର କାଥା । |
| ଓ- | ନିର୍ମଳ | - | ଶରତ ଋତୁରେ ନଈପାଣି ନିର୍ମଳ ଦେଖାଯାଏ । |
| ବି- | ଫଟିଙ୍ଗ | - | ଶରତ୍ ଋତୁନେ ନନ୍‌ଦୀ କେ ପାନି ଫଟିଙ୍ଗ୍ ଦିକ୍‌ଥେ । |
| କ- | ସାପା | - | ଶରତ ଋତୁନେ ନେନ୍ଦର ପାନ ସାପା ଦିଶଲିଆ । |

ଓ- ନିକିତି - ଦୋକାନୀ କିନିତିରେ ଓଜନ କରେ ।

ବି- କିଲୋ ତକଡ଼ି - ଦୋକାନ୍ ବାଲା କିଲୋତକ୍ଡ଼ି ନେ ଓଜନ୍ କର୍‌ଥେ ।

କ- କେଜିତକଡ଼ି - ଦୁକାନବାଲା କେଜିତକତିନେ ଭଜନ କିଲିଆ ।

ଓ- ନିସ୍ୱ - ନିସ୍ୱ ବ୍ୟକ୍ତିଙ୍କୁ ଯଥାସମ୍ଭବ ସାହାଯ୍ୟ କର ।

ବି- ଗରିବଦୁଃଖି - ଗରିବଦୁଃଖିକେ ଯେତ୍‌କି ସେକି ଅତ୍‌କି ସାହାଜ କରେ ।

କ- ନିରୀହ /ଗରିବ- ଗରିବ ଲୋକକେ ପାରବାର ହେତ୍‌କି ସହଯୋଗ କେରା ।

ଓ- ନିଷ୍ଠା - ନିଷ୍ଠା ବଳରେ ଅସମ୍ଭବ ସମ୍ଭବ ହୋଇଥାଏ ।

ବି- ନିଷ୍ଠା - ନିଷ୍ଠା ବଲନେ ନିହେଲା କାମ ହନ୍ ସକ୍‌ଥେ ।

କ- ଚେଷ୍ଟା - ଚେଷ୍ଟା କେଲେ ନା ହବାର କାମ ବି ହୁଲିଆ ।

ଓ- ନିଷ୍ଫଳ - ପରିଶ୍ରମ କେବେ ନିଷ୍ଫଳ ହୁଏନାହିଁ ।

ବି- ବେକାର୍ - ଜମାବାର୍ ଟା କଭୁ ବେକାର୍ ନି ହଏ ।

କ- ବେକାର - ପରିଶ୍ରମ କେବେ ବେକାର ନା ଯାଏ ।

ଓ- ନିର୍ବାହ - ଆମେ ନିଜର କର୍ତ୍ତବ୍ୟ ନିର୍ବାହ କରିବା ଉଚିତ୍ ।

ବି- ନିପ୍‌ଟାବା - ହାମେ ନିଜେ କେ କାମ୍ କେ ନିପ୍‌ଟାବା ଟା ଠିକ୍ ଏ ।

କ- କେରବା - ଆମେ ନିଜର କାମକେ କେରବା କାତା / ଉଚିତ ।

ଓ- ନିଷ୍ପତ୍ତି - ଦେଶସେବା କରିବାକୁ ସମସ୍ତେ ନିଷ୍ପତି ନେବା ।

ବି- ଫଇସଲା - ଦେଶ୍‌ସେବାକଜେଙ୍ଗ୍ ସବ୍‌ଝନ୍ ଫଇସଲା ନେବାଟାଏ ।

କ- ନିଷ୍ପତ୍ତି - ଦେଶର୍ ସେବାର କାଯେ ସବୁଲୋକ୍ ନିଷ୍ପତ୍ତି ନେବାର କାଥା ।

ଓ- ନିଷ୍ପକ୍ଷ - ବିଚାରକର୍ତ୍ତା ନିଷ୍ପକ୍ଷ ବିଚାର କରନ୍ତି ।

ବି- ନିଷ୍ପକ୍ଷ - ନ୍ୟାୟଦାର୍ ନିଷ୍ପକ୍ଷ ବିଚାର କର୍‌ଥେ ।

କ- ପାତରଅନ୍ତର - ବିଚାରକର୍ତ୍ତା ପାତରଅନ୍ତର ନାକେତେ ବିଚାର ନେବାର କଥା ।

ଓ- ନିଷେଧ - ସର୍ବସାଧାରଣ ସ୍ଥାନରେ ଧୁମ୍ରପାନ ନିଷେଧ ।

ବି- ମନା - ସବ୍ ଝନିଆଁ ଜାଗାନେ କାହାଲି ପିବାଟା ମନାଏ ।

କ- ମନା - ଲୋକ ଗହଳି ଠାନେ ବିଡ଼ିସିଗ୍ରେଟ ପିଇବାର ମନା ଆଚେ ।

ଓ- ନିର୍ଦ୍ଦେଶ - ଦୁର୍ନିତି ନିବାରଣ ପାଇଁ ସରକାରୀ ନିର୍ଦ୍ଦେଶ ରହିଛି ।

ବି- ଆଦେଶ - ଧୁନିତ ନିକ୍ରାବା କଜେ ସର୍କାରୀ ଆଦେଶ୍ ଏହେ ।

କ- ନିର୍ଦ୍ଦେଶ - ଦୁର୍ନତୀ ନା ହବାର କାଯେ ସରକାରୀ ନୟମ ଆଚେ ।

ଓ- ନିଶ୍ଚଳ - ସମୀର ହୃଦଘାତରେ ନିଷ୍ଚଳ ହୋଇଛି ।

ବି- ଅଚଲ - ସମୀର୍ ହୃଦଘାତ ନେ ଅଚଲ୍ ହେ ଯାଏହେ ।

କ- ଅଚେତ - ସମୀର ହୃତଘାତନେ ଅଗେତ ହଲାଚେ ।

ଓ- ନିରୀକ୍ଷଣ - ଶିକ୍ଷକ ଛାତ୍ରଛାତ୍ରୀ ମାନଙ୍କୁ ନିରୀକ୍ଷଣ କରନ୍ତି ।

ବି- ଦେଖଭାଲ୍ - ଗୁରୁ ଛୁଆ ପିଲାମନ୍ କେ ଦେଖଭାଲ୍ କର୍ଥେ ।

କ- ଦେଖାରେଖା - ମାଷ୍ଟର ପିଲା ଟୁକିଲ / ଛାତ୍ର ଛାତ୍ରୀ ମନ୍‌କେ ଦେଖାରେଖା କିରତିଆନ୍ ।

ଓ- ନିରୁପଣ - ଆସନ୍ତା ବର୍ଷ ଆଳୁଚାଷ କରିବାକୁ ଆମେ ନିରୁପଣ କରିଅଛୁ ।

ବି- ଠିକ୍ କର୍ବା - ଆହି ବର୍ଷ୍ ଆଲୁ ଚାଷ କର୍ବା କାଜେ ହାମେ ଠିକ୍ କରେଁ ହେଁ ।

କ- ନିଷ୍ପତି / ଠିକ୍ - ଆସବାର ବଛରକେ ଆଲୁ ଚ୍ଷ କେବାକେ ଠିକ୍ କେଲାଚୁ ।

ଓ- ନିତି - ମୁଁ ନିତି ଈଶ୍ୱରଙ୍କ ଠାରେ ପ୍ରାର୍ଥନା କରେ ।

ବି- ସବୋଦିନ୍ - ମେଁ ସବୋଦିନ୍ ଭଗ୍‌ବାନ୍‌କେ ଅରଦଲି କର୍ଥୋଁ ।

କ- ସବୁଦିନ - ମୁଁଇ ସବୁଦିନ ଭଗବାନକେ ପାରର୍ଥନା କେନା ।

ଓ- ନିଶ୍ଚୟ - ଶ୍ରମର ଫଳ୍ ନିଶ୍ଚୟ ମିଳିବ ।

ବି- ଜରୁର୍ - ଖଟ୍‌ବା କେ ଫଲ୍ ଜରୁଲ୍ ମିଲିହି ।

କ- ନିଶ୍ଚେ - ପରିଶ୍ରମର ଫଳ ଦିନେ କବି ମିଲ୍ତା ।

ଓ- ନିର୍ବୋଧ - ନିର୍ବୋଧ ମାନେ କିଛି କରିପାରନ୍ତି ନାହିଁ ।

ବି- ବେଢ଼ା - ବେଢ଼ା ଲୁକ୍‌ମନ୍ କହିଁ କରନ୍ ନିସେକେ ।

କ- ଭକୁଆ - ଭକୁଆ ଲୋକମନେ କଛୁ କିରି ନା ପାରେତ୍ ।

ଓ- ନିଆଁ - ଅମ୍ଳଜାନ ନିଆଁ ଜଳିବାରେ ସାହାଯ୍ୟ କରେ ।

ବି- ଜୋଏ - ଅମ୍ଳଜାନ ଜୋଏ ଜାଲ୍‌ବାକେ ସାହାଜ୍ କରଥେ ।

କ- ଜୁଏ - ଅମ୍ଳଜାନ ଜୁଏ ଜଖାବାନେ ସାହାଯ୍ୟ କିଲିଆ ।

ଓ- ନିକାଞ୍ଚନ - ନିକଂଚନ ଜାଗାରେ ମୋତେ ଶାନ୍ତି ମିଳେ ।

ବି- ସୁନ୍‌ସାନ୍ - ସୁନ୍‌ସାନ୍ ଜାଗାନେ ମୋଖେଁ ଶାନ୍ତି ମିଲ୍‌ଥେ ।

କ- ଶୁନଶାନ - ଶୁନଶାନ ଜାଗାନେ ମକେ ଆରାମ ମିଲ୍‌ଲିଆ ।

ଓ- ନିଲାମ - ଜବତ ହୋଇଥିବା ଗାଡ଼ି ନିଲାମ କରାଯିବ ।

ବି- ନିଲାମ୍ - ପକ୍‌ଡ଼ା ଯାଏ ରେଥେ ଗାଡ଼ିକେ ନିଲାମ୍ କରାଯହି ।

କ- ନିଲାମ - ଜବତ୍ ହଲା ଗାଡିକେ ନିଲାମ କେରାଯାତ ।

ଓ- ନିମନ୍ତ୍ରଣ - ମୋ ଜନ୍ମ ଦିନରେ ମୁଁ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରେ ।.

ବି- ନେଉତା - ମୋର୍ ଜନମ୍ ଦିନ୍ ନେ ଲୋକଜନ୍ ମନ୍‌କେ ନେଉତ୍‌ଥୋଁ ।

କ- ଡ଼ାକନା - ମର ଜନମ୍‌ଦିନେ ମର ସାଙ୍ଗସାଥିମାନେ ଡ଼ାକନା ।

ଓ- ନିର୍ଣ୍ଣୟ - ପ୍ରତିଟି କାର୍ଯ୍ୟ କିପରି କରାଯିବ ତାହା ଆମେ ନିର୍ଣ୍ଣୟ କରିବା ।

ବି- ବାଚ୍‌ଥୋଁ - ସବୋକାମ୍ କେନ୍‌ତା କର୍‌ବାଟାଏ ଅଖେଁ ହାମେ ବାଛବ୍ ।

କ- ନିଷ୍ପତି - ସବୁ କାମ କେନ୍‌ତା କେତେ କେରାଯାତ ସେଟା ଆମେ ନିଷ୍ପତି କିମୁ ।

ଓ- ନିଜର - ନିଜେ ନିଜର ପ୍ରସଂସା କରିବା ଅନୁଚିତ୍ ।

ବି- ନିଜ୍‌କେ - ନିଜେ ନିଜ୍‌କେ ବନେ କୋବାଟା ଅନୁଚିତଏ ।।

କ- ନିଜର - ନିଜେ ନିଜର ପ୍ରସଂଶା କେବାର ଅନୁଚିତ୍ ।

ଓ- ନିର୍ଦ୍ଦିଷ୍ଟ - ପ୍ରତିଟି ପ୍ରଶ୍ନର ନିର୍ଦ୍ଦିଷ୍ଟ ଉତ୍ତର ରହିଥାଏ ।

ବି- ନିର୍ଦ୍ଦିଷ୍ଟ - ସବ୍ ପରଶନ୍ କେ ଗୋଟେକ ନିର୍ଦ୍ଦିଷ୍ଟ ଉତ୍ତର ରେଥେ ।

କ- ଅଲଗାଅଲଗା - ସବୁ ପ୍ରଶ୍ନର ଅଲଗାଅଲଗା ଉତ୍ତର ଥିଲିଆ ।

ଓ- ନିଃଶ୍ୱାସ - ନିଃଶ୍ୱାସ ବାୟୁରେ ଅଧିକ ଅଙ୍ଗାରକାମ୍ଳ ଥାଏ ।

ବି- ନିଶାସ୍ - ନିନାଶ୍ ପବନ୍‌ନେ ବନେଚ୍ ଅଙ୍ଗାରକାମ୍ଳ ରେଥେ ।

କ- ନିଶ୍ୱାସ - ନିଃଶ୍ୱାସ ପବନନେ ଖୋବ ଅଙ୍ଗାରକାମ୍ଳ ଗିଲିଆ ।

ଓ- ନିୟନ୍ତ୍ରଣ - ହୀରାକୁଦ ବନ୍ଧ ବନ୍ୟା ନିୟନ୍ତ୍ରଣ ପାଇଁ ନିର୍ମିତ ହୋଇଛି ।

ବି- ରୋକ୍‌ବା - ହୀରାକୁଦ୍ ବନ୍ଧା ଟୁଣାଁ ରୋକ୍‌ବା କଜେ ତିଆର୍ ହେହେ ।

କ- ଛେକନା - ହୀରାକୁଦ ବନ୍ଦ ବୁଏଡ଼୍ ପାଏନ ଛେକବାକେ ତିଆର୍ ହଲାଚେ ।

ଓ- ନୀଡ଼ା - ବାଇଚଢ଼େଇ ଝଡ଼ବର୍ଷା ବେଳେ ନୀଡ଼ରେ ଝୁଲୁଥାଏ ।

ବି- ଗୁଡ଼ା - ଖର୍ଡ୍ଡିଆ ଚିରଇ ବର୍ଷାପାନିକେ ଗୁଡ଼ାନେ ଝୁଲତ୍ ରେଥେ ।

କ- ଗୁଡ଼ା - ଖଗଡିଆ ଛେରେ ଝେରଧେଇଲାବେଳେ ଗୁଡ଼ାନେ ଝୁଲ ତିଲିଆ ।

ଓ- ନୀତି - ସମାଜର ନୀତିନିୟମ ପାଳନ କରିବା ଉଚିତ୍ ।

ବି- ନୀତି - ସମାଜ୍ କେ ନୀତିନୀୟମ୍ କେ ମାଏନ୍ କେ ଚଲ୍‌ବାଟା ଏ ।

କ- ରିତି - ସମାଜର ରିତିନିୟମ ମାନବାର କାତା ।

ଓ- ନୀଳ - ନୀଳ ଆକାଶରେ ବାଦଲ ଭାସେ ।

ବି- ନୀଲିଆ - ନୀଲିଆ ଆକାଶ୍‌ନେ ବାଦଲ ରେଙ୍ଗ୍‌ଥେ ।

କ- ନିଲିଆ - ନିଲିଆ ଆକାଶନେ ମେଘ ଭାସଲିଆ ।

ଓ- ନୀରବ - ବିଦ୍ୟାଳୟରେ ଆମେ ନିତିନୀରବ ପ୍ରାର୍ଥନା କରୁ ।

ବି- ଚୁପ୍‌ଚାପ୍ - ଇସ୍‌କୁଲନେ ହାମେ ଚୁପ୍‌ଚାପ୍ ପ୍ରାର୍ଥନା କର୍‌ଥିଁ ।

କ- ଚୁମପଡ଼ତେ - ଇସ୍କୁଲନେ ଆମେ ସବୁଦିନ୍ ଚୁମପଡ଼ତେ ପ୍ରାର୍ଥନା କିନୁଆ ।

## 'ପ'

| | | | |
|---|---|---|---|
| ଓ- | ପତାକା | - | ତ୍ରିରଙ୍ଗା ଆମର ଜାତୀୟ ପତାକା ଅଟେ । |
| ବି- | ପତ୍‌କା | - | ତ୍ରିରଙ୍ଗା ହାମର୍ ଜାତୀୟ ଝଣ୍ଡା ଏ । |
| କ- | ପାତ୍‌କା | - | ତ୍ରିରଙ୍ଗା ଆମର ଜାତୀୟ ପାତ୍‌କା । |
| ଓ- | ପଶୁ | - | ଗାଈ ଏକ ଗୃହପାଳିତ ପଶୁ ଅଟେ । |
| ବି- | ପଶୁ | - | ଗୋରୁ ଗୋଟେକ୍ ଘରେଁ ପୋଷ୍‌ବା ପଶୁ ଏ । |
| କ- | ଜୀବ | - | ଗାଏ ଗୁଟେକ ଘେରେ ପଶବା ଜୀବ । |
| ଓ- | ପଲ | - | ଗୋରୁ ପଲ ସଂନ୍ଧ୍ୟାରେ ଫେରେ । |
| ବି- | ଗୋହଡ଼ି | - | ଗୋରୁ ଗୋହଡ଼ି ବେଲ୍‌ବୁଡ଼ା ନେ ଫିର୍ ଥେ । |
| କ- | ଗାଏଗରୁ | - | ଗାଏଗରୁ ମନେ ବେଲ ବୁଡ଼ାକେ ଫିରତିଆ । |
| ଓ- | ପକ୍ଷୀ | - | ପକ୍ଷୀମାନେ ବୁଣନ୍ତି ନାହିଁ କିମ୍ବା କାଟନ୍ତି ନାହିଁ । |
| ବି- | ଚିରଇ | - | ଚିରଇ ମନ୍ ନିବୁନେ କି ନି କାଟେ । |
| କ- | ଚେରେ | - | ଚେରେ.ମନେ ବୁନେତ୍ ନେଇ କି କାଟେତ ନେଇ । |
| ଓ- | ପବନ | - | ଦକ୍ଷିଣା ପବନ ଦେହକୁ ଥଣ୍ଡା ଲାଗେ । |
| ବି- | ଧୁଁକା | - | ଦଖିନ୍ ଧୁକା ଦେହେଁକେ କାଁକଁର ଲାଗ୍‌ଥେ । |
| କ- | ଧୁକା | - | ଦକ୍ଷଣିଆ ଧୁକା ଗାଗରକେ ଜାଡ଼ ଲାଗଲିଆ । |
| ଓ- | ପଗଡ଼ି | - | ଶିଖ ଲୋକ ମୁଣ୍ଡରେ ପଗଡ଼ି ବାନ୍ଧନ୍ତି । |
| ବି- | ପାଗା | - | ପନ୍‌ଜାବି ଲୋଗ୍‌ମନ ମୁଡ଼୍‌ନେ ପାଗା ବାନ୍‌ଥେ । |
| କ- | ପାଗଡ଼ି | - | ଶିଖ ଲୋକମନେ ମୁଡେ ପାଗଡି ବାନତିଆନ୍ । |
| ଓ- | ପରାଣ | - | ସହିଦ୍ ମାନେ ଦେଶ ପାଇଁ ପରାଣ ଦିଅନ୍ତି । |
| ବି- | ଜୀବନ୍ | - | ସହିଦ୍ ଲୋଗ୍ ଦେଶ୍ କଜେଙ୍ଗ ଜୀବନ୍ ଦେଥେ । |
| କ- | ଜୀବନ | - | ଫୌଜମାନେ ଦେଶକାଯେ ଜୀବନ୍ ଜିତିଆ । |

ଓ- ପଥର - ପଥରରେ ପୁଦାନି ତିଆରି ହୁଏ ।

ବି- ପାଖୁନ୍ - ପାଖୁନ୍ ନେ ଲୋଢା ବନା ଯଥେ ।

କ- ସିଲ - ସିଲନେ ପୁନଆଦି ବାନା ଯାଇଲିଆ ।

ଓ- ପର୍ବ - ଓଡ଼ିଶାରେ ଅନେକ ପର୍ବପର୍ବାଣୀ ପାଳିତ ହୁଏ ।

ବି- ତିହାର୍ - ଓଡ଼୍ଶାନେ ରକମ୍‌ର କମ୍ କେ ତିହାର୍ ମନାଯଥେ ।

କ- ପରବ - ଓଡ଼ିଶାନେ ଖୋଜ ପରବ ପରବାଣୀ ପାଳନ କେରା ଯାଇଲିଆ ।

ଓ- ପଡ଼ିବା - ତଳେ ପଡ଼ିବା ଖାଦ୍ୟ ଖାଅନାହିଁ ।

ବି- ଗିରବା - ତଳେନେ ଗିର୍‌ନେ ଖାନା କେ ନି ଖହି ।

କ- ପଡଲା - ତଳେ ପଡଲା ଖାଏଦ ନା ଖାହା ।

ଓ- ପରସ୍ପର - ପିଲାଏ ପରସ୍ପର ହାତ ଧରି ଖେଳନ୍ତି ।

ବି- ଇକର୍ ଉକର୍ - ଛୁଆମନ୍ ଇକର୍ ଉକର୍ ହାଁତ ଧେର୍ କେ ଖେଲ୍‌ଥେ ।

କ- ମିଶ୍‌ତେ - କେଡ଼ାମନେ ମିଶ୍‌ତେ ହାତ ଧେରାଧେରି ହତେ ଖ୍ଲ୍‌ତିଆ ।

ଓ- ପତ୍ର - ତୁଳସି ଦୁଇ ପତ୍ରରୁ ବାସେ ।

ବି- ପତର୍ - ତୁଲ୍‌ସି ଦୁଇଟା ପତର୍ ଲେ କହଁର୍ ଥେ ।

କ- ପତର - ତୁଲସୀ ଦୁଇ ପତରନୁ ବାସ୍‌ଲିଆ ।

ଓ- ପରିସ୍ଥିତି - ପରିସ୍ଥିତିକୁ ବିଚାର କରି କାର୍ଯ୍ୟ କରିବା ଉଚିତ୍ ।

ବି- ଅବସ୍ଥା - ଅବସ୍ଥାକେ ଭାଏପ୍ କେ କାମ୍ କର୍‌ବାର୍‌ଟା ଏ ।

କ- ପରିସ୍ଥିତି - ଅତି ବିଚାର କେତେ କାମ କେବାର୍ କାତା ।

ଓ- ପଶୁପାଳନ - ପଶୁପାଳନ ଏକ ଲାଭଜନକ ଉଦ୍ୟୋଗ ।

ବି- ପଶୁପୋଷବା - ପଶୁପୋଷବା ଟା ଗୋଟେକ୍ ବନେ କମାନି ଧନ୍ଦା ଏ ।

କ- ପଶୁ ପୁଶବାର - ପଶୁ ପୁଶବାର ଗଟେ ଲାଭ ହେବାର ବେପାର ।

ଓ- ପଞ୍ଚାୟତ - ସରପଞ୍ଚ ପଞ୍ଚାୟତକୁ ଚଲାନ୍ତି ।

ବି- ପଞ୍ଚେତ୍ - ସରପଁଚ୍ ପଞ୍ଚେତ୍ କେ ଚଲାଥେ ।

କ- ପଞ୍ଚାୟତ - ସରପଞ୍ଚ ପଞ୍ଚାୟତକେ ଚଲାଲିଆ ।

ଓ- ପରିଚ୍ଛନ୍ନ - ପରିଚ୍ଛନ୍ନତା ଦ୍ୱାରା ରୋଗ ହୁଏ ନାହିଁ ।

ବି- ସାଫ୍‌ସୁତ୍‌ରା - ସାଫ୍‌ସୁତ୍‌ରା ରେନେ ବେମାରି ନି ହଏ ।

କ- ସାପସୁତରା - ସାପସୁତରା ରେନେ ବେମାର ନା ହୁଏ ।

ଓ- ପଶୁସମ୍ପଦ - ପଶୁସମ୍ପଦର ଯତ୍ନ ନେବା ଆବଶ୍ୟକ ।

ବି- ପଶୁସମ୍ପଦ - ପଶୁସମ୍ପଦ୍ କେ ଯତନ୍ କର୍‌ବାଟା ଏ ।

କ- ପଶୁସଂପଦ - ପଶୁ ସଂପଦ ମନକର ଯତନ୍ ନେବାର କାତା ।

ଓ- ପରାମର୍ଶ - ପିତାମାତଙ୍କର ପରାମର୍ଶ ଗ୍ରହଣ କର ।

ବି- ମାଏନ୍‌କେ - ଆୟାବୁଆ ମନ୍‌କେ କଥାବାର୍ତ୍ତା ଗ୍ରହଣ କରହି ।

କ- ପାତ୍‌ରାହା - ବୁଆ ମାଁ କେ ପାଚରାହା ।

ଓ- ପରିବହନ - ଯାତ୍ରୀ ପରିବହନ ପାଇଁ ବସ ରହିଛି ।

ବି- ଲେବାଆନ୍‌ବା - ଲୋଗ୍ ଲେବାଆନ୍‌ବା କଜେ ବସ୍ ଗାଡ଼ି ଏହେ ।

କ- ପରିବହନ/ନେବାଆନ୍‌ବା - ଯାତ୍ରୀ ନେବା ଆନ୍‌ବାକେ ବସ ଆଚେ ।

ଓ- ପହଁରି - ମୁଁ ନଦୀ ପହଁରି ସେ ପାରିକି ଗଲି ।

ବି- ତଅଁର୍ - ମେଁ ନନ୍‌ଦୀ ତଅଁର୍ କେ ଓ ଖେଁଣ୍ କେ ଯାଏଁ ।

କ- ପହୁରତେ - ମୁଇ ନଦୀ ପହୁରତେ ସେ ଖଣିକେ ଗୁଲି ।

ଓ- ପହଞ୍ଚ - ମଙ୍ଗଳ ଗ୍ରହ ମନୁଷ୍ୟ ପହଞ୍ଚ ଦୂରତାରେ ନାହିଁ ।

ବି- ପହୁଁଚ୍ - ମଙ୍ଗଲ ଗ୍ରୋହଟା ଲୋଗ୍ ପହୁଁଚ୍‌ବାଟା ଧୁରିଆ ନିଏ ।

କ- ପହୁଁଞ୍ଚ - ମଂଗଲ ଗ୍ରହ ମୁନୁଷ ପୁହୁଞ୍ଚବାର୍ ପାଖେ ନାଇନେ ।

| | | | |
|---|---|---|---|
| ଓ- | ପରିବା | - | ଶୀତ ଦିନେ ପରିବାର ଦର କମ୍ ରହେ । |
| ବି- | ଶାଗ୍ | - | ଜାଡ଼ ଦିନ୍‌ନେ ଶାଗ୍ ସବ୍‌ଜି କେ ଦାମ୍ କମ୍ ରେଥେ । |
| କ- | ଶାଗଡ଼ାଲ | - | ଶୀତମାସେ ଶାଗଡ଼ାଲର୍ ଦାମ୍ କମ୍ ହୁଇଲିଆ । |
| ଓ- | ପରିବେଶ | - | ସୁସ୍ଥ ପରିବେଶ ସୁସ୍ଥ ଦେଶ । |
| ବି- | ପରିବେଶ | - | ସୁସ୍ଥ ପରିବେଶ୍ ସୁସ୍ଥ ଦେଶ୍ । |
| କ- | ପରିବେଶ | - | ବନେ ପରିବେଶ ବନେ ଦେଶ୍ । |
| ଓ- | ପରୋପକାର | - | ପରୋପକାର ପରମ ଧର୍ମ । |
| ବି- | ପର୍‌କେଉପ୍‌କାର୍ | - | ପର୍‌କେଉପକାର୍ କର୍‌ବାର୍‌ଟା ଧରମ୍ ଏ । |
| କ- | ପରରଉପକାର | - | ପରର ଉପକାର୍ କର୍‌ବାଟା ବଡ଼ ଧର୍‌ମ । |
| ଓ- | ପରିଷ୍କାର | - | ଗାଁ ଦାଣ୍ଡ ପରିସ୍କାର ରଖ । |
| ବି- | ସଫାସୁତୁରା | - | ଗାଁ ଖୋଏଲ୍ ସଫାସୁତୁରା ରାଖେ । |
| କ- | ସାପାସୁତରା | - | ଗାଁ ର୍ ଖୋଲ ସାପ୍‌ା ରାଖା । |
| ଓ- | ପରମେଶ୍ୱର | - | ପରମେଶ୍ୱର ଆମର୍ ଜତନ୍ ନେବା ବାଲା ଏ । |
| ବି- | ଭଗ୍‌ବାନ୍ | - | ଭଗ୍‌ବାନ ହାମ୍‌ର୍ ଜଜନ୍ ନେବା ବାଲା ଏ । |
| କ- | ଭଗବାନ | - | ଭଗବାନ୍ ଆମର ଯତନ୍ ନେବାର କରତା । |
| ଓ- | ପଥରଦିଅଁ | - | ମନ୍ଦିରରେ ପଥରଦିଅଁ ପୂଜା ପାଆନ୍ତି । |
| ବି- | ପଖନାଦେଉଁତା | - | ମନ୍ଦିର୍‌ନେ ପଖ୍‌ନାକେ ଦେବ୍‌ତା ପୂଜା ପାଥେ । |
| କ- | ଶିଲଦେପତା | - | ଗୁଡିନେ ଶିଲ୍‌ର ଦେବ୍‌ତା ପୂଜା ପାଇଲିଆ । |
| ଓ- | ପଦାକରିବା | - | ଲଟାବୁଦା ପଦାକରିବା ଦ୍ୱାରା ମଶା ଧ୍ୱଂସ ହୁଏ । |
| ବି- | ସାଫ କରବା | - | ଲଟାବୁଦା ସଫାକର୍‌ନେ ଗୁଁଡ଼ିଆ ନିରହେ । |
| କ- | ସାପାକେରବା | - | ଘାସ ପତର ସାପାକେଲେ ମଶା ମୁର୍‌ଲିଅ |
| ଓ- | ପରି | - | ଆମ ଦେଶ ପରି ସୁନ୍ଦର ଦେଶ ପୃଥିବୀରେ ନାହିଁ । |
| ବି- | ରେଙ୍ଗ୍ | - | ହାମର୍ ଦେଶ୍‌ରେଙ୍ଗ୍ ସୁନ୍ଦର୍‌ଦେଶ୍ ଇ ସଂସାର୍ ନେ ନିଏ । |
| କ- | ପରା | - | ଆମର୍ ଦେଶ ପରା ସୁନ୍ଦର୍ / ବନେ ଦେଶ୍ ପୃଥିବିନେ ନାଇନେ । |

ଓ- ପଲ୍ଲବ - ଗଛରେ ପଲ୍ଲବ ସୁନ୍ଦର ଦେଖାଯାଏ ।

ବି- କଷିଁ - ଗଛ୍‌ନେ କଷିଁ ବନେ ଦେଖାଯଥେ ।

କ- ପତର - ଗେଚେ ପତର ସୁନ୍ଦର୍ ଦିଶଲିଆ ।

ଓ- ପଲ୍ଲୀ - ଫସଲ ଅମଳ ସମୟରେ ପୁରପଲ୍ଲୀ ମୁଖରିତ ହୁଏ ।

ବି- ଗାଁ ଗଣ୍ଡା - ଫସଲ୍ ଲୁଆ ମିଶା ସଁମେଁନେ ଗାଁ ଗୋଡ଼ା ହାଁସତ୍ ରେଥେ ।

କ- ଗାଗଣା - ଫସଲ୍ କାଟଲା ବେଲକେ ଗାଁ ଗଣ୍ଡା ବନେ ଦିଶଲିଆ ।

ଓ- ପତ୍ନୀ - ପତୀ ପତ୍ନୀ ପିଲାଙ୍କ ଯତ୍ନ ନିଅନ୍ତି ।

ବି- ଡ଼ୋକି - ଡ଼ୋକି ଡ଼ୋକା ଛୁଆପିଲା ମନ୍‌କେ ଯତନ୍ ପାତନ୍ କର୍‌ଥେ ।

କ- ମାଇଦି - ମାଇଜି ମୁନୁଷ୍ ପିଲାମନ୍‌କର୍ ଯତନ ନିତିଆନ୍ ।

ଓ- ପଚାସଢ଼ା - ପଚାସଢ଼ା ଖାଦ୍ୟ ଶରୀର କ୍ଷତି କରେ ।

ବି- ସଢ଼ାସୁଢ଼ି - ସଢ଼ାସୁଢ଼ି ଖାନା ଦେହେଁ କେ ହାନି କର୍‌ଥେ ।

କ- କୁଆପଚ୍ଚ - କୁଆପଚ୍ଚ ଖାଏଦ୍ ଗାଗରକାଯେ ଖାରାପ୍ ।

ଓ- ପଶୁପକ୍ଷୀ - ଅନେକ ପଶୁପକ୍ଷୀ ଆମ ସଙ୍ଗେ ବାସକରନ୍ତି ।

ବି- ଜୌଁତଚରେଇ - ଜତକ୍ ପତକ୍ ଜୌଁତ୍ ଚରେଇ ହାମର୍ ସଙ୍ଗ୍‌ନେ ବସା କର୍‌ଥେ ।

କ- ପଶୁପକ୍ଷୀ - ଖୋବ୍ ପଶୁପକ୍ଷୀ ଆମର ସଙ୍ଗେ ରିତିଆନ୍ ।

ଓ- ପଚରାପଚରି - ଚୋର ଧରିବା ପାଇଁ ପୋଲିସ ପଚରା ପଚରି କରନ୍ତି ।

ବି- ପୁଛାପୁଛି - ଚୋର୍‌ଧେର୍‌ବା କଜେ ପୁଲୁସ୍ ପୁଛାପୁଛି କର୍‌ଥେ ।

କ- ପଚରାଉଚରା - ଚୈର ଧେରବାକାଯେ ପୁଲୁସ୍ ପଚରାଉଚରା କିଲିଆ ।

ଓ- ପହଞ୍ଚିବା - ଟ୍ରେନ୍ ଧରିବାକୁ ହେଲେ ଠିକ୍ ସମୟରେ ପହଞ୍ଚିବାକୁ ହେବ ।

ବି- ପହୁଁଚବା - ରେଲ୍‌ଗାଡ଼ି ଧେର୍‌ବା କଲେଙ୍ଗ୍ ଠିକ୍ ସିମିଆନେ ପହୁଁଚ୍‌ବା କେ ପଡ଼ି ।

କ- ପୁହୁଞ୍ଚବାକେ - ଟ୍ରେନ ଧେରବା ହଲେ ଠିକ୍ ସମିଆନେ ପୁହୁଞ୍ଚବାକେ ପଡ଼ତ ।

ଓ- ପରିକ୍ଷା - ପ୍ରତ୍ୟେକ ଛାତ୍ର ପରିକ୍ଷା ସମ୍ମୁଖିନ ହେବା ଉଚିତ୍ ।

ବି- ପରିକ୍ଷା - ସବ୍ ପିଲାମନ୍ ପରିକ୍ଷାକେ ସମ୍ମୁଖିନ୍ ହବା କଥା ।

କ- ପରୀକ୍ଷା - ସବୁ ଛାତ୍ର ପରୀକ୍ଷାର୍ ସାମନା କେର୍‌ବା କାତା ।

ଓ- ପଙ୍କ - ଘୁଷୁରି ପଙ୍କରେ ଲୋଟେ ।

ବି- ଚିଖଲ୍ - ଘୁଷୁଁରା ଚିଖଲ୍ ନେ ଉଁଡ଼ଲ୍ ଥେ ।

କ- କାଦୋ - ଘୁଷରା କାଦୋନେ ଥିଲିଆ ।

ଓ- ପଶ୍ଚିମଦିଗ - ପଶ୍ଚିମ ଦିଗରେ ସୂର୍ଯ୍ୟ ଅସ୍ତ ହୁଏ ।

ବି- ପଚିମ ଦିଗ୍ - ପଚିମ୍ ନିଗ୍‌ନେ ବେଲ୍ ବୁଡ଼୍ ଥେ ।

କ- ପଚିମଦିଗ - ପଚିମ୍ ଦିଗନେ ବେଲ୍ ବୁଡତ /ବୁଲଲିଆ ।

ଓ- ପରିଦର୍ଶିକା - ପରିଦର୍ଶିକା ବିଦ୍ୟାଳୟ ପରିଦର୍ଶନ କରନ୍ତି ।

ବି- ପରିଦର୍ଶିକା - ପରିଦର୍ଶିକା ଇସ୍‌କୁଲ୍ ଜଂଚ୍ କର୍‌ଥେ ।

କ- ପରିଦର୍ଶିକା - ପରିଦର୍ଶିକା ଇସ୍କୁଲକେ ପରିଦର୍ଶନ୍ କିଲିଆ ।

ଓ- ପଦଚାରୀ - ପାଦଚାରୀ ମାନେ ରାସ୍ତାରେ ବାମ ପଟେ ଚାଲନ୍ତି ।

ବି- ରେଙ୍ଗାଇୟା - ରେଙ୍ଗ୍ ବା ମନ୍‌ଷେ ମନ୍ ସଡ଼କ୍ କେ ଡ଼େବ୍‌ରି ଫାଖ୍ ରେଙ୍ଗ୍‌ଥେ ।

କ- ପାଦେଚ୍ଚଲିବା - ପାଦେଚ୍ଚଲବାର୍ ଲୋକ୍‌ମନେ ରାସ୍ତାର୍ ଡେବରିବାଟେ ଚ୍ଚଲତିଆନ ।

ଓ- ପସନ୍ଦ - ମୁଁ ମିଥ୍ୟା କହିବା ପସନ୍ଦ କରେନାହିଁ ।

ବି- ମନ୍ - ମେଁ ଅସତ୍ କବା କଲେଙ୍ଗ ପସନ୍ଦ ନି କରୋଁ ।

କ- ମନକରବା - ମକେ ମିଛକଅବାକେ ମନ୍ ନା ଲାଗେ ।

ଓ- ପଦ୍ୟାନ୍ତ - ଗୀତଟିର ପଦ୍ୟାନ୍ତ ବେଶ ହୃଦୟ ସ୍ପର୍ଶୀ ହୋଇଛି ।

ବି- ଛେଦଲାଧାଡ଼ି - ଗୀତ୍‌କେ ଛେଦଲାଧାଡ଼ିଟା ବନେ ମନ୍‌ପସନ୍ଦ୍ ହୋଏ ହେ ।

କ- ପଦ - ଗୀତର ପଦଗୁଟେ ମନ୍‌ଛୁଆଁ ହଲାଚେ / ମନ୍ ଘିନବାର୍ ପରାଲାଗଚେ ।

ଓ- ପରପୃଷ୍ଠା - ବହିର ପରପୃଷ୍ଠାରେ ହାଟ ବିଷୟରେ ଲେଖାଯାଇଛି ।

ବି- ପଛିଲ୍‌ପୃତ୍ତା - ବହିକେ ପଛିଲ୍‌ପତାନେ ହାଟ୍‌କେ ବାବଦ୍‌ନେ ଲିଖାଯାଏ ହେ ।

କ- ଆଗରପତର - ବହିର୍ ଆଗର୍ ପତର୍‌ନେ ହାଟ୍ ବାବଦ୍‌ନେ ଲେଖା ହଲାଚେ ।

ଓ- ପଣସ - ପଣସ ଏକ ସୁଆଦିଆ ଫଳ ଅଟେ ।

ବି- ଫନସ୍ - ଫନସ୍ ଗୋଟେକ୍ ସୁଆଦ ଫୋଲ୍ ଏ ।

କ- ଫନସ - ଫନସ୍ ଗଟେ ମଧୁର୍ ଫଳ ।

ଓ- ପରିକଳ୍ପନା - ସୁନ୍ଦର ବଗିଚା କୃଷକର ପରିକଳ୍ପନା ଅଟେ ।

ବି- ସପ୍‌ନା - ସୁନ୍ଦର୍ ବଗିଚା କିଷାନ୍ କେ ସପ୍‌ନା ଏ ।

କ- ମନରଭାବନା - ସୁନ୍ଦର୍ ବଗାଇ / ବଗିଚା ଚଷୀର୍ ମନର୍ ଭାବନା ।

ଓ- ପଦ୍ମଫୁଲ . - ପଦ୍ମ ଅଟେ ଆମର ଜାତୀୟ ଫୁଲ ।

ବି- ପଦମ୍ ଫୁଲ୍ - ପଦମ୍ ଫୁଲ ହାମର୍ ଜାତୀୟ ଫୁଲ୍ ଏ ।

କ- ପଦ୍ମଫୁଲ - ପଦୁଫୁଲ୍ ଆମର୍ ଜାତିର୍ ଫୁଲ ।

ଓ- ପଡ଼ିଆ - ସ୍କୁଲ ପଡ଼ିଆରେ ପିଲାଏ ଖେଳନ୍ତି ।

ବି- ଟିକରା - ଇସ୍‌କୁଲ୍ କେ ଟିକ୍‌ରାନେ ଛୁଆମନ୍ ଖେଲ୍‌ଥେ ।

କ- ଭାଟା - ଇସ୍କୁଲ ଭାଟାନେ ପିଲାମନେ ଖିଲତିଆନ ।

ଓ- ପଙ୍ଖା - ଲୋକେ ପଙ୍ଖା ଚଳାଇ ଗରମରୁ ରକ୍ଷା ପାଆନ୍ତି ।

ବି- ଧୋକ୍‌ନା - ଲୋକ୍‌ମନ୍ ଧୋକ୍‌ନା ଚଲାକେ ଘାମ୍ ନେ ଆରାମ୍ ପାଥେ ।

କ- ପାଙ୍କା - ଲୋକମନେ ପାଙ୍ଖର ଚୂଲାତେ ଗରମନୁ ରକ୍ଷା ପାଆତିଆନ୍ ।

ଓ- ପନ୍ଥା - ସଫଳତା ନିମନ୍ତେ ସାଧନା ଏକ ମାତ୍ର ପନ୍ଥା ଅଟେ ।

ବି- ବାଟ୍ - ସଫଳ ମିଳବାକେ ସାଧନ ଗୋଟେକ ବାଟଏ ।

କ- ବାଟ/ଉପାୟ - ସଫଳ କାଯେ ସାଧନା ଗଟେ ବାଟ୍ ।

| | | | |
|---|---|---|---|
| ଓ- | ପରଦା | - | କବାଟରେ ପରଦା ଲଗାଯାଏ । |
| ବି- | ଅଲୁଆର୍ | - | ଟାଟିନେ ଅଲୁଆର୍ ଲଗାଯଥେ । |
| କ- | ପାରଦା | - | କାବାଟ୍‌ନେ ପାର୍‌ଦା ଲାଗା ହୁଇଲିଆ । |
| ଓ- | ପରିବା | - | ଶୀତ ଦିନେ ପରିବା ଦର୍ କମ୍ ରହେ । |
| ବି- | ଶାଗ୍ | - | ଜାଡ୍ ଦିନ୍ ନେ ଶାଗ୍ କେ ଦାମ୍ କମ୍ ରେଥେ । |
| କ- | ଶାଗଡ଼ାଲ | - | ଶୀତମାସେ ଶାଗ୍ ଡାଲର ଦାମ୍ କମ୍ ହୁଲିଆ । |
| ଓ- | ପରିବାର | - | ରବିବାବୁ ପରିବାର ନେଇ କଟକରେ ରୁହନ୍ତି । |
| ବି- | କୁଟୁମ୍ | - | ରବିବାବୁ ନେ କୁଟୁମ୍ ବାଟୁମ୍ ଲେକେ କଟ୍‌କ୍ ନେ ରେହେଥେ । |
| କ- | ପିଲାଛୁଆ | - | ରବିବାବୁ ପିଲାଛୁଆକେ ନେତେ କଟକ୍‌ନେ ରିତିଆନ୍ । |
| ଓ- | ପରିଚ୍ଛଦ | - | ଖରାଦିନେ ପତଳା ପରିଚ୍ଛଦ ଆବଶ୍ୟକ । |
| ବି- | ଛିଡ଼୍‌ହାପଟା | - | ଘାମ୍ ଦିନ୍‌ନେ ପତ୍‌ଲା ଛିଡ଼ହାପଟା ଦରକାର ଏ । |
| କ- | କାପଡ଼ା | - | ଖାରା ଦିନେ ପାତଲା କାପଡ଼ା ଦର୍‌କାର୍ ହତ । |
| ଓ- | ପନିକି | - | ପନିକିରେ ପରିବା କାଟିବା ସହଜ । |
| ବି- | ପନ୍‌ଖି | - | ପନ୍‌ଖି ନେ ସବ୍‌ଜି କାଟ୍‌ବାଟା ସହଜ୍ ଏ । |
| କ- | ପନ୍‌କି | - | ପନ୍‌କି ନେ ଶାଗଡ଼ାଲ କାଟବାରଟା ସହଜ । |
| ଓ- | ପରିଶ୍ରମ | - | ପରିଶ୍ରମ କେବେ ନିଷ୍ଫଳ ହୁଏନାହିଁ । |
| ବି- | କମାବାଟା | - | କମାବାଟା କଭୁ ବେକାର୍ ନି ହଏ । |
| କ- | ପରିଶରମ | - | ପରିଶରମ୍ କେବେ ବେକାର ନା ଯାଏ । |
| ଓ- | ପଦ୍ଧତି | - | ଉନ୍ନତ ପଦ୍ଧତି କୃଷକମାନେ ଜାଣନ୍ତୁ । |
| ବି- | ପଦ୍ଧତି | - | ଉନ୍ନତି ପଦ୍ଧତିନେ କିଷାନ୍ ମନ୍ ଜନ୍‌ବା କଥା । |
| କ- | ପଦ୍ଧତି | - | ଉନ୍ନତ୍ ପଦ୍ଧତି ଋଷିମନେ ଜାନୁତ୍ । |

ଓ- ପଚପଚ - ବର୍ଷା ଦିନେ ମାଟି ରାସ୍ତା ପଚପଚ ହୁଏ ।

ବି- ପଚପଚିୟା - ବରଷା ଦିନ୍ ନେମାଟିସଡକ୍ ପଚ ପଚୋ ହଥେ ।

କ- କାଦୋପଚପଚ - ବର୍ଷା ଦିନେ ମାଟି ରାସ୍ତା କାଦୋ ପଚପଚ ହୁଲିଆ ।

ଓ- ପଛପଟ - ଆମ ଘର ପଛପଟେ ବରକୋଳି ଗଛଟିଏ ଅଛି ।

ବି- ପଛିଲ୍‌ପାର୍ - ହାମର୍ ଘର୍‌କେ ପଛିଲ୍‌ପାର୍ ବର୍‌ଗଛ ଗୋଟେକ୍ ହେ ।

କ- ପଛବାଟେ - ଆମର୍ ଘେର୍ ପଛବାଟେ ବୋରୋଗେଚ୍ ଆଚେ ।

ଓ- ପହଞ୍ଚିଲେ - ମାମୁଁ ଆମ ଘରେ ସକାଳେ ପହଞ୍ଚିଲେ ।

ବି- ପହୁଁଚେଁସ୍ - ମମାଁ ହାମର୍ ଘର୍‌କେ ବିହାନେ ପହୁଁଚେସ୍ ।

କ- ପହୁଞ୍ଚଲ - ମାମୁଁ ଆମ୍ ଘେରକେ ସାକାଲେ ପହୁଞ୍ଚଲ ।

ଓ- ପତ୍ର - ଶୀତଦିନେ ଗଛରୁ ପତ୍ର ଝଡ଼ିଯାଏ ।

ବି- ପତର - ଜାଡ୍ ଦିନ୍ ନେ ପତର୍ ଟା ଝର୍ ଯଥେ ।

କ- ପତର - ଶୀତ ଦିନେ ଗେଚ୍‌ନୁ ପତର ଝୁଡ୍‌ଲିଆ ।

ଓ- ପଥୁରିଆ - ପଥୁରିଆ ମାଟିରେ ଗଛ ବଢ଼େ ନାହିଁ ।

ବି- ପଖନିଆ - ପଖନିଆ ମାଟିନେ ଗଚ୍ ନି ବାଢ୍ ହେ ।

କ- ପଥର - ପଥର୍ ମାଟିନେ ଗେଚ୍ ନା ବାଢ଼େ ।

ଓ- ପଡ଼ିଲା - ଭାଡ଼ିରୁ ମାଠିଆଟିଏ ତଳେ ପଡ଼ିଲା ।

ବି- ଗିର୍‌ଜବା - ପନିହା ପଟ୍‌ନି ଲେ ମଠିଆ ଗିର୍ ପୋରେସ୍ ।

କ- ପଡ଼ିଲ - ମାଚାନୁ ମଠିଆ ଗଟେ ତଲେ ପଡ୍‌ଲ ।

ଓ- ପଛକୁ - ଗାଈଗୋରୁ ପଛକୁ ଚାଲି ଜାଣନ୍ତି ନାହିଁ ।

ବି- ଫଛିଲଫାଲ - ଗାଏଗୋରୁ ପଛିଲ୍ ଫାକ୍‌ଲେ ରେଙ୍ଗନ୍ ନିଜାନେ ।

କ- ପେଚବାଟେ - ଗାଏଗରୁ ମନେପେଚବାଟେ ଚ଼ଲି ନା ଜାନେତ୍ ।

ଓ- ପଞ୍ଚମ - ପଞ୍ଚମ ଘରେ ମୋର ବନ୍ଧୁ ରହନ୍ତି ।

ବି- ପଞ୍ଚମ୍ - ପଞ୍ଚମ୍ କେ ଘର୍‌ନେ ମୋର୍ ସାଙ୍ଗ ରେଥେ ।

କ- ପାଞ୍ଚନମର - ପାଞ୍ଚ ନମର୍ ଘେରେ ମର୍ ସାଙ୍ଗ ରିଲିଆ ।

ଓ- ପରଖି - ସାଇକେଲର ବ୍ରେକ୍ ପରଖି ଦେଖ ।

ବି- ଯାଁଚ୍ - ସାଇକେଲ୍ କେ ବ୍ରେକ୍ କେ ଯାଁଚ୍ କେର୍‌କେ ଦେଖ୍ ।

କ- ବନେକେତେ - ସାଇକେଲ୍ ବ୍ରେକ୍ ବନେକେତେ ଦେଖା ।

ଓ- ପଡ଼ିବା - ଆମ୍ବ ପାଚିଲେ ତଳେ ପଡ଼ିବା ଆରମ୍ଭ ହୁଏ ।

ବି- ଗିର୍‌ବା - ଆମା ପାକ୍‌ନେ ତଲେ ଗିର୍‌ବାକେ ସୁରୁ ହେଥେ ।

କ- ପୁଡ଼୍‌ଲିଆ - ଆମ୍ ପାଚଲେ ତଳେ ପୁଡ଼୍‌ଲିଆ ।

ଓ- ପକାଇବା - ମଇଳା ଏଣେତେଣେ ପକାଇବା ଅନୁଚିତ୍ ।

ବି- ଫେଁକ୍‌ବା - କଚ୍‌ରା ଯତ୍‌ଖତ୍ ଫେକ୍ ବା ଟା ଅନୁଚିତ ଏ ।

କ- ପାକାବାର - ମଏଲ୍ ପାକାବାର ବନେ ନାଇ / ବାପାକାଚାର କାତା ।

ଓ- ପାଣ୍ଡିତ୍ୟ - ବଡ଼ ଲୋକଙ୍କ ପାଣ୍ଡିତ୍ୟ ଆମକୁ ପଥ ଦେଖାଏ ।

ବି- ବୁଧି - ବଡ଼୍‌ଖା ଲୋଗ୍ କେ ବୁଧିଟା ହାମ୍‌କେ ବାଟ ଦେଖାଥେ ।

କ- ଜ୍ଞାନ - ବଡ଼ ଲୋକର୍ ଜ୍ଞାନ ଆମକେ ବାଟ ଦେଖାଲିଆ ।

ଓ- ପାହୁଣ୍ଡ - ଡେ଼ଙ୍ଗା ଲୋକ ଲମ୍ବା ଲମ୍ବା ପାହୁଣ୍ଡ ପକାଇ ଚାଲନ୍ତି ।

ବି- ପାହାଁ - ଡେ଼ଙ୍ଗ୍ ଲୋଗ୍‌ଟା ଲାମା ଲାମା ପାହାଁ ପକାକେ ରେଙ୍ଗ୍‌ଥେ ।

କ- ପାଆଁ - ଡେଙ୍ଗା ଲୋକ ଲମ୍‌ଲମ୍ ପାଆଁ ପାକାତେ ଚଲଲିଆ ।

ଓ- ପାହାଡ଼ - ଆମ ଗାଁ ପାହାଡ଼ ଉହାଡ଼ରେ ସୂର୍ଯ୍ୟ ଉଏଁ ।

ବି- ଡ଼ଙ୍ଗର୍ - ହାମର୍ ଗାଁକେ ଡ଼ଙ୍ଗର୍ ଓଧାନେ ବେଲ୍ ଉଦ୍‌ଥେ ।

କ- ଡଙ୍ଗର - ଆମର୍ ଗାଁ ଡଙ୍ଗର ତାରାକେ ବେଲ୍ ଉଦ୍‌ଲିଆ ।

| | | | |
|---|---|---|---|
| ଓ- | ପାରା | - | ଘରର ଚାଲ ମାନଙ୍କରେ ପାରା ବାସ କରେ । |
| ବି- | ପେରୁଆ | - | ଘରକେ ଚାଲ୍ ତଲ୍‌ନେ ପେରଓ୍ୱା ମନ୍ ବାସା କରୁଥେ । |
| କ- | ପରୁଆ | - | ଘେରର ଚ଼ଲମନ୍‌କେ ପରୁଆ ବସା କିଲିଆ । |
| ଓ- | ପାହାଡ଼ିଆ | - | ପାହାଡ଼ିଆ ଅଞ୍ଚଳ ଚାଷ ପାଇଁ ଅନୁପଯୋଗୀ । |
| ବି- | ପଥ୍‌ରିଆ | - | ପଥ୍‌ରିଆ ଇଲାକାଟା ଚାଷ୍ କର୍‌ବା କଲେଙ୍ଗ ବନେ ନି ହଏ । |
| କ- | ଡଙ୍ଗରିଆ | - | ଡ଼ଙ୍ଗ୍‌ରିଆ ଜାଗା ଚ଼ଷକାଯେ ଠିକ୍ ନା ହୁଏ । |
| ଓ- | ପାଳିବା | - | ଆମେ ଜାତୀୟ ଦିବସ ଗୁଡ଼ିକ ପାଳିବା ଉଚିତ୍ । |
| ବି- | ମାନିବା | - | ହାମେ ଜାତୀଅ ଦିନ୍ ମନ୍‌କେ ମାନ୍‌ବାଟା ଏ । |
| କ- | ପାଲନ | - | ଆମେ ଜାତିର୍ ଦିବସ୍ ମନେ ପାଲନ୍ କେର୍‌ବା କାତା । |
| ଓ- | ପାନୀୟ ଜଳ | - | ମଫସଲ ଅଞ୍ଚଳରେ ପାନୀୟ ଜଳ ଅଭାବ ରହିଛି । |
| ବି- | ପିବା ପାନି | - | ଗାଁ ଗୋଡ଼୍‌ହାନେ ପିବା କଜେଙ୍ଗ ପାନି ଅଭାବ ଏହେ । |
| କ- | ପିଇବାରପାନ | - | ଗାଁ ଗଇଲିନେ ପିଇବାର୍ ପାନର ଅଭାବ ଆଚେ । |
| ଓ- | ପାଣି | - | ପାଣି ଗରମ ହେଲେ ବାଷ୍ପ ହୁଏ । |
| ବି- | ପାନି | - | ପାନି ତପନେ ଫାପ୍ ହଥେ । |
| କ- | ପାଏନ | - | ପାଏନ୍ ଗରମ୍ କଲେ ଫାଷ ହୁଲିଆ । |
| ଓ- | ପାଚିଲା | - | ପାଚିଲା ଆମ୍ବ ତଳେ ପଡ଼େ । |
| ବି- | ପାକନେ | - | ପାକ୍‌ଲା ଆମା ତଳି ନେ ଗିର୍‌ଥେ । |
| କ- | ପାଚ୍‌ଲା | - | ପାଚ୍‌ଲା ଆମ୍ ତଳେ ପୁଡ୍‌ଲିଆ । |
| ଓ- | ପାକସ୍ଥଳୀ | - | ଖାଦ୍ୟ ପାକସ୍ଥଳୀରେ ହଜମ ହୋଇଥାଏ । |
| ବି- | ଚରାପୋଟା | - | ଖାନା ଚରାପୋଟାନେ ପଚଥେ । |
| କ- | ପୁଟା | - | ଖାଏଦ ପୁଟାନେ ଜିରଲିଆ । |
| ଓ- | ପାଇଖାନା | - | ପ୍ରତ୍ୟେକ ଘରେ ପାଇଖାନା ରହିବା ଆବଶ୍ୟକ । |
| ବି- | ବାହିରବୋସବାଠାନ | - | ସବ ଘର୍‌ନେ ବାହିର୍‌ବୋସ୍‌ବାକେ ଠାନ୍ ରହେବାର ଦରକାର ଏ । |
| କ- | ପାଏଖାନା | - | ସବୁଘେରେ ପାଏଖାନା / ହଗ୍‌ରିଘେର୍ ଥେବାର୍ କାତା । |

ଓ- ପାଖରେ - ଗାଁ ପାଖରେ ନଈଟିଏ ବହିଯାଉଛି ।

ବି- ତିରନେ - ଗାଁ ତିର୍‌ନେ ନନ୍ଦି ଗୋଟେକ ବୋହଲାଥେ ।

କ- ପାଖେ - ଗାଁର୍ ପାଖେ ନନ୍ଦୀ ଗଟେ ବଅତେ ଯାଆଚେ ।

ଓ- ପାର୍ଥକ୍ୟ - ଆଜିକାଲି ପୁଅ ଝିଅ ମଧ୍ୟରେ ପାର୍ଥକ୍ୟ ନାହିଁ ।

ବି- ଫରକ - ଆଜକାଲ ନନୀ ବାବୁନେ ଫରକ୍ ନିଏ ।

କ- ତଫାତ୍ - ଆଜ୍‌କାଲ୍ ପିଲାଟୁକିଲ୍ ଭିତରେ ତଫାତ୍ ନାଇ ।

ଓ- ପାଞ୍ଚୁଥିଲେ - ଖଳ ଲୋକ ଆମ ଅନିଷ୍ଟ ପାଞ୍ଚୁଥିଲେ ।

ବି- ଚାରିକରତରେହେସ- କୋର୍‌ହା ଲୋଗ୍ ହାମର୍‌ଚାରିକରତ ରେହେସ ।

କ- କେରଥେଲ - ଖାରାପ୍ ଲୋକ୍ ଆମର୍ ଖାରାପ କେରଥେଲେ ।

ଓ- ପାଟି - ନିତି ଦାନ୍ତ ନ ଘଷିଲେ ପାଟି ଗନ୍ଧିବ ।

ବି- ମୁହୁଁ - ରୋଜ୍ ଦାଁତ୍ ନି ରେତ୍ ଲେ ମୁହୁଁ ଗନ୍ଧ୍‌ହି ।

କ- ଟୁଣ - ସବୁଦିନେ ଦାତ୍ ନା ଘାସଲେ ଟୁଣ ଗିନ୍ଦଲିଆ ।

ଓ- ପୋଡ଼ଶୀ - ପୋଡ଼ଶୀଙ୍କ ସହିତ ଉତ୍ତମ ସଂପର୍କ ରକ୍ଷା କର ।

ବି- ଘରତିର - ଘର୍‌ତିର୍‌କେଲୋଗ୍ ସଙ୍ଗ୍‌ନେ ଅଏନ୍ ସଂପର୍କ ରାଖୋ ।

କ- ପାଖରଘେର - ପାଖର୍‌ଘେରର୍ ଲୋକମନକର୍ ସଙ୍ଗେ ବନେ ହତେ ଥେବା କାତା ।

ଓ- ପାଖାପାଖି - ଶ୍ରେଣୀରେ ରବି ସହିତ ଆମେ ପାଖାପାଖି ବସୁ ।

ବି- ତିରେତିର - ଶ୍ରେଣୀନେ ରବି ସଙ୍ଗେ ତିରେତିର୍ ବୋସଥୋଁ ।

କ- ଲାଗାଲୁଗି - ଶେଣୀନେ ରବି ସଙ୍ଗେ ଆମେ ଲାଗାଲୁଗି କେତେ ବୁସ୍‌ନୁଆ ।

ଓ- ପାତି - ଭିକାରୀ ହାତ ପାତି ଭିକ୍ଷା ମାଗେ ।

ବି- ହାତଲାମାକେ - ମଙ୍ଗନ୍ ହାତ୍‌ଲମାଲମାକେ ଭିକ୍ ମାଙ୍ଗ୍‌ଥେ ।

କ- ପାତ୍‌ତେ - ଭିକାରୀ ହାତ ପାତତେ ଭିକ୍ ମାଗଲିଆ ।

ଓ- ପାଠାଗାର - ଆମ ଗାଁରେ ନେହେରୁ ପାଠାଗାର ରହିଛି ।

ବି- ପାଠାଗାର - ହାମର୍ ଗାଁନେ ନେହେରୁ ପାଠାଗାର୍ ଏହେ ।

କ- ପାଠାଗାର - ଆମର୍ ଗାଁନେ ନେହରୁ ପାଠଗାର୍ ଆଚେ ।

ଓ- ପାଳି - ଆଜି ମୋର ଶ୍ରେଣୀ ସଜାଇବା ପାଳି ରହିଛି ।

ବି- ପାଳି - ଆଜ ମୋର୍ ଶ୍ରେଣୀ ସଜାବା ପାଲି ଏହେ ।

କ- ପାଲି - ଆଏଜ ମର୍ ଶେଣୀ ସଜାବାର୍ ପାଲି ଆଚେ ।

ଓ- ପାଳ - ଗାଈ ଗୋରୁ ପାଳ ଖାଆନ୍ତି ।

ବି- ପଏଁରା - ଗାଏଗରୁ ପଏଁରା ଖାଥେ ।

କ- ପଆଁଲ - ଗାଏ ଚାରୁ ପିଆଲ୍ ଖାଇତିଆନ୍ ।

ଓ- ପାଳୁଛି - ଧରଣୀ ନିଜ କୋଳରେ ଧରି ଆମକୁ ପାଳୁଛି ।

ବି- ପୋଷଥେ - ଧରତି ମାଁ ଅକର କୋଳେଁ ଧେରକେ ହାମ୍‌କେ ପୋଷଥେ ।

କ- ପାଲଚେ - ପୁରଥି ନିଜର୍ କୁଲେ ଧେର୍‌ତେ ଆମ୍‌କେ ପାଲଚେ ।

ଓ- ପାଖେ - ମୁଁ ତୁମ ପାଖେ ପାଖେ ରହିଛି ।

ବି- ତରାତରା - ମେଁ ତାହାନ୍‌କେ ତରାତରାନେ ରେଥୋଁ ।

କ- ପାଖେ - ମୁଇ ତମର୍ ପାଖେପାଖେ ଆଚେ ।

ଓ- ପାଦତଳେ - ଆମେ ଈଶ୍ୱରଙ୍କ ପାଦ ତଳେ ପ୍ରଣାମ କରୁ ।

ବି- ଗୋଡ଼ଢଲେଁ - ହାମେ ଭଗୱାନ କେଗୋଡ଼ ଢଲେଁ ଜୁହାର କରଥୋଁ ।

କ- ପାଦେ - ଆମେ ଭଗବାନ୍‌ର ପାଦେ ଜୁଆର୍ କିନୁଆ ।

ଓ- ପାଠଶାଳା - ଆଗକାଳରେ ପାଠଶାଳାରେ ପାଠ ପଢ଼ାଯାଉଥିଲା ।

ବି- ପାଠଶାଳା - ଅଗିଲ୍‌ଯୁଗ୍‌ନେ ପାଠଶାଲାନେ ପାଠ୍ ପଢା଼ ଜାତ୍ ରେହେସ୍ ।

କ- ପାଠଶାଳା - ଆଗେ ପୁର୍ବେ ଘଟଶାଲୀନେ ପାଟ୍‌ପଢ଼ ହତେଲ ।

ଓ- ପାନେ - ଚୋର ଧରାପଡ଼ିବାରୁ ତାକୁ ପାନେ ଶିକ୍ଷା ମିଳିଲା ।

ବି- ଅକଲବୁଦ୍ଧି - ଚୋର୍ ଧେରା ପୋରେସ୍‌ତୋ ଅଖେଁ ଅକଲ୍ ବୁଦ୍ଧି ହେସ୍ ।

କ- ପାନେ - ଚୋର ଧେରା ପଡ଼ଲାକେ ତାକେ ପାନେ ଶିଖବାକେ ମିଲ୍‌ଲା ।

ଓ- ପାଠ୍ୟପୁସ୍ତକ - ସରକାର ମାଗଣାରେ ପାଠ୍ୟପୁସ୍ତକ ଯୋଗାନ୍ତି ।

ବି- ପଢ଼ାବହି - ସରକାର୍ ସୋଝେ ପଢ଼ାବହି ଦେଥେ ।

କ- ବହିପତର - ସରକାର ମାହାଲିଆନେ ବହିପତର୍ ଜଗାତିଲିଅ୍ ।

ଓ- ପାନ - ବନ୍ୟ ପଶୁ ବନ ଝରଣାରେ ଜଳ ପାନ କରିଥାନ୍ତି ।

ବି- ପିଥେ - ଜଙ୍ଗଲ ପଶୁ ଝରନ୍‌କେ ପାନିକେ ପିଥେ ।

କ- ପିତିଆନ - ଡଙ୍ଗରିଆ ଜନ୍ତୁ ମନେ ଝରନ୍ ପାଏନ ପିତିଆନ୍ ।

ଓ- ପାଳନ - କିଛି ଲୋକ ପଶୁପାଳନ କରି ଚଳନ୍ତି ।

ବି- ପୋଷକେ - କତକ୍ ଲୋଗ୍ ପଶୁ ପୋଏସ୍ କେ ଚଲଥେ ।

କ- ପୁଶିବା - କିଚୁ ଲୋକ୍ ପଶୁମନକେ ପୁଶ୍‌ତେ ଚୁଲତିଆନ୍ ।

ଓ- ପାତ୍ର - ବାଳିକାଟିଏ ଜଳପାତ୍ର ଧରି ନଈକୁ ଯାଉଛି ।

ବି- ଠେଁକା - ଛୋକରି ଗୋଟେକ ଠେଁକା ଧେର୍‌କେ ନନ୍ଦି ଯାଥେ ।

କ- ଡ଼ାବା - ଟୁକିଲ ଗଟେ ପାଏନ୍ ଡାବା ଧେର୍‌ତେ ନଦିକେ ଯାଆଟେ ।

ଓ- ପରାସ୍ତ - ରାଜା ଯୁଦ୍ଧରେ ପରାସ୍ତ କରି ଫେରି ଆସିଲେ ।

ବି- ଜିତକେ - ରାଜା ଲଢ଼ଇନେ ହାରାଏକେ ଫିରଆଏସ୍ ।

କ- ହାରାତେ - ରଜା ଯୁଦ୍‌ନେ ହାରାତେ ଫେରତେ ଆସ୍‌ଲ ।

ଓ- ପାଞ୍ଚଟଙ୍କିଆ - ପାଞ୍ଚଟଙ୍କିଆ ନୋଟ ଈଶତ ଶାଗୁଆ ଦିସେ ।

ବି- ପାଁଚରୁପିଆ - ପାଁଚ୍ ରୁପିଆ ଲୋଟ ହର୍‌ହରି ଦିଖ୍‌ଥେ ।

କ- ପାଞ୍ଚଟଙ୍କିଆ - ପାଞ୍ଚଟଙ୍କିଆ ଲୋଟ ପତର୍ କଲର ପରା ଦିଶଲିଆ ।

ଓ- ପାହାଚ - ବୃଦ୍ଧ ଲୋକଟା ପାହାଚ ଚଢ଼ି ପାରୁନାହାନ୍ତି ।

ବି- ପହୁଁଚ୍ - ବୁଢ଼ା ଲୋଗ୍‌ଟା ପହୁଁଚ୍‌କେ ଚେଘନ୍ ନି ସେକତ୍ ।

କ- ପଉଁଚ - ବୁଢ଼ା ଲେକ ପଉଚ ଚଗି ନା ପାରଛେ ।

ଓ- ପାଇଁ - ଦେଶ ପାଇଁ ଆମେ ଜୀବନ ଦେବା ।

ବି- କଜେଙ୍ଗ - ଦେଶ୍ କଜେଙ୍ଗ୍ ହାମେ ଜୀବନ୍ ଦେଦହବ୍ ।

କ- କାଯେ - ଦେଶରକାଯେ ଆମେ ଜୀବନ ଦିମୁଁ ।

ଓ- ପାଖରୁ - ପାଖରୁ ପାହାଡ଼ ଅସୁନ୍ଦର ଦିଶେ ।

ବି- ତରାଲେ - ତରାଲେ ପାହାଡ଼୍ ଅଇନ୍ ନି ଦିଖେ ।

କ- ପାଖୁନ୍ - ପାଖୁନ ଡଙ୍ଗର୍‌ଅ ସୁନ୍ଦର ଦିଶ୍‌ଲିଆ ।

ଓ- ପାକୁଆ - ପାକୁଆ ପାଟିରେ ଚଣା ଖାଇହୁଏନାହିଁ ।

ବି- ଭୋବଲା - ଭୋବଲା ମୁହୁଁନେ ଚନା ଖାନ୍ ନିସେକାଏ ।

କ- ଫପଲା - ଫପଲା ଟଣେ ଚନା ନା ଖାଇ ହୁଏ ।

ଓ- ପ୍ୟାରେଡ୍ - ପୋଲିସମାନେ ସକାଳେ ପ୍ୟାରେଡ୍ କରନ୍ତି ।

ବି- ପେରେଟ - ପୁଲୁସ୍‌ମନ୍ ସେକ୍‌ଲିଆ ପେରେଟ୍ କରଥେ ।

କ- ପେରେଡ୍ - ପୁଲୁସମନେ ସାକାଲେ ପେରେଡ୍ କିରତିଆନ୍ ।

ଓ- ପିଚକାରୀ - ଲୋକେ ପିଚକାରୀ ମାରି ହୋଲି ଖେଳନ୍ତି ।

ବି- ପିଚକାରୀ - ଲୋଗମନ୍ ପିଚ୍‌କାରୀ ମାର୍‌କେ ହୋଲେ ଖେଲ୍‌ଥେ ।

କ- ପିଚକାରୀ - ଲୋକମନେ ପିଚ୍‌କାରୀ ମାର୍‌ତେ ରଙ୍ଗ ଖୁଲ୍‌ତିଆ ।

ଓ- ପିଡ଼ିଆ - ଗାଈକୁ ପିଡ଼ିଆ ଦେଲେ ଭଲ କ୍ଷୀର ଦିଏ ।

ବି- ଖରହି - ଗାଏକେ ଖରହି ଦେନେ ବନେ ଗୋରସ୍ ଦେଥେ ।

କ- ପିଡିଆ - ଗାଏକେ ପିରିଆ ଦେଲେ ବଦେ କ୍ଷୀର ଦିଲିଆ ।

ଓ- ପିଣ୍ଡୁଳା - ଦେହରେ ମାଂସ ପିଣ୍ଡୁଳାଟିଏ ବଢ଼ିଚାଲିଛି ।

ବି- ମସା - ଦେହେଁନେ ମସା ଗୋଟେକ ବଢ଼ହତ ବଢ଼ହତ ଯାଥେ ।

କ- ଖଣେ - ଗାଗରେ ମଉସ ଖଣେ ବଡ଼ତେ ଗ୍ଲଚେ ।

ଓ- ପିତାମାତା - ପିତାମାତା ଆମର ପ୍ରଥମ ଗୁରୁ ଅଟନ୍ତି ।

ବି- ଆୟାବୁଆ - ଆୟାବୁଆ ହାମର୍ ପହେଲି ଗୁରୁଏ ।

କ- ବୁଆମାଆ - ବୁଆମାଆ ଆମର ପରଧମ୍‌ଗୁରୁ ।

ଓ- ପିଠି - ଘୋଡ଼ା ପିଠିରେ ବସି ରାଜା ଭ୍ରମଣରେ ଯାଆନ୍ତି ।

ବି- ପିଟ - ଘୋଡ଼ାକେ ପିଟ୍‌ନେ ବୋସ୍‌କେ ରଜା ବୁଲନ୍ ଯଥେ ।

କ- ପିଠି - ଘଡ଼ା ପିଠ୍‌ନେ ବସତେ ରଜା ବୁଲି ଯାଆତିଆ ।

ଓ- ପିଲାମାନେ - ପିଲାମାନେ ଖେଳ ପ୍ରିୟ ଅଟନ୍ତି ।

ବି- ଛୁଆମନ - ଛୁଆମନ୍ ଖେଲବା କଜେଙ୍ଗ ସଉଁକ କରଥେ ।

କ- କେଡ଼ାମନେ - କେଡ଼ାମନେ ଖେଲବାରଟାକେ ବନେ ପାଇତିଆ ।

ଓ- ପିନ୍ଧିବା - ଝିଅମାନେ ପୁଅଙ୍କ ପରି ପୋଷାକ ପିନ୍ଧିବା ଅନୁଚିତ ।

ବି- ପିନ୍ଧବା - ଛୋକରି ମନ ଛୋକରା ବାଗିର ଛିଡ଼ହା ପଟା ବିନ୍ଧବାଟା ଠିକ୍ ନି ହୁଏ ।

କ- ପିନ୍ଦବା - ଟୁକିଲ ମାନେ ପିଲାମନକର ପରା ପୁଷାକ ନା ପିନ୍ଦବାର କାଥା ।

ଓ- ପିଜୁଳି - ପାଚିଲା ପିଜୁଳି ଭାରି ମିଠା ଲାଗେ ।

ବି- ବିହି - ପାକ୍‌ଲା ବିହି ବନେଚ୍ ମିଠା ଲାଗ୍‌ଥେ ।

କ- ଜାମ - ପାଚଲା ଜାମ ଖୋବ ମନ୍ଧୁର ଲାଗଲିଆ ।

ଓ- ପିଇବା - ଆମ ଗ୍ରାମରେ ପିଇବା ପାଣିର ଅଭାବ ରହିଛି ।

ବି- ପିବା - ହାମର୍ ଗାଁନେ ପିବା ପାନି ଅଭାବ ହେ ।

କ- ପିଇବା - ଆମର ଗାଁନେ ପିଇବା ପାଏନ୍‌ର ମକାର ଆଚେ ।

ଓ- ପୀଡ଼ା - ବିଶ୍ରାମ କଲେ ଦେହରେ ପୀଡ଼ା କମିଯାଏ ।

ବି- ଦୁଖାବାଟା - ଧକିଆନେ ଦେହେଁ ଦୁଖାବାଟା କମ୍ ହେ ଯାଥେ ।

କ- ଦୁଖବାର - ଅକ୍ଲେ ଗାଗର ଦୁଖବାରଟା ବନ୍ଦ ହୁଲିଆ ।

ଓ- ପୀଠ - ଲୋକେ ପବିତ୍ର ପୀଠ ଦର୍ଶନରେ ଯାଆନ୍ତି ।

ବି- ଜାଗା - ଲୋଗ୍‌ମନ୍ ପବିତର ଜଗାକେ ଦରଶନ୍ କରନ୍ ଯଥେ ।

କ- ଜାଗା - ଲୋକମନେ ପବିତ୍ର ଜାଗା ଦେଖିବାରକେ ଯାଇତିଆନ ।

ଓ- ପୁଣି - ପୁଣି ଥରେ ମୋ ଦେହ ଅସୁସ୍ଥ ହେଲା ।

ବି- ଆଗୁ ଘାଏ - ଫେର ଘାଏ ମୋର ଦେହେଁ ଖରାପ ହେସ୍ ।

କ- ଆରଥରେକ - ଆର୍‌ଥରେକ୍ ମର୍ ଗାଗର୍ ଅସୁସ୍ଥ ହଲ ।

ଓ- ପୁଣ୍ୟ - ଜନସେବା କରି ପୁଣ୍ୟ ଅର୍ଜନ କର ।

ବି- ପୁନ - ଲୋଗମନକେ ସେବା କେର୍‌କେ ପୁଇନ୍ ଅର୍‌ଜନ୍ କରୋ ।

କ- ପୁଣ୍ୟ - ଲୋକକେ ସେବା କେରତେ ପୁନ୍ୟ ପାହା ।

ଓ- ପୁରା - ଶ୍ରମିକକୁ ପୁରା ମଜୁରି ଦେଇଦିଅ ।

ବି- ସବୋ - ଭୁଥିଆର୍ ମନ୍‌କେ ସବୋ ଭୂତିକେ ଦେଦୋ ହୋ ।

କ- ସବୁ - କାମ କିରୁ ମନକେ ସବୁ ପଇସା ଦେ ଦିଆସ ।

ଓ- ପୁଡ଼ିଆ - ଦୋକାନି ଡ଼ାଲି ପୁଡ଼ିଆ ବାନ୍ଧି ଦିଏ ।

ବି- ପୁଡ଼ିଆ - ଦୁକାନ ଗୋସିଆ ଦାଲକେ ପୁଡ଼ିଆ ବାନ୍ଧକେ ଦେଥେ ।

କ- ପୁଡିଆ - ଦୁକାନୀ ଦାଲ୍‌କେ ଚିପ୍‌ଟୀ କେତେ ଦିଲିଆ ।

ଓ- ପୁସ୍ତକ - ପୁସ୍ତକରେ ଅନେକ ଜ୍ଞାନର କଥା ଲେଖା ହୋଇଥାଏ ।

ବି- ବହି - ବହିନେ ବନେଚ୍ ଗିଆନ୍ କେ ବାତ୍ ଲିଖା ହେରେଥେ ।

କ- ବହି - ବହିନେ ଖୋବ ଜ୍ଞାନର କାତା ଲେଖା ହତେଲିଆ ।

ଓ- ପୁରୁଷ - ନାରୀ ପୁରୁଷର ପରସ୍ପର ପରିପୂରକ ଅଟନ୍ତି ।

ବି- ଡ଼ୋକା - ଡ଼ୋକି ଡ଼ୋକା ଇକର୍ ଓକର୍ ପରିପୂରକ ଏ ।

କ- ମୁନୁଷପିଲା - ମାଇଜି ମୁନୁଷ୍ ଏକେତେକେ ପରିପୂରକ ।

ଓ- ପୁଷ୍ପ - ଆମ ବଗିଚ଼ା ବିଭିନ୍ନ ପୁଷ୍ପରେ ସୁଶୋଭିତ ଅଟେ ।

ବି- ଫୁଲ - ହାମର୍ ବଗିଚା ଟା ନାନା ପର୍କାର୍ କେ ଫୁଲ୍‌ନେ ଶୁଶୋଭିତ ଏ ।

କ- ଫୁଲ - ଆମର ବଗିଚ଼ାନେ ଖୋବ୍ ଗୁଡ଼ା ଫୁଲନେ ସୁନ୍ଦର ଦିଶଚେ ।

ଓ- ପୁରାଇ - ମୀନା ବହି ବସ୍ତାନୀରେ ପୁରାଇ ଧରିଛି ।

ବି- ଭୋରକେ - ମୀନା ବହିକେ ଝୋଲାନେ ଭୋରକେ ଧେରେହେ ।

କ- ଭରି - ମୀନା ବହିକେ ବସ୍ତାନୀନେ ବରତେ ଧେରଲାଛେ ।

ଓ- ପୁରାତନ - ପୁରାତନ ବିଷୟ ସବୁ ଲୋପ ପାଇବାକୁ ବସିଲାଣି ।

ବି- ଅଗିଲଯୁଗ - ଅଗିଲଯୁଗକେ ଜିନିଷମନ ଲୁଦା ଯଦା[illegible] ।

କ- ପୁରନା - ପୁରନା ଜିନିଷ ସବୁ ହାଜି ପାଆଚେ ।

ଓ- ପୁଷ୍କରିଣୀ - ପୁଷ୍କରଣୀରେ ଆମେ ଗାଧୋଇବାକୁ ଯାଉ ।

ବି- ତରିଆ - ତରିଆନେ ହମେଁ ଗୋଧନ୍ ଯଥୋଁ ।

କ- ବନ୍ଧ - ବନ୍ଧକେ ଆମେ ଗାଦ୍‌ବାକେ ଯାଉନୁଆଁ ।

ଓ- ପୁଷ୍ପବୃନ୍ତ - ପୁଷ୍ପବୃନ୍ତରେ ପାଖୁଡ଼ା ଲାଗିଥାଏ ।

ବି- ଫୁଲକେବୁନ୍ଧା - ଫୁଲ୍ ଖେନାନେ ପାଖୁଡା ଲାଏଗ୍ କେ ରେଥେ ।

କ- ଫୁଲଖେନା - ଫୁଲ ଖେନାନେ ପାଖୁଡା ଲାଗ୍‌ତେଲିଆ ।

ଓ- ପୁନେଇ - ପୁନେଇ ଜହ୍ନ ଥାଳିପରି ଦେଖାଯାଏ ।

ବି- ପିନି - ପୁନି ଜୋନ୍‌ଟା ଥାଳିରେଙ୍ଗ୍ ଦିଖ୍‌ଥେ ।

କ- ପୁନି - ପୁନି ଜନ୍ ଥାଲି ପରା ଦିଶ୍‌ଲିଆ ।

ଓ- ପୃଥିବୀ - ପୃଥିବୀ ଆମର ଚିରସ୍ଥାୟୀ ବାସସ୍ଥାନ ନୁହେଁ ।

ବି- ଧରତୀ - ଧରତୀ ହାମର୍ ସବୋଦିନ୍‌କେ ବସାକର୍‌ବାଯାଗା ନିହେ ।

କ- ପୁର୍ଥି - ପୁର୍ଥି ଆମର୍ ସବୁଦିନିଆ ରେବାର୍ ଜାଗାନାଇସେ ।

ଓ- ପୃଷ୍ଠା - ବିଷୟ ଖୋଜି ପାଇବାରେ ପୃଷ୍ଠା ସାହାଯ୍ୟ କରେ ।

ବି- ଫରଦା - ବିଷୟ ଖୋଜକେ ନିକଲାବା କଜେଇଁ ଫରଦା ସହଯୋଗ କରଥେ ।

କ- ପୃଷ୍ଠା - ବିଷୟ ଖୁଜବାଗନେ ପତର ସାହା ହୁଲିଆ ।

ଓ- ପୂଜା - ଆଦିବାସୀ ମାଟି ଦେବତା ପୂଜା କରିଥାନ୍ତି ।

ବି- ପୂଜା - ଆଦିବାସୀ ମାଟିକେ ଦେଉଁତାକେ ପୂଜା କରଥେ ।

କ- ପୂଜା - ଆଦିବାସୀ ମନେ ମାଟ ଦେବତା କେ ପୂଜା କେତେଲିଆ ।

ଓ- ପୂର୍ବ - ପୂର୍ବ କାଳର ଲୋକେ ଅଧିକ ବଳବାନ ଥିଲେ ।

ବି- ଅଗିଲ - ଅଗିଲଯୁଗକେ ଲୋଗମନ ଜାଦା ତାକତ୍‌ବାଲା ରେହେସ୍ ।

କ- ଆଗ - ଆଗକାଲର୍ ଲୋକମନେ ଖୋବ୍ ବଲୁଆ ଥେତେରେଲେ ।

ଓ- ପୂରଣ - ନଳକୂପ ପାନୀୟ ଜଳର ଅଭାବ ପୂରଣ କରେ ।

ବି- ପୁରା - ବୋରିଙ୍ଗ୍ ପିବାପାନିକେ ଅଭାବ୍‌କେ ପୁରା କରଥେ ।

କ- ଦୂର - ନଳଚୁଆ ପିଇବା ପାଏନର ଅଭାବ ଦୂର କିଲିଆ ।

ଓ- ପୂର୍ବପୁରୁଷ - ଆମ ପୂର୍ବ ପୁରୁଷ ମାନେ ଖୁବ୍ ପରିଶ୍ରମୀ ଥିଲେ ।

ବି- ଅଜଲୀକେଲଗ - ହାମର୍ ଅଗିଲ୍‌କେଲୋଗ୍‌ମନ୍ ଅଧିକ ବୁତାକାମ କରତ ରେହେସ ।

କ- ଆଗକାଲର - ଆମର ଆଗକାଲର ଲୋକମନେ ଖୁବ୍ କାମ୍‌ବାଲା ଥେତେରେଲେ ।

ଓ- ପେଚା - ପେଚା ଏକ ରାତ୍ରିଚର ପକ୍ଷୀ ।

ବି- ଖୁସର - ଖୁସର୍ ଗୋଟେକ୍ ରାତିକେ ଚର୍‌ବା ଚିରେଇଏ ।

କ- ପେଚ୍ଚ - ପେଚ୍ଚ ଗଟେ ରାତି ଚରିବୁଲବାର ଚେରେ ।

ଓ- ପେଟ - ପେଟରେ ଖାଦ୍ୟ ହଜମ ହୁଏ ।

ବି- ପେଟ - ପେଟ୍‌ନେ ଖାନା ପଚ୍‌ଥେ ।

କ- ପେଟ୍ - ପେଟେ ଖାଏଦ୍ ଜିର୍‌ଲିଆ ।

ଓ- ପେଣ୍ଡୁ - ଦୋଳକ ଘଣ୍ଟାରେ ପେଣ୍ଡୁଟିଏ ଝୁଲି ହଲୁଥାଏ ।

ବି- ଗୋଲ - ଝୁଲ୍‌ବା ଘଡ଼ିନେ ଗୋଲରେଙ୍ଗ୍ ଜିନିଷ ଝୁଲକେ ହଲତ୍‌ରେଥେ ।

କ- ଗୋଲଟା - ଦୋଲକେ ଘଡିନେ ଗୋଲ୍‌ଟା ଗୁଟେ ଝୁଲଲିଆ ।

ଓ- ପେଟି - ଔଷଧ କାଗଜ ପେଟିରେ ବନ୍ଧା ହୋଇ ଆସେ ।

ବି- ବୋଚକା - ଓଷାହା କାଗଜ୍‌କେ ବୋଚ୍‌କା ବନ୍ଧାକେ ଅଥେ ।

କ- ପେଟି - ଓଶୋ କାଗଜ୍ ପେଟିନେ ବାନ୍ଧାହତେ ଆସ୍‌ଲିଆ ।

ଓ- ପେଟପୂରା - ଗରୀବ ଲୋକ ପେଟପୂରା ଖାଇବାକୁ ପାଆନ୍ତି ନାହିଁ ।

ବି- ପେଟଭୋରତଲେ- ଗରୀବ୍‌ଲୋଗ୍ ପେଟ୍‌କେ ଭୋରତ୍‌ଲେ ଖବା କଲେଙ୍ଗ୍ ନି ପାଏ ।

କ- ପେଟପୁରଭି - ଗରୀବ ଲୋକମନେ ପେଟ ପୁର୍‌ତି ଖାଏବାକେ ନା ପାଆବାର ।

ଓ- ପେନ୍‌ସିଲ - ପେନସିଲ୍‌ରେ ଚିତ୍ର ଅଙ୍କାଯାଏ ।

ବି- ସୀସା - ସୀସାନେ ଫଟୁ କଟା ଯଥେ ।

କ- ଶିସା - ସିଶାନେ ଚିତ୍ର ବାନା ହୁଲିଆ ।

ଓ- ପୋଲ - କଲିକତାରେ ହାବଡ଼ା ପୋଲ ଅଛି ।

ବି- ପୁଲିଆ - କଲ୍‌କତାନେ ହାବଡ଼ା ପୁଲିଆ ଏହେ ।

କ- ପୋଲ - କଲକତାନେ ହାବଡ଼ା ପୋଲ ଆଚେ ।

ଓ- ପୋଲିସ - ପୋଲିସ ଚୋରକୁ ଧରିଥାନ୍ତି ।

ବି- ପୁଲୁସ - ପୁଲୁସ ଚୋର୍‌କେ ଧେରଥେ ।

କ- ପୁଲିସ - ପୁଲୁସ ଚୋରକେ ଧରତିଆ ।

ଓ- ପୋଷଇ - ଚାଷୀ ଲକ୍ଷେ ଲୋକଙ୍କୁ ପୋଷନ୍ତି ।

ବି- ପୋଷଥେ - କିଶାନ୍ ଲଖେକ୍ ଲୋଗ୍‌କେ ପୋଷ୍‌ଥେ ।

କ- ପୁସ୍‌ତିଆନ - ଚଷୀ ଲଖେକ୍ ଲୋକର୍କ ପୁସତିଆନ୍ ।

ଓ- ପୋଷାକ - ମଇଲା ପୋଷାକ ସଙ୍ଗେସଙ୍ଗେ ସଫାକର ।

ବି- ଛିଡ଼୍‌ହା - ମଇଲା ଛିଡ଼୍‌ହାକେ ସଙ୍ଗେସଙ୍ଗ୍ ସଫା କର୍‌ବାଟା ଏ ।

କ- ପୁସାକ - ମଏଲ ପୁସାକ ସାଙ୍ଗ ସାଙ୍ଗ ସାପାକେରା ।

ଓ- ପୋତିଲେ - ଲୋକେ ପୂଜା ପାଇଁ ଖୁଣ୍ଟି ପୋତିଲେ ।

ବି- ତୋପେସ - ଲୋଗ୍‌ମନ୍ ପୂଜା କର୍‌ବା କଜେଙ୍ଗ ଖୁଟା ଗାଡ଼େସ୍ ।

କ- ତପଲେ - ଲୋକମନେ ପୂଜା କାଯେ ଖୁଁଟି ତପଲେ ।

ଓ- ପୋଖରୀ - ଆମେ ଗାଁ ପୋଖରୀରୁ ଦଳ ସଫା କଲୁ ।

ବି- ତରିଆ - ହାମେ ଗାଁ ତରିଆକେ ଚିଖଲ୍ କେ ସଫା କରେଁ ।

କ- ବନ୍ଧ - ଆମେ ଗାଁ ବନ୍ଧର ଜଗଲ ସାପା କିଲୁ ।

ଓ- ପୋଟଳ - ପୋଟଳ ଏକ ଭଲ ପରିବା ।

ବି- ପୁଟଲ - ପୁଟଲ ଗୋଟେକ୍ ଅଇନ୍ ଶାଗ୍‌ଏ ।

କ- ପୁଟଲ - ପୁଟଲ ଗୁଟେ ବନେ ଫଲ୍‌ଶାଗ୍ ।

ଓ- ପୋଡ଼ଇ - ଭାଟିରେ ଇଟା ପୋଡ଼ଇ ।

ବି- ପୋଡ଼ଥେ - ଭାଟିନେ ଇଟା ପୋଡ଼୍‌ଥେ ।

କ- ପୁଡ଼ଲିଆ - ଭାଟିନେ ଇଟା ପୁଡ଼ଲିଆ ।

ଓ- ପୋଡ଼ଶୀ - ରବି ଆମର ଜଣେ ପୋଡ଼ଶୀ ବନ୍ଧୁ ଅଟନ୍ତି ।

ବି- ଘରକେଟା - ରବି ହାମର୍ ଝନେକ୍ ଘୋରୋଧି ଲୋଗ୍ ଏ ।

କ- ଘେରପାଖର - ରବି ଆମର ଘେରପାଖର ଗୁଟେକ ସାଙ୍ଗ ।

ଓ- ପୋଷଇ - ଚାଷୀ ଲକ୍ଷେ ଲୋକଙ୍କୁ ପୋଷନ୍ତି ।

ବି- ପୋଷଥେ - କିଶାନ୍ ଲଖେକ୍ ଲୋଗ୍‌କେ ପୋଷ୍‌ଥେ ।

କ- ପୁସ୍‌ତିଆନ - ଚ୍ଷୀ ଲଖେକ୍ ଲୋକର୍କ ପୁସତିଆନ୍ ।

ଓ- ପୋଷାକ - ମଇଳା ପୋଷାକ ସଙ୍ଗେସଙ୍ଗେ ସଫାକର ।

ବି- ଛିଡ଼୍‌ହା - ମଇଲା ଛିଡ଼୍‌ହାକେ ସଙ୍ଗେସଙ୍ଗ୍ ସଫା କର୍‌ବାଟା ଏ ।

କ- ପୁସାକ - ମଏଲ ପୁସାକ ସାଙ୍ଗ ସାଙ୍ଗ ସାପାକେରା ।

ଓ- ପୋତିଲେ - ଲୋକେ ପୂଜା ପାଇଁ ଖୁଣ୍ଟି ପୋତିଲେ ।

ବି- ତୋପେସ - ଲୋଗ୍‌ମନ୍ ପୂଜା କର୍‌ବା କଜେଙ୍ଗ ଖୁଟା ଗାଡ଼େସ୍ ।

କ- ତପଲେ - ଲୋକମନେ ପୂଜା କାଯେ ଖୁଁଟି ତପଲେ ।

ଓ- ପୋଖରୀ - ଆମେ ଗାଁ ପୋଖରୀରୁ ଦଳ ସଫା କଲୁ ।

ବି- ତରିଆ - ହାମେ ଗାଁ ତରିଆକେ ଚିଖଲ୍ କେ ସଫା କରେଁ ।

କ- ବନ୍ଧ - ଆମେ ଗାଁ ବନ୍ଧର ଜଗଲ ସାପା କିଲୁ ।

ଓ- ପୋଟଳ - ପୋଟଳ ଏକ ଭଲ ପରିବା ।

ବି- ପୁଟଲ - ପୁଟଲ ଗୋଟେକ୍ ଅଇନ୍ ଶାଗ୍‌ଏ ।

କ- ପୁଟଲ - ପୁଟଲ ଗୁଟେ ବନେ ଫଲ୍‌ଶାଗ୍ ।

ଓ- ପୋଡ଼ଇ - ଭାଟିରେ ଇଟା ପୋଡ଼ଇ ।

ବି- ପୋଡ଼ଥେ - ଭାଟିନେ ଇଟା ପୋଡ଼୍‌ଥେ ।

କ- ପୁଡ଼ଲିଆ - ଭାଟିନେ ଇଟା ପୁଡ଼ଲିଆ ।

ଓ- ପୋଡ଼ଶୀ - ରବି ଆମର ଜଣେ ପୋଡ଼ଶୀ ବନ୍ଧୁ ଅଟନ୍ତି ।

ବି- ଘରକେଟା - ରବି ହାମର୍ ଝନେକ୍ ଘୋରୋଧି ଲୋଗ୍ ଏ ।

କ- ଘେରପାଖର - ରବି ଆମର ଘେରପାଖର ଗୁଟେକ ସାଙ୍ଗ ।

ଓ- ପୋଟିବା - ଯତ୍ନ ନ ନେଲେ ପରିବା ପୋଟିବା ଆରମ୍ଭ କରେ ।

ବି- ସଢ଼ହା - ଯତନ୍ ନି କର୍‌ନେ ଶାଗ୍ ସଢ଼ଭାକେ ସୁରୁ କର୍‌ଥେ ।

କ- କୁଇଲିଆ - ସାଗ୍ ଡାଲ୍‌କେ ଯତନ୍ ନା କେଲେ କୁଇଲିଆ ।

ଓ- ପୋଡ଼ିଗଲା - ଦିନେ ହଠାତ୍ ଆମ ଘର ପୋଡ଼ିଗଲା ।

ବି- ପୋଡ଼୍‌ଯାଏସ - ଦିନେକ୍ ଅଚାନେକ୍ ହାମର୍ ଘର୍ ପୋଡ଼୍‌ଯାଏସ ।

କ- ପଡଲ - ଦିନେକ ହଠାତ୍ ଆମର ଘେର ପୁଡଲ ।

ଓ- ପ୍ରଶ୍ନ - ଶିକ୍ଷକ ପିଲାଙ୍କୁ ପ୍ରଶ୍ନ ପଚାରନ୍ତି ।

ବି- ପ୍ରଶ୍ନ - ମାଷ୍ଟର ଛୁଆମନ୍‌କେ ପ୍ରଶ୍ନ ପୁଛ୍‌ଥେ ।

କ- ପରଶନ - ମାଷ୍ଟର କେଡ଼ା ମନକେ ପରଶନ ପଚରାତିଆ ।

ଓ- ପ୍ରଜା - ଆମ ଦେଶରେ ପ୍ରଜାତନ୍ତ୍ର ଶାସନ ଚାଲିଛି ।

ବି- ପରଜା - ହାମର ଦେଶନେ ପ୍ରଜାତନ୍ତ୍ର ଶାସନ ଚଲଥେ ।

କ- ପ୍ରଜା - ଆମର ଦେଶନେ ଲୋକମନକର / ପ୍ରଜାଖାସନ ଚ୍ଲଚେ ।

ଓ- ପ୍ରତି - ପ୍ରତି ବାଳିକାକୁ ପୋଷାକ ଦିଆଯାଇଛି ।

ବି- ସବୋ - ସବୋନନୀ ମନକେ ପିନ୍ଧ୍‌ବା କଲେଙ୍ଗ ଛିଡ଼୍‌ହା ଦେଲାହେ ।

କ- ପ୍ରତ୍ୟେକ - ସବୁ ଟୁକିଲ୍ ମନକେ ପୁସାକ ଦିଆଯାଚେ ।

ଓ- ପ୍ରତିଭା - ଛୋଟ ବେଳୁ ପିଲାଟିର ପ୍ରତିଭା ଜଣାପଡ଼ିଲା ।

ବି- ପ୍ରତିଭା - ଛୋଟ୍ ବେଲ୍‌ଲେ ଛୁଆକେ ପ୍ରତିଭା ଜନା ପଡ୍‌ଥେ ।

କ- ଗୁଣ - ସାନ ବିଲୁ କେଡ଼ାର ଗୁଣଜନା ପଡ୍‌ଲ ।

ଓ- ପ୍ରତ୍ୟେକ - ପ୍ରତ୍ୟେକ ନାଗରିକର ଦେଶ ପ୍ରତି କର୍ତ୍ତବ୍ୟ ରହିଛି ।

ବି- ସବୋ - ସବୋ ଲୋଗ୍‌କେ ଦେଶ କଜେଙ୍ଗ କର୍ତ୍ତବ୍ୟ ଏହେ ।

କ- ପ୍ରତ୍ୟେକ /ସବୁ - ପ୍ରତ୍ୟେକ / ସବୁ ଲୋକର ଦେଶକାଯେ କର୍ତ୍ତବ୍ୟ ଆଚେ ।

ଓ- ପ୍ରକୃତି - ଋତୁ ପରିବର୍ତ୍ତନ ପ୍ରକୃତିର ଏକ ଦାନ ଅଟେ ।

ବି- ପ୍ରକୃତି - ଋତୁ ବଦଲ୍‌ବାଟା ପ୍ରକୃତିକେ ଗୋଟେକ୍ ଦାନ୍‌ଏ ।

କ- ପର୍‌କୁତି - ରୁତୁ ବଦଲ୍‌ବାଟା ପର୍‌କୁତିର ଗୁଟେକ୍ ଦାନ ।

ଓ- ପ୍ରଚୁର - ଗତ ବର୍ଷ ପ୍ରଚୁର ବର୍ଷା ହୋଇଥିଲା ।

ବି- ବନେଚ - ଯାଏସ୍ ବରସ୍ ବନେଚ୍ ବର୍‌ଷା ହୋଏରେହେସ୍ ।

କ- ଖୋବ୍ - ଗଲା ବଛର ଖୋବ ବର୍ଷା ହତେଲ ।

ଓ- ପ୍ରଥମ - ଇନ୍ଦିରାଗାନ୍ଧୀ ଭାରତର ପ୍ରଥମ ମହିଳା ପ୍ରଧାନ ମନ୍ତ୍ରୀ ଥିଲେ ।

ବି- ପହେଲା - ଇନ୍ଦିରାଗାନ୍ଧୀ ଭାରତ୍‌କେ ପହେଲା ମାଇଲୋଗ୍ ପ୍ରଧାନମନ୍ତ୍ରୀ ରେହେସ୍ ।

କ- ପରଥମ - ଇନ୍ଦିରାଗାନ୍ଧୀ ଭାରତର ପରଥମ ମାଇଜି ପ୍ରଧାନମାନ୍ତ୍ରୀ ଥେଲ ।

ଓ- ପ୍ରଭାବ - ଶୀତର ପ୍ରଭାବରେ ବହୁ ଲୋକ କଷ୍ଟ ପାଆନ୍ତି ।

ବି- ପରଭାବ - ଜାଡ୍‌କେ ପର୍‌ଭାବ୍‌ନେ ବନେଚ୍‌ଲୋଗ ଦୁଖ ପାଥେ ।

କ- ପରଭାବ - ଜାଡର ପରଭାବନେ ଖୋବଲୋକ ଦୁଖ୍ ପାତିଆ ।

ଓ- ପ୍ରଶ୍ୱାସ - ପ୍ରଶ୍ୱାସ ବାୟୁରେ ଅଧିକ ଅମ୍ଳଜାନ ଥାଏ ।

ବି- ପ୍ରଶ୍ୱାସ - ପ୍ରଶ୍ୱାସ ପବନ୍‌ନେ ବନେଚ୍ ଅମ୍ଳଜାନ ରେଥେ ।

କ- ପ୍ରଶ୍ୱାସ - ନିଶାସ ପବନନେ ଖୋବ ଅମ୍ଳଜାନ ଥିଲିଆ ।

ଓ- ପ୍ରଭୃତି - ବଣରେ ବାଘ, ଭାଲୁ ପ୍ରଭୃତି ବାସ କରନ୍ତି ।

ବି- ପ୍ରଭୃତି - ଜଙ୍ଗଲ୍‌ନେ ବାଘ, ଭାଲୁ, ପ୍ରଭୃତି ବସା କର୍‌ଥେ ।

କ- ଅନେକ - ଖମନନେ ବାଘ୍, ଭାଲୁ ଅନେକ / କେତେନିକେତେ ଦିବଜନ୍ତୁ ବାସ କିତିଆ ।

ଓ- ପୂର୍ଣ୍ଣ - ଗଣିତରେ ପୂର୍ଣ୍ଣ ନମ୍ବର ଶହେ ଥାଏ ।

ବି- ପୁରା - ଗନିତ୍‌ନେ ପୁରା ନମର୍ ଶଏକ ରେଥେ ।

କ- ପୂର୍ଣ୍ଣ - ଗଣିତନେ ପୂର୍ଣ୍ଣ ନମର ଶହେ ଥିଲିଆ ।

ଓ- ପ୍ରହରୀ - ବ୍ୟାଙ୍କକୁ ପ୍ରହରୀ ମାନେ ଜଗନ୍ତି ।

ବି- ପ୍ରହରଦାର - ବେଙ୍କକେ ପହର୍‌ଦାର୍‌ମନ୍ ଜୋଗ୍‌ଥେ ।

କ- ଜଗବାରଲୋକ - ବେଙ୍କଂନେ ଜଗବାର ଲୋକମନେ ଯୁଗ୍‌ତଆ ।

| | | | |
|---|---|---|---|
| ଓ- | ପ୍ରବେଶ | - | ପାଞ୍ଚ ବର୍ଷ ବୟସରେ ପିଲାଙ୍କୁ ସ୍କୁଲରେ ପ୍ରବେଶ କରାଯାଏ । |
| ବି- | ଭରତି | - | ପାଁଚ୍ ବରଷ୍‌ନେ ଛୁଆମନ୍‌କେ ଇସକୁଲ୍‌ନେ ଭର୍‌ତି କର୍‌ଥେ । |
| କ- | ନାଲେଖାବାର | - | ପାଁଞ୍ଚ ବଛର୍ ହଲେ ପିଲାଟୁକିଲ୍‌ମନ୍‌କେ ଇସ୍କୁଲ୍‌ନେ ନା ଲେଖା ତିଆ । |
| ଓ- | ପ୍ରସାର | - | ମାତୃଭାଷାର ପ୍ରସାର ହେବା ଦରକାର । |
| ବି- | ପରଚାର | - | ମାତୃଭାଷାକେ ପ୍ରଚାର୍ ହେବା କାଥା । |
| କ- | ପ୍ରଚ୍ଚର | - | ମାତୃଭାଷାର ପ୍ରଚ୍ଚର ହବାର କାତା । |
| ଓ- | ପ୍ରତିଦିନ | - | ପ୍ରତିଦିନ ଘଣ୍ଟାଏ ବ୍ୟାୟାମ କରିବା ଉଚିତ୍ । |
| ବି- | ସବୋଦିନ | - | ସବୋଦିନ ଘଣ୍ଟେକ୍ ବିଆମ୍ କର୍‌ବା ଟାଏ । |
| କ- | ସବୁଦିନ୍ | - | ସବୁଦିନ ଘଁଟକେ ବ୍ୟାୟାମ କେରବାର କାତା । |
| ଓ- | ପ୍ରଶଂସା | - | ଭଲ ପିଲାଙ୍କୁ ସମସ୍ତେ ପ୍ରଶଂସା କରନ୍ତି । |
| ବି- | ଭଲପଥେ | - | ଅଇନ୍ ଛୁଆକେ ସବୋଝନ୍ ଭାଥେ । |
| କ- | ପରସସା | - | ବନେ ପିଲାକେ ସବୁଲୋକ ପର୍‌ସସା କିରତିଆ । |
| ଓ- | ପ୍ରତିକ୍ରିୟା | - | ଅନ୍ୟକୁ ପ୍ରଶଂସା କଲେ ତା ମନରେ ପ୍ରତିକ୍ରିୟା ଜାତ ହୁଏ । |
| ବି- | ପ୍ରତିକ୍ରିୟା | - | ଦୁସରାକେ ପ୍ରଶଂସା କର୍‌ନେ ଉକର୍ ମନ୍‌ନେ ପ୍ରତିକ୍ରିୟା ଦେଖା ଯଥେ । |
| କ- | ପ୍ରତିକ୍ରିୟା | - | ଅଲଗା ଲୋକକେ ପର୍‌ସସା କେଲେ ତାର ମନେ ପ୍ରତିକ୍ରିୟା ଜାତ ହୁଲିଆ । |
| ଓ- | ପ୍ରଣାମ | - | ଇଶ୍ୱରଙ୍କୁ ପ୍ରଣାମ କର । |
| ବି- | ଜୁହାର | - | ଭଗଓ୍ୱାନ୍ କେ ଜୁହାର୍ କରୋ । |
| କ- | ଜୁଆର | - | ଭଗବାନକେ ଜୁଆର୍ କେରା । |

ଓ- ପ୍ରସିଦ୍ଧି - ଦାରିଙ୍ଗିବାଡ଼ି ଶୀତ ପାଇଁ ପ୍ରସିଦ୍ଧି ଲାଭ କରିଛି ।

ବି- ପରସିଧ - ଦାରିଙ୍ଗିବାଡ଼ି ଜାଡ୍ କଜେ ପରସିଧ୍ ଏ ।

କ- ପରସିଦ୍ଧ - ଜାରିଙ୍ଗବାଡି ଜାଡକାଯେ ପରସିଧ ଲାଭ କେଲାଚେ ।

ଓ- ପ୍ରତିହତ - ମେଲେରିଆକୁ ପ୍ରତିହତ କରିବା ପାଇଁ କ୍ଲୋରୋକୁଇନ୍ ଖାଆନ୍ତୁ ।

ବି- ଛଡ଼ାବା - ମେଲେରିଆକେ ଛଡ଼ା ବା କଜେଙ୍ଗ କ୍ଲୋରୋକୁଇନ ଖହି ।

କ- ନାହବାକେ - ମେଲେରିଆ ନାହବାକେ କ୍ଲୋରୋକୁଇନ ଓଶୋ ଖାହା ।

ଓ- ପ୍ରତିବାଦ - ଅନ୍ୟାୟର ପ୍ରତିବାଦ କରିବାକୁ ଭୟ କରନାହିଁ ।

ବି- ଲଡ଼ବା - ଅନ୍ୟାୟକେ ବିରୋଧ କରିବା କଲେଙ୍ଗ ନି ଡ଼ରାହିଁ ।

କ- ପ୍ରତିବାଦ - ଅନିଏକେ ପ୍ରତିବାଦ କେବାକେ ନା ଡେର ।

ଓ- ପ୍ରସ୍ତାବ - ବିଦ୍ୟାଳୟରେ ଏକ ବହିହାଟ କରିବାକୁ ପ୍ରସ୍ତାବ ଦିଆଗଲା ।

ବି- ରାଜିନାମା - ଇସକୁଲ୍‌ନେ ଗୋଟେକ୍ ବହି ମେଳା କର୍‌ବାକେ ପ୍ରସ୍ତାବ୍ ଦିଆଯାଏସ୍ ।

କ- ପ୍ରସ୍ତାବ - ଇସ୍କୁଲନେ ଗୁଟେକେ ପୁସ୍ତକ ମେଲା କେରବାକେ ପ୍ରସ୍ତାବ ନେସ୍ତେଲେ ।

ଓ- ପ୍ରକାଶ - ସରକାର ପାଠ୍ୟ ପୁସ୍ତକ ପ୍ରକାଶ କରନ୍ତି ।

ବି- ଛାପଥେ - ସର୍‌କାର୍ ପଢ଼ା ବହି ଛାପ୍‌ଥେ ।

କ- ପ୍ରକାଶ - ସରକାର ବହି ପତର ପର୍‌କାଶ କିରତିଆ ।

ଓ- ପ୍ରଶସ୍ତ - ଆମ ବିଦ୍ୟାଳୟରେ ଏକ ପ୍ରଶସ୍ତ ଖେଳ ପଡ଼ିଆ ଅଛି ।

ବି- କୋଡ଼କନିକୋଡ଼କ- ହାମର ଇସକୁଲ୍‌ନେ ଗୋଟେକ୍ କୋଡ଼୍‌ନିକୋଡ଼୍‌କ୍ ଖେଲ୍‌ପଡ଼ିଆ ଏହେ ।

କ- ଅଂଶୀର - ଆମର ଇସ୍କୁଲନେ ଗୁଟେକ ଅଁଶାର ଖେଲଭାଟା ଆଚେ ।

ଓ- ପ୍ରତୀକ - **ଲାଲ ରିବନ ଏଡ୍ସ୍‌ର ପ୍ରତୀକ ଅଟେ ।**

ବି- ଚିହ୍ନା - ଲାଲ ଫିତାଟା ଏଡ୍‌ସ୍‌କେ ଚିହ୍ନାଏ ।

କ- ଶନା - ଲାଲ ରିବନ ଫିତା ଏଡସର ଚିନା / ରିବନ ଫିତା ।

ଓ- ପ୍ରଚାର - ଦୂରଦର୍ଶନରେ ଦେଶ ବିଦେଶର ଖବର ପ୍ରଚାର କରାଯାଏ ।

ବି- ପ୍ରରଚାର - ଦୂର୍‌ଦର୍‌ଶନ୍‌ନେ ଦେଶ୍ ବିଦେଶ୍‌କେ ଖବର୍ ପର୍‌ଚାର୍ କରାଯାଥେ ।

କ- ପ୍ରରଚାର - ଟିବିନେ ଦେଶ ବିଦେଶର ଖବର ପ୍ରଚାର କେରାଯାଲିଆ ।

ଓ- ପ୍ରଧାନ - ବିଦ୍ୟାଳୟରେ ଜଣେ ପ୍ରଧାନ ଶିକ୍ଷକ ଥାଆନ୍ତି ।

ବି- ମୁଖିଆ - ଇସକୁଲ୍‌ନେ ଗୋଟେ ମୁଖିଆ ଗୁରୁ ରେଥେ ।

କ- ହେଡ - ଇସ୍କୁଲନେ ଗୁଟେକ ବଡମାଷ୍ଟର ଥିତିଆନ୍ ।

ଓ- ପ୍ରତିଯୋଗିତା - ମୁଁ ଜିଲ୍ଲାସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଯୋଗ ଦେଲି ।

ବି- ହରାଜିତା - ମେଁ ଜିଲା ଭେରକେ କବଡ଼ି ହରାଜିତାନେ ସାମିଲ୍ ହଏଁ ।

କ- ହକାବାଦି - ମୁଇ ଜିଲାସ୍ତରୀୟ କାବାଡି ହଁକାବାଦୀନେ ଯୋଗଦିଲିଁ ।

ଓ- ପ୍ରଥମେ - ସକାଳୁ ଉଠି ପ୍ରଥମେ ମୁହଁ ଧୋଇ ପ୍ରାର୍ଥନା କରିବ ।

ବି- ପହେଲା - ସେକଲିଆ ଉଠ୍‌କେ ପହେଲାମୁହୁଁ ଧୋଏକେ ପାରଥନା କର୍‌ହି ।

କ- ଆଗେ - ସାକାଳେ ଉଠ୍‌ତେ ଆଗେ ମୁହୁ ଧତେ ପାର୍‌ଥାନା କେର୍‌ବାସା ।

ଓ- ପ୍ରକାର - ହାଟରେ ସବୁ ପ୍ରକାରର ପରିବା ବିକ୍ରି ହୁଏ ।

ବି- ପରକାର - ହାଟ୍‌ନେ ସବୋ ପର୍‌କାର୍‌କେ ଶାଗଡାଳ ବେଁଚାଥେ ।

କ- ପର୍‌କାର - ହାଟେ ସବୁ ପର୍‌କାର୍ ସାଗଡ଼ାଲ ବିକା ହୁଲିଆ ।

ଓ- ପ୍ରକ୍ରିୟା - ବିଦ୍ୟାଳୟରେ ବର୍ଷେ ସାରା ଶିକ୍ଷାଦାନ ପ୍ରକ୍ରିୟା ଚାଲେ ।

ବି- ପରକ୍ରିୟା - ଇସ୍‌କୁଲ୍‌ନେ ବରଷ୍‌ଭେର୍ ପାଠପଢ଼ାବା ପରକ୍ରିୟା ଚଲ୍‌ଥେ ।

କ- ପ୍ରକ୍ରିୟା - ଇସ୍କୁଲନେ ବଛରସାରା ପାଠପଢ଼ବା କାମ୍ ଚାଲ୍‌ଲିଆ ।

ଓ- ପ୍ରତିଧାଡ଼ି - ପ୍ରତିଧାଡ଼ି ସଳଖି ହେବା ଉଚିତ ।

ବି- ସାବଧାଡି - ସବୋଧାଡ଼ି ଛାଟ୍ ହେବାର୍ କଥା ।

କ- ସବୁଧାଡ଼ି - ସବୁ ଧାଡ଼ି ସଲକ୍ ହେବାର କାତା ।

ଓ- ପ୍ରାଣୀ - ସ୍ଥଳଭାଗରେ ଅନେକ ପ୍ରାଣୀ ବାସ କରନ୍ତି ।

ବି- ଜୀବ - ଥଳଭାଗ୍‌ନେ ଅନେକ୍ ଜୀବ୍ ବସା କର୍‌ଥେ ।

କ- ଜୀବଜନ୍ତୁ - ଭୂଇଁ ନେ ଖୋବ ଜୀବଜନ୍ତୁ ବାସ କିତିଆ ।

ଓ- ପ୍ରାୟ - ଆମ ଦେଶର ଜଙ୍ଗଲ ସମ୍ପଦ ପ୍ରାୟ ବିଲୁପ୍ତ ହେଲାଣି ।

ବି- ପରାଏ - ହାମର୍ ଦେଶ୍‌କେ ଜଙ୍ଗଲ୍ ସମ୍ପତ୍ତିଟା ପର୍‌ାଏ ଲୁକ୍ ଯାଥେନେ ।

କ- ପାଖ୍‌ପାଖ୍ - ଆମ ଦେଶର ଖମନ ସଂପଦ ପାଖ୍‌ପାଖ୍ ସରନ୍ଦନେ ।

ଓ- ପ୍ରାଚୀନ - ପ୍ରାଚୀନ କାଳରେ ଲୋକେ ବଦଳ କରି କିଣାବିକା କରୁଥିଲେ ।

ବି- ଅଜଲ - ଅଗିଲ୍ ଯୁଗ୍‌ନେ ଲୋଗ୍ ଅଦ୍‌ଲା ବଦ୍‌ଲା କର୍‌କେ ଘିଁନା ବିକା କରତ୍ ରେହେସ୍ ।

କ- ଆଗ - ଆଗ / କାଲେ ଲୋକମନେ ବଦଲକେତେ ଘିନା ବିକା କରତେଲେ ।

‘ଫ’

ଓ- ଫଳ - ଫଳରେ ପ୍ରଚୁର ଭିଟାମିନ୍ ଥାଏ ।

ବି- ଫଳ - ଫଳନେ ଆବଡ଼ ଭିଟାମିନ୍ ରେଥେ ।

କ- ଫଲ - ଫଲନେ ଖୋବ ଭିଟାମିନ୍ ରିଲିଆ ।

ଓ- ଫରକ - ଆଜିକାଲି ପୁଅ ଝିଅ ମଧରେ ଫରକ ନାହିଁ ।

ବି- ଫରକ - ଆଏଜ୍‌କାଲେ ବେଟିବେଟାନେ ଫରକ୍ ନିଏ ।

କ- ଅଲଗା - ଆଜ୍ କାଲ୍ ପିଲାଟୁକିଲ୍ ଭିତରେ ଅଲଗ୍ ନାଇନେ ।

ଓ- ଫଳିବ - ଗଛରେ ଖତ ଦେଲେ ପ୍ରଚୁର ଫଳ ଫଳିବ ।

ବି- ଫୋଲହି - ଗଚନେ ଖତୁଦେନେ ବନେଚ ଫୋଲ୍ ଫୋଲ୍‌ହି ।

କ- ଫଲ୍‌ତ - ଗେଚେ ଖତ୍ ଦେଲେ ଖୋବ୍ ଫଲ୍ ଫଲ୍‌ତ ।

ଓ- ଫମ୍ପା - ବାଉଁଶ ଭିତର ପଟ ଫମ୍ପା ଥାଏ ।

ବି- ପୋଣ୍ଡା - ବଉଁଶ୍‌କେ ଭିତର୍‌ଟା ପୋଣ୍ଡା ରେଥେ ।

କ- ପଲା - ବାଉଁଶ ଭିତରବାଟେ ପୁଲା ଥିଲିଆ ।

ଓ- ଫସଲ - ନବରଙ୍ଗପୁର ଅଞ୍ଚଳରେ ପ୍ରଚୁର ମକା ଫସଲ ହୁଏ ।

ବି- ଖେତି - ନବରଙ୍ଗପୁର ଏରିଆନେ ବନେଚ୍ ଜନ୍ଦ୍‌ଲା ଖେତି ହଥେ ।

କ- ଚ୍ୟଷ - ନବରଙ୍ଗପୁର ବାଟେ ଖୋବ ମେକା ଚ୍ୟଷ କିତିଆନ୍ ।

ଓ- ଫର୍‌ଚା - ଫର୍‌ଚା ହେବା ପୂର୍ବରୁ ଚାଷୀ ହଳ ନିଏ ।

ବି- ବିହାନ - ବିହାନ୍ କେ ଅଗିଲରେ କିଶାନ ନଙ୍ଗଲ୍ ଲେଥେ ।

କ- ଉଁକିଆ - ଉଁକିଆ ହବା ଆଗନୁ ଚ୍ୟଷୀ ହଲ ନିଲିଆ ।

ଓ- ଫଳପ୍ରଦ - ଏମ୍.ଡ଼ି.ଟି. କୁଷ୍ଠ ରୋଗ ପାଇଁ ଫଳପ୍ରଦ ଔଷଧ ଅଟେ ।

ବି- ବନେ - ଏମ୍.ଡ଼ି.ଟି. ଠୁଠା ବେମାର୍ କଲେଙ୍ଗ ବନେଓଷୋ ଏ ।

କ- ଠିକ୍ - ଏମ୍.ଡ଼ି.ଟି କୁଷ୍ଠ ବେମାର୍ କାଯେ ଠିକ୍ ଓଶୋ ।

ଓ- ଫାଲେ - ମୁଁ ରମାକୁ ଫାଲେ କମଳା ଦେଲି ।

ବି- ଫାଲେକ - ମେଁ ରମାକେ ଫାଲେକ୍ ମିଠା କମଲା ଦେହେଁ ।

କ- ଖାପେକ୍ - ମୁଇ ରମାକେ ଖାପେକ୍ କମଲା ଦିଲିଁ ।

ଓ- ଫାଶୀ - ଜଘନ୍ୟ ଅପରାଧିକୁ ଫାଶୀ ଦିଆଯାଏ ।

ବି- ଫାଶୀ - ଜବଡ୍ ବଦମାସ କେ ଫାଶୀ ଦିଆଯଥେ ।

କ- ଫାଶୀ - ଜଘନ୍ୟ ଅପରାଧିକେ ଫାଶୀ ଦିଆଯାଇଲିଆ ।

| | | | |
|---|---|---|---|
| ଓ- | ଫାଙ୍କା | - | ବେଳେବେଳେ ପୋଲିସ୍ ଫାଙ୍କା ଗୁଳି ଚାଳନା କରନ୍ତି । |
| ବି- | ମେଲା | - | ଟେମ୍‌ଟେମ୍‌ନେ ପୁଲୁସ୍‌ମନ୍ ମେଲାନେ ଗୋଲି ଚଲାଥେ । |
| କ- | ଫାଙ୍କା | - | କେବେକେନ୍ତା ପୁଲୁସ୍ ଫାଙ୍କା ଗୁଲି ଚଲାତିଆ । |
| ଓ- | ଫଟକିରି | - | ଫଟିକିରି ଏକ ବିଶୋଧକ ଅଟେ । |
| ବି- | ଫଟିକିରି | - | ଫଟିକିରିଟା ସଫା କର୍‌ବା ଜିନିଷ ଏ । |
| କ- | ଫଟକିରି | - | ଫଟକିରି ଗୁଟେ ସାପାକେର୍‌ବାର ଜିନିଷ । |
| ଓ- | ଫୁଟି | - | ଫୁଲ ଫୁଟି ସୁନ୍ଦର ଦେଖାଯାଉଛି । |
| ବି- | ଫୁଟକେ | - | ଫୁଲ ଫୁଟ୍‌କେ ଅଇନ ଦିଖ୍‌ଥେ । |
| କ- | ଫୁଟତେ | - | ଫୁଲ ଫୁଟତେ ସୁନ୍ଦର ଦିଶଛେ । |
| ଓ- | ଫୁଲ | - | ଗୋଲାପ ଫୁଲର ବାସ୍ନା ଥାଏ । |
| ବି- | ଫୁଲ | - | ଗୁଲାପ୍ ଫୁଲ୍‌କେ କହଁର୍ ରେଥେ । |
| କ- | ଫୁଲ | - | ଗୁଲାପ ଫୁଲରେ ବାସ୍ ଆଚେ । |
| ଓ- | ଫୁଲିବା | - | ଗୋଡ଼ ମଚକିଲେ ଫୁଲିବା ଆରମ୍ଭ ହୁଏ । |
| ବି- | ଫୁଲବାକେ | - | ଗୋଡ଼ ଲଚକ୍ ଯନେ ଫୁଲ ଯଥେ । |
| କ- | ଫୁଲଲିଆ | - | ଗୋଡ଼ ମୁସ୍‌କି ହଲେ ଫୁଲଲିଆ । |
| ଓ- | ଫୁଟା | - | ଫୁଟା ପାଣି ଥଣ୍ଡା କରି ପିଇବା ଭଲ । |
| ବି- | ଡ଼ବକଲା | - | ଡବ୍‌କଲା ପାନିକେ ଜୁଡ଼ାକେ ପିନେ ଅଇନ୍‌ଏ । |
| କ- | ତପତ୍ | - | ତପତ୍ ପାଏନ୍‌କେ କାକର୍ କେତେ ପିଇବାର୍ କାତା । |
| ଓ- | ଫୁଲଦାନୀ | - | ଫୁଲଦାନୀରେ ଫୁଲ ରଖାଯାଏ । |
| ବି- | ଟପଲି | - | ଫୁଲଦାନୀନେ ଫୁଲ ଥୋ ଥେ । |
| କ- | ଫୁଲଦାନୀ | - | ଫୁଲ୍‌ଦାନୀନେ ଫୁଲ୍ ରାକା ଯାଇଲିଆ । |
| ଓ- | ଫୁସ୍‌ଫୁସ୍ | - | ଫୁସ୍‌ଫୁସ୍‌ରେ ରକ୍ତ ପରିଷ୍କାର ହୁଏ । |
| ବି- | ଫଫସା | - | ଫଫସା ନେ ଲହୁ ସଫା ହଥେ । |
| କ- | ଫପସ | - | ଫପସ୍‌ନେ ରୁଧିର୍ ସାପା ହୁଲିଆ । |

ଓ- ଫେରିବା - ସଂନ୍ଧ୍ୟା ପୂର୍ବରୁ ଲୋକେ ହାଟରୁ ଫେରିବା ଆରମ୍ଭ କରନ୍ତି ।

ବି- ଆବାକଜେଙ୍ଗ - ବେଲ୍ ବୁଡା କେ ଅଗିଲଲେ ହାଟ୍‌ଲେ ଲୋଗ୍‌ମନ୍ ଆବାକଜେଙ୍ଗ ଧେର୍‌ଥେ ।

କ- ଫିର୍‌ତିଆନ - ବେଲବୁଡ୍‌ବା ଆଗୁନ୍ ଲୋକମନେ ହାଟୁନ୍ ଫିର୍‌ତିଆ ।

ଓ- ଫେଣା - ଫେଣାରେ ମହୁମାଛି ମହୁ ସଂଗ୍ରହ କରେ ।

ବି- ପୋଲିକେମୁତ - ପୋଲିକେ ମୁତ୍‌ନେ ଭଅଁର୍ ମାଛି ମନ୍ଦ୍‌ରସ୍ ସେକଲ୍‌ଥେ ।

କ- ଘରା - ଘରାନେ ଆଗମଛି ମହୁ ରସ୍ ଠୁଲ୍ କିଲିଆ ।

ଓ- ଫୋପାଡ଼ିବା - ଆବର୍ଜନା ଖାତରେ ଫୋପାଡ଼ିବା ଉଚିତ ।

ବି- ଫେକବାଟା - କେଚ୍‌ରାକୁଟାକେ ଖଁଟାନେ ଫେକ୍‌ବା ଉଚିତ୍ ।

କ- ଫିକ୍‌ବା - କେଚ୍‌ରା ଖାଲେ ଫିକ୍‌ବାର୍ କାତା ।

ଓ- ଫୋଟକା - ବିବାହ ଭୋଜିରେ ଲୋକେ ବାଣ ଫଟାନ୍ତି ।

ବି- ଫଟକା - ବିହା ଭୋଜିନେ ଲୋଗ୍‌ମନ୍ ଫଟକା ଫୁଟାଥେ ।

କ- ବାହାନ - ଭିଆ ଭୁଜିନେ ଲୋକମନେ ବାହାନ୍ ଫୁଟାତିଆ ।

ଓ- ଫୌଜଦାରି - ଫୌଜଦାରି ମାମଲାତରେ ତାଙ୍କୁ ଗିରଫ କରାଗଲା ।

ବି- ଫୌଜଦାରି - ଫୌଜଦାରି ମାମଲାନେ ଅଙ୍ଗେ ଧେରେସ୍ ।

କ- ଫେରହାର - ଫେରହାର୍ ମାମଲାନେ ତାକେ ଗିରଫ୍ କେରାହଲ ।

'ବ'

ଓ- ବଣ - ବାଘ ବଣର ରାଜା ଅଟେ ।

ବି- ଜଙ୍ଗଲ - ବାଘ୍ ଜଙ୍ଗଲ୍‌କେ ରଜାଏ ।

କ- ବନ୍ - ବାଘ୍ ବନର ରଜା ।

ଓ- ବର - ବରଗଛ ଛାଇ ଭାରି ଥଣ୍ଡା ଲାଗେ ।

ବି- ବର - ବର୍ ଗଚ୍ କେ ଛଇହାଁଟା ବନେ ଥଣ୍ଡା ଲାଗ୍ଥେ ।

କ- ବୁର୍ତି - ବୁର୍ତିଗେଟର ଛାଁଆରା ଖୋବକାଜର ଲାଗଲିଆ ।

ଓ- ବଡ଼ - ମହାନଦୀ ଓଡ଼ିଶାର ବଡ଼ ନଦୀ ଅଟେ ।

ବି- ବଡ଼ଖା - ମହାନଦୀ ଓଡ଼ିଶାକେ ବଡ଼୍ଖା ନଦି ଏ ।

କ- ବଡ଼ - ମହାନୁଦୀ ଓଡ଼ିଶାର ବଡ଼ ନୁଦି ।

ଓ- ବହି - ବହି ପତ୍ର ଯତ୍ନ କରି ରଖ ।

ବି- ବହି - ବହି ପତର୍ ଯତନ୍ କେ ରାଖୋ ।

କ- ବହି - ବହି ପତର୍କେ ସଜାତେ ରାକା ।

ଓ- ବସି - କୋଇଲି ଗଛ ଡ଼ାଳରେ ବସି ରାବୁଛି ।

ବି- ବୋସକେ - କୁଇଲି ଗଛ୍କେ ଡ଼ାଲ୍ନେ ବୋସକେ ଗଙ୍ଗାଥେ ।

କ- ବସତେ - କୁଇଲି ଗେଚ ଖେନାନେ ବସ୍ତେ କାନ୍ଦଚେ ।

ଓ- ବଙ୍କା - ଗାଁକୁ ଗୋଟିଏ ଅଙ୍କା ବଙ୍କା ରାସ୍ତା ଯାଇଛି ।

ବି- ଟେଢ଼ଗାମେଢ଼ଗା- ଗାଁନେ ଗୋଟେକ୍ ଟେଢ଼ଗା ମେଢ଼୍ଗା ବାଟ୍ ଯାଏ ହେ ।

କ- ବାଙ୍କ - ଗାଁକେ ଗୁଟେ ବାଁକ୍ ଟେକ୍ ରାସ୍ତା ଗାଲାଛେ ।

ଓ- ବନ୍ଧା - ପଘାରେ ଗାଈକୁ ବନ୍ଧା ଯାଇଛି ।

ବି- ବାନ୍ଧେହେ - ଗେରୁଆଁନେ ଗରୁକେ ବାନ୍ଧା ଯାଏହେ ।

କ- ବନ୍ଧା - ଦୁଆଁନେ ଗାଏକେ ବନ୍ଧା ହଲାଚେ ।

ଓ- ବଇଦ - ଗାଁ ବଇଦ ଛୋଟ ଛୋଟ ରୋଗର ଚିକିତ୍ସା କରିଥାନ୍ତି ।

ବି- ବଇଦ - ଗାଁ କେ ବଇଦ୍ ଛୋଟେମୋଟେ ବେମାର୍କେ ଯତନ୍ଥେ ।

କ- ବଇଦ୍ - ଗାଁର୍ ବଇଦ ସାନ ସାନ ବେମାର୍ ମନ୍କର୍ ଚିକିତ୍ସା କିତିଆ ।

| | | |
|---|---|---|
| ଓ- ବଗିଚା | - | ସ୍କୁଲ ବଗିଚାରେ ଅନେକ ଫଳ ଗଛ ରହିଛି । |
| ବି- ବଗିଚା | - | ଇସକୁଲ୍‌କେ ବଗିଚାନେ ନାନା ପର୍‌କାର୍‌କେ ଫୋଳଗଚ୍ ଏହେ । |
| କ- ବଗ୍‌ଚା | - | ଇସ୍କୁଲ ବଗ୍‌ଚାନେ ଖୋବ୍ ଫଲ୍ ଗେଚ ଆଚେ । |
| ଓ- ବରଷା | - | ବରଷା ଦିଏ, ପାଣି, ପାଣି ପିଅ ଛାଣି । |
| ବି- ବରଷା | - | ବରଷା ଦେଥେ ପାନି, ପାନିକେ ପିଅ ଛାନ୍‌କେ । |
| କ- ବର୍ଷା | - | ବର୍ଷା ପାଏନ୍ ଦିଲିଆ ପାଏନକେ ଛାନ୍‌ତେ ପିଆ । |
| ଓ- ବଳଦ | - | ବଳଦ ଶଗଡ଼ ଟାଣେ । |
| ବି- ବଇଲା | - | ବଇଲା ଶଗଡ଼ିଆ ଗାଡ଼ିକେ ଘିଚ୍‌ଥେ । |
| କ- ବୁଇଲ | - | ବୁଇଲ ହଲ ଗାଟି ଘିଚଲିଆ । |
| ଓ- ବଦଳି | - | ଆମ ବାପା ବାଲିଗୁଡ଼ାକୁ ବଦଳି ହେଲେ । |
| ବି- ବଦଲି | - | ମୋର୍ ବୁଆ ବାଲିଗୁଡ଼ାକେ ବଦ୍‌ଲି ହେସ୍ । |
| କ- ବୁଦୁଲ | - | ଆମ ବୁଆ କାଲିଗୁଡ଼ାକେ ବୁଦୁଲତେ ଗଲା । |
| ଓ- ବତକ | - | ବତକ ପାଣିରେ ପହଁରିପାରେ । |
| ବି- ବଦକ | - | ବଦକ୍ ପାନିନେ ତଓଁରନ୍ ସେକ୍‌ଥେ । |
| କ- ହଂସ | - | ହଂସ ପାଏନନେ ପହୁଁରି ପାଇଲିଆ । |
| ଓ- ବର୍ଣ୍ଣନା | - | ଘର ପୋଡ଼ି ଦୃଶ୍ୟ ବର୍ଣ୍ଣନା କରିବା କଷ୍ଟ । |
| ବି- କୋହବା | - | ଘର ପୋଡ଼ା ଦୁରୁସ୍ ବର୍ଣ୍ଣନା କର୍‌ବା କଠିନ୍ ଏ । |
| କ- କୁଇହେବା | - | ଘେର ପଡ଼ବାର ଦୁରୁଶ୍‌କେ ନାକୁଇ ହୁଏ । |
| ଓ- ବହୁତ | - | ଆମ ଗ୍ରାମରେ ବହୁତ ପିଲା ଅଛନ୍ତି । |
| ବି- ବନେଚ | - | ହାମର୍ ଗାଁନେ ବନେଚ୍ ଛୁଆ ଏହେ । |
| କ- ଖୋବ୍ | - | ଆମର ଗାଁନେ ଖୋବ ପିଲାଟୁକିଲ ଆଚେତ୍ । |

ଓ- ବଜାର - ବଜାରରେ ପ୍ରତିଦିନ କିଣାବିକା ହୋଇଥାଏ ।

ବି- ହାଟ - ହାଟ୍‌ନେ ସବୋଦିନ୍ ଘିନ୍‌ବାଟା ବେଁଚ୍‌ବାଟା ହଥେ ।

କ- ହାଟ - ହାଟେ ସବୁଦିନ ଘିନା ବିକା ଦୁଇଲିଆ ।

ଓ- ବସ୍ତ୍ର - ଶ୍ରମ କଲେ ଅନ୍ନ ବସ୍ତ୍ର ଅଭାବ ହୁଏ ନାହିଁ ।

ବି- ବସ୍ତର - କମାନେ କୁଠାନେ ଅରନ୍‌ବସ୍ତରକେ ଦୁଃଖ ନି ହଏ ।

କ- କାପଟା - ପରିଶ୍ରମ କେଲେ ଭାତ୍, କାପଟା ଅଭାବ ନା ହୁଏ ।

ଓ- ବଢ଼ିବା - ନଖ ବଢ଼ିବାକୁ ଦିଅନାହିଁ ।

ବି- ବାଢ଼ନ - ନଖ୍‌କେ ବାଢ଼ହନ୍ ନି ଦହ ।

କ- ବାଡ଼ାହା - ନଖ୍ ନା ବାଡ଼ାହା ।

ଓ- ବଳିବା - ବଳିବା ଖାଦ୍ୟ ଫ୍ରିଜରେ ରଖ ।

ବି- ଅଗଲହା - ଅଗ୍‌ଲାହା ଖାନାକେ ଫ୍ରିଜନେ ରାଖ ।

କ- ଦୁଲକୁ - ଦୁଲ୍‌କୁଲା ଖାଏଦ ଫ୍ରିଜନେ ରାକା ।

ଓ- ବୟସ - ବୟସ ବଢ଼ିଲେ ଜ୍ଞାନ ବି ବଢ଼େ ।

ବି- ଉମର - ଉମର୍ ବଢ଼ନେ ବୁଦ୍ଧି ବଢ଼୍‌ଥେ ।

କ- ବଏସ - ବଏସ ବଡ଼ଲେ ବୁଦି ବଡ଼ଲିଆ ।

ଓ- ବଦଳେ - ଗ୍ରୀଷ୍ମ ଋତୁରେ ପରିବେଶ ବଦଳେ ।

ବି- ବଦଲଥେ - ଖରାଦିନନେ ପରିବେଶ ବଦଲ୍‌ଥେ ।

କ- ବୁଦୁଲଲିଆ - ଖରାଦିନେ ପରିବେଶ ବୁଦୁଲ୍ ଲିଆ ।

ଓ- ବଢ଼େଇ - ବଢ଼େଇ ଆମ ପାଇଁ ଖଟ ତିଆରି କରନ୍ତି ।

ବି- ବଢ଼ଇ - ବଢ଼ଇ ହାମର୍ କଜେଙ୍ଗ ଖଟିଆ ବନାଦେଥେ ।

କ- ବାଡିଆ - ବାଡିଆ ଆମର କାଯେ ଖଟ ବାନାଲିଆ ।

ଓ- ବତାସ - ବେଳେବେଳେ ଜୋରରେ ବୋତାସ ବହେ ।

ବି- ଗରଗା - ଛନେକ୍‌ଘଡ଼େକ୍ ଜୋର୍‌ଦାର୍ ଗର୍‌ଗା କର୍‌ଥେ ।

କ- ଧୁକାପବନ - କେବେକେନ୍ତା ଜୋର୍‌ସେ ଧୁକାପବନ ବୁଇଲିଆ ।

ଓ- ବନ - ବନରକ୍ଷୀ ବନ ରକ୍ଷା କରନ୍ତି ।

ବି- ଜଙ୍ଗଲ - ଜଙ୍ଗଲ୍ ଚପ୍‌ରାସୀ ଜଙ୍ଗଲ୍‌କେ ଯୋଗ୍‌ଥେ ।

କ- ଜଙ୍ଗଲ ଖମନ - ନାକା ଖମନ ରାକ୍ଷା କିଲିଆ ।

ଓ- ବନ୍ଧୁ - ଦୁଃଖ ବେଳର ବନ୍ଧୁ ପ୍ରକୃତ ବନ୍ଧୁ ଅଟନ୍ତି ।

ବି- ସଙ୍ଗୁଆରି - ଦୁଖ୍ ବେଲ୍‌କେ ସଙ୍ଗୁଆରିଟା ଠିକ୍‌ସଙ୍ଗୁଆରି ଏ ।

କ- ସାଙ୍ଗ - ଦୁଖ୍ ବେଳର୍ ସାଙ୍ଗ ପର୍‌କୁତ ସାଂଗ୍ ।

ଓ- ବର୍ଷା - ଗ୍ରୀଷ୍ମ ଋତୁ ପରେ ବର୍ଷା ଋତୁ ଆସେ ।

ବି- ବରଷା - ଖରାମାସ୍ ଯନେ ବର୍‌ଷା ମାସ୍ ଅଥେ ।

କ- ବର୍ଷା - ଖାରାଦିନ ପେଚେ ବର୍ଷାଦିନ ଆଇଲିଆ ।

ଓ- ବନ୍ଧୁକ - ସୈନ୍ୟମାନେ ବନ୍ଧୁକରେ ଯୁଦ୍ଧ କରନ୍ତି ।

ବି- ବନ୍ଧୁକ - ସଇନାମନ୍ ବନ୍ଧୁକ୍‌ନେ ଲଢ଼ଇ କର୍‌ଥେ ।

କ- ନଲୀ - ସୈନିକ ମାନେ ନଲିନେ ଯୁଦ୍ କିଟିଆନ୍ ।

ଓ- ବସୁଧା - ବସୁଧା ଆମର ମାତା ସମାନ ଅଟେ ।

ବି- ଧରତି - ଧର୍‌ତି ହାମର୍ ମାଆ ସମାନ୍ ଏ ।

କ- ପୁର୍ଥି - ପୁର୍ଥି ଆମର୍ ମାଁ ସମାନ ।

ଓ- ବଢୁଛି - ପ୍ରତି ବର୍ଷ ପରିବେଶ ପ୍ରଦୂଷଣ ବଢୁଛି ।

ବି- ବଢ଼ୁଥେ - ସବୋ ବଛର୍ ପରିବେଶ୍ ଖରାପ୍ ହେଯାଆଥେ ।

କ- ବଡ଼ୁଚେ - ସବୁବଛର ପରିବେଶ ଖାରାପ ହତେ ବଡ଼୍‌ତେ ଯାଛେ ।

ଓ- ବନ୍ଧକ - ମୋ ବନ୍ଧୁ ରମା ଜମି ବନ୍ଧକ ରଖି ଋଣ କରିଛନ୍ତି ।

ବି- ଗାହନା - ମୋର୍ ସଙ୍ଗୁଆରି ରମାନେ ଜମିନ୍‌କେ ଗହନାଧେର୍‌କେ ଋଣ୍ କରେହେ ।

କ- ବାନ୍ଧା - ମର୍ ସାଙ୍ଗ ରମା ଜମି ବାନ୍ଧାକେତେ ଲାଗ୍‌କେଲାଚେ ।

ଓ- ବକଳ - ଆଦିମ ମନୁଷ୍ୟ ଗଛର ବକଳ ପିନ୍ଧୁଥିଲେ ।

ବି- ଛାଲି - ଅଗିଲ୍‌କେ ଲୋଗ୍, ଗଛ୍‌କେ ଛେଲ୍‌ପା ପିନ୍ଦ୍‌ତ ରେହେସ୍ ।

କ- ଗେଟରଛାଲି - ଆଦିମ ମୁନୁଷ ଗେଟର ଛାଲିକେ ପିନ୍ଦ୍ ଥେଲ ।

ଓ- ବସିବସି - ବୁଢ଼ାଟି ବସିବସି ଥକି ଯିବଣି ।

ବି- ବୋସେବୋସେ- ବୁଢ଼ାଟା ବୋଏସ୍ ବୋଏସ୍ କେ ଥେକ୍ ଯହି ।

କ- ବସତେବସତେ- ବୁଡ୍ରା ବସତେ ବସତେ ହାର୍‌ଲନେ ।

ଓ- ବଞ୍ଚିବା - ଆମେ ବଞ୍ଚିବା ପାଇଁ ଖାଉ ।

ବି- ବାଚଁବା - ହାମେ ବାଚଁବା କଲେଙ୍ଗ୍ ଖାଥୋଁ ।

କ- ବଞ୍ଚବାର - ଆମେ ଜାଁବାର୍ କାଯେ ଖାଇଁନୁଆ ।

ଓ- ବର୍ଗକ୍ଷେତ୍ର - କେରାମ୍ ବୋର୍ଡ଼ ବର୍ଗକ୍ଷେତ୍ର ପରି ଅଟେ ।

ବି- ଚାରଖୁଟିଆ - କେରମ ବୋଡ଼ଟା ଚାରଖୁଟିଆ ବାଗିର୍ ଏହେ ।

କ- ଚ଼ରଖୁଟିଆ - କେରମ ବୋର୍ଡ ସମାନ ଚ଼ରଖୁଟିଆ ।

ଓ- ବସାଇଲା - ଲୋକଟି ତା ପୁଅକୁ କାନ୍ଧରେ ବସାଇଲା ।

ବି- ବୋସାଏସ - ଲୋଗ୍ ଗୋଟେକ୍ ଅକର୍ ବେଟାକେ ଖନ୍ଦ୍‌ନେ ବୋସାଏସ୍ ।

କ- ବସାଲ - ଲୋକ ଗୁଟେ ତାର ପିଲାକେ ଖାନ୍ଦେ ବସାଲ ।

ଓ- ବଜ୍ରକାପ୍ତା - ବଜ୍ରକାପ୍ତାର କାଢ଼ି ଖୁବ ଟାଣ ଅଟେ ।

ବି- ଶାଲକାତି - ଶାଲ୍‌କାତିକେ କାତିଟା ଭାରି ବର୍‌କସ୍ ଏ ।

କ- ସାଗକାତି - ସାଗକାତିର କାତି ଖୋବ ଟାନ୍ ।

ଓ- ବଡ଼ିଭୋର - ମୁଁ ବଡ଼ିଭୋର ବେଳେ ଉଠି ବହି ପଢ଼େ ।

ବି- ସେ କଲିଆବେଳ- ମେଁ ବିହାଣ୍ଡେ ବେଲା ଉଠ୍‌କେ ବହି ପଢ଼ଥୋଁ ।

କ- ମୁଁହମୁଁହ ଅନ୍ଧାର- ମୁଇ ମୁଁହ ମୁଁହ ଅନ୍ଧାରବେଳକେ ଉଠି କରି ବହି ପଡନା ।

ଓ- ବଡ଼ ଚିହ୍ନ - ବଡ଼ ଚିହ୍ନ ବଡ଼କୁ ବୁଝାଏ ।

ବି- ବଡ଼ଖା ଚିହ୍ନା - ବଡ଼ଖା ଚିହ୍ନାଟା ବଡ଼୍‌ଖାକେ ବୁଝାଥେ ।

କ- ବଡ଼ଚିନ୍ - ବଡ଼ଚିନ୍ ବଡ଼କେ ବୁଝଲିଆ ।

ଓ- ବଞ୍ଚାଇବା - ରୋଗୀକୁ ବଞ୍ଚାଇବା ଡ଼ାକ୍ତରଙ୍କ ପରମ କର୍ତ୍ତବ୍ୟ ।

ବି- ବଚାଁବା - ବେମ୍‌ରିଆକେ ବଂଚାବା ଡ଼ାକ୍ଟର୍‌କେ କାମ ଏ ।

କ- ବଞ୍ଚାବାର - ରୁଗୀକେ ବଞ୍ଚାବାର୍‌ଟା ଡାକ୍ତର୍‌ର ପରମ କାମ୍ ।

ଓ- ବଂଶୀ - ମୁଁ ଭଲରେ ବଂଶୀ ବାଦନ ଜାଣେ ।

ବି- ବଂଶୀ - ମେଁ ଅଇନ ବଂଶୀ ବଜାନ୍ ଜାନଥୋଁ ।

କ- ବଇଶୀ - ମୁଇ ବନେ କେତେ ବଇଶି ଫୁଙ୍କି ଜାନାଚେ ।

ଓ- ବଣଭୋଜି - ଆମେ ସ୍କୁଲ ପିଲା ବଣଭୋଜି କରିଗଲୁ ।

ବି- ବନଭୋଜି - ହାମେ ଇସ୍‌କୁଲ୍‌କେ ଛୁଆ ବନ୍‌ଭୋଜି କରନ୍ ଯାଏଁ ।

କ- ବନ୍‌ଭୂଜି - ଆମେ ଇସ୍କୁଲ ପିଲାମନେ ବନଭୂଜି କରିଗୁଲୁ ।

ଓ- ବଳି ପଡ଼ିଲା - ଭୋଜିରେ ମାଂସ ତରକାରୀ ବଳି ପଡ଼ିଲା ।

ବି- ଅଗଲ ଯାଏସ - ଭୋଜିନେ ଶିକାର୍ ତର୍‌କାରି ଅଗଲ୍ ଯାଏସ ।

କ- ଉଗୁଲତେଗେଲ- ଭୁଜି ଥି ମୁଉସ ଶାଗ ଉଗୁଲତେଗେଲ ।

ଓ- ବାଡ଼ି - ବାଡ଼ି ଦେଖି ବିରାଡ଼ି ଭୟରେ ଦଉଡ଼ି ଯାଏ ।

ବି- ଠେଙ୍ଗା - ଠେଙ୍ଗାକେ ଦେଖ୍‌କେ ବିଲଇ କୁଦତ୍ ଭାଏଗ୍ ଯଥେ ।

କ- ବାଡ଼ି - ବାଡ଼ିକେ ଦେଖେତେ ମୀନ ଡରତେ ରାଗତେ ପାଲାଲ ।

ଓ- ବାଘ - ବାଘ ଗୋଟିଏ ମାଂସାଶୀ ପ୍ରାଣୀ ଅଟେ ।

ବି- ବାଘ - ବାଘ୍‌ଟା ଗୋଟେକ୍ ଶିକାର୍ ଖିଆ ଜୀବ୍ ଏ ।

କ- - ବାଘ୍ ଗୋଟେକ୍ ମଉସ୍ ଖାବାର୍ ଜଂତୁ ।

ଓ- ବାଡ଼ - ବଗିଚାରେ ବାଡ଼ ବାନ୍ଧିଲେ ଫଳଗଛ ସୁରକ୍ଷିତ ରହିବ ।

ବି- ରୁନ୍ଧାନ - ବଗିଚାକେ ରୁନ୍ଧନେ ଫୋଲ୍‌ଗଚ୍‌ମାନ୍ ବାଁଚ୍‌ଯାହି ।

କ- ବାଡ଼୍ - ବଗ୍‌ଚାନେ ବାଡ଼୍ ବେର୍‌ଲେ ଫଲ୍‌ଗେଛ ରକ୍ଷା ହତ ।

ଓ- ବାସି - ବାସି ଖାଦ୍ୟ ଖାଅ ନାହିଁ ।

ବି- ବାସି - ବାସି ଖାନା ନିଖାଅ ।

କ- ବାସି - ବାସି ଖେଦ ନା ଖାରେ ।

ଓ- ବାଦ୍ୟ - ବିବାହ ଭୋଜିରେ ବାଦ୍ୟ ବାଜି ଉଠିଲା ।

ବି- ବାଜା - ବିହା ଭୋଜିନେ ବାଜା ବାଜେସ୍ ।

କ- ବାଜା - ବାନ୍ଧନା ଘେରେ ବାଜା ବାଜବେ ।

ଓ- ବାଷ୍ପ - ଜଳ ଗରମ ହେଲେ ବାଷ୍ପ ହୋଇ ଉପରକୁ ଉଠେ ।

ବି- ଫାପ୍ - ପାନି ତିପନେ ଫାପ୍ ହକେ ଉପର ଫାକ୍ ଉଠ୍‌ଥେ ।

କ- ଫାପ୍ - ପେନ୍ ତପଲେ ଫାପ୍ ହିଙ୍କରି ଉପୁରକେ ଉଟବେ ।

ଓ- ବାକ୍ସ - ଚିଠି ବାକ୍ସରେ ଚିଠି ପକାଯାଏ ।

ବି- ବାକସ - ଚିଠି ବାକସ୍‌ନେ ଚିଠି ଭୋର୍‌ଥେ ।

କ- ବାକସ୍ - ଚିଟିବାକସ୍‌ନେ ଚିଟି ଭରଦେଲାବେଚ୍ ।

ଓ- ବାମ୍ପ - ଫୁଟନ୍ତା ପାଣିରୁ ବାମ୍ପ ବାହାରେ ।

ବି- ବୁଜବୁଜି - ତିପଚ ପାନିନେ ଫାପ୍ ନିକଲ ଥେ ।

କ- ଫାପ୍ - ତପଲାପେନ୍‌ନୁ ଫାପ୍ ବାହାଗଲିଆ ।

ଓ- ବାଟ - ଅନ୍ଧକୁ ବାଟ ଦେଖାଇବା ଏକ ପରମ ଧର୍ମ ।

ବି- ବାଟ୍ - ଅନ୍ଧୁଆକେ ବାଟ ଦେଖାବାଟା ଧରମ ଏ ।

କ- ବାଟ୍ - କାଣାକେ ବାଟ ଦେଖାବାର୍ ବାଡ଼ା ଧରମ ଲଗ୍‌ଲିଆ ।

ଓ- ବାଜା - ଭୋଜିରେ ବାଜା ବାଜିଲେ ଲୋକେ ନାଚନ୍ତି ।

ବି- ବାଜା - ଭୋଜିନେ ବାଜା ବାଜ୍‌ନେ ଲୋଗ୍‌ମନ୍ ନାଚ୍‌ଥେ ।

କ- ବଜା - ଗୁଜିନେ ଘେରେ ବଜା ବାଜଲେ ଲୁକମନେ ନାଚଚେତ୍ ।

ଓ- ବାଟିଲେ - ଆମ ମାଁ ତରକାରୀ ପାଇଁ ବେସର ବାଟିଲେ ।

ବି- ପିସେସ୍ - ହାମର୍ ଆୟା ଶାଗ୍ ରାନ୍ଧ୍‌ବା କଲେଙ୍ଗ ମସେଲା ପିସେସ୍ ।

କ- ବାଟ୍‌ତେଜେଁ - ଆମ୍ ମାଁ ସାଗ୍‌କାଜେ ବେସର ହୁଳଦୀ ବାଟ୍‌ଦେଲ ।

ଓ- ବାପାର ଭାଇ - ସମୀର ମୋ ବାପାର ଭାଇ ଅଟନ୍ତି ।

ବି- ବୁଆକେ ଭାଇ - ସମୀର ମୋର୍ ବୁଆକେ ଭାଇ ଏ ।

କ- ବୁଆଭେଏଁ - ସମୀର ମର୍ ବୁଆର ଭେଏ ହୁଲିଆ ।

ଓ- ବାପାର ବାପା - ମୋ ଜେଜେ ମୋ ବାପାର ବାପା ଅଟନ୍ତି ।

ବି- ବୁଆକେ ବୁଆ - ମୋର୍ ଦାଦି ମୋର ବୁଆକେ ବୁଆ ଏ ।

କ- ବୁଆର ବୁଆ - ମର୍ ବୁଢ଼ାଦଦା ମର୍ ବୁଆର ବୁଆ ହୁଲିଆ ।

ଓ- ବାୟା ଚଢ଼େଇ - ଖଜୁରୀ ବାହୁଙ୍ଗା ଅଗରେ ବାୟାଚଢ଼େଇ ଘର କରେ ।

ବି- ଖଟଖଟିଆ ଚିରଇ- ଛିନ୍ଦ ଗଚ୍‌କେ ଡାଲ୍‌କେ ପତର୍‌ନେ ଖଡ୍ଡିଆ ଚିରଇ ଗୁଡ଼ା ବନାଥେ ।

କ- ଖରଡ଼ିଆଚେରେ- ଖଜୁର ବାତାର ଟିପିନେ ଖରଡ଼ିଆଚେରେ ଗୁଡ଼ା କୁଲିଆ ।

ଓ- ବାସସ୍ଥଳୀ - ଜଙ୍ଗଲ ବାଘ ଭାଲୁଙ୍କ ବାସସ୍ଥଳୀ ।

ବି- ଡ଼େରା - ଜଙ୍ଗଲଟା ବାଘ୍ ଭାଲୁମନ୍‌କେ ଡ଼େରାଏ ।

କ- ବାସାଠାନ - ଖମନ୍ ବାଗ୍ ଭାଲୁର ବାସାଠାନ୍ ।

ଓ- ବାହାର - ଘର ବାହାର ପରିବେଶ ସଫା ରଖ ।

ବି- ଟିର - ଘରକେ ବହିର୍ ଫାଖ୍‌କେ ପରିବେଶ୍ ସଫା ରାଖୋ ।

କ- ବାହାର୍ - ଘେର୍ ଆରୁ ବାହାର୍ ପରିବେଶ୍ କେ ସାପାରାଖା ।

ଓ- ବାଛିବାଛି - ଦୋକାନରୁ ଆମେ ବାଛି ବାଛି ପରିବା କିଣୁ ।

ବି- ବାଛବାଛକେ - ଦୁକାନ୍‌ଲେ ହାମେ ବାଛ୍ ବାଛ୍‌କେ ଶାଗ୍ ସବଜି ଘିନ୍‌ଥୁଁ ।

କ- ବାଚିନିଚି - ବାଜାରକେ ଗଲେ ବାଚିନିଚି କେତେ ସାଗ୍ ବାଏଗନ୍ ଘେନ୍‌ବିସ୍ ।

ଓ- ବାଛୁରୀ - ବାଛୁରୀ ଡ଼େଇଁ ଡ଼େଇଁ ଖେଳୁଛି ।

ବି- ଦାମୁର - ଦାମୁର୍ ଡ଼ାହାଁକ୍ ଡ଼ାହାଁକ୍‌କେ ଖେଲଥେ ।

କ- ବୁଟୁରାପିଲା - ବୁଟୁରା ପିଲା ଧାଁଆତେ ଧାଁଆତେ ଖେଲଛେ ।

ଓ- ବାଚସ୍ପତି - ବାଚସ୍ପତି ବିଧାନସଭା ପରିଚାଳନା କରନ୍ତି ।

ବି- ବାଚସ୍ପତି - ବାଚସ୍ପତି ବିଧାନସଭାକେ ଚଲାଥେ ।

କ- ବାଚସ୍ପତି - ବାଚସ୍ପତି ବିଧାନସଭା ପରିଚାଲ୍‌ନା କିରତିଆ ।

ଓ- ବାଘମାମୁଁ - ଗପରେ ବାଘକୁ ବାଘ ମାମୁଁ ବୋଲି ଭାବନ୍ତି ।

ବି- ବାଘମାଁମା - କଥାନିନେ ବାଘ କେ ମାଁମା ବେଲକେ ଭାବ୍‌ଥେ ।

କ- ବାଗ୍‌ମାମୁ - କୁଇନି ନେ ବାଗ୍‌କେ ବାଗ୍‌ମାମୁ ବୋଲ୍‌ତେ କୁଇତେ ।

ଓ- ବାଳକେ - ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ ।

ବି- ଛୁଆମନ - ପାଠଟା ହଥେ ବଡ଼୍‌ଖା ଧନ୍, ଛୁଆମନ୍ କରୋ ଉପାର୍ଜନ୍ ।

କ- ପିଲାମନେ - ବିଦ୍ୟା ଗୋଟେକ୍ ବଡ଼ ଧନ୍ ପିଲାମନେ ତାକେ କାମାହା ।

ଓ- ବାଦାମ - ବାଲିଆ ମାଟିରେ ବାଦାମ ଚାଷ ଭଲ ହୁଏ ।

ବି- ମୁଙ୍ଗଫଲି - କୁଧୁର୍ ମାଟିନେ ମୁଙ୍ଗଫଲି ବନେ ହଥେ ।

କ- ମୁକ୍‌ପୁଲି - ବାଲ୍ ମାଟନେ ମୁକ୍‌ଫୁଲି ବନେ ବସ୍‌ଲିଆ ।

ଓ- ବାଦୁଡ଼ି - ବାଦୁଡ଼ି ଏକ ରାତ୍ରିଚର ପ୍ରାଣୀ ଅଟେ ।

ବି- ଗେଦୁର ଚିରେଇ- ଗେଦୁର୍ ଗୋଟେକ୍ ରାତିନେ ବୁଲ୍‌ବା ଜୀବ ଏ ।

କ- ଗେଦରାଚେରେ- ଗେଦରାଚେରେ ଗୋଟେକ୍ ରାତିନେ ଚରଥେବେ ଜଁତୁ ।

ଓ- ବାଳିକା - ଆମ୍ଭ ବିଦ୍ୟାଳୟରେ ବାଳକ ବାଳିକା ଉଭୟ ପଢ଼ନ୍ତି ।

ବି- ଛକରି - ହାମର ଇସକୁଲ୍‌ନେ ଛକରା ଛକରି ଦୁନୋ ପଢ଼ୁଥେ ।

କ- ଟୁକିଲ୍ - ଆମର ଇସ୍‌କୁଲନେ ପିଲା ଟୁକିଲ୍‌ଏକ ସଙ୍ଗେ ପଢ଼ତିଆ ।

ଓ- ବାରଣ୍ଡା - ଘର ବାରଣ୍ଡାରେ ଲୋକ ବସନ୍ତି ।

ବି- ପରଛି - ଘର୍‌କେ ପରଛିନେ ଲୋଗ୍‌ମନ୍ ବୋସ୍‌ଥେ ।

କ- ଚେପାର - ଘେର ଚେପାରେଲୁକ ବସ୍‌ଚେତ୍ ।

ଓ- ବାର୍ଷିକ - ମାର୍ଚ୍ଚ ମାସରେ ବାର୍ଷିକ ପରୀକ୍ଷା ହୁଏ ।

ବି- ବଛରଦିନକେ - ମାର୍ଚ୍ଚ ମହିନାନେ ବଛରଦିନ୍‌କେ ପରୀକ୍ଷା ହଥେ ।

କ- ବରସିଆ - ଫଗୁନ୍‌ମାସେ ବରସିଆ ପରଖିଆ ହୁଲିଆ ।

ଓ- ବାଡ଼ାଇବା - ପିଲାଙ୍କୁ ବାଡ଼ାଇବା ମନା କରାଯାଇଛି ।

ବି- ଠେଙ୍ଗିଆବା - ଛୁଆମନ୍‌କେ ଠେଙ୍ଗିଆବାଟା ମନା କର୍‌ଲାହେ ।

କ- ପାରପିଟ୍‌କରବାଟା- ପିଲାମେନକେ ମାରପିଟ୍‌କରବାଟା ମାନାକେର ହଲାଛେ ।

ଓ- ବାହାରିବା - ଝାଡ଼ା ଫେରି ସାବୁନରେ ହାତ ନ ଧୋଇଲେ ଘା ବାହାରିବା ନିଶ୍ଚିତ ।

ବି- ହବା - ବାହିର୍ ବୋସ୍‌କେ ସାଗୁନ୍ ନେ ହାତ୍‌ନି ଧୋନେ ଘାହବାଟୀ ପକ୍କା ଏ ।

କ- ହତ - ହାଗିଯାତେ ସାଗୁନ କେ ହାତ୍ ନା ଧୋଏଲେ ଖୁଜ୍‌ରୀ ହତ ।

ଓ- ବାଟଯାକ - ଜଣା ବ୍ୟାଗରୁ ଚାଉଳ ବାଟଯାକ ଗଳି ଚାଲିଲା ।

ବି- ବାଟସୁଧା - ଟଣ୍ଡ଼ୋ ଝୋଲାଲେ ବାଟସୁଧା ଚଉଳଟା ଗିରତ୍ ଗିରତ୍ ଯାଏସ୍ ।

କ- ବାଟ୍‌କେଘାଟକେ - କାଣା ଘୋଲା ନୁ ଚଉଲ ଭରଦେଲାକେ ବାଟକେ ଘାଟକେ ଗୁଲତ ଗୁଲତେ ଗଲା ।

ଓ- ବାସ - ଫୁଲର ବାସ ଚହଟି ଯାଉଛି ।

ବି- କହଁର - ଫୁଲକେ କହଁର୍ ଟା ଫଏଲ୍ ଯାଆଥେ ।

କ- ବାସନା - ଫୁଲର ବାସ୍ ଘୁମୁକ୍ଚେ ଯାଆଚେ ।

ଓ- ବାନର - ବାନର ଡ଼ାଳରୁ ଡ଼ାଳ ଡ଼େଇଁ ପଳାଏ ।

ବି- ବେନ୍ଦରା - ବେନ୍ଦ୍ରାଟା ଇଡ଼ାଲ୍‌ଲେ ଅଡ଼ାଲ୍ ଡ଼ାହାଁକତ୍ ଡ଼ାହାଁକତ୍ ଭାଗ୍‌ଥେ ।

କ- ମାକଡ଼ - ମାକଡ଼ ଖେନାଧୁଁ ଖେନା ଡ଼େଗାଚେ ଡ଼େଗାଚେ ପଳାଚେ ।

ଓ- ବାରିଷ୍ଟର - ମଧୁବାବୁ ପ୍ରଥମ ଓଡ଼ିଆ ବାରିଷ୍ଟର ।

ବି- ବାରିଷ୍ଟର - ମଧୁବାବୁ ପହେଲି ଓଡ଼ିଆ ବାରିଷ୍ଟର ଏ ।

କ- ବଡ଼ ଅକିଲ - ମଧୁବାବୁ ପରଥମ ଓଡ଼ିଆ ବଡ଼୍‌ଅକିଲ ।

ଓ- ବାରମ୍ବାର - ଦୁଷ୍ଟ ପିଲା ବାରମ୍ବାର କଳି କରନ୍ତି ।

ବି- ଉଦ୍‌ଦେ ଉଦ୍‌ଦେ- ଝଗଡ଼ାହା ଛୁଆ ଉଦ୍‌ଦେ ଭଦ୍‌ଦେ ଝଗଡ଼ା କର୍‌ଥେ ।

କ- ସବୁବେଲେ - ଖୁଜ୍ ଖୁଜିଆ ପିଲା ସବୁବେଲେ ଝଗଡ଼ା କିଲିଆ ।

ଓ- ବାର୍ଦ୍ଧକ୍ୟ ଭତ୍ତା - ସରକାର ବାର୍ଦ୍ଧକ୍ୟ ଭତ୍ତା ଦେଇଥାନ୍ତି ।

ବି- ବୁଢ଼ାଭଢା - ସରକାର ବୁଢ଼ା ଭତ୍‌ଢା ଦେଥେ ।

କ- ବୁଢ଼ାଭାତା - ସାରକାର ବୁଢ଼ାଭାତ୍ତା ଦିଅଛେ ।

ଓ- ବାସଗୃହ - ଯାଯାବର ମାନଙ୍କ ବାସଗୃହ ନଥାଏ ।

ବି- ଘର - ବୁଲନ୍ତା ମ୍ନକେ ଘରଘାଟ ନି ରେହେ ।

କ- ଘେରଦୁଆର - ବାରବୁଲା ଲୋକର୍ ଘେରଦୁଆର ନେଇନା ।

ଓ- ବାଇଗଣ - ବାଇଗଣ ଚାଷ ଏକ ଲାଭଜନକ ଉଦ୍ୟୋଗ ।

ବି- ଭାଁଟା - ଭାଁଟା ଚାଷ ଗୋଟେକ୍ ଲାଭ୍ ଦାୟକ୍ ଫସଲ୍ ଏ ।

କ- ବାଏଗନ୍ - ବାଏଗନ୍ ଚ୍ଷ ଗୁଟେକ୍ ଲାଭଦିଆ ଚାଷ ।

ଓ- ବାହାଘର - ଗତବର୍ଷ ଆମ କକାଙ୍କର ବାହାଘର ହେଲା ।

ବି- ବିହା - ଯାଏସ୍‌ବଛରେ୍ ହାମର୍ କକାକେ ବିହା ହେସ ।

କ- ବନ୍ଦନା - ପୋରୁ ବଛରେ ଆମର ସାନବୁଆର ବନ୍ଦନା ହଲ ।

ଓ- ବାହାରକୁ - ରାତିରେ ବାହାରକୁ ଯିବାପାଇଁ ମୁଁ ଡ଼ରେ ।

ବି- ଭଁଠାକେ - ରାତିନେ ଭଁଠାକଢି ଯାବା କଲେଙ୍ଗ ଡ଼ରାଥିଁ ।

କ- ଭାଟାକେ - ରାତିନେ ଭାଟାକେ ନିକୁଲେ ମୁଇ ଡ଼ରଲିଥିଁ ।

ଓ- ବାଲି - ବସି ଖାଇଲେ ନଈ ବାଲି ସରେ ।

ବି- କୁଧୁର - ବୋଏସ୍ କେ ଖନେ ନନ୍ଦିକେ କୁଧୁରୁ ଘଲେ ନିପୁରେ ।

କ- ବାଲ୍ - ବସ୍‌ତେ ଖାଲେ ନୁନ୍ଦିର୍ ବାଲ୍ ସୁର୍‌ଲିଆ ।

ଓ- ବାଣ୍ଟିବା - ମୁଁ ବିସ୍କୁଟ ବାଣ୍ଟିବା ଜାଣେ ।

ବି- ବାଟନ - ମେଁ ବିସ୍କୁଟ ବାଟନ୍ ଜାନଥିଁ ।

କ- ଭାଗବଟା - ମୁଇ ବିସ୍‌କୁଟ ଭାଗବଟା ଜାନ୍‌ଚେ ।

ଓ- ବାହାରେ - ବାହାରେ ଏଠିସେଠି ଛେପ ପକାଅ ନାହିଁ ।

ବି- ବାହାରନେ - ବାହାର୍‌ନେ ଇଫାଲ୍ ସେଫାଲ୍ ଖେଖାଁର୍‌କେ ନିଥୁକୋ ।

କ- ଦୁଆରେ - ଦୁଆରେ ଇକୁତିକି ନା ଧୁକାସ୍ ।

ଓ- ବାମପଟ - ରାସ୍ତାର ବାମପଟ ଦେଇ ଚାଲ ।

ବି- ଡ଼େରିକଢ଼ି - ବାଟ୍‌କେ ଡେରି ହାତ ଫାଲ୍ ରେଁଗୋ ।

କ- ଡ଼େବରୀହାତବାଟ- ରୁଡ଼ର ଡ଼େବରୀ ହାତ ବାଟକେ ଚ୍ଲା ।

ଓ- ବାହୁ - ରାଜାମାନେ ନିଜ ବାହୁ ବଳରେ ରାଜ୍ୟ ଜୟ କରୁଥିଲେ ।

ବି- ଭୂଜା - ରଜାମ୍‌ନ ଅକର୍ ଭୂଜାକେ ବଲ୍‌ନେ ରାଇଜ୍ ଜିତତ୍ ରେହେସ ।

କ- ବଲ୍ - ରଜାମନେ ନିଜର ବଲ୍‌ର୍ କାଜେ ରାଏଜ୍ ମନକେ ଜିତଥେଲେ ।

ଓ- ବାସ - ଫୁଲର ବାସ ଚହଟି ଯାଉଛି ।

ବି- କହଁର - ଫୁଲକେ କହଁର୍ ଟା ଫଏଲ୍ ଯାଆଥେ ।

କ- ବାସନା - ଫୁଲର ବାସ୍ ଘୁମୁକେ ଯାଆଚେ ।

ଓ- ବାନର - ବାନର ଡ଼ାଳରୁ ଡ଼ାଳ ଡେ଼ଇଁ ପଳାଏ ।

ବି- ବେନ୍ଦରା - ବେନ୍ଦ୍‌ରାଟା ଇଡ଼ାଲ୍‌ଲେ ଅଡ଼ାଲ୍ ଡ଼ାହାଁକତ୍ ଡ଼ାହାଁକତ୍ ଭାଗ୍‌ଥେ ।

କ- ମାକଡ଼ - ମାକଡ଼ ଖେନାଧୁଁ ଖେନା ଡ଼େଗାଚେ ଡ଼େଗାଚେ ପଲାଚେ ।

ଓ- ବାରିଷ୍ଟର - ମଧୁବାବୁ ପ୍ରଥମ ଓଡ଼ିଆ ବାରିଷ୍ଟର ।

ବି- ବାରିଷ୍ଟର - ମଧୁବାବୁ ପହେଲି ଓଡ଼ିଆ ବାରିଷ୍ଟର ଏ ।

କ- ବଡ଼ ଅକିଲ - ମଧୁବାବୁ ପରଥମ ଓଡ଼ିଆ ବଡ଼୍‌ଅକିଲ ।

ଓ- ବାରମ୍ବାର - ଦୁଷ୍ଟ ପିଲା ବାରମ୍ବାର କଳି କରନ୍ତି ।

ବି- ଉଦ୍‌ଦେ ଉଦ୍‌ଦେ- ଝଗଡ଼ାହା ଛୁଆ ଉଦ୍‌ଦେ ଭଦ୍‌ଦେ ଝଗଡ଼ା କର୍‌ଥେ ।

କ- ସବୁବେଲେ - ଖୁଜ୍ ଖୁଜିଆ ପିଲା ସବୁବେଲେ ଝଗଡ଼ା କିଲିଆ ।

ଓ- ବାର୍ଦ୍ଧକ୍ୟ ଭତ୍ତା - ସରକାର ବାର୍ଦ୍ଧକ୍ୟ ଭତ୍ତା ଦେଇଥାନ୍ତି ।

ବି- ବୁଢ଼ାଭତ୍‌ତା - ସରକାର ବୁଢ଼ା ଭତ୍‌ତା ଦେଥେ ।

କ- ବୁଢ଼ାଭାତା - ସାରକାର ବୁଢ଼ାଭାତା ଦିଅଛେ ।

ଓ- ବାସଗୃହ - ଯାଯାବର ମାନଙ୍କ ବାସଗୃହ ନଥାଏ ।

ବି- ଘର - ବୁଲନ୍ତା ମ୍‌ନକେ ଘରଘାଟ ନି ରେହେ ।

କ- ଘେରଦୁଆର - ବାରବୁଲା ଲୋକର୍ ଘେରଦୁଆର ନେଇନା ।

ଓ- ବାଇଗଣ - ବାଇଗଣ ଚାଷ ଏକ ଲାଭଜନକ ଉଦ୍ୟୋଗ ।

ବି- ଭାଁଟା - ଭାଁଟା ଚାଷ ଗୋଟେକ୍ ଲାଭ୍ ଦାୟକ୍ ଫସଲ୍ ଏ ।

କ- ବାଏଗନ୍ - ବାଏଗନ୍ ଚଷ ଗୁଟେକ୍ ଲାଭଦିଆ ଚାଷ ।

ଓ- ବାହାଘର - ଗତବର୍ଷ ଆମ କକାଙ୍କର ବାହାଘର ହେଲା ।

ବି- ବିହା - ଯାଏସ୍‌ବଛରେ୍ ହାମର୍ କକାକେ ବିହା ହେସ୍ ।

କ- ବନ୍ଦନା - ପୋରୁ ବଛରେ ଆମର ସାନବୁଆର ବନ୍ଦନା ହଲ ।

ଓ- ବାହାରକୁ - ରାତିରେ ବାହାରକୁ ଯିବାପାଇଁ ମୁଁ ଡ଼ରେ ।

ବି- ଭଁଠାକେ - ରାତିନେ ଭଁଠାକଢି ଯାବା କଲେଙ୍ଗ ଡ଼ରାଥିଁ ।

କ- ଭାଟାକେ - ରାତିନେ ଭାଟାକେ ନିକୁଲେ ମୁଇ ଡ଼ରଲିଆଁ ।

ଓ- ବାଲି - ବସି ଖାଇଲେ ନଈ ବାଲି ସରେ ।

ବି- କୁଧୁର - ବୋଏସ୍ କେ ଖନେ ନନ୍ଦିକେ କୁଧୁରୁ ଘଲେ ନିପୁରେ ।

କ- ବାଲ୍ - ବସ୍‌ତେ ଖାଲେ ନୁନ୍ଦିର୍ ବାଲ୍ ସୁର୍‌ଲିଆ ।

ଓ- ବାଣ୍ଟିବା - ମୁଁ ବିସ୍କୁଟ ବାଣ୍ଟିବା ଜାଣେ ।

ବି- ବାଟନ - ମେଁ ବିସ୍କୁଟ ବାଟନ୍ ଜାନଥିଁ ।

କ- ଭାଗବଟା - ମୁଇ ବିସ୍‌କୁଟ ଭାଗବଟା ଜାନ୍‌ଚେ ।

ଓ- ବାହାରେ - ବାହାରେ ଏଠିସେଠି ଛେପ ପକାଅ ନାହିଁ ।

ବି- ବାହାରନେ - ବାହାର୍‌ନେ ଇଫାଲ୍ ସେଫାଲ୍ ଖେଖାଁର୍‌କେ ନିଥୁକୋ ।

କ- ଦୁଆରେ - ଦୁଆରେ ଇକୁତିକି ନା ଧୁକାସ୍ ।

ଓ- ବାମପଟ - ରାସ୍ତାର ବାମପଟ ଦେଇ ଚାଲ ।

ବି- ଡ଼େରିକଢ଼ି - ବାଟ୍‌କେ ଡେରି ହାତ ଫାଲ୍ ରେଁଗୋ ।

କ- ଡ଼େବରୀହାତବାଟ- ରୁଡ଼ର ଡ଼େବରୀ ହାତ ବାଟକେ ଗ୍ଚଲା ।

ଓ- ବାହୁ - ରାଜାମାନେ ନିଜ ବାହୁ ବଳରେ ରାଜ୍ୟ ଜୟ କରୁଥିଲେ ।

ବି- ଭୂଜା - ରଜାମ୍‌ନ ଅକର୍ ଭୂଜାକେ ବଲ୍‌ନେ ରାଇଜ୍ ଜିତତ୍ ରେହେସ ।

କ- ବଲ୍ - ରଜାମନେ ନିଜର ବଲ୍‌ର୍ କାଜେ ରାଏଜ୍ ମନକେ ଜିତଥେଲେ ।

ଓ- ବାଉଁଶ - ବାଉଁଶରେ କୁଲା ତିଆରି କରାଯାଏ ।

ବି- ବଉଁଶ - ବଉଁଶନେ ସୁପା ବନାଯାଥେ ।

କ- ବଉଶ - ବଉଁଶନେ କୁଲା ବନାଛେତ୍ ।

ଓ- ବିଜୁଳି - ବିଜୁଳି ମାରିଲେ ନିଆଁ ବାହାରେ ।

ବି- ଚଡ଼କା - ଚଡକା ମାରନେ ଜୋଏ ବାହାର୍ ଥେ ।

କ- ବିଜଲି - ବିଜଲି ମଲକ୍‌ଲେ ଜୋଏ ବାହାର୍‌ଲିଆ ।

ଓ- ବିଭବ - ଆମ ରାଜ୍ୟ ପ୍ରାକୃତିକ ବିଭବରେ ପରିପୂର୍ଣ୍ଣ ।

ବି- ସଂପଦ - ହାମର୍ ରାଜ୍‌ଟା ପ୍ରାକୃତିକ ସଂପଦ୍‌ନେ ଭର୍ତ୍ତି ଭଣ୍ଡାର ଏ ।

କ- ସଂପତି - ଅମର୍ ରାଏଜ୍ ପର୍‌କୁତି ସଂପତିହ୍ନ ଭୂରି ହଲାଚେ ।

ଓ- ବିଦେଶୀ - ଦିନେ ବିଦେଶୀମାନେ ଆମ ଦେଶ ଶାସନ କରୁଥିଲେ ।

ବି- ବିଦେଶକେଟାମନ- ଦିନେକ୍ ବିଦେଶ୍‌କେଟାମନ୍ ହାମର୍ ଦେଶ୍‌କେ ଚଲାତ୍ ରେହେସ ।

କ- ବିଦେଶି - ଦିନେକ୍ ବିଦେଶିମନେ ଆମର ଦେଶକେ ଶାସନ କେରତେରେଲେ ।

ଓ- ବିଚିତ୍ର - ବେଳେବେଳେ ଆକାଶରେ ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳେ ।

ବି- ଜନତାତେନତା- ଛନେକ୍ ଘଡ଼େକ୍ ଆକାଶନେ ଜେନ୍‌ତା ତେନ୍‌ତା ଦୁରୁଶ ଦେଖବାକେ ମିଲ୍‌ଥେ ।

କ- କେବେନାଦେକ୍‌ଲାଟା- ଛନ୍‌କେ ସରଗନେ କେବେ ନା ଦେକ୍‌ଲାଟା ଦେଖଛୁଁ ।

ଓ- ବିପତ୍ତି - ବିପତ୍ତି ବେଳର ବନ୍ଧୁ ପ୍ରକୃତ ବନ୍ଧୁ ।

ବି- ବିପତ୍ତି - ବିପତ୍ତି ବେଲ୍‌କେ ସଙ୍ଗୁଆରିଟା ଠିକ ସଙ୍ଗୁଆରି ଏ ।

କ- ଦୁଃଖ୍ - ଦୁଃଖ୍ ବେଲ୍‌ର ବନ୍ଧୁ ପର୍‌କୁତ୍ ବନ୍ଧୁ ।

ଓ- ବିଲୁଆ - ବିଲୁଆ ବଡ଼ ଚତୁର ।

ବି- କୋଲିହା - କୋଲିହା ବଡ଼ ଚତୁରାହା ଏ ।

କ- କୁଲିଆ - କୁଲିଆ ବଡ଼ା ହୁସିଆର ।

ଓ- ବିଦାୟ - ବିଦାୟ ବେଳେ ଦୁଃଖ ଲାଗିଥାଏ ।

ବି- ବଟିଆବା - ବଟିଆବା ବେଲ୍‌କେ ଦୁଃଖ ଲାଗ୍‌ଥେ ।

କ- ଯିବାର - ଯିବାରବେଲ୍‌କେ ଦୁକ୍ ଲାଗଲିଆ ।

ଓ- ବିହଙ୍ଗ - ବିହଙ୍ଗ ଉଡ଼େ ଗଗନ ଛୁଇଁ ।

ବି- ଚିରଇ - ଚିରଇ ଉଡ଼୍‌ଥେ ଆକାଶ୍ କେ ଛିଅତ୍ ।

କ- ଚେରେ - ଚେରେ ଉଡ଼ତେଗଲ ସରଗକେ ଛୁଁତେ ।

ଓ- ବିମଳ - ବିମଳ ଶଶୀ ଆକାଶେ ହସେ ।

ବି- ଫଟିଙ୍ଗ୍ - ଫଟିଙ୍ଗ ଜୋନ୍ ଆକାଶ୍ ନେଁ ହାଁସ୍‌ଥେ ।

କ- ସାପା - ସାପା ଜନ୍ ଆକାଶନେଁ ହାଁସ୍‌ତିଲିଆ ।

ଓ- ବିଚାର - ଇଶ୍ୱର ଦିନେ ପାପିର ବିଚାର କରିବେ ।

ବି- ବିଚାର - ଭଗୱାନ ଦିନେକ୍ ପପୀଆକେ ବିଚାର୍ କରହି ।

କ- ବିଚ୍ୟର୍ - ଭଗ୍‌ବନ୍ ପାପି ମନ୍‌କେ ଦିନେକ୍ ବିଚ୍ୟର୍ କେବେ ।

ଓ- ବିରୋଧ - ଅନ୍ୟାୟର ବିରୋଧ କରିବା ଉଚିତ୍ ।

ବି- ବିରୋଧ - ଅନ୍ୟାୟକେ ବିରୋଧ୍ କରବା ଟାଏ ।

କ- ବିରୋଧ୍ - ଅନ୍ୟାୟକେ ବିରୋଧ୍ କେବା ଠିକ୍ କାଥା ।

ଓ- ବିମାନ - ବିମାନ ପକ୍ଷୀ ପରି ଆକାଶରେ ଉଡ଼େ ।

ବି- ବିବାନ - ବିବାନ୍ ଚିରଇରେଙ୍ଗ୍ ଆକାଶ୍‌ନେ ଉଡ଼୍‌ଥେ ।

କ- ଉଡ଼ାଜାହାଜ - ଉଡ଼ାଜାହାଜ ଚେରେ ପରା ଆକାଶ ନେଉଡ଼ଲିଆ ।

ଓ- ବିହନ - ଉନ୍ନତ ବିହନ ବୁଣିଲେ ଅଧିକ ଅମଳ ହୁଏ ।

ବି- ବିଝା - ବନେ ବିଝା ବୁନ୍‌ନେ ବନେଚ୍ ଫସଲ ହଥେ ।

କ- ବିହନ୍ - ବନେ ବିହନ୍ ବୁନ୍‌ଲେ ଖୋବ୍ ଅମଲ୍ ହୁଲ୍ୟା ।

ଓ- ବିଚାରପତି - ବିଚାରପତି ବିଚାର ନିଷ୍ପକ୍ଷ କରନ୍ତି ।

ବି- ବିଚ୍ୟରକରବାଲୋଗ- ବିଚ୍ୟର୍‌କର୍‌ବା ଲୋଗ କାକରୋ ପକ୍ଷୀଆ ନିହକେ ବିଚ୍ୟର୍ କର୍‌ଥେ ।

କ- ବିଚ୍ୟର୍‌ପତି - ବିଚ୍ୟରପତି ବିଚାର କିର୍‌ତିଆ ।

ଓ- ବିଦାୟ - ବିଦାୟ ବେଳେ ଦୁଃଖ ଲାଗିଥାଏ ।

ବି- ବଟିଆବା - ବଟିଆବା ବେଲ୍‌କେ ଦୁଃଖ ଲାଗ୍‌ଥେ ।

କ- ଯିବାର - ଯିବାରବେଲ୍‌କେ ଦୁକ୍ ଲାଗଲିଆ ।

ଓ- ବିହଙ୍ଗ - ବିହଙ୍ଗ ଉଡ଼େ ଗଗନ ଛୁଇଁ ।

ବି- ଚିରଇ - ଚିରଇ ଉଡ୍‌ଥେ ଆକାଶ୍ କେ ଛିଅତ୍ ।

କ- ଚେରେ - ଚେରେ ଉଡ଼ତେଗଲ ସରଗକେ ଛୁଁତେ ।

ଓ- ବିମଳ - ବିମଳ ଶଶୀ ଆକାଶେ ହସେ ।

ବି- ଫଟିଙ୍ଗ୍ - ଫଟିଙ୍ଗ ଜୋନ୍ ଆକାଶ୍ ନେଁ ହାଁସ୍‌ଥେ ।

କ- ସାପା - ସାପା ଜନ୍ ଆକାଶନେଁ ହାଁସ୍‌ତିଲିଆ ।

ଓ- ବିଚାର - ଇଶ୍ୱର ଦିନେ ପାପିର ବିଚାର କରିବେ ।

ବି- ବିଚାର - ଭଗୱାନ ଦିନେକ୍ ପପୀଆକେ ବିଚାର୍ କରହି ।

କ- ବିଚ୍ଚର୍ - ଭଗ୍‌ବନ୍ ପାପି ମନ୍‌କେ ଦିନେକ୍ ବିଚ୍ଚର୍ କେବେ ।

ଓ- ବିରୋଧ - ଅନ୍ୟାୟର ବିରୋଧ କରିବା ଉଚିତ୍ ।

ବି- ବିରୋଧ - ଅନ୍ୟାୟକେ ବିରୋଧ୍ କର୍‌ବା ଟାଏ ।

କ- ବିରୋଧ୍ - ଅନ୍ୟାୟକେ ବିରୋଧ୍ କେବା ଠିକ୍ କାଥା ।

ଓ- ବିମାନ - ବିମାନ ପକ୍ଷୀ ପରି ଆକାଶରେ ଉଡ଼େ ।

ବି- ବିବାନ - ବିବାନ୍ ଚିରଇରେଙ୍ଗ୍ ଆକାଶ୍‌ନେ ଉଡ୍‌ଥେ ।

କ- ଉଡ଼ାଜାହାଜ - ଉଡ଼ାଜାହାଜ ଚେରେ ପରା ଆକାଶ ନେଉଡ଼ଲିଆ ।

ଓ- ବିହନ - ଉନ୍ନତ ବିହନ ବୁଣିଲେ ଅଧିକ ଅମଳ ହୁଏ ।

ବି- ବିଝା - ବନେ ବିଝା ବୁନ୍‌ନେ ବନେଚ୍ ଫସଲ ହଥେ ।

କ- ବ୍ରିହନ୍ - ବନେ ବିହନ୍ ବୁନ୍‌ଲେ ଖୋବ୍ ଅମଲ୍ ହୁଲ୍ୟା ।

ଓ- ବିଚାରପତି - ବିଚାରପତି ବିଚାର ନିଷ୍ପକ୍ଷ କରନ୍ତି ।

ବି- ବିଚ୍ଚରକରବାଲୋଗ- ବିଚ୍ଚର୍‌କର୍‌ବା ଲୋଗ କାକରୋ ପକ୍ଷୀଆ ନିହକେ ବିଚ୍ଚର୍ କର୍‌ଥେ ।

କ- ବିଚ୍ଚର୍‌ପତି - ବିଚ୍ଚରପତି ବିଚାର କିର୍‌ତିଆ ।

ଓ- ବିତରିବା - ଗରିବଙ୍କୁ ପୋଷାକ ବିତରିବା ପୂଣ୍ୟ କାମ ଅଟେ ।

ବି- ବାଁଟ୍‌ବା - ଗରିବ୍‌କେ ଛିଡ଼୍‌ହାପଟା ବାଁଟ୍‌ବାଟା ଧରମ୍ କାମ୍ ଏ ।

କ- ବାଟ୍‌ବା - ଗରିବ୍‌କେ ଧୁତିପଟା ବାଟ୍‌ବା ଧରମ ହୁଲିଆ ।

ଓ- ବିଚଳିତ - ବିପଦ ସମ୍ବାଦ ଶୁଣି ଆମେ ବିଚଳିତ ହେଉ ।

ବି- ତାଏଁଭାଏଁ - ବିପତ୍ତି ସୋର୍ ଶୁନ୍‌କେ ହାମେ ତାଏଁଭାଏଁ ହଥୋଁ ।

କ- ଧୁକୁରଫୁକୁର - ଦୁକ୍ ଖବେର ଶୁନତେ ଆମର୍ ମନ୍ ଧୁକୁର ଫୁକୁର ଲାଗଚେ ।

ଓ- ବିଲେଇ - ବିଲେଇ ରାତିରେ ଦେଖିପାରେ ।

ବି- ମିନଇ - ମିନଇ ରାତି ଦେଖନ୍ ସେକ୍‌ଥେ ।

କ- ମୀନ - ମୀନ ରାତିନେ ଦେକ୍‌ତେ ପାର୍‌ଲିଆ ।

ଓ- ବିଶେଷଜ୍ଞ - ଜଟିଳ ରୋଗ ପାଇଁ ବିଶେଷଜ୍ଞଙ୍କ ପରାମର୍ଶ ନିଅ ।

ବି- ଜାନବାଲୋଗ - କଡ଼ା ବେମାର୍ କଜେଙ୍ଗ୍ ଜାନ୍‌ବାର୍ ଲୋଗ୍ ଲଗ ପରାମର୍ଶ ଲୋହୋ ।

କ- ଜାନ୍‌ଲାଲେକ୍ - ବଡ଼ ରୋଗର୍ କାଜେ ବନେକେତେ ଜାନ୍‌ଲା ଲୋକକେ ପାଚ୍‌ରାହା ।

ଓ- ବିନ୍ଦୁ - ବିନ୍ଦୁର ଦୈର୍ଘ୍ୟ ପ୍ରସ୍ଥ ନଥାଏ ।

ବି- ବିନ୍ଦୁ - ବିନ୍ଦୁ ଚିହ୍ନକେ ଲମା ଚଓଡ଼ା ନିରେହେ ।

କ- ବିନ୍ଦୁ - ବିନ୍ଦୁର୍ ଲମା ଆରୁ ଉସାର ନା ଥାଏ ।

ଓ- ବିପରୀତ - ସ୍ରୋତର ବିପରୀତ ଦିଗକୁ ପହଁରିବା କଷ୍ଟ ।

ବି- ଉପରଫାଳ - ଧାର୍‌କେ ଉପର୍‌କଢି ତଅଁର୍ ବାଟା କଡା ଏ ।

କ- ବିପରିତ - ସ୍ରୋତର୍ ଉପରଫାଲ୍ ପହଁରା ମୁସ୍କୁଲ ଏ । ।

ଓ- ବିନ୍ଦୁଡ଼ିଗ୍ରୀ - ବିନ୍ଦୁ ଡ଼ିଗ୍ରୀ କୋଣ ମାପର ଏକକ ଅଟେ ।

ବି- ବିନ୍ଦୁଡ଼ିଗ୍ରୀ - ବିନ୍ଦୁଡ଼ିଗ୍ରୀ କୋନହାକେ ନାବ୍‌ବା କେ ଏକକ ଏ ।

କ- ବିନ୍ଦୁଡ଼ିଗ୍ରୀ - ବିନ୍ଦୁଡ଼ିଗ୍ରୀ କୁନା ନାପ୍‌ବାର୍ ଏକକ ।

ଓ- ବିୟୋଗ - ବଡ଼ ସଂଖ୍ୟାରୁ ସାନ ସଂଖ୍ୟା ବିୟୋଗ କରାଯାଏ ।

ବି- କଟା - ବଡେଖା ସଂଖ୍ୟାଲେ ଛୋଟେ ସଂଖ୍ୟା କଟା ଯଥେ ।

କ- କାଟା - ବଡ଼ ସଂଖ୍ୟାନୁ ସାନ୍ ସଂଖ୍ୟା କେ କାଟା ଯାଇଲ୍ୟା ।

ଓ- ବିଛଣା - ବିଛଣା ଖରାରେ ଶୁଖାଇବା ଉଚିତ ।

ବି- ଦଶ୍ନା - ଦଶ୍ନା ଘାମନେ ଶୁଖାବାଟା ଠିକ୍ଏ ।

କ- ଚାଦର - ଚାଦର୍‌କେ ଖାରାନେ ଶୁଖାବାର୍ କାତା ।

ଓ- ବିଚ୍ଛିନ୍ନ - ଓଡ଼ିଶାର ବିଚ୍ଛିନ୍ନାଞ୍ଚଳର ଉନ୍ନତି ଆବଶ୍ୟକ ।

ବି- ଜତଖଡିଆ - ଓଡ଼ିଶାକେ ଜତଖଡିଆ ଅଞ୍ଚଳକେ ଉନ୍ନତି କରବାଟାଏ ।

କ- ଅଲ୍‌ଗା - ଓଡ଼ିଶାର ଅଲ୍‌ଗା ଜାଗାର୍ ଉନ୍ନତି କେବାର୍ କାତା ।

ଓ- ବିରି - ବିରି ମାଡ଼ ଦେଖି କୋଳଥ ଚୋପା ।

ବି- ବିରହି - ବିର୍‌ହି କେ ମାଡ ଦେଖି କେ କୁକୁତ୍ ଚେପ୍‌ଟା ହେ ଯାଏସ୍ ।

କ- ବିରି - ବିରିକେ ପିଟ୍‌ବାର୍‌ଟା ଦେଖ୍‌ତେ କୁଲ୍‌ତ୍ ଚେପ୍‌ଟା ହଁଚେ ।

ଓ- ବିଭାଗ - ସରକାର ଅନେକ ବିଭାଗ ପରିଚାଳନା କରନ୍ତି ।

ବି- ବିଭାଗ - ସରକାର କତ୍‌ନିକ୍ କରକେ ବିଭାଗମନ୍‌କେ ଚଲାଥେ ।

କ- ବିଭାଗ୍ - ସର୍‌କାର୍ ଖୋବ୍ ବିଭାଗ ଚଲାଚେତ୍ ।

ଓ- ବିଶ୍ୱାସ - ବିଶ୍ୱାସ ବିନା ଇଶ୍ୱରଙ୍କୁ ଜାଣି ହୁଏ ନାହିଁ ।

ବି- ବିଶ୍ୱାସ - ବିଶ୍ୱାସ ନିକର୍‌ନେ ଭଗୱାନକେ ଜାନନ୍ ନି ସେକାଏ ।

କ- ବିଶ୍ୱାସ୍ - ବିଶ୍ୱାସ୍ ନାଥେଲେ ଭଗବାନ୍‌କେ ଜାନି ନା ହୁଁଏ ।

ଓ- ବିକ୍ରି - ବେପାରି ମାନେ ବିକ୍ରି ପାଇଁ ହାଟକୁ ବଳଦ ଆଣନ୍ତି ।

ବି- ବେଚବା - ବେପାରିମନ୍ ହାଟ୍‌କେ ବଇଲା ବେଚ୍‌ବା କଜେଙ୍ଗ୍ ଆନ୍‌ଥେ ।

| କ- | ଖତ୍ | - | ଗୋରୁ ଖତ୍ ଭୂଇକେ ଉର୍ବର୍ କିଲିଆ । |
| ଓ- | ସକାଳ | - | ସକାଳ ହେଲେ ଲୋକେ କାମକୁ ବାହାରନ୍ତି । |
| ବି- | ସେକାଲ | - | ସେକାଲ୍ ହେଲେଁ ମନ୍‌ଷେ କବାର୍ ବାହାର୍‌ଥେ । |
| କ- | ସାକାଲ୍ | - | ସାକାଲ୍ ପାଁଲେ ଲୋକ୍‌ମନେ କାମ୍ କେର୍‌ବାକେ ଯାଇତିଆନ୍ । |

ଓ- ସଜନା - ସଜନା ପତ୍ର ଦେହ ପାଇଁ ହିତ କର ।

ବି- ମୁନ୍‌ଗା - ମୁନ୍‌ଗା ପତର ଦିହିଁକେ ଲାଗି ବଢ଼ିଆ ଆଏ୍ ।

କ- ମୁଙ୍ଗ୍‌ନା - ମୁଙ୍ଗ୍‌ନା ପତର୍ ଗାଗର୍ କାଜେ ବନେ ।

ଓ- ସଜାଡ଼ି - ତୁମର ଖାତା ପତ୍ର ସଜାଡ଼ି ରଖ ।

ବି- ସଜାଏ୍‌କେ - ତାହାମନ୍‌କେଖତା ପତର୍ ସଜାଏ୍‌କେ ରଖି ।

କ- ସଜାତେ - ତର୍‌ଖାତା ପତର୍ ସଜାତେ ରାଖ୍ ।

ଓ- ସରାଗ - ମାଉସୀ ସରାଗରେ ମୋତେ କୋଳେଇ ଧରିଲେ ।

ବି- ଗେଲେଁ - ମସୀ ଗେଲେଁନେ ମଖେଁ କୁଲେଁ ଧରେସ୍ ।

କ- ଖୁସୀ - ମାଇସୀ ଖୁସୀନେ ମକେ କୁଲେ ଧେରଲ ।

ଓ- ସାହାର୍ଯ୍ୟ - ବନ୍ୟା ବିପନ୍ନଙ୍କୁ ସାହାର୍ଯ୍ୟ ଆବଶ୍ୟକ ।

ବି- ସାହାଯ୍ - ବାଏଡ୍ ବିପନ୍ନ ସାହେଯ୍ ଦରକାର୍ ।

କ- ସହଯୋଗ - ବଏଡ୍‌ନେ ହେରାନ୍ ଲୋକ୍ ମାନିକେ ସହଯୋଗ୍ ଦରକାର୍ ।

ଓ- ସଡ଼କ - ପ୍ରତି ପଞ୍ଚାୟତକୁ ପ୍ରଧାନ ମନ୍ତ୍ରୀ ସଡ଼କ ଯାଇଛି ।

ବି- ସଡ଼କ୍ - ସବ୍ ପଞ୍ଚାୟତକେ ପ୍ରଧାନ ମନ୍ତ୍ରୀ ସଡ଼କ ଯାଏ୍‌ହେ ।

କ- ସଡ଼କ - ସବୁ ପଞ୍ଚାୟେତ୍‌କେ ପ୍ରଧାନମନ୍ତ୍ରୀ ସଡ଼କ୍ ଗଲାଚେ ।

ଓ- ସମ୍ପଦ - ଆମ ରାଜ୍ୟ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଅଟେ ।

ବି- ସପଦ୍ - ହାମର୍ ରାଏଜ୍ ମାଟିର୍ ସଂପଦ୍‌ନେ ଭର୍‌ପୁର୍ ଏହେ ।

କ- ସଂପତି - ଆମର୍ ରାଏଜ୍ ଖଣି ସମ୍ପତ୍ତିନେ ଭୂରି ହଲାଚେ ।

ଓ- ସମ୍ଭବ - ପରିବେଶ ସୁରକ୍ଷା କରିବା ସମ୍ଭବ ଅଟେ ।

ବି- ହନ୍‌ସକେ - ପରିବେଶ ସୁରକ୍ଷା କର୍‌ବା ସମ୍ଭବ ଏ ।

କ- ସମ୍ଭବ - ପରିବେଶ ରାକ୍ଷାକେବାଟା ସମ୍ଭବ ।

ଓ- ସନ୍ତୁଷ୍ଟ - ବାର୍ଷିକ ଫଳାଫଳରେ ମୁଁ ସନ୍ତୁଷ୍ଟ ଅଟେ ।

ବି- ଖୋସି - ବାର୍ଷିକ ଫଳାଫଳନେ ମିଇଁ ଖୋସି ଏହେଁ ।

କ- ଖୁସୀ - ବାର୍ଷିକ୍ ଫଳାଫଲ୍‌ନେ ମୁଇ ଖୁସୀ ।

ଓ- ସର୍ବତ - ଖରା ସମୟରେ ସର୍ବତ ପିଇବାକୁ ଭଲଲାଗେ ।

ବି- ସର୍ବତ୍ - ଖାରା ସମେନେ ସର୍ବଦ୍ ପିଇବାକେ ବନେ୍ ଲଗ୍‌ଥେ ।

କ- ସର୍ବତ୍ - ଖାରାବେଲ୍‌କେ ସର୍ବତ୍ ପିଇବାକେ ବନେ ଲାଗ୍‌ଲିଆ ।

ଓ- ସର୍ବଦା - ସର୍ବଦା ପ୍ରଫୁଲ୍ଲ ମନରେ ରହିବା ଆବଶ୍ୟକ ।

ବି- ସବ୍‌ବେକ୍ - ସବ୍‌ବେକ୍ ହସ୍‌ଖୁସ୍ ମନନେ ରହବାର୍ ଦର୍‌କାର୍ ।

କ- ସବୁବେଲେ - ସବୁବେଲେ ଖୁସିନେ ଥେବା କାତ୍ ।

ଓ- ସବୁଜ - ବର୍ଷା ଋତୁରେ ପରିବେଶ ସବୁଜ ଦେଖାଯାଏ ।

ବି- ସାଗୁଆ - ବର୍ଷା ରିତୁନେ ପରିବେଶ ସାଗୁଆ ଦେଖାଯାଥେ ।

କ- ସବୁଜ - ବର୍ଷାଦିନେ ପରିବେଶ୍ ସବୁଜ୍ ଦିଶ୍‌ଲିଆ ।

ଓ- ସତେଜ - ସକାଳେ ମନ ସତେଜ ଥାଏ ।

ବି- ଦଗ୍‌ଦଗା - ସେକାଲେଁ ମନ୍ ଦଗ୍‌ଦଗା ରେଥେ ।

କ- ଖୁସୀ - ସାକାଲେ ମନ୍ ଖୁସୀ ଥିଲିଆ ।

ଓ- ସଫା - ପାଇଖାନା ଯିବା ପରେ ସାବୁନରେ ହାତ ସଫା କର ।

ବି- ସାପ୍ - ହଗରି ଖାନା ଯାବାର୍ ପଛେଁ ସାବୁନ୍‌ନେ ହାତ୍ ସାପ୍ କର୍‌ହି ।

କ- ଧୁଆ - ପାଏଖାନା ଗଲାପେଚେ ସାବୁନନେ ହାତ୍ ଧୁଆ ।

ଓ- ସଭିଙ୍କ - ମହାତ୍ମାଗାନ୍ଧି ସଭିଙ୍କ ପ୍ରିୟ ନେତା ଥିଲେ ।

ବି- ସବ୍‌କର୍ - ମହାତ୍ମାଗାନ୍ଧି ସବ୍‌କର୍ ପ୍ରିୟ ନେତା ରେହେସ୍ ।

କ- ସବୁ - ମହାତ୍ମାଗାନ୍ଧି ସବୁଲୋକର୍ ପ୍ରିୟନେତା ଥେଲେ ।

| | | | |
|---|---|---|---|
| ଓ- | ସର୍ଦ୍ଦାର | - | ସର୍ଦ୍ଦାର ଆଦେଶ ମାନି ସୈନ୍ୟମାନେ କାମ କରନ୍ତି । |
| ବି- | ମୁଖିଆ | - | ମୁଖିଆ ଆଦେଶ ମାଏନ୍‌କେ ସୈନ୍‌ମନ୍ କବାର୍ କରଥେ । |
| କ- | ମୃଖିଆ | - | ମୃଖିଆର୍ କାଥାମାନ୍‌ତେ ସୈନିକ୍ ମନେ କାମ କିର୍‌ତିଆନ୍ । |
| ଓ- | ସପୁରୀ | - | ସପୁରୀ ଏକ ମିଠା ଫଳ ଅଟେ । |
| ବି- | ସପୁରୀ | - | ସପୁରୀ ଗୋଟେକ୍ ସୁଆଦ୍ ଫଲ୍ ଏ । |
| କ- | ସପୁରୀ | - | ସପୁରି ଗୋଟେକ୍ ମଧୁର୍ ଫଲ୍ । |
| ଓ- | ସପ୍ତାହ | - | ସାତ ଦିନରେ ଏକ ସପ୍ତାହ । |
| ବି- | ହପ୍‌ତା | - | ସାତ୍ ଦିନ୍‌ନେ ଗୋଟେକ୍ ହପ୍‌ତା । |
| କ- | ସପ୍ତାହ | - | ସାତ୍‌ଦିନ୍‌କେ ଗୋଟେକ୍ ସପ୍ତାହ । |
| ଓ- | ସହିଷ୍ଣୁ | - | ଭଲ ଲୋକ ସହିଷ୍ଣୁ ହୁଅନ୍ତି । |
| ବି- | ସହନ୍ | - | ନୁକୋ ମନ୍‌ଷେ ସହନ୍ ସକ୍‌ଥେ । |
| କ- | ସହିବା | - | ବନେଲୋକ୍ ସୁଇ ପାର୍‌ତିଆନ୍ । |
| ଓ- | ସରଗ | - | ସରଗ ଏକ ଆନନ୍ଦମୟ ସ୍ଥାନ ବୋଲି ବିଶ୍ୱାସ କରାଯାଏ । |
| ବି- | ସର୍‌ଗ | - | ସର୍‌ଗ୍ ଗୋଟେକ୍ ଆନନ୍ଦ୍‌ମଏ ଜାଗା ବଏଲ୍‌କେ ପର୍‌ତେ କରାଯାଥେ । |
| କ- | ସରଗ୍ | - | ସରଗ୍ ଗୋଟେକ୍ ଖୁସୀର୍ ଜାଗା ବଲ୍‌ତେ ବିଶ୍ୱାସ୍ କିନୁଆ । |
| ଓ- | ସମାନ | - | ଆଜିକାଲି ପୁଅ ଓ ଝିଅକୁ ସମାନ ଅଧିକାର ମିଳିଛି । |
| ବି- | ବରାବର୍ | - | ଏଜ୍‌କେଲ୍ ବେଟା ଆର୍ ବେଟିକେ ବରାବର୍ ଅଧିକାର୍ ମିଲେହେ । |
| କ- | ସମାନ | - | ଆଜ୍‌କାଲ୍ ପିଲା ଟୁକିଲ୍‌କେ ସମାନ୍ ଅଧିକାର୍ ମିଲ୍‌ଲାଚେ । |
| ଓ- | ସଭିଏଁ | - | ଆମେ ସଭିଏଁ ଭାରତବାସୀ ଅଟୁ । |
| ବି- | ସଭେ | - | ହାମେ ସଭେ ଭାରତବାସୀ ହଥୁଁ । |
| କ- | ସବୁ | - | ଆମେ ସବୁ ଭାରତର୍ ଲୋକ୍ । |

ଓ- ସପ୍ତମ - ସପ୍ତମ ଦିନରେ ହାଟ ହୁଏ ।

ବି- ସାତ୍ - ସାତ୍ ଦିନ୍‌ନେ ହାଟ୍ ହଥେ ।

କ- ସାତ୍ - ସାତ୍ ନମର ଦିନେ ହାଟ୍ ବୁସ୍‌ଲିଆ ।

ଓ- ସହିତ - ରବି ସହିତ ମୁଁ ସର୍କସ ଦେଖିଗଲି ।

ବି- ସାଙ୍ଗେ - ରବି ସାଙ୍ଗେ ମିଇଁ ସର୍କସ ଦେଖାନ୍ ଯାଏ୍ ରେହେଁ ।

କ- ସଙ୍ଗେ - ରବିର ସଙ୍ଗେ ମୁଇ ସର୍କସ୍ ଦିଖିଗୁଲି ।

ଓ- ସମସ୍ତେ - ସମସ୍ତେ ଶାନ୍ତିରେ ରହିବାକୁ ଚାହାନ୍ତି ।

ବି- ସବ୍ - ସବ୍ ଶାନ୍ତିନେ ରେବା କାଜେ ଗହାଁଥେ ।

କ- ସବୁ - ସବୁଲୋକ୍ ଶାନ୍ତନେ ଥେବାକେ ଚ଼ଇତିଆନ୍ ।

ଓ- ସଜାଇ - ମୁଁ ମୋ ପଢ଼ା ଘରକୁ ସଜାଇ ରଖିଛି ।

ବି- ସଜାଏ୍‌କେ - ମେଇଁ ମୋର୍ ପଢ଼ା ଘର ସଜାଏ୍‌କେ ରାଖେହଁ ।

କ- ସଜାତେ - ମୁଇ ମୋର ପଢ଼୍‌ବାର୍ ଘେର୍‌କେ ସଜାତେ ରାଖିଲାଚେ ।

ଓ- ସଜବାଜ - ତୂରୀ ବାଜିଲେ ସୈନ୍ୟମାନେ ଯୁଦ୍ଧ ପାଇଁ ସଜବାଜ ହେଉଥିଲେ ।

ବି- ସଜାସୁଜି - ମୁହୁରୀ ବଜାଲେଁ ସୈନମନେ ଯୁଦ କାଜେ ସଜାସୁଜି ହେତ୍‌ରେସେ୍ ।

କ- ସଜ୍‌ବାଜ୍ - ମୁଉଁରୀ ବାଜ୍‌ଲେ ସୈନ୍ୟମନେ ଯୁଦ୍ କାଜେ ସଜ୍‌ବାଜ୍ ହଅଥେଲେ ।

ଓ- ସ୍ୱପ୍ନ - ସ୍ୱପ୍ନରେ ମୁଁ ଆକାଶରେ ଉଡୁଥିଲି ।

ବି- ସପନ୍ - ସପନ୍‌ନେ ମିଇଁ ଆକାଶନେ ଉଡ଼ତ ରେହେଁ

କ- ସପନ - ସପନ୍‌ନେ ମୁଇ ଆକାଶନେ ଉଡ଼ଥିଲି ।

ଓ- ସରାଗରେ - ମାମୁଁ ମୋତେ ସରାଗରେ କୋଳରେ ବସାଇଲେ ।

ବି- ଗେଲେଁ - ମାମୁଁ ମଖେଁ ଗେଲେଁନେ କୁଲେଁ ବସାଏସ୍ ।

କ- ଖୁସୀ - ମାମୁ ମକେ ଖୁସିନେ କୁଲେ ବସାଲେ ।

ଓ- ସଞ୍ଚୟ - ଆସନ୍ତାକାଲି ପାଇଁ ଆଜି ସଞ୍ଚୟ କରିବା ଶିଖ ।

ବି- ଠୋଲ୍ - କାଏଲ୍ କାଜେ ଆଏଜ୍ ଲେ ଜମାକର୍ ବାର୍ଟା ଶିଖୋ ।

କ- ରାଖ୍‌ବାର୍ଟା - କାଲ୍‌କର୍ କାଜେ ଆଜ ରାଖ୍‌ବୋର୍ଟା ଶିକା ।

ଓ- ସଳଖି - ବାଡ଼ିଟି ଆପେ ସଳଖି ଗଲା ।

ବି- ସଲଖ୍ , - ପାଟେନ୍ ଆପେଁ ସଲଖ୍ ଯାଏସ୍ ।

କ- ସୁଲୁକ୍ - ବାଡ଼ି ଆପେ ସୁଲୁକ୍‌ଲ ।

ଓ- ସହିବା - ସହିବା ଗୁଣ ଯାହାର ଥାଏ ସେ ଧନ୍ୟ ।

ବି- ସହବାର୍ - ସହବାର୍ ଗୁନ୍ ଯାକର୍ ଲେଗା ରଥେ, ଉଧଇମ୍ ଏ ।

କ- ସଅବାର୍ - ସଅବାର୍ ଗୁନ ଯା'ର୍‌ନେ ଥିଲିଆ ସେ ଧଏନ୍ ।

ଓ- ସୈନ୍ୟ - ସୈନ୍ୟମାନେ ପ୍ରାଣ ଦେଇ ଦେଶ ରକ୍ଷା କରନ୍ତି ।

ବି- ସୈନ୍ - ସୈନ୍‌ମନେ ଜାନ୍ ଦେକେ ଦେଶ୍ ରକ୍ଷା କର୍‌ଥେ ।

କ- ସୈନ୍ୟ - ସୈନ୍ୟମାନେ ଜିବନ୍ ଦେତେ ଦେଶ୍‌କେ ରାକ୍ଷା କିର୍‌ତିଆନ୍ ।

ଓ- ସମ୍ବର - ଆଜିକାଲି ସମ୍ବର ପ୍ରଜାତି ବଣରୁ ଲୋପ ପାଇଲା ।

ବି- ସମର - ଆଏଜ୍ କାଏଲ ସମ୍ବର ଜାଏତ୍ ଜଙ୍ଗଲ୍ ଲେ ଲୁକ୍ ଯାଆଥେ ନେ ।

କ- ସମ୍ବର - ଅଏଜ କାଲ୍ ସମ୍ବର ଜାତି ପସୁ ଲୋପ ପାତେ ଗଲା ।

ଓ- ସଦସ୍ୟ - ରମା ଆମ ପରିବାରର ଜଣେ ସଦସ୍ୟ ଅଟନ୍ତି ।

ବି- ସଦସ୍ୟ - ରମା ହାମର କୁଟୁମକେ ଗୋଟେକ୍ ସଦସ୍ୟ ଏ ।

କ- ଲୋକ୍ - ରମା ଆମର୍ ଘେରର୍ ଗୋଟେକ୍ ଲୋକ୍ ।

ଓ- ସର୍କସ - ସର୍କସରେ ବିଭିନ୍ନ ଖେଳ ଦେଖିବାକୁ ମିଳେ ।

ବି- ସର୍କସ - ସର୍କସ ନେ ନାନା କିଶମ୍ କେ ଖେଲ୍ ଦେଖ୍‌ବାକେ ମିଲ୍‌ଥେ ।

କ- ସର୍କସ - ସର୍କସନେ ଅନେକ୍ ଖେଲ୍ ଦେଖ୍‌ବାକେ ମିଲ୍‌ଲିଆ ।

ଓ- ସଜାଡ଼ିବା - ବଜାରକୁ ଯିବା ପାଇଁ ମୁଁ ସାଇକେଲ୍ ସଜାଡ଼ିବା ଆରମ୍ଭ କରିଛି ।

ବି- ଠିକ୍ଠାକ୍ - ହାଟ୍କେ ଯାବାର୍ କାଜେ ମେଁ ବାଇସ୍କଲ୍ ଠିକ୍ଠାକ୍ କରେଁହେଁ ।

କ- ସଜା - ହାଟ୍କେ ଯିବାକାଜେ ସାଇକେଲ୍ ସଜାବାଟା ଆରମ୍ କେଲାଚେ ।

ଓ- ସଞ୍ଜ - ସଞ୍ଜ ହେଲେ ବେଳ ବୁଡ଼ିଯାଏ ।

ବି- ସଞ୍ଜ୍ - ସଞ୍ଜ୍ ହେଜାଲେଁ ବେଲ୍ ବୁଡ଼୍ଯାଥେ ।

କ- ବେଲବୁଡ଼ା - ବେଲ୍ବୁଡ଼ାକେ ବେଲ୍ ବୁଡ଼୍ଲିଆ ।

ଓ- ସମଗ୍ର - ସମଗ୍ର ଜିଲ୍ଲାରେ ଶୀତର ପ୍ରକୋପ ବଢ଼ିଛି ।

ବି- ସବୋ - ସବୋ ଜିଲାନେ ଜାଡ଼୍ ବଢେ ହେ ।

କ- ସାରା - ସାରା ଜିଲ୍ଲାନେ ଜାଡ଼୍ ବଢ଼୍ଲାଚେ ।

ଓ- ସମାଧାନ - ସରପଞ୍ଚ ଗାଁ ବିବାଦ ସମାଧାନ କରନ୍ତି ।

ବି- ସମଝୋତା - ସରପଞ୍ଚ ଗାଁକେ ଝମ୍ଲା ସମଝୋତା କର୍ଥେ ।

କ- ସମାଧାନ - ସର୍ପଚ୍ ଗାଁର୍ ଝଗ୍ଡ଼ା ସମାଧାନ୍ କିର୍ତିଆନ୍ ।

ଓ- ସମ୍ବିଧାନ - ଆମ ଦେଶର ଏକ ବୃହତ ସମ୍ବିଧାନ ରହିଛି ।

ବି- ଦେଶ୍ନିତି - ହାମର ଦେଶ୍କେ ଗୋଟେକ୍ ବଢ଼େ ଦେଶନିତି ଏ୍ହେ ।

କ- ସମ୍ବିଧାନ - ଆମର୍ ଦେଶର୍ ଗୋଟେକ୍ ବଡ଼୍ ସମ୍ବିଧାନ୍ ଆଚେ ।

ଓ- ସମ୍ଭାଳିବା - ଦୁଃଖ ସମ୍ଭାଳିବା ଏକ ମହତ ଗୁଣ ଅଟେ ।

ବି- ସହନ୍ - ଦୁଖ ସମ୍ଲାଭାଟା ଗୋଟେକ୍ ବନେ୍ ଗୁନ୍ ଏ୍ ।

କ- ସମ୍ଭାଲ୍ବା - ଦୁଃଖ୍ ସମ୍ଭାଲ୍ବାର୍ଟା ଗୋଟେକ୍ ବନେ ଗୁଣ ।

ଓ- ସଉକ - ରମା ସଉକରେ ସୁନ୍ଦର ଯୋତା ପିନ୍ଧିଛି ।

ବି- ସଉକ୍ - ରମା ସଉକ୍ନେ ଅଏନ୍ ପଁଢ଼େଇ ପିନ୍ଧେହେ ।

କ- ସଅଁକି - ରମା ସଁଅକିନେ ସୁନ୍ଦର୍ ଚପଲ୍ ପିନ୍ଧ୍ଲାଚେ ।

| | | | |
|---|---|---|---|
| ଓ- | ସମତୁଲ | - | ଗୋପବନ୍ଧୁଙ୍କ ସହ କିଏ ସମତୁଲ ହୋଇପାରେ । |
| ବି- | ସମାନ୍ | - | ଗୋପବନ୍ଧୁକେ ସଙ୍ଗେ କୁନେ ସମାନ୍ ହୋନ୍ ସେଖି । |
| କ- | ସମାନ୍ | - | ଗୋପବନ୍ଧୁର୍ ସଙ୍ଗେ କେନ୍ ସମାନ୍ ହତ । |
| ଓ- | ସରିସୃପ | - | ସର୍ପ ଏକ ସରିସୃପ ପ୍ରାଣୀ ଅଟେ । |
| ବି- | ସରିସୃପ୍ | - | ସାଆଁପ୍ ଗୋଟେକ୍ ସରିସୃପ୍ ପରାନି ଏ୍ । |
| କ- | ସରିସୃପ | - | ସାପ୍ ଗୋଟେକ୍ ସରିସୃପ୍ ଜନ୍ତୁ । |
| ଓ- | ସମ୍ମୁଖିନ | - | ବିପଦ ସମ୍ମୁଖିନ ହେଲେ ଭୟ କରନାହିଁ । |
| ବି- | ଆଘିଲ୍ | - | ବିପଦ୍ ପଡଜାନେ ନି ଡରାହି । |
| କ- | ସାମ୍ନା | - | ବିପଦ୍ ବେଲ୍କେ ସାମ୍ନା ହଲେ ନା ଢ଼େରା । |
| ଓ- | ସମର୍ଥନ | - | ମୁଁ ମୋ ସାଙ୍ଗର କଥାକୁ ସମର୍ଥନ କଲି । |
| ବି- | ସହମତ୍ | - | ମେଁ ମୋର ସଙ୍ଗୁଆରୀ କେ ଗୋଏଟ୍ କେ ସର୍ଥନ୍ କରେଁ । |
| କ- | ସମର୍ଥନ | - | ମୁଇ ମୋର ସାଙ୍ଗର କାଥାକେ ସମର୍ଥନ୍ କିଲି । |
| ଓ- | ସଚେତନ | - | ପରିବେଶ ପ୍ରତି ସଚେତନ ରହିବା ଉଚିତ୍ । |
| ବି- | ଜାଏଗ୍ | - | ପରିବେଶ ପର୍ତି ସଗାଗ ହେକେ ରହବାର ଉଚିତ୍ । |
| କ- | ସଚେତନ | - | ପରିବେଶ କାଯେ ସଜାଗ୍ ରେବା କାତା । |
| ଓ- | ସହଯୋଗ | - | ଲୋକ ସହଯୋଗ କଲେ ଗ୍ରାମ ସଫା ହେବ । |
| ବି- | ସହଯୋଗ | - | ମନ୍ସେ ସହଯୋଗ୍ କର୍ଲେଁ ଗରାମ୍ ସଫା ହେହି । |
| କ- | ସହଯୋଗ | - | ଲୋକ୍ମନେ ସହଯୋଗ୍ କଲେ ଗାଁ ସାପା ହତ । |
| ଓ- | ସଙ୍ଗେସଙ୍ଗେ | - | ଖବର ପାଇ ଦମକଳ ସଙ୍ଗେସଙ୍ଗେ ପହଞ୍ଚିଲା । |
| ବି- | ସାଙ୍ଗେସାଙ୍ଗେ୍ | - | ଖବର୍ ପାଏସ୍କି ଦମ୍କଲ୍ ସାଙ୍ଗେସାଙ୍ଗ୍ ହାଜିର୍ହେସ୍ । |
| କ- | ସଙ୍ଗେସଙ୍ଗେ | - | ଖବର୍ ପାଆତେ ଦମ୍କଲ୍ ସଙ୍ଗେସଙ୍ଗେ ପୁହୁଚ୍ଲ । |
| ଓ- | ସପ୍ତର୍ଷିମଣ୍ଡଳ | - | ଅନ୍ଧାର ରାତିରେ ସପ୍ତର୍ଷି ମଣ୍ଡଳ ସ୍ୱଷ୍ଟ ଦେଖାଯାଏ । |
| ବି- | ସପ୍ତର୍ଷିମଣ୍ଯଡଳ | - | ଅନ୍ଧିଆର୍ ରାତିନେ ସପ୍ତର୍ଷି ମଣ୍ଯଡଳ ପର୍ଘଟ୍ ଦେଖାଯାଥେ । |
| କ- | | - | ଆନ୍ଧାର୍ ରାତିନେଗ୍ନଙ୍ଗଲ ତାରାବନେ କେତେ ଦିସ୍ଲିଆ । |

ଓ- ସଂଗ୍ରହ - ମୁଁ ନେତା ମାନଙ୍କର ଛବି ସଂଗ୍ରହ କରି ରଖେ ।

ବି- ଠୋଲ୍ - ମେଇଁ ନେତାମନ୍‌କେ ଫଟୁ ଠୋଲ୍ କଏର୍‌କେ ରଖ୍‌ଥିଁ ।

କ- ଠୁଲ୍ - ମୁଁଇ ନେତା ମନଙ୍କର୍ ଫଟୁ ଠୁଲ୍‌କେତେ ରାଖ୍‌ନୋ ।

ଓ- ସମ୍ପର୍କ - ରବି ସହିତ ମୋର ଉତ୍ତମ ସମ୍ପର୍କ ରହିଛି ।

ବି- ଯୋଟ୍ - ରବି ସଙ୍ଗେ ମୋର୍ ବଢ଼ିଆ ଯୋଟ୍ ଏହେ ।

କ- ସଂର୍ପକ୍ - ରବିର୍ ସଙ୍ଗେ ମୋର୍ ବନେ ସଂର୍ପକ୍ ଆଚେ ।

ଓ- ସଂଗୀତ - ସଂଗୀତ ମୋର ଅତି ପ୍ରିୟ ଅଟେ ।

ବି- ଗାନା - ଗାନା ମୋର୍ କେତିନି ପ୍ରିୟ ଆଏ ।

କ- ଗୀତ୍ - ଗୀତ୍ ମକେ ଖୁବ୍ ବନେ ଲାଗ୍‌ଲିଆ ।

ଓ- ସଂନ୍ଧ୍ୟା - ସନ୍ଧ୍ୟା ହେଲେ ତାରା ଦେଖାଯାଆନ୍ତି ।

ବି- ବେଲ୍‌ବୁଡ଼୍ - ବେଲ୍‌ବୁଡ଼୍ ଜାଲେଁ ତରା ଦେଖାଯାଥେ ।

କ- ବେଲବୁଲରେ - ବେଲବୁଲ୍‌ଲେ ତାରା ଦିଶ୍‌ଲିଆ ।

ଓ- ସଂଗ୍ରାମୀ - ଭଗତସିଂହ ଜଣେ ସଂଗ୍ରାମୀ ଯୁବା ଥିଲେ ।

ବି- ଲଢ଼ାକୁ - ଭଗତସିଂହ ଗୋଟେକ୍ ଲଢ଼ାକୁ ଧଙ୍ଗରା ରେହେସ୍ ।

କ- ସଂଗ୍ରାମୀ - ଭଗତ୍ ସିଂ ଗୋଟେକ୍ ସଂଗ୍ରାମୀ ଲୋକ୍‌ଥେଲ ।

ଓ- ସଂପଦ - ସଂପଦ ବେଳେ ବନ୍ଧୁ ସଖା ହୁଅନ୍ତି ।

ବି- ଧନ୍ - ଧନ ହେ ଜାନେ ବହୁତ ସଙ୍ଗଆରୀ ହଥେ ।

କ- ଧନ୍ - ଧନ୍‌ଥେଲାବେଲ୍‌କେ ଖୋବ୍ ଲୋକ ଥିତିଆନ୍ ।

ଓ- ସଂକଳ୍ପ - ଦେଶ ସେବା ପାଇଁ ଆମେ ସଂକଳ୍ପ କରିଛୁ ।

ବି- କିରିଆ - ଦେଶ୍ ସେବା ଲାଏଗ୍ ହମେ୍ ସତ୍ କଏର୍‌କେ କରେଁହେ ।

କ- କିରିଆ - ଦେଶ୍‌ସେବା କାଜେ ଆମ୍ କିରିଆ କିଲାଚୁ ।

ଓ- ସଂଗ୍ରାମ - ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କର ।

ବି- ଲଡେଇ - ଅନ୍ୟାୟ କେ ବିରୁଦ୍ଧ ନେ ଲଡେଇ କରୋ ।

କ- ବିରୋଧ - ଅନ୍ୟାୟ କାଜେ ବିରୋଧ୍ କେରା ।

ଓ- ସଙ୍କେତ - ରାସ୍ତାରେ ଦିଆଯାଇଥିବା ସଙ୍କେତ ମାନି ଗାଡ଼ି ଚଳାଅ ।

ବି- ଚିନା - ବାଟ୍‌ନେ ଦିଆଜାଏ୍‌ରେଥେ ଚିନା ମାଏନ୍‌କେ ଗାଡ଼ି ଚଲାହି ।

କ- ଚିନା - ରାସ୍ତାନେଥେବାର୍ ଚିନାକେ ମାନ୍‌ତେ ଗାଡ଼ି ଚାଲାହା ।

ଓ- ସଂକୁଚିତ - ବୃଦ୍ଧର ଚର୍ମ ସଂକୁଚିତ ହୋଇଥାଏ ।

ବି- ଲଚ୍ଛେ - ବୁଢା ଲୋଗ୍ କେ ଛାଲିଟା ଲୋଚୋ ହେ ଯାଏହେ ।

କ- ଢ଼କ୍‌ଲ୍ଲାଲନ - ବୁଢ଼ାର୍ ଚାମ୍‌ଡ଼ା ଢ଼କ୍‌ଲ୍ଲାନନେ ।

ଓ- ସଂଗୃହୀତ - ଆମ ଶ୍ରେଣୀ ପୁରୁଣା ପାଠ୍ୟ ପୁସ୍ତକ ସଂଗୃହିତ ହେଲା ।

ବି- ଗଦା - ହାମର ଶ୍ରେଣୀ ଜୁନା ପତା ବହି ଗଦା ଦେସ୍ ।

କ- ଠୁଲ୍ - ଆମର ଶ୍ରେଣୀ ନେ ଜୁନା ବହି ପତର୍ ଠୁଲ୍ କେରାହଲ ।

ଓ- ସଂଗୀତ ଦଳ - ମୁଁ ଗୋଟିଏ ସଙ୍ଗୀତ ଦଳରେ ଗୀତ ଗାଏ ।

ବି- ସଂଗୀତ ଦଲ୍ - ମେଇଁ ଗୋଟେକ୍ ସଙ୍ଗୀତ୍ ଦଲ୍‌ନେ ଗାନା ଗାଥେଁ ।

କ- ଗୀତ୍‌ଗାବାରଦଲ- ମୁଇ ଗୋଟେକ୍ ଗୀତଗାବାର୍ ଦଲେ ଗୀତ୍ ଗାଆନା ।

ଓ- ସଂରକ୍ଷଣ - ବାଳିକା ମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଇଛି ।

ବି- ରେଖା - ବାଲିକାମନ୍‌କେ ଲାଗି ଜଗା ରେଖା ଯାଏ୍‌ହେ ।

କ- - ଟୁକେଲ୍ ମନ୍‌କର୍ କାଜେ ଜାଗା ଆକଟ୍ କେରାଗଲାଚେ ।

ଓ- ସାଧାରଣ - ଜନ ସାଧାରଣ ଭୋଟ ଦେଇ ସରକାର ଗଢ଼ନ୍ତି ।

ବି- ସାଧାରନ୍ - ଜନ୍‌ସାଧାରନ୍ ବୋଟ୍ ଦେକେ ସରକାର ବନାଥେ ।

କ- - ଲୋକମନେ ଭୋଟ୍‌ଦେଦେ ସର୍‌କାର୍ ଗୁଡ଼ତିଆନ୍ ।

ଓ- ସାରଣୀ - ସହଜରେ ବୁଝିବାପାଇଁ ସାରଣୀ ସାହାଯ୍ୟ କରେ ।

ବି- ସାରଣୀ - ସହଜେଁ ବୁଝବାର ଲାଗି ସାରଣୀ ସାହେଯ୍ କରଥେ ।

କ- ସାରଣୀ - ସହଜେ ବୁଝବାକେ୍ ଅର୍ଥ ସାହାର୍ଯ୍ୟ କିଲିଆ ।

ଓ- ସାକ୍ଷାତ - ହଠାତ୍ ମୋ ବନ୍ଧୁଙ୍କ ସହିତ ମୋର ସାକ୍ଷାତ ହେଲା ।

ବି- ଭେଁଟ୍ - ଆଚ୍ୟନେକ୍ ମୋର୍ ସଂଘି ସଙ୍ଗେ ମୋର ଭେଁଟ୍ ହେସ୍ ।

କ- ସାକ୍ଷାତ୍ - ହଠାତ୍ ମୋର୍ ସାଙ୍ଗ୍‌ର୍ ସଙ୍ଗେ ମୋର୍ ସାକ୍ଷାତ୍ ହଲ ।

ଓ- ସାପ - ସାପୁଆ ମାନେ ସାପ ଖେଳାନ୍ତି ।

ବି- ସାଆଁପ୍ - ସାଁପୁଆ ମନେ ସାଆଁପ୍ ଖେଲାଥେ ।

କ- ସାପ - ସାପୁଆ ମନେ ସାପ୍ ଖେଲାତିଆନ୍ ।

ଓ- ସାନଚିହ୍ନ - ସାନ ସଂଖ୍ୟା ସୂଚାଇବା ପାଇଁ ସାନ ଚିହ୍ନ ଦିଆଯାଏ ।

ବି- ସାନ୍‌ଚିନା - ସାନ୍ ସଂଖ୍ୟା ଜାନ୍‌ବାର୍ ଲାଏଗ୍ ସାନ୍ ଚିନା ଦିଆଯାଥେ ।

କ- ସାନ୍‌ଚିନା - ସାନ୍ ସଂଖ୍ୟା ଜାନ୍‌ବା କାଜେ ସାନ୍ ଚିନା ଦିଆଯାଇଲିଆ ।

ଓ- ସାଙ୍ଗ - ରବି ମୋର ପିଲା ଦିନର ସାଙ୍ଗ ଅଟେ ।

ବି- ସଂଘ - .ରବି ମୋର୍ ପିଲା ଦିନର୍ ସାଙ୍ଗ ଆଏ୍ ।

କ- ସାଙ୍ଗ - ରବି ମୋର୍ ପିଲାବେଲର୍ ସାଙ୍ଗ୍ ।

ଓ- ସାଗର - ଆମ ଦେଶକୁ ତିନି ଦିଗରେ ସାଗର ଘେରି ରହିଛି ।

ବି- ସାଗର୍ - ହାମର୍ ଦେଶ୍ କେ ତିନ୍‌ଟା ଦିଗ୍‌ନେ ସାଗର୍ ଘେର୍ ଜାଏ୍‌ହେ ।

କ- ସାଗର - ଆମର ଦେଶ୍‌କେ ତିନ୍ ଦିଗେ ସାଗର୍ ଘେର୍‌ଲାଚେ ।

ଓ- ସାଥେ - ବଜାରରେ ମୁଁ ବାପାଙ୍କ ସାଥେ ସାଥେ ଯାଏ ।

ବି- ସଙ୍ଗେ - ହାଟ୍‌କେ ମେଇଁ ବୁଆକେ ସଙ୍ଗେ ସଙ୍ଗେ ଯାଥିଁ ।

କ- ସଙ୍ଗେ - ହାଟ୍‌ନେ ମୁଇ ବୁଆର୍ ସଙ୍ଗେ ସଙ୍ଗେ ଯାଏନା ।

ଓ- ସାହସ - ରବି ସାହସ ଧରି ନଦୀରୁ ରମାକୁ ଉଦ୍ଧାର କଲା ।

ବି- ବଲ୍ - ରବି ବଲ୍ କଏରକେ ନଦିନେ ରମାକେ ବଟ୍ଇଏସ୍ ।

କ- ସାହସ - ରବି ସାହସ୍ କେତେ ନଦୀ ନୁନ୍ ରମାକେ ବଚାଲ ।

ଓ- ସାଜସଜା - ଭାଇଙ୍କ ବାହାଘର ବେଳେ ଆମେ ଘର ସାଜସଜା କରୁ ।

ବି- ସଜାସୁଜି - ଭାଏକେ ବିହାଘର୍ ବେଳେଁ ହାମେ ଘର ସଜାସୁଜି କରଥୁଁ ।

କ- ସଜାଲୁ - ଆମ୍‌ଦାଦାର୍‌ଭିଆ ବେଲ୍‌କେ ଆମେ ଘେରକେ ସଜାଲୁ ।

ଓ- ସାମୁହିକ - ପୋଖରୀ ସଫା ଏକ ସାମୁହିକ କାର୍ଯ୍ୟ ଅଟେ ।

ବି- ସାମୁହିକ - କାଁଟା ସଫା ଗୋଟେକ୍ ସାମୁହିକ୍ କାମଏ ।

କ- ମିସ୍‌ତେ - ବନ୍ଧ୍ ସାପା କେରବାଟା ଗୋଟେକ୍ ମିସ୍‌ତେ ଭିର୍‌ତେ କେବାର କାମ୍ ।

ଓ- ସାଉଁଳା - ମାଆଙ୍କର ସ୍ନେହଭରା ସାଉଁଳା ମୋତେ ଶାନ୍ତି ଦିଏ ।

ବି- ସାଉଁଳା - ମାଁ ଗେଲଭରା ସାଉଁଳା ମଖେଁ ଶାନ୍ତି ଦେଥେ ।

କ- ସରାତେ - ମାଁର ଲାଡ୍ କେତେ ସାରାଲେ ମକେ ଶାନ୍ତି ମିଲ୍‌ଲିଆ ।

ଓ- ସିଞ୍ଚିବା - କେହି ଅଚେତ ହେଲେ ମୁହଁରେ ପାଣି ସିଞ୍ଚିବା ଉଚିତ୍ ।

ବି- ଝିଟ୍‌ବାର - କୁନ୍‌ହେ ବିହୋସ୍ ହେଯାଲେଁ ମୁହୁଁନେ ପାନି ଝିଟ୍‌ବାର୍ ଉଚିତ୍ ।

କ- - କେନ୍‌କେବେ ମୂର୍ଚ୍ଚାହଲେ ମୁହେ ପାନ୍ ଝିଟ୍‌ବା କାତା ।

ଓ- ସିଲିଣ୍ଡର - ଦୋକାନୀ ସିଲିଣ୍ଡରରେ ଗ୍ୟାସ ବିକ୍ରି କରେ ।

ବି- ସିଲିଣ୍ଡର - ଦୁକାନ୍‌ବାଲା ସିଲିଣ୍ଡରନେ ଗ୍ୟାସ ବିକ୍‌ଥେ ।

କ- ସିଲିଣ୍ଡର - ଦୁକାନବାଲା ସିଲିଣ୍ଡରନେ ଗ୍ୟାସ ବିକ୍‌ଲିଆ ।

ଓ- ସିମ୍ପାଞ୍ଜି - ଆଫ୍ରିକା ଜଙ୍ଗଲରେ ସିମ୍ପାଜିମାନେ ରହନ୍ତି ।

ବି- ସିମ୍ପାଞ୍ଜି - ଆଫ୍ରିକା ଝାଡ୍‌ନେ ସିମ୍ପାଞ୍ଜି ରଥେ ।

କ- ସମ୍ପାଞ୍ଜି - ଆଫ୍ରିକା ଖମ୍‌ନେ ସିମ୍ପାଞ୍ଜି ମନେ ରିତିଆନ୍ ।

ଓ- ସିଂହ - ସିଂହ ସବୁଠାରୁ ବଳବାନ ପଶୁ ଅଟେ ।

ବି- ସିଂ - ସିଂ ସବ୍‌ଲେ ବଲୁଆ ଯିବ୍ ଆଏ ।

କ- ସିଂହ - ସିଂହ ସବୁଠାନୁ ବଲଥେବା ଜନ୍ତୁ ।

ଓ- ସୀମା - ଆମ ଦେଶକୁ ସୀମା ସୁରକ୍ଷା ବାହିନୀ ଜଗନ୍ତି ।

ବି- ସୀମା - ହାମର୍ ଦେଶ୍‌କେ ସୀମା ସୁରକ୍ଷା ବାହିନୀ ଜଗେହେ ।

କ- ସୀମା - ଆମ ଦେଶକେ ସୀମାରକ୍ଷା କେରବାର୍ ବଲ୍ ଜୁଗ୍‌ତିଆନ ।

ଓ- ସୁସ୍ଥ - ଦୀର୍ଘ ଦିନ ପରେ ମୋର ଜେଜେ ସୁସ୍ଥ ହେଲେ ।

ବି- ବଢ଼ିଆ - କତନିକତକ୍ ଦିନ୍ ପଛେଁ ମୋର୍ ଦାଦୀ ବନେ ହେସ୍ ।

କ- ବନେ - ଖୋବ୍ ଦିନ୍ ପେଚେ ଆମ୍ ଦାଦି ବନେ ହଲ ।

ଓ- ସୁଯୋଗ - ଗତବର୍ଷ ମୁଁ ଚିଲିକା ଦେଖିବାର ସୁଯୋଗ ପାଇଥିଲି ।

ବି- ସୁଯୋଗ୍ - ଗଲା ବରଷ୍ ମେ ଚିଲିକା ଦେଖ୍‌ବାର୍ ସୁଯୋଗ୍ ପାଏ ଗେହେଁ ।

କ- ସୁଯୋଗ - ଗଲାବରସ୍ ମୁଇ ଚିଲ୍‌କା ଦେଖବାର ସୁଯୋଗ ପାତେଲି ।

ଓ- ସୁନ୍ଦର - ଆମ ଗାଁ ପାହାଡ଼ ଦୂରରୁ ସୁନ୍ଦର ଦିଶେ ।

ବି- ଅଏନ୍ - ହାମର୍ ଗାଁ ଡଙ୍ଗରୀ ଦୁରିଆଲେ ଅଏନ୍ ଦିଶ୍‌ଥେ ।

କ- ବନେ - ଆମର ଗାଁ ଡଙ୍ଗର ଧ୍ୱରୁନୁ ବନେ ଦିଶ୍‌ଲିଆ ।

ଓ- ସୁଫଳ - ଶ୍ରମ କଲେ ସୁଫଳ ମିଳେ ।

ବି- ସୁଫଳ - ଶ୍ରମ୍ କର୍‌ଲେଁ ସୁଫଲ୍ ମିଲ୍‌ଥେ ।

କ- ବନେଫଲ - କାମ୍ କେଲେ ବନେଫଲ୍ ମିଲ୍‌ଲିଆ ।

ଓ- ସୁସ୍ୱାଦ - ସପେଟା ଏକ ସୁସ୍ୱାଦ ଫଳ ଅଟେ ।

ବି- ସୁଆଦିଆ - ସପେଟା ଗୋଟେକ୍ ସୁଆଦିଆ ଫଲ ଆଏ ।

କ- ମିଠା - ସପେଟା ଗଟେକ୍ ମିଠା ଫଲ୍ ।

ଓ- ସୁଆଦିଆ - ଅମୃତ ଭଣ୍ଡା ଏକ ସୁଆଦିଆ ଫଳ ଅଟେ ।

ବି- ସୁଆଦିଆ - ଅରମୁତ୍ ମଡ଼ା ଗୋଟେକ୍ ସୁଆଦିଆ ଫଳ ଆଏ ।

କ- ସୁଆଦ - ଅମୃତମାଡା ଗଟେକ୍ ସୁଆଦ୍ ଫଲ୍ ।

ଓ- ସୂର୍ଯ୍ୟ - ସୂର୍ଯ୍ୟକିରଣ ବାଜି ଜଳ ବାଷ୍ପ ହୁଏ ।

ବି- ବେଲ୍ - ବେଲ୍ ଧାଜ୍ ପାଲେଁ ପାନି ଫାଫ୍ ହଥେ ।

କ- ବେଲ - ବେଲରଖାରା ବାଜ୍‌ତେ ପାଏନ୍ ଫାଫ ହୁଲିଆ ।

ଓ- ସ୍ବରଯନ୍ତ୍ର - ରେଡିଓ ଏକ ସ୍ବରଯନ୍ତ୍ର ଅଟେ ।

ବି- ସୂର୍‌ଯନ୍ତର - ରେଡୁ ଗୋଟେକ୍ ସୂର ଯନ୍ତର ଆଏ ।

କ- ସୋରଯନ୍ତ୍ର - ରେଡିଓ ଗଟେକ୍ ସୋର୍‌ଯନ୍ତ୍ର ।

ଓ- ସୂଚକ - ଥର୍ମୋମିଟରରେ ପାରଦ ସୂଚକ ଭଳି କାମ କରେଁ ।

ବି- ସୂଚକ - ଥର୍ମୋମିଟର ନେ ପାରଦ୍ ସୂଚକ ଭଲିଆ କାମ୍ କର୍‌ଥେ ।

କ- ଚିନା - ଥର୍ମୋମିଟର୍‌ନେ ପାରଦ୍ ଚିନାପରା କାମ କିଲିଆ ।

ଓ- ସୂଚାଇବା - ବିଦ୍ୟାଳୟରେ ସମୟ ନିର୍ଘଣ୍ଟ ସୂଚାଇବା ଆବଶ୍ୟକ ।

ବି- ସୂଚ୍‌ଇବା - ଇସ୍‌କୁଲ୍‌ନେ ସମେ ନିର୍ଘଣ୍ଟ ସୂଚ୍‌ଇବା ଦର୍‌କାର୍ ।

କ- ଲେଖାହବାର - ଇସ୍କୁଲନେ ସମିଆ ଲେଖାହବାର୍ କାତା ।

ଓ- ସୂଚନା - ପ୍ରଧାନ ଶିକ୍ଷକ ପରୀକ୍ଷା ସମ୍ବନ୍ଧରେ ସୂଚନା ଦେଲେ ।

ବି- ବତାଏସ୍ - ପ୍ରଧାନ ଶିକ୍ଷକ ପରୀକ୍ଷା ସମ୍ବନ୍ଧରେ ବତା ଦେସ୍ ।

କ- ଜାନାଲେ - ହେଡମାଷ୍ଟର୍ ପର୍‌କ୍ଷିଆ ବିଷୟନେ ଜାନାଲେ ।

ଓ- ସୂତ୍ର - ବାପା କଳି ସମାଧାନର ସୂତ୍ର ବାହାର କଲେ ।

ବି- ଧରା - ବୁଆ କଳି ସମାଧାନକେ ଧରା ବାହାର୍ କରେସ୍ ।

କ- ସୂତ୍ର - ବୁଆ ଝଗ୍‌ଡା ସମାଧାର୍ମୁଲ୍‌ବାରକେଲେ ।

ଓ- ସୂଚୀ - ନାବିକ କମ୍ପାସ ସୂଚୀ ଚୁମ୍ବକଟିଏ ଥାଏ ।

ବି- ସୂଚୀ - ନାବିକ କମ୍ପାସ୍‌ନେ ସୂଚୀ ଚୁମ୍‌କଟେ ରଥେ ।

| | | | |
|---|---|---|---|
| କ- | ସୂଚୀ | - | ନାବିକ କମ୍ପାସ ସୂଚୀ ଚୁମ୍‌କ ଗଟେକ୍ ରିଲିଆ । |
| ଓ- | ସେଠାରେ | - | ମୁଁ ଧାଇଁ ଯାଇ ଦେଖିଲି ସେଠାରେ କେହି ନ ଥିଲା । |
| ବି- | ଉଠାନେ | - | ମେ କୁଇଦ୍ ଯାଏକେ ଦେଖେଁ ଉଠାନେ କୁନେ ନି ରେଇଁ । |
| କ- | ସେଠାନେ | - | ମୁଇ ଧାତେ ଯାତେ ଦେଖିଲି ଯେ ସେତାନେ କେନ ବିନାଇରି । |
| ଓ- | ସେବା | - | ବରିଷ୍ଠ ନାଗରିକ ମାନଙ୍କୁ ସେବା କରିବା ଉଚିତ୍ । |
| ବି- | ସେବା | - | ବଡ୍‌ଖା ନାଗରିକ୍ ମନ୍‌କେ ସେବା କର୍‌ବାର୍ ଉଚିତ । |
| କ- | ସେବା | - | ବଡ୍ ଲୋକମନ୍‌କେ ସେବା କେର୍‌ବାର୍ କାତା । |
| ଓ- | ସେପଟେ | - | ଏ ପଟେ ରାସ୍ତା ବନ୍ଦ ସେପଟେ ଆସ । |
| ବି- | ଉଫାକ୍ | - | ଇଫାକ୍ ରସ୍‌ତା ବନ୍ଦ୍ ଉଫାକ୍‌ଲେ ଆହି । |
| କ- | ସେବାଟେ | - | ଇବାଟ୍‌କେ ରାସ୍ତା ବନ୍ଦହଲାଚେ ସେବାଟେ ହତେ ଆସା । |
| ଓ- | ସେମାନେ | - | ସେମାନେ ଗୀତ ଗାଉଛନ୍ତି । |
| ବି- | ଉଟାମନେ | - | ଉଟାମନ୍ ଗାନା ଗାଥେ । |
| କ- | ସେମନେ | - | ସେମନେ ଗୀତ ଗାଚେତ୍ । |
| ଓ- | ସେହିତ | - | ମିଲି, ଆମ ଶ୍ରେଣୀ ମିନିଟର୍ । |
| ବି- | ରଟା | - | ମିଲି, ହାମର ଶ୍ରେଣୀକେ ମନିଟର୍ । |
| କ- | ସେ | - | ମିଲି, ସେ ଆମର୍ ଶ୍ରେଣୀର୍ ମନିଟର୍ । |
| ଓ- | ସ୍ନେହ | - | ଆମେ ପିତା ମାତାଙ୍କର ସ୍ନେହ ଆଦର ପାଇ ବଢିଛୁ । |
| ବି- | ସେନ୍‌ହ | - | ହାମେ ବୁଆ ଆୟାକେ ସେନ୍‌ହ ଆଦର୍ ପାଏକେ ବଢ୍ରେହେଁ । |
| କ- | | - | ଆମେ ବୁଆ ମାଁର୍ ସ୍ନେହ ଆର୍ ଆଦର୍ ପାଆତେ ବଡ୍‌ଲାଚୁ । |
| ଓ- | ସେଓ | - | ଆମ ଅଞ୍ଚଳରେ ସେଓ ଚାଷ ହୁଏ ନାହିଁ । |
| ବି- | ସେଉ | - | ହାମର୍ ଏରିଆନେ ସେଉ ଚାସ୍ ନହଏ । |
| କ- | ସେଓ | - | ଆମର୍ ଅଞ୍ଚଲ୍‌ନେ ସେଓ ଚାଷ ନା ହୁଏ । |

ଓ- ସେହି - ସେହି ଘରେ ମୋର ବନ୍ଧୁ ରହନ୍ତି ।

ବି- ଉ - ଉ କୁରିଆନେ ମୋର ସଂଘ ରହଥେ ।

କ- ସେ - ସେ ଘେରେ ମୋର୍ ସାଙ୍ଗ୍ ରିଇତିନ୍ ।

ଓ- ସେହିପରି - ସେହିପରି କାମ କରିବା ଅନୁଚିତ ।

ବି- ଅନ୍ତା - ଅନ୍ତା କାମ କର୍‌ବାର୍‌ଟା ଉଚିତ୍ ନିହେ ।

କ- ସେନ୍ତା - ସେନ୍ତାକାମ ନା କେର୍‌ବା କାତା ।

ଓ- ସେନାପତି - ସେନାପତି ଯୁଦ୍ଧ ଚଲାନ୍ତି ।

ବି- ସେନାପତି - ସେନାପତି ଯୁଦ୍ ଚଲାଥେ ।

କ- ଦଳପତି - ଦଳପତି ଯୁଦ୍ଧ୍ ଚଲାତିଆନ୍ ।

ଓ- ସଦନ - ବଡ଼ ହେଲେ ମୁଁ ସେବା ସଦନଟିଏ ଖୋଲିବି ।

ବି- ସଦନ - ବଡ଼େ ହେଯାଲେଁ ମେଁ ସେବା ସଦନ୍ ଗୋଟେକ୍ ଖୋଲହିଁ ।

କ- ସଦନ - ବଡ଼ ହଲେ ମୁଇ ସେବା ସଦନ୍ ଗୋଟେକ୍ ଖୁଲ୍‌ମି ।

ଓ- ସୈନ୍ୟ - ସୈନ୍ୟମାନେ ଯୁଦ୍ଧ କରନ୍ତି ।

ବି- ସୈନ୍ - ସୈନ୍‌ମନେ ଯୁଦ୍ କରଥେ ।

କ- ସୈନ୍ୟ - ସୈନ୍ୟମନେ ଯୁଦ୍ଧ୍ କିରତିଆନ୍ ।

ଓ- ସୌରମଣ୍ଡଳ - ସୂର୍ଯ୍ୟ ଓ ନଅଟି ଗ୍ରହକୁ ନେଇ ସୌରମଣ୍ଡଳ ।

ବି- ସୌରମଣ୍ଡଲ୍ - ବେଲ ଔର ନଟାଁ ଗରହକେ ଲେକେ ସୌରମଣ୍ଡଲ୍ ।

କ- ବେଲମଣ୍ଡଲ୍ - ବେଲ୍ ଆରୁ ନଅଟା ଗ୍ରହକେ ନେତେ ବେଲ୍ ମଣ୍ଡଳ ।

ଓ- ସ୍ୱପ୍ନ - ମୁଁ ଆଜି ଗୋଟିଏ ଭଲ ସ୍ୱପ୍ନ ଦେଖିଲି ।

ବି- ସପନ୍ - ମିଇଁ ଆଏଜ୍ ଗୋଟେକ୍ ବନେ୍ ସପନ୍ ଦେଖେଁ ।

କ- ସପନ - ମୁଇ ଆଜ୍ ଗୋଟେକ୍ ବନେ ସପନ୍ ଦିଖ୍‌ଲି ।

ଓ- ସଭାବ - ରମାର ସଭାବ ଅତି ସୁନ୍ଦର ଅଟେ ।

ବି- ବେଭାର୍ - ରମାକେ ବେଭାର୍ ଭାରି ସୁନ୍ଦର ଏ ।

କ- ବେଭାର୍ - ରମାର ବେଭାର୍ ଖୋବ୍ ବନେ ।

ଓ- ସଛ - ଗୋଳିଆ ପାଣି ବସିଗଲେ ସଛ ଦେଖାଯାଏ ।

ବି- ଫଟିଂ - ଗୋନ୍ଦାଲ୍ ପାନି ବଏସ୍‌ଯାଲେଁ ଫଟିଂ ଦିଶ୍‌ଥେ ।

କ- ନିର୍ମଲ୍ - କାଦୋ ପାନ୍ ବସ୍‌ଲେ ନିର୍ମଲ୍ ଦିଶ୍‌ଲିଆ ।

ଓ- ସର - ଗିମି ସର ବଦଳାଇ କଥାହୋଇପାରେ ।

ବି- ସୋର୍ - ଗିମି ସୋର୍ ବଦ୍‌ଲାଏ୍‌କେ କହନ୍ ସକ୍‌ଥେ ।

କ- - ଗିମୀ ସର୍ ବଦ୍‌ଲାତେ କାତା ହୁଇପାର୍‌ଲିଆ ।

ଓ- ସୟଂଚାଳିତ - ଏଟିଏମ୍ ସଂୟଚାଳିତ ଯନ୍ତ୍ର ଅଟେ ।

ବି- ସୟଂଚାଳିତ - ଏଟିଏମ୍ ସୟଂଚାଳିତ ଯନ୍ତର୍ ଆଏ୍ ।

କ- ନିଜେ - ଏଟିଏମ୍ ନିଜେ ଚ୍ଲଥେବା ଯଂତ୍ରା ।

ଓ- ସାଧିନ - ଆମେ ସାଧୀନ ଭାବରେ କାର୍ଯ୍ୟ କରିପାରୁ ।

ବି- ସାଧୀନ୍ - ହାମେ ସାଧୀନ୍ ହିସାବେଁ କବାର୍ କର୍‌ସକ୍‌ଥିଁ ।

କ- ସାଧିନ - ଆମେ ସାଧିନ୍‌ଭାବେ କାମ୍ କିରିପାର୍‌ନୁଆନ୍ ।

ଓ- ସାସ୍ଥ୍ୟ - ଆମ ବିଦ୍ୟାଳୟରେ ସାସ୍ଥ୍ୟ ପରୀକ୍ଷା କରାଗଲା ।

ବି- ଦିହିଁ - ହାମର ଇସ୍‌କୁଲ୍‌ନେ ଦିହିଁ ପରୀକ୍ଷା କରାଯାଏସ୍ ।

କ- ସାସ୍ଥ୍ୟ - ଆମର୍ ଇସ୍କୁଲ୍‌ନେ ସାସ୍ଥ୍ୟ ପରିକ୍ଷା କେରାହଲ ।

ଓ- ସାସ୍ଥ୍ୟସେବା - ସରକାର ସାସ୍ଥ୍ୟ ସେବା ଯୋଗାଇ ଦିଅନ୍ତି ।

ବି- ସାସ୍ଥ୍ୟସେବା - ସରକାର ସାସ୍ଥ୍ୟସେବା ଯୋଗା ଦେଥେ ।

କ- ସାସ୍ଥ୍ୟସେବା - ସର୍‌କାର୍ ସାସ୍ଥ୍ୟସେବା ଜଗାଦିତିଆନ୍ ।

ଓ- ସଭାବ - ରମାର ସଭାବ ଅତି ସୁନ୍ଦର ଅଟେ ।

ବି- ବେଭାର୍ - ରମାକେ ବେଭାର୍ ଭାରି ସୁନ୍ଦର ଏ ।

କ- ବେଭାର୍ - ରମାର ବେଭାର୍ ଖୋବ୍ ବନେ ।

ଓ- ସଚ୍ଛ - ଗୋଳିଆ ପାଣି ବସିଗଲେ ସଚ୍ଛ ଦେଖାଯାଏ ।

ବି- ଫଟିଂ - ଗୋନ୍ଦାଲ୍ ପାନି ବଏସ୍ଯାଲେଁ ଫଟିଂ ଦିଶ୍‌ଥେ ।

କ- ନିର୍ମଲ୍ - କାଦୋ ପାନ୍ ବସ୍‌ଲେ ନିର୍ମଲ୍ ଦିଶ୍‌ଲିଆ ।

ଓ- ସର - ରିମି ସର ବଦଳାଇ କଥାହୋଇପାରେ ।

ବି- ସୋର୍ - ରିମି ସୋର୍ ବଦ୍‌ଲାଏ୍‌କେ କହନ୍ ସକ୍‌ଥେ ।

କ- - ରିମୀ ସର୍ ବଦ୍‌ଲାତେ କାତା ହୁଇପାର୍‌ଲିଆ ।

ଓ- ସୟଂଚାଳିତ - ଏଟିଏମ୍ ସଂୟଚାଳିତ ଯନ୍ତ୍ର ଅଟେ ।

ବି- ସୟଂଚାଳିତ - ଏଟିଏମ୍ ସୟଂଚାଳିତ ଯନ୍ତର୍ ଆଏ୍ ।

କ- ନିଜେ - ଏଟିଏମ୍ ନିଜେ ଚ଼ଲଥେବା ଯଂତ୍ରା ।

ଓ- ସାଧିନ - ଆମେ ସାଧୀନ ଭାବରେ କାର୍ଯ୍ୟ କରିପାରୁ ।

ବି- ସାଧୀନ୍ - ହାମେ ସାଧୀନ୍ ହିସାବେଁ କବାର୍ କର୍‌ସକ୍‌ଥିଁ ।

କ- ସାଧିନ - ଆମେ ସାଧିନ୍‌ଭାବେ କାମ୍ କିରିପାର୍‌ନୁଆନ୍ ।

ଓ- ସାସ୍ଥ୍ୟ - ଆମ ବିଦ୍ୟାଳୟରେ ସାସ୍ଥ୍ୟ ପରୀକ୍ଷା କରାଗଲା ।

ବି- ଦିହିଁ - ହାମର ଇସ୍‌କୁଲ୍‌ନେ ଦିହିଁ ପରୀକ୍ଷା କରାଯାଏସ୍ ।

କ- ସାସ୍ଥ୍ୟ - ଆମର୍ ଇସ୍କୁଲ୍‌ନେ ସାସ୍ଥ୍ୟ ପରିକ୍ଷା କେରାହଲ ।

ଓ- ସାସ୍ଥ୍ୟସେବା - ସରକାର ସାସ୍ଥ୍ୟ ସେବା ଯୋଗାଇ ଦିଅନ୍ତି ।

ବି- ସାସ୍ଥ୍ୟସେବା - ସରକାର ସାସ୍ଥ୍ୟସେବା ଯୋଗା ଦେଥେ ।

କ- ସାସ୍ଥ୍ୟସେବା - ସର୍‌କାର୍ ସାସ୍ଥ୍ୟସେବା ଜଗାଦିତିଆନ୍ ।

ଓ- ସ୍ୱାର୍ଥ - ଆଜିକାଲି ସମସ୍ତେ ସ୍ୱାର୍ଥ ଚେଷ୍ଟା କରୁଛନ୍ତି ।

ବି- ସ୍ୱାର୍ଥ - ଆଏଜ୍ କାଏଲ୍ ସବୋଝନ୍ ନିଜର ସ୍ୱାର୍ଥ କାଜେ ଚେଷ୍ଟା କର୍‌ଥେ ।

କ- ସ୍ୱାର୍ଥ - ଆଜ୍‌କାଲ୍ ସବୁଲୋକ୍ ସ୍ୱାର୍ଥ କାଜେ ଚେଷ୍ଟା କେରଚେତ୍ ।

ଓ- ସ୍ୱାସ୍ଥ୍ୟକେନ୍ଦ୍ର - ପ୍ରତି ପଞ୍ଚାୟତରେ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି ।

ବି- ସ୍ୱାସ୍ଥ୍ୟକେନ୍ଦ୍ର - ସବ୍ ପଞ୍ଚେତନେ ହସ୍‌ପାତାଲ ଏହେ ।

କ- ଉସ୍‌ପାତାଲ୍ - ସବୁ ପଞ୍ଚାୟତ୍‌ନେ ଉସ୍‌ପାତାଲ୍ ଆଚେ ।

ଓ- ସ୍ଥଳୀ - ଜଙ୍ଗଲ ଜୀବଜନ୍ତୁଙ୍କ ବାସସ୍ଥଳୀ ଅଟେ ।

ବି- ଠାନ୍ - ଜଙ୍ଗଲ ଜୀବ୍‌ଯନ୍ତୁଁକେ ରେହେବାର ଠାନ୍ ଏ ।

କ- ରେବାର୍ - ଖମନ୍ ଜୀବ ଯନ୍ତୁ ମନ୍‌ଙ୍କର୍ ରେବାର ଜାଗା ।

ଓ- ସ୍ଥିର - ସମସ୍ତେ ଏକଯୁଟ ହେବାକୁ ସ୍ଥିର କରାଯାଇଛି ।

ବି- ଠିକ୍ - ସବ୍ ଗୋଟେକ୍ ଠାନେ ହେବାକେ ଠିକ୍ କରେହେ ।

କ- ଠିକ - ସବୁଲୋକ୍ ଗୁଟେକ୍‌ନେ ହବାକେ ଠିକ୍ କେଲାଚୁ ।

ଓ- ସ୍ଥାନ - ଗାଁର ସବୁସ୍ଥାନ ସଫା ସୁତୁରା ରଖାଯାଉ ।

ବି- ଠାନ୍ - ଗାଁକେ ସବ୍‌ଠାନ୍ ସାଫା ସୁତର୍ ରଖାଯେହି ।

କ- - ଗାଁର୍ ସବୁଜାଗା ସାପାସୁତ୍ରା କେରାଯାଉ ।

ଓ- ସ୍ଥାନୀୟମାନ - ପ୍ରତି ଅଙ୍କର ସ୍ଥାନୀୟ ମାନ ରହିଛି ।

ବି- ସ୍ଥାନୀୟମାନ - ସବ୍ ଅଙ୍କ୍‌କେ ସ୍ଥାନୀୟମାନ ଏହେ ।

କ- ଜାଗା - ସବୁ ଅଙ୍କର୍ ଜାଗା ମନେ ଆଚେ ।

ଓ- ସ୍ଥାପନ - ଆମ ଗ୍ରାମରେ ଡାକ ଘର ସ୍ଥାପନ କରାଗଲା ।

ବି- ଥାପ୍‌ନା - ହାମର ଗରାମେ ଡାକ୍ ଘର ଥାପ୍‌ନା କରାଯାଏସ୍ ।

କ- - ଆମର ଗାଁନେ ଡ଼ାକ୍ ଘେର୍ ଥାପ୍‌ନା କେରାଗଲ ।

ଓ- ସ୍ଥଳଭାଗ - ଆମେ ସ୍ଥଳ ଭାଗରେ ବାସ କରୁ ।

ବି- ସ୍ଥଳଭାଗ - ହାମେ ସ୍ଥଳଭାଗନେ ବସା କରଥିଁ ।

କ- ସ୍ଥଲ୍‌ଭାଗ୍ - ଆମେ ସ୍ଥଲ୍ ଭାଗ୍‌ନେ ରିଅଚୁ ।

ଓ- ସ୍ଥାବର - ଆମର ସ୍ଥାବର ସମ୍ପତ୍ତି କିଛି ନାହିଁ ।

ବି- ସ୍ଥାବର - ହାମର ସ୍ଥାବର୍ ସମ୍ପତ୍ତି କିଛି ନିଏ୍ ।

କ- - ଆମର ସ୍ଥାବର ସମ୍ପତ୍ତି କିଚୁ ନାଇନେ ।

ଓ- ସ୍ପର୍ଶ - ଆଜିକାଲି ସ୍ପର୍ଶ ଦ୍ୱାରା ଚିକିତ୍ସା କରାଯାଇଛି ।

ବି- ଛି - ଆଜ୍ କ୍ୟାଲ୍ ଛି ହେଲେଁ ଚିକ୍‌ସା ହେଯାଥେ ।

କ- ଛିତେ - ଆଜ୍‌କାଲ୍ ଛିତେ କେତେ ଚିକିତ୍ସା କେରାଯାଛେ ।

ଓ- ସ୍ପୃହା - ପଦ ଯାତ୍ରା କରିବାରେ ମୋର ସ୍ପୃହା ନାହିଁ ।

ବି- ଇଛା - ରେଇଙ୍ଗ୍‌ବାକାଜେ ମଗେଁ ଇଛା ନିଲାଗତ୍ ।

କ- ଇଛା - ପାଦେ ଗ୍ୟଲ୍‌ତେ ଯିବାକେ ଜମାର ଇଛା ନାହିଁ ।

ଓ- ସ୍ପଷ୍ଟ - ବହିର ଛବି ଗୁଡ଼ିକ ସ୍ପଷ୍ଟ ଦେଖାଯାଉଛି ।

ବି- ପର୍‌ଘଟ୍ - ବହିକେ ପୁତୁଲାମନ୍ ପର୍‌ଘଟ୍ ଦେଖାଯାଥେ ।

କ- ସାପା - ବହିର୍ ଚିତ୍ର ଚିତ୍ର ସବୁ ସାପା ଦେଖାଯାଆଚେ ।

ଓ- ସ୍ପର୍ଶକ - ପ୍ରତି କୋଣର ଏକାଧିକ ସ୍ପର୍ଶକ ଥାଏ ।

ବି- ସ୍ପର୍ଶକ - ସବ୍ କୋନାକେ ଗୋଟେକ୍‌ଲେ ଜାଦା ସ୍ପର୍ଶକ ରେଥେ ।

କ- ଯୁଡ୍‌ବାଟା - ସବୁ କୁନାର୍ ଗୋଟେକ୍ ନୁ ଅଧିକ୍ ଯୁଡ଼୍‌ବାର୍‌ଟା ଥିଲା ।

ଓ- ସ୍ଫୁର୍ତ୍ତି - ସକାଳେ ବ୍ୟାୟାମ କଲେ ସ୍ଫୁର୍ତ୍ତି ଲାଗେ ।

ବି- ଫୁର୍‌ସତ୍ - ସେଖାଲେଁ କସ୍‌ରତ୍ କରଲେଁ ଫୁର୍‌ସତ୍ ଲାଗ୍‌ଥେ ।

କ- ଫର୍‌ଚା - ସାକାଲେ ବ୍ୟାୟାମ୍ କେଲେ ଫର୍‌ଚା ଲାଗ୍‌ଲ୍ୟା

ଓ- ସ୍ଫୁଲିଙ୍ଗ - ପଥରରେ ଲୁହା ବାଜିଲେ ଅଗ୍ନି ସ୍ଫୁଲିଙ୍ଗ ବାହାରେ ।

ବି- ଜଏଲ୍ - ପଖନାନେ ଲୁହା ପାନେ ଜୋଏ୍ ଜଏଲ୍‌କେ ବାହାର୍‌ଥେ ।

କ- ଜୁଲ୍‌ଲିଆ - ସିଲେ ଲୁଆ ବାଜ୍‌ଲେ ଯଏ ଜୁଲ୍‌ଲିଆ ।

ଓ- ସ୍ଖଳନ - ବର୍ଷା ଦିନେ ପର୍ବତରେ ପଥର ସ୍ଖଳନ ହୁଏ ।

ବି- ଖସଲଥେ - ବର୍ଷା ଦିନେ୍ ଡଙ୍ଗର୍‌କେ ପଖନ ଖସଲ୍‌ଥେ ।

କ- ଘୁରୁଲ୍‌ଲିଆ - ବର୍ଷା ଦିନେ ଡ଼ଙ୍ଗର ଘୁରୁଲ୍‌ଲିଆ ।

ଓ- ସ୍କୁଲ - ସ୍କୁଲ ଏକ ପବିତ୍ର ସ୍ଥାନ ଅଟେ ।

ବି- ଇସ୍‌କୁଲ୍ - ଇସ୍‌କୁଲ୍ ଗୋଟେକ୍ ପବିତ୍ର ଠାନ୍ ଏ ।

କ- ଇସ୍କୁଲ - ଇସ୍କୁଲ୍ ଗୋଟେକ୍ ପବିତ୍ର ଜାଗା ।

ଓ- ସ୍ତ୍ରୀ ଲୋକ - ଜଣେ ସ୍ତ୍ରୀ ଲୋକର ମଜୁରି ପୁରୁଷ ସହିତ ସମାନ ।

ବି- ତୋକିମନ୍‌ଷେ - ଗୋଟେକ୍ ଡ଼ୋକି ମନ୍‌ଷେକେଭୁତି ଡ଼ୋକା ସଙ୍ଗେ ବରୋବର୍ ।

କ- ମାଇଜି - ଗୋଟେକ୍ ମାଇଜିର୍ ମଜୁରି ମୁନୁଷ୍ ସଙ୍ଗେ ସମାନ୍ ।

ଓ- ସ୍ତମ୍ଭ - ପୋଢ଼ ପୂଜାବେଳେ ସ୍ତମ୍ଭଟିଏ ପୋତା ଯାଏ ।

ବି- ଖୁଟା - ପୋଢ଼୍ ପୂଜା ବେଲେଁ ଖୁଟାଗୋଟେକ୍ ଗଡ଼ାଯାଥେ ।

କ- ଖୁଟା - ପୋଢ଼୍ ପୂଜ୍‌ଲା ବେଲ୍‌କେ ଖୁଟା ଗୋଟେକ୍ ଗାଡ଼ା ହୁଲ୍ୟା ।

ଓ- ସ୍ନାନ - ସକାଳ ସ୍ନାନ ଦେହକୁ ହିତ ।

ବି- ଗୋଧିଲେଁ - ସେ କାଲ ଗୋଧୁଆ ଦେହେ କାଜେ ବନେଏ ।

କ- ଗାଦ୍‌ବାର୍ - ସାକାଲେ ଗାଦ୍ୱାର୍‌ଟା ଗାଗର୍‌କେ ବନେ ।

ଓ- ସ୍କେଲ - ସ୍କେଲ ସାହାଯ୍ୟରେ ଗାର କାଟି ମପାଯାଏ ।

ବି- ଇସ୍‌କେଲ୍ - ଇସ୍‌କେଲ୍ ସାହାଜ୍‌ନେ ଗାର୍ ଢିଚ୍‌କେ ନପାଯଥେ ।

କ- ସ୍କେଲ୍ - ସ୍କେଲ୍ ସାହାର୍ଯ୍ୟରେ ଗାର୍ ଘିଚ୍‌ତେ ନାପାଯାଇଲ୍ୟା ।

## 'ଷ'

ଓ- ଷଣ୍ଡ - ବଜାରରେ ଷଣ୍ଢଟିଏ ଉତ୍ପାତ କରୁଛି ।

ବି- ଷୋଣିଆ - ହାଟ୍‌ନେ ଷୋଣିଆ ଟୋଟେକ ଉତ୍‌ପାତ୍ କରଥେ ।

କ- ଷଣ୍ - ହାଟେ ଷଣ୍ ଗୋଟେକ ଦୁଷ୍ଟ ହଅଚେ ।

## -ଶ-

ଓ- ଶବ୍ଦ - ରାତିରେ ଶବ୍ଦ ଅଧିକ ଦୂରକୁ ଯାଇପାରେ ।

ବି- ଅବାଜ୍ - ରେତ୍‌ନେ ଅବାଜ୍ ପୋର୍‌ଲେ ଧୁରିଆ ଯାଥେ ।

କ- ଶବଦ୍ - ରାତିନେ ଶବଦ୍ ଖୋବ୍ ଦୂର୍‌କେ ଯାଇଲ୍ୟା ।

ଓ- ଶସ୍ୟ - ଶସ୍ୟ ଅମଳ ବେଳେ ଗାଁ ମୁଖରିତ ହୋଇଥାଏ ।

ବି- ଫସଲ - ଫସଲ୍ କେ ଅମଲ ସମିଆନେ ଗାଁ ହାଁସତ୍ ରେଥେ ।

କ- ଶସ୍ୟ - ଚାଷ ଅମଲ୍ ବେଲ୍‌କେ ଗାଁ ଆନ୍‌ନ୍ଦ ହତେଲିଆ ।

ଓ- ଶର୍ଦ୍ଦି - ରମାକୁ ଗତ କାଲିଠାରୁ ଶର୍ଦ୍ଦି ଜ୍ୱର ଧରିଛି ।

ବି- ଜୁଡ୍ - ରମାକେ କାଏଲ୍‌ଲେ ଜୁଡ୍ ଜର୍ ଧେରେହେ ।

କ- ଲେସମ୍ - ରମାକେ ପୋଇ୍ ଦିନୁନ୍ ଲେସମ୍ ଜର ଧେର୍‌ଲାଚେ ।

ଓ- ଶକ୍ତି - ଭାତ, ରୋଟି ଇତ୍ୟାଦିରୁ ଆମକୁ ଶକ୍ତି ମିଳେ ।

ବି- ତାକତ୍ - ବାସୀ, ରୁଟିଲେ ହାମ୍‌କେ ତାକତ୍ ମିଲ୍‌ଥେ ।

କ- ବଲ୍ - ଭାତ୍, ରୁଟି ନୁନ୍ ଆମ୍‌କେ ବଲ୍ ମିଲ୍ୟା ।

ଓ- ଶର - ଆଗ କାଳରେ ଧନୁଶର ଧରି ଯୁଦ୍ଧ କରୁଥିଲେ ।

ବି- କାଁଣ - ଅଘିଲ୍ କାଲେଁ ଧନୁକାଁଣ ଧେର୍‌କେ ଯୁଦ୍ଧ କରତ୍ ରେହେସ୍

କ- କାଣ୍ - ଆଗେ ପୂର୍ବେ ଧନୁନ୍‌କାଣ୍ ଧେର୍‌ତେ ଯୁଦ୍ କେରଥେଲେ ।

ଓ- ଶଶୀ - ଶରତ ଶଶୀ ନିର୍ମଳ ଦେଖାଯାଏ ।

ବି- ଜନ୍ - ଶରତ୍ ଜନ୍ ଫଟିଂ ଦିଖ୍‌ଥେ ।

କ- ଜନ - ଦାସ୍‌ରା ମାସର୍ ଜନ୍ ସାପା ଦିସ୍‌ଲିଆ ।

ଓ- ଶଙ୍ଖା - ଶଙ୍ଖାରୀ ଶଙ୍ଖା ସଜାଇ ରଖିଛି ।

ଢି- ଫେରୀ - ଫେରୀବାଲା ଫେରୀ ସଜାକେ ରଖେହେ ।

କ- ଚୁଡ଼ି - ଚୁଡ଼ିବାଲା ଚୁଡ଼ି ସଜାତେ ରାଖିଲାଚେ ।

ଓ- ଶରୀର - ସୁସ୍ଥ ଶରୀର ସୁସ୍ଥ ମନ ।

ଢି- ଦେହେଁ - ବନେ ଦେହେଁ ପରଛା ମନ୍ ।

କ- ଗାଗର୍ - ସୁସ୍ଥ ଗାଗର୍ ସୁସ୍ଥ ମନ୍ ।

ଓ- ଶରଣ - ଗରୀବ ଲୋକ ଧନୀ ଠାରେ ଶରଣ ନିଅନ୍ତି ।

ଢି- ଅସରା - ଗରୀବ ମନ୍‌ଷେ ଧନୀ ଠାନେ ଅସ୍‌ରା ଲେଥେ ।

କ- ଗୋଡ଼୍‌ଧିର୍‌ତିଆନ-ଗରିବ ଲୋକ୍‌ମନେ ଧନିମନଙ୍କର୍ ଗୋଡ୍ ଧେରତିଆନ୍ ।

ଓ- ଶରଧା - ମାହାତ୍ମାଗାନ୍ଧୀଙ୍କୁ ଆମେ ଶରଧାରେ ବାପୁ ଡାକୁ ।

ଢି- ଗେଲେଁ - ମହାତ୍ମା ଗାନ୍ଧୀକେ ହାମେ ଗେଲେଁନେ ବାପୁ ଡାକ୍‌ଥେଁ ।

କ- ସାର୍‌ଦା - ମହାତ୍ମାଗାନ୍ଧୀ କେ ଆମେ ସାରସାମନେ ବାପୁବଲତେ ଡ଼ାକ୍‌ନୁଆଁ ।

ଓ- ଶ୍ରବଣ - ଶ୍ରବଣ ଭିନ୍ନକ୍ଷମ ମାନଙ୍କୁ ଶ୍ରବଣ ଯନ୍ତ୍ର ଦିଆଗଲା ।

ଢି- ଶୁନ୍‌ବାର - ଭଏଁରା ଦୁର୍‌ବଲିଆ ମନକେ ଶୁନ୍‌ବାର ଯନ୍ତର ଦିଆଯାଏସ୍ ।

କ- ଶୁନ୍‌ବାର - ଭଁଏରା ମନ୍‌କେ ଶୁନ୍‌ବାର ଯନ୍ତ୍ର ଦିଆଗଲ ।

ଓ- ଶସ୍ତ୍ର - ଜଣେ ସୈନ୍ୟ ଅସ୍ତ୍ର ଶସ୍ତ୍ରରେ ସଜିତ ଥାଏ ।

ଢି- ହତିଆର - ଗୋଟେକ୍ ସୈନ୍ ହାତ୍ ହଥିଆର୍ ନେ ସଜାହେକେ ରେହେସ୍ ।

କ- ଶସ୍ତ୍ର - ଗୋଟେକ୍ ସୈନ୍ୟ ଅସ୍ତ୍ରଶସ୍ତ୍ରନେ ସଜେଇ ହତେଲ୍ୟା ।

ଓ- ଶଙ୍ଖ - ଆମର ଗୋଟିଏ ଶଙ୍ଖ ବିଲେଇ ଅଛି ।

ବି- ଶଙ୍ଖି - ହାମର୍ ଗୋଟେକ୍ ଶଙ୍ଖି ବିଲେଇ ଏହେ ।

କ- ଶଙ୍ଖ - ଆମର୍ ଗୋଟେକ ଶଙ୍ଖମିନ ଅଚେ ।

ଓ- ଶତକ - ଶହେରେ ଏକ ଶତକ ସ୍ଥାନରେ ଥାଏ ।

ବି- ଶତକ୍ - ଶଏନେ ଗୋଟେକ୍ ଶତକ ଜାଗାନେ ରେଥେ ।

କ- ଶହ - ଶଏନେ ଏକ୍ ଶହ ଘେରେ ଥିଲିଆ ।

ଓ- ଶାନ୍ତି - ଆଜିକାଲି ସମସ୍ତଙ୍କୁ ଶାନ୍ତି ଆବଶ୍ୟକ ହେଉଛି ।

ବି- ଶାନ୍ତି - ଏଜ୍‌କେଲ୍ ସବ୍‌କେ ଶାନ୍ତି ଦର୍‌କାର୍ ହେଥେ ।

କ- ଶାନ୍ତି - ଆଜ୍‌କାଲ୍ ସବୁଲୋକ୍‌କେ ଶାନ୍ତି ଦର୍‌କାର୍ ।

ଓ- ଶାଳ - ଆମ ଗାଁ ପାହାଡ଼ରେ ବଡ଼ ବଡ଼ ଶାଳ ଗଛ ଅଛି ।

ବି- ସର୍‌ଗି - ହାମର୍ ଗାଁ ଡ଼ଙ୍ଗରୀନେ ବଡ଼େ ବଡ଼େ ସର୍‌ଗି ଗଛ ଏହେ ।

କ- ରେଙ୍ଗାଲ୍ - ଆମର୍ ଗାଁର୍ ଡ଼ଙ୍ଗରନେ ବଡ଼ ବଡ଼ ରେଙ୍ଗାଲ୍ ଗେଚ ଆଚେ ।

ଓ- ଶାସ୍ତି - ପିଲାମାନଙ୍କୁ ଶାସ୍ତି ଦେବା ଅନୁଚିତ୍ ।

ବି- ଶଜା - ଛୁଆ ମନ୍‌କେ ଶଜା ଦେବା ମନା ଏ ।

କ- ଦଣ୍ଡ - ପିଲାମନ୍‌କେ ଡଣ ନା ଦେବାର୍ କାତା ।

ଓ- ଶାସନ - ନିର୍ବାଚିତ ସରକାର ଦେଶ ଶାସନ କରନ୍ତି ।

ବି- ଶାସନ୍ - ଭୋଟ୍ ନେ ଜିତା ସର୍‌କାର୍ ଦେଶ୍ ଶାସନ୍ କର୍‌ଥେ ।

କ- ଶାସନ୍ - ଭୋଟ୍ ଜିତ୍‌ଲା ସର୍‌କାର୍ ଦେଶ୍‌କେ ଶାସନ୍ କିର୍‌ତିଆ ।

ଓ- ଶାସକ - ଆମ ଦେଶରେ ଅନେକ ଉତ୍ତମ ଶାସକ ଅଛନ୍ତି ।

ବି- ଶାସକ୍ - ହାମର୍ ଦେଶ୍‌ନେ ଗୁର୍‌ଦୁ ବଢିଆ ଶାସକ ଏହେ ।

କ- ଶାସକ - ଆମର୍ ଦେଶନେ୍ ଅନେକ ବନେ ଶାସକ୍ ଅଚେତ୍ ।

ଓ- ଶାଗୁଆ - ଶୁଆ ଦେହର ରଙ୍ଗ ଶାଗୁଆ ଅଟେ ।

ବି- ସାଗ୍ରସିଆ - ଗୁପୋ ଦେହେଁକେ ରଙ୍ଗ ସାଗ୍ରସିଆ ଆଏ୍ ।

କ- ପତର୍ - ଗୁପର୍ ଗାଗର୍ ରଙ୍ଗ୍ ପତର୍ ପରା ।

ଓ- ଶାଗୁଣା - ଆଜି କାଲି ଶାଗୁଣା ମାନେ ଲୋପ ପାଇଗଲେ ।

ବି- ଗାବନ୍ - ଆଏଜ୍‌କାଏଲ୍ ଗାବନ୍‌ମନେ ଉଭାଏ୍ ଯାଏସ୍ ।

କ- ଗାବଣ - ଆଜ୍‌କାଲ୍ ଗାବଣ୍‌ମେନେ ଶେଷ ହଲେନେ ।

ଓ- ଶିଖିଲେ - ଆମ ସ୍କୁଲର ଝିଅମାନେ ଓଡ଼ିଶୀ ନୃତ୍ୟ ଶିଖିଲେ ।

ବି- ଶିଖେହେ - ହାମର ଇସ୍‌କୁଲକେ ଟୁକେଲ୍‌ମନେ ଓଡ଼ିଶୀ ନାଚ୍ ଶିଖେଏସ୍ ।

କ- ଶିଖ୍‌ଲେ - ଆମର୍ ଇସ୍କୁଲ୍‌ନେ ଟୁକିଲ୍‌ମନେ ଓଡ଼ିଶୀ ନାଚ ଶିଖ୍‌ଲେ ।

ଓ- ଶିଶିର - ଶୀତ ଋତୁରେ ଶିଶିର ପଡ଼େ ।

ବି- ଓଷ - ଶୀତ ରିତୁଥି ଉଷ୍ ପଡ଼୍‌ଥେ ।

କ- ଓସ୍ - ଶୀତ୍ ଦିନେ ଓସ୍ ପୁଡ଼୍‌ଲିଆ ।

ଓ- ଶିଶୁ - ଶିଶୁ ଅଧିକ ଯତ୍ନ ଆବଶ୍ୟକ କରେ ।

ବି- ଛୁଆ - ଛୁଆ କତ୍‌ନିକ୍ କତକ୍ ଯତନ୍ ଦରକାର୍ କର୍‌ଥେ ।

କ- ଛୁଆ - ଛୁଆକେ ଅଧିକ ଯତନ୍ କେବାକେ ପୁଡ଼୍‌ଲିଆ ।

ଓ- ଶିଳ - ଶିଳରେ ବେସର ବଟାଯାଏ ।

ବି- ଶିଲ୍ - ଶିଲ୍‌ନେ ବେସାର୍ ବଟାଯାଥେ ।

କ- ଶିଲେ - ଶିଲେ ବେସର୍ ବାଟା ହୁଲ୍ୟା ।

ଓ- ଶିମ୍ବଲଟା - ଶିମ୍ବଲଟା ରଙ୍ଗାରେ ମାଡିଯାଇଛି ।

ବି- ଶେମିଡିର୍ - ଶେମିଡ଼ିର୍ ଗାଏଁନ୍‌ନେ ଭର୍‌ଯାଏ୍‌ହେ ।

କ- ସିମଡ଼ିର୍ - ସିମଡ଼ିର୍ ରଙ୍ଗାନେ ଚିଗ୍‌ଲିଆ ।

ଓ- ଶିଆଳି - ଶିଆଳି ପତ୍ରରେ ଖଲି ତିଆରୀ ହୁଏ ।

ବି- ଶିଏଲ୍ - ଶିଏଲ୍ ପତର୍‌ନେ ଖଲି ବନ୍‌ଥେ ।

କ- ଶିଆଲ୍ - ଶିଆଲ୍ ପତ୍ରେ ଖଲି ତିଆର ହୁଇଲିଆ ।

ଓ- ଶୀତ - ପ୍ରବଳ ଶୀତରେ କିଛି ଲୋକ ମରିଯାଆନ୍ତି ।

ବି- ଶୀତ୍ - ପ୍ରବଲ ଶୀତ୍‌ନେ କତକ୍ ମନ୍‌ଷେ ମଏର୍ ଯଥେ ।

କ- ଜାଡ଼ - ଖୋବ୍ ଜାଡ଼େ କିଚୁଲୋକ୍ ମୁରତିଆ ।

ଓ- ଶିକାରି - ଶିକାରୀ ଫାଶ ବସାଇ ପକ୍ଷୀ ଧରେ ।

ବି- ଶିକାରି - ଶିକାରି ଫନ୍ଦା ବସାଏକେ ଚଢେଇ ଧର୍‌ଥେ ।

କ- ଶିକାରି - ଶିକାରି ଫାନ୍ଦି ଲାଗାତେ ଚେରେ ଧର୍‌ଲିଆ ।

ଓ- ଶୀଘ୍ର - ଆଜି ମୁଁ ଶୀଘ୍ର ଘରକୁ ଫେରିଲି ।

ବି- ଜଲ୍‌ଦି - ମେ ଆଏଜ୍ ଜଲଦି ଘରକେ ଫିରେଁ ।

କ- ଯଲ୍‌ଦି - ଆଜ୍ ମୁଇ ଯଲ୍‌ଦି ଘେର୍‌କେ ଫିର୍‌ଲି ।

ଓ- ଶୀତଋତୁ - ଶୀତଋତୁ ପରିବା ଚାଷ ପାଇଁ ଅନୁକୂଳ ଅଟେ ।

ବି- ଶୀତଋତୁ - ଶୀତଋତୁଟା କାଁଚା ସାଖ୍‌ତୁନ୍ କାଜେ ବନେଏ ।

କ- ଶୀତଦିନ - ଶୀତ୍‌ଦିନ୍ ପରିବା ଚାଷ କାଚେ ଠିକ୍ ।

ଓ- ଶୀର୍ଷ - ପର୍ବତ ଶୀର୍ଷ ଭାଗ ସମତଳ ଥାଏ ।

ବି- ଟିପି - ଡ଼ଙ୍ଗରୀକେ ଟିପି ଭାଗ ସମାନ୍ ରେଥେ ।

କ- - ଡୁଙ୍ଗ୍‌ରିର ଉପର୍ ଭାଗ୍ ସମାନ୍ ରିଲ୍ୟା ।

ଓ- ଶୁଆ - ଶୁଆର ଥଣ୍ଟ ନାଲି ଅଟେ ।

ବି- ରୁପୋ - ରୁପୋ ଚଅଁଚ୍ ଲାଲ୍ ରେଥେ ।

କ- ରୁପ - ରୁପର ଥତ୍‌ନା ଲାଲ ।

ଓ- ଶୁଭ୍ର - ଖରାଦିନେ ଶୁଭ୍ର ପୋଷାକ ଆରାମ ଦାୟକ ।

ବି- ପର୍‌ରା - ଖାରାଦିନେ ପଁର୍‌ରା ଛିଟା ଅରାମ ଲାଗ୍‌ଥେ ।

କ- ଧୋବ - ଖାରାଦିନେ ଧୋବ୍ ପୁଷକ୍ ବନେ ।

ଓ- ଶୁଣ୍ଢ - ହାତୀ ଶୁଣ୍ଢରେ ଡାଳ ଭାଙ୍ଗେ । •

ବି- ଶୁଣ୍ଢ୍ - ହାଥି ଶଡ୍‌ନେ ଡାଳ ଟୁଟାଥେ ।

କ- ଶୁର୍‌ପାଲ୍ - ହାତୀ ଶୁର୍‌ପାଲ୍‌ନେ ଡ଼ାଲ୍ ଭାଙ୍ଗ୍‌ଲିଆ ।

ଓ- ଶୁଷ୍କ - ଶୁଷ୍କ ଭୂମିରେ ଗଜା ଉଠିବା କଷ୍ଟ ।

ବି- ଶୁଖା - ଶୁଖା ଭୂଇଁନେ ଗାଜା ଉଠ୍‌ବାର କାଡ଼ା ଏ୍ ।

କ- ଶୁକା - ସୁକ୍‌ଲା ଭୂଇନେ ଗାଜା ନା ହୁଏ ।

ଓ- ଶୁଖିବା - ପ୍ରଚଣ୍ଡ ଖରାରେ ପୋଖରୀ ଶୁଖିବା ଆରମ୍ଭ ହୁଏ ।

ବି- ଶୁଏଖ୍‌ବା - ପରବଲ୍ ଖରାନେ କାଁଟା ଶୁଏଖ୍‌ବାର ସୁରୁ ହେଥେ ।

କ- ଶୁଖ୍‌ବା - ପର୍‌ବଲ୍ ଖାରାନେ ବନ୍ଦର୍ ପାନ୍ ଶୁକ୍‌ଲିଆ ।

ଓ- ଶୁଭ - ଶୁଭ ଖବରଟିଏ ଶୁଣି ମୁଁ ଖୁସିହେଲି ।

ବି- ଶୁଭ୍ - ଶୁଭ୍ ଖବରଟେ୍ ଶୁଏନ୍‌କେ ମେ ଖୁସ୍ ହେସ୍ ।

କ- ଶୁଭ୍ - ଶୁଭ୍ ଖବର୍ ଶୁନ୍‌ତେ ମୁଇ ଖୁସିହୁଲି ।

ଓ- ଶୁଖିଲା - ଲୋକେ ଜଙ୍ଗଲରୁ ଶୁଖିଲା କାଠ ସଂଗ୍ରହ କରନ୍ତି ।

ବି- ଶୁଖ୍‌ଲା - ମନ୍‌ଷେ ଜଙ୍ଗଲନେ ଶୁଖ୍‌ଲା କାଠ ସେକଲ୍‌ଥେ ।

କ- ଶୁକ୍‌ଲା - ଲୋକ୍‌ମନେ ଖମନ୍ ନୁ ଶୁକ୍‌ଲା କାଠ୍ ଠୁଲାତିଆ ।

ଓ- ଶୁଣିବା - ଗୁରୁଜନଙ୍କ କଥା ଶୁଣିବା ଉତ୍ତମ ଅଟେ ।

ବି- ଶୁନ୍‌ବାର - ଗୁରୁମନ୍‌କେ କଥା ଶୁନ୍‌ବାର୍ ବଢ଼ିଆ ଆଏ୍ ।

କ- ଶୁନବାର - ବଡ଼ଲୋକ୍ ମନ୍‌ଙ୍କର କତା ଶୁନବାର୍ ଟା ବନେ ।

ଓ- ଶୁଘିଂବା - ଫୁଲକୁ ପାଖରୁ ଶୁଘିଂବା ଅନୁଚିତ୍ ।

ବି- ଶୁଘ୍‌ଂବାରଟା - ଫୁଲ୍‌କେ ପାଖେଁନେ ଶୁଘ୍‌ଂବାରଟା ଅଏନ୍ ନିସେ ।

କ- ଶୁଙ୍ଗ୍‌ବା - ଫୁଲ୍‌କେ ପାଖୁନ୍ ନା ଶୁଙ୍ଗ୍‌ବାର କାତା ।

ଓ- ଶୂନ - ଶୂନର ମୂଲ୍ୟ କିଛି ନାହିଁ ।

ବି- ଶୂନ୍ - ଶୂନ୍ କେ ମୋଲ ନିଏ ।

କ- ଶୂନ - ଶୁନ୍‌ର ମୂଲ କିଚୁ ନାହି ।

ଓ- ଶ୍ରୁତଲିଖନ - ପ୍ରତିଦିନ ଶ୍ରୁତଲିଖନ ଅଭ୍ୟାସ କର ।

ବି- ଶ୍ରୁତଲିଖନ - ସବ୍‌ଦିନ ଶ୍ରୁତଲିଖନ୍ ଲେଖି ବାକେ ଅଭ୍ୟାସ କରୋ ।

କ- ଶୁନ୍‌ତେଲେଗା - ସବୁଦିନ ଶୁନ୍‌ତେ ଲେଖବାଟା ଅଭ୍ୟାସକେରା ।

ଓ- ଶୃଙ୍ଖଳା - ପ୍ରତି କାର୍ଯ୍ୟରେ ଶୃଙ୍ଖଳା ରହିବା ଆବଶ୍ୟକ ।

ବି- ଶୃଙ୍ଖଳିତ - ସବ୍ କାମ୍‌ନେ ଶୃଙ୍ଖଳିତ ରହେବାର୍ ଦର୍‌କାର୍ ।

କ- ସର୍ପଟୀ - ସବୁକାମେ ସର୍ପଟୀ ରେବାର୍ କାତ ।

ଓ- ଶୃଗାଳ - ଶୃଗାଳ ବଡ଼ ଚତୁର ଅଟେ ।

ବି- କୋଲିଆ - କୋଲିଆ ବଡ଼ ହୁସିଆର ଆଏ ।

କ- କୁଲିଆ - କୁଲିଆ ଖୋବ୍ ଚ୍ଲାକ ।

ଓ- ଶେଷ - ପରୀକ୍ଷା ଶେଷ ହେଲେ ମୁଁ ମାମୁଁ ଘର ଯିବି ।

ବି- ଛେଦାଲେଁ - ପରୀକ୍ଷା ଛେଦାଲେଁ ମେ ମାମୁଁ ଘରକେ.ଯେହିଁ ।

କ- ସର୍‌ଲେ - ପରିକ୍ଷା ସର୍‌ଲେ ମୁଁଇ ମାମୁ ଘେର୍‌କେ ଯିମି ।

ଓ- ଶେଉଳ - ଶେଉଳ ମାଛ ଭାରି ସୁଆଦିଆ ।

ବି- ଶେଉଳ - ଶେଉଳ ଖୋରୀଏକ୍‌ଦମ୍ ସୋଆଦ୍ ।

କ- ଶଉଲ୍ - ଶଉଲ୍ ମାଚ୍ ଖୋବ୍ ମନ୍ଦୁର୍ ।

ଓ- ଶ୍ରେଣୀ - ମୁଁ ତୃତୀୟ ଶ୍ରେଣୀରେ ପଢ଼େ ।

ବି- ଶ୍ରେଣୀ - ମେତୃତୀୟ ଶ୍ରେଣୀନେ ପଢ଼୍‌ଥିଁ ।

କ- ଶ୍ରେଣୀ - ମୁଇଁ ତିନ୍ ଶ୍ରେଣୀନେ ପଢନା ।

ଓ- ଶୋଇବା - ବେଶୀ ଶୋଇବା ଦେହ ପ୍ରତି କ୍ଷତିକାରକ ।

ବି- ଶୋତ୍‌ବାର - ଜାଦା ସୋବାର ଦିହିଁକେ ଲାଏଗ୍ ନକ୍‌ସାନ୍ ଆଏ୍ ।

କ- ଶବାଟା - ଖୋବ୍‌ବେଲ୍ ଶବାଟା ଗାଗର୍ କାଜେ କ୍ଷତିକିଲିଆ ।

ଓ- ଶୋଇବାଘର - ଆମର ଶୋଇବା ଘର ନାହିଁ ।

ବି- ସୋବାରଘର - ହାମର୍ ସୋବାର୍ ଘର ନିଏ୍ ।

କ- ଶବାରଘେର୍ - ଆମର୍ ଶବାର୍ ଘେର୍ ନାହିନେ ।

ଓ- ଶୋଷ - ଖରାଦିନେ ବାରମ୍ବାର ଶୋଷ ଲାଗେ ।

ବି- ପିଆସ୍ - ଖରାଦିନେଁ ଉଦ୍‌ଦେ ଉଦ୍‌ଦେ ପିଆସ୍ ଲାଗ୍‌ଥେ ।

କ- ଶୋଷ୍ - ଖାରାଦିନେ ସବୁବେଲେ ଶୋଷ୍ ଲାଗ୍‌ଲିଆ ।

ଓ- ଶୋରିଷ - ଶୋରିଷରୁ ତେଲ ବାହାର କରାଯାଏ ।

ବି- ସର୍‌ଷୋ - ସର୍‌ଷୋନେ ତେଲ୍ ବହରାଥେ ।

କ- ଶେର୍‌ଷୋ - ଶେର୍‌ଷୋନୁନ୍ ତେଲ୍‌ବାର୍ କେରାଗୁଲିଆ ।

ଓ- ଶୋଭା - କାଶ୍ମୀରର ଶୋଭାରେ ସମସ୍ତେ ମୋହିତ ହୁଅନ୍ତି ।

ବି- ଶୁଭା - କାଶ୍ମୀର୍‌କେ ଶୁଭା ନେ ସବ୍‌ଝନ୍ ମୋହିତ ହେ ଯାଥୋ ।

କ- ସୁନ୍ଦର୍ - କାଶ୍ମୀର୍ ସୁନ୍ଦର୍ ନେ ସବୁଲୋକ୍ ଖୁସୀ ହୁତିଆ ।

ଓ- ଶୌଚ - ରମା ଶୌଚ ପାଇଁ ପାଇଖାନାକୁ ଗଲା ।

ବି- ହାଗ୍‌ବାର - ରମା ହାଗ୍‌ବାର ଲାଏଗ୍ ହଗିରିଖାନ୍ ଜାଏସ୍ ।

କ- ଧୁଇ - ରମା ଧୁଇ ହବାକେ ହାଗ୍ରୀ ଘେର୍ କେଗଲ ।

ଓ- ଶ୍ୟାମଳ - ବର୍ଷା ଋତୁରେ ପରିବେଶ ଶ୍ୟାମଳ ଦିଶେ ।

ବି- ସାଗ୍‌ରସିଆ - ବର୍ଷା ଋତୁନେ ପରିବେଶ ସାଗରସିଆ ଦିସ୍‌ଥେ ।

କ- ଶ୍ୟାମଲ - ବର୍ଷାଦିନେ ପରିବେଶ ସାଗୁଆ ଦିଶ୍‌ଲ୍ୟା ।

ଓ- ଶ୍ୱାସ - ଜୀବମାନେ ଶ୍ୱାସ କ୍ରିୟା କରନ୍ତି ।

ବି- ଶ୍ୱାସ - ଜୀବ୍‌ମନେ ଶ୍ୱାସ ଅନାନିଆ କର୍‌ଥେ ।

କ- ନିଶ୍ୱାସ - ଜୀବ୍‌ମନେ ନିଶ୍ୱାସ୍ ନିତିଆ ।

-ହ-

ଓ- ହୁଁ - ଆଇ ଗପ କହିବା ବେଳେ ମୁଁ ହୁଁ ମାରେ ।

ବି- ହୁକାର୍ - ବୋବି କାଥାନି କଥେ ବେଳେଁ ମିଇଁ ହୁକାର୍ ମାର୍‌ଥିଁ ।

କ- ହୁଁ - ବାଇ କୁଁଉନି କ'ଅବାର୍ ବେଲ୍‌କେ ମୁହୁଁ କେନା ।

ଓ- ହଳ - କୃଷକର ହଳ ହିଁ ବଳ ଅଟେ ।

ବି- ହଲ - କୃଷକ୍‌କେ ହଲ ହିଁ ବଲ୍ ଆଏ୍ ।

କ- ହୁଇଲ୍ - ଚଷିର୍ ବୁଇଲ୍ ତାର୍ ବଲ୍ ।

ଓ- ହନୁ - କୁକୁରକୁ ଦେଖି ହନୁ ଦୌଡ଼ିଗଲା

ବି- ବେନ୍ଦେରା - କୁକୁର୍‌କେ ଦେଖ୍‌କେ ବେନ୍ଦେରା କୁଇଦ୍ ଦେହେସ୍ ।

କ- ହନୁ - କୁକୁର୍‌କେ ଦେଖ୍‌ତେ ହନୁ ଧାଁତେ ଗଲ ।

ଓ- ହତା - ବିଦ୍ୟାଳୟ ହତା ପରିଷ୍କାର ରଖ ।

ବି- ଭିତରେ - ଇସ୍‌କୁଲ୍ ଭିତ୍‌ର ସାଫାସୋତରା ରାଖ ।

କ- ବାର୍ - ଇସ୍କୁଲର୍ ବା'ର୍ ସାପା ରାଖା ।

ଓ- ହସି - ତା କଥା ଶୁଣି ଗିମି ହସି ଦେଲା ।

ବି- ହସ୍ - ଉଟାକେ ଗୋଠିଆ ବାର୍‌ଟା ଶୁନ୍‌କେ ଗିମି ହସ୍ ଦେହେସ୍ ।

କ- ହାସ୍‌ଲ - ତା'ର୍ କାତା ଶୁନ୍‌ତେ ଗିମି ହାଁସ୍‌ଦେଲ ।

ଓ- ହଣ୍ଡା - ପିତଳ ହଣ୍ଡାରେ ମାଂସ ଭଲ ଶିଝେ ।

ବି- ହଣ୍ଲା - ପିତଲ୍ ହଣ୍ଲା ନେ ଶିକାର୍ ଅଏନ୍ ଚୁର୍‌ଥେ ।

କ- ଟାଡ଼୍ - ପିତଲ୍ ଟାଡ଼୍‌ନେ ମଉସବନେ ଶିଝ୍‌ଲିଆ ।

| | | | |
|---|---|---|---|
| ଓ- | ହସ୍ତି | - | ହସ୍ତି ଦାନ୍ତରେ କାରୁକାର୍ଯ୍ୟ ହୁଏ । |
| ବି- | ହାତୀ | - | ହାତୀ ଦାଁତ୍‌ନେ ଫୁଲ୍‌ଫାନସ୍ ହଥେ । |
| କ- | ହାତୀ | - | ହାତୀ ଦାଁତ୍‌ନେ କାରୁକାର୍ଯ୍ୟ ହୁଁଲିଆ । |
| ଓ- | ହଂସ | - | ହଂସ ଉଭୟଚର ପକ୍ଷୀ ଅଟେ । |
| ବି- | ବତକ୍ | - | ବତକ୍ ଉଭୟଚର୍ ଚେରେ ଏ ଏ । |
| କ- | ହସ୍ | - | ହସ୍ ପାନେ ଆରୁ ଭାଟାନେ ଥେବାର୍ ଚେରେ । |
| ଓ- | ହଟାଇ | - | ରବି ଲୋକଙ୍କୁ ହଟାଇ ଆଗକୁ ଦଉଡ଼ି ଗଲା । |
| ବି- | ଠେଲ୍‌କେ | - | ରବି ମନ୍‌ଷେକେ ଠେଲ୍‌କେ ଆଘିଲ୍ କୁଇଦ୍ ଦେହେସ୍ । |
| କ- | ପେଁଲ୍‌ତେ | - | ରବି ଲୋକ୍‌ମନ୍‌କେ ପେଲ୍‌ତେ ଆଗ୍‌କେ ଧାଁତେ ଗଲ । |
| ଓ- | ହଳଦୀ | - | କନ୍ଧମାଳ ହଳଦୀ ବିଶ୍ୱ ପ୍ରସିଦ୍ଧ । |
| ବି- | ହଳଦୀ | - | କନ୍ଧମାଲ୍ ହଳଦୀ ସାରା ପୁରଥି ନେ ପ୍ରସିଦ୍ଧ ଏ । |
| କ- | ହଲ୍‌ଦୀ | - | କନ୍ଧମାଳ ହୁଲ୍‌ଦୀ ପୃର୍ଥୀ ପ୍ରସିଦ୍ଧ । |
| ଓ- | ହରିଣ | - | ଆମ ଜଙ୍ଗଲରେ ହରିଣ ବଂଶ ଲୋପ ପାଇଗଲାଣି । |
| ବି- | କୁର୍‌ଗୀ | - | ହାମର୍ ଜଙ୍ଗଲନେ ହରିନ୍ ବଂଶ ଉବ୍‌ଯାଏସ୍ ନେ । |
| କ- | ଚିତଲ୍ | - | ଆମର୍ ଖମନ୍‌ନୁନ୍ ଚିତଲ ବଁଶ ବୁଡଲନେ । |
| ଓ- | ହଲାଇ | - | ରସାନ୍ତ ଡାଳ ହଲାଇ ଆମ୍ବ ଝଡ଼ାଇଲା |
| ବି- | ହଲାଏ୍‌କେ | - | ରସାନ୍ତ ଡେହି ହଲାଏ୍‌କେ ଆମା ଝାରେସ୍ । |
| କ- | ହଲାତେ | - | ରଶାନ୍ତ ଡ଼ାଲ୍‌କେ ହଲାତେ ଆମ୍ ଝାଡ଼୍‌ଲ । |
| ଓ- | ହଜମ | - | ବୃଦ୍ଧ ହେଲେ ହଜମ ଶକ୍ତି କମିଯାଏ । |
| ବି- | ପଚବାର | - | ବୁଡ଼ା ହେଜାଲେଁ ପଚ୍‌ବାର ତାକତ୍ କମ୍‌ଯାଥେ । |
| କ- | ଜିର୍‌ବାର୍ | - | ବୁଡାହଲେ ଜିର୍‌ବାର ଶକତ୍‌କୁମ୍‌ଲିଆ । |

ଓ- ହରଣ - କ୍ରମିକ ବିଯୋଗକୁ ହରଣ କୁହାଯାଏ ।

ବି- ଭାଗ୍ - ଉତାରକେ ଉତାର କାଏ୍ଟ ଦେବାର୍ ଟାକେ୍ ଭାଗ୍ କହାଯାଥେ ।

କ- ହରଣ - ଗୋଟେକ୍ ପେଟେ ଗୋଟେକ କେ କାଟ୍‌ବାର୍ ଟାକେ ହରଣ କୁଆ ଯାଇଲିଆ ।

ଓ- ହଳଦିଆ - ଜହ୍ନି ଫୁଲର ରଙ୍ଗ ହଳଦିଆ ।

ବି- ହଳଦିଆ - ତରେଇ ଫୁଲ୍‌କେ ରଙ୍ଗ୍ ହଲ୍‌ଦିଆ ।

କ- ହଲ୍‌ଦିଆ - ଜନି ଫୁଲ୍‌ର ରଙ୍ଗ୍ ହୁଲଦିଆ ।

ଓ- ହସିଖେଳି - ଆମ ପିଲାଦିନ ହସି ଖେଳି ଗ୍ଭଲିଗଲା ।

ବି- ହଏସ୍‌ଖେଲକେ - ହାମର ଛୁଆ ଦିନ୍ ହଏସ୍ ଖେଲକେ୍ ଭାଗ୍ ଯାଏସ୍ ।

କ- ହାସତେଖେଲତେ- ଆମର୍ ପିଲାଦିନ ହାଁସ୍‌ତେ ଖେଲ୍‌ତେ ଚାଲ୍‌ତେ ଗଲ ।

ଓ- ହସିହସି - ଦେଶପାଇଁ ଆମେ ହସି ହସି ଜୀବନ ଦେବା ।

ବି- ହଏସ୍‌ହଏସ୍ - ଦେଶ୍ ଲାଏଗ୍ ହମେ ହଏସ୍‌ହଏସ୍‌କେ ଜାନ୍ ଦହବ୍ ।

କ- ହାଁସିହାଁସି - ଦେଶର୍ କାଜେ ଆମେ ହାଁସିହାଁସି ଜୀବନ୍ ଦିମୁଁ ।

ଓ- ହତ୍ୟାକରିବା - ନର ହତ୍ୟା କରିବା ମହାପାପ ଅଟେ ।

ବି- ମେଏରଦେବାଟା- ମନ୍‌ଷେ ମେର୍ ଦେବାଟା କତନିକ୍ ପାପ୍ ଆଏ୍ ।

କ- ମାରବାରଟା - ମାନେ ମାରବାରଟା ମାହା ପାପ୍ ।

ଓ- ହଳଦୀବସନ୍ତ - ହଳଦୀ ବସନ୍ତ ଗୋଟିଏ ସୁନ୍ଦର ପକ୍ଷୀ ଅଟେ ।

ବି- ହଳଦୀବସନ୍ତ - ହଳଦୀବସନ୍ତ ଗୋଟେକ୍ ଅଏନ୍ ଚେରେ ଆଏ୍ ।

କ- ହଲ୍‌ଦୀବସନ୍ତ- ହଲ୍‌ଦିବସନ୍ତ ଗୋଟେ ସୁନ୍ଦର୍ ଚେରେ ।

ଓ- ହାତ - ହାତରେ ଆମେ ଅନେକ କାର୍ଯ୍ୟ କରୁ ।

ବି- ହାତ୍‌ନେ - ହାତ୍‌ନେ ହମେ କତ୍‌ନିକତ୍‌କ କାବାର୍ କରଥିଁ ।

କ- ହାତେ - ହାତେ ଆମେ ଖୋବ୍ କାମ୍ କିନୁଆଁ ।

ଓ- ହାଟ - ଆମ ଗାଁରେ ଶନିବାର ଦିନ ହାଟ ବସେ ।

ବି- ହାଟ୍‌ଲୀ - ହାମର୍ ଗାଁନେ ଶନିବାର୍ ଦିନେ୍ ହଟ୍‌ଲି ବସ୍‌ଥେ ।

କ- ହାଟ୍ - ଆମର୍ ଗାଁନେ ଶନିବାର୍ ଦିନେ ହାଟ୍ ବୁସ୍‌ଲିଆ ।

ଓ- ହାଣ୍ଡି - ଆଜିକାଲି ମାଟି ହାଣ୍ଡି ଆଉ ଚାଲୁ ନାହିଁ ।

ବି- ହାଁଡି - ଆଏଚ୍ କାନ୍ଦ୍ ମାଟିକେ ହାଁଡି ନିଚଲତ୍ ।

କ- - ଆଜ୍‌କାଲ୍ ମାଟର୍ ଭାଣା ନାଇ ଚାଲ୍‌ବାର୍‌ନେ ।

ଓ- ହାର - ମୋତି ହାର ଦେହକୁ ସୁନ୍ଦର ଲାଗେ ।

ବି- ମାଲ - ମୋତି ମାଲ ଦେହେଁକେ ଅର୍ଏଁନ୍ ଲାଗ୍‌ଥେ ।

କ- ହାର୍ - ମୋତି ହାର୍ ଗାଗର୍ କେ ସୁନ୍ଦର୍ ଦିସ୍‌ଲିଆ ।

ଓ- ହାରମୋନିୟମ୍- ମୁଁ ହାରମୋନିୟମ୍ ବଜାଇ ଶିଖୁଛି ।

ବି- ପେଟି - ମେ ପେଟି ବଜାବାକଜେଙ୍ଗ ଶିଖଥିଁ ।

କ- ହାର୍‌ମନି - ମୁଇ ହାର୍‌ମନି ବାଜାବାର୍ଟା ଶିକଛେଁ ।

ଓ- ହାତୀ - ଆଜିକାଲି ହାତୀମାନେ ଗାଁ ଗଣ୍ଡାକୁ ପଶି ଆସୁଛନ୍ତି ।

ବି- ହାଥି - ଆଜ କାଏଲ ହାଥି ମା ଗାଁ ଗଢାନେ ସେମ୍ ଯାଆଥେ ।

କ- ହାତି - ଆଜ୍‌କାଲ୍ ହାତୀମନେ ଗାଁ ଗାଣାକେ ପଶଛେତ ।

ଓ- ହାଓ୍ୱା - ଖରାଦିନର ଗରମହାଓ୍ୱା ସମ୍ଭାଳି ହୁଏନାହିଁ ।

ବି- ଧୁକା - ଘାମଦିନ୍‌ନେ ତପ୍‌ଲା ହଓ୍ୱା ସମ୍‌ଲାଏ ନି ହଏ୍ ।

କ- ପବନ୍ - ଖାରାଦିନେ ତପତ୍ ପବନ ସମାଲି ନା ହୁଁଏ ।

ଓ- ହାଲିଆ - ପାହାଡ଼ ଚଢ଼ିଲେ ଖୁବ୍ ହାଲିଆ ଲାଗେ ।

ବି- ଆଥା - ଡଙ୍ଗର୍ ଚେଘେନେ ଅଡବେଡ ଧଥା ଲାଗ୍‌ଥେ ।

କ- ହାରି - ଡ଼ଙ୍ଗର୍ ଚେଗ୍‌ଲେ ଖୁବ୍ ହାରିଲାଗ୍‌ଲିଆ ।

ଓ- ହାଲୁକା - ଶିମିଳି ତୂଳା ଖୁବ୍ ହାଲୁକା ।

ବି- ଉସାସ୍ - ଶେମେଲକେ ପନିଟା ଜବର୍ ଉସାଶ୍ ଏ ।

କ- କଅଁଲ୍ - ଶେମେଲ୍ ଗୁଆ ଖୋବ୍ କ'ଅଁଲ୍ ।

ଓ- ହାଜର - ବାପା ଡାକିଲେ ମୁଁ ତୁରନ୍ତ ହଜର ହୁଏ ।

ବି- ଆଥଁ - ବୁଆ ଡାକ୍‌ନେ ମେ ଜଲଦି ଆଥଁ ।

କ- ଆସ୍‌ନା - ଆମ୍ ବୁଆ ଡ଼ାକ୍‌ଲେ ମୁଇ ଯଲଦି ଆସ୍‌ନା ।

ଓ- ହାରିବା - ହାରିବା ଦ୍ୱାରା ଜିତିବାର ଇଚ୍ଛା ଜାତ ହୁଏ ।

ବି- ହାର୍‌ବା - ହାର୍‌ଯାନେ ଜିତ୍‌ବାକାନେ ଇଛା ଲାଗ୍‌ଥେ ।

କ- - ହାର୍‌ଲେ ଏକା ଜିତ୍‌ବାକେ ଇଛା ଲାଗଲିଆ ।

ଓ- ହାହାକାର - ବାପାଙ୍କ ମୃତ୍ୟୁରେ ଆମେ ହାହାକାର କଲୁ ।

ବି- ହାହାକାର୍ - ବୁଆକେ ମଲାନେ ହାମେ ହୁର୍‌କି କରେଁ ।

କ- କାନ୍ଦ୍‌ଲୁ - ବୁଆ ମଲାକେ ଆମେ କାନ୍ଦ୍‌ଲୁ ।

ଓ- ହାଇକୋର୍ଟ - ହାଇକୋର୍ଟ ରାଜ୍ୟର ସର୍ବୋଚ୍ଚ ବିଚାରାଳୟ ଅଟେ ।

ବି- ହାଇକୋଟ୍ - ହାଇକୋର୍ଟ ରାଜ୍‌କେ ରଅଁଟ ବିଚାର୍‌ବାର୍ ଜାଗା ଏ ।

କ- ହାଇକୋର୍ଟ - ହାଇକୋର୍ଟ ରାଏଜର୍ ସବୁଠାନୁନ୍ ବଡ଼୍ କୋଟ୍ ।

ଓ- ହିମ - ଶୀତ ଦିନେ କାଶ୍ମୀରରେ ହିମ୍‌ପାତ ହୁଏ ।

ବି- ବରଫ୍ - ଯାଡ୍ ଦିନ୍‌ନେ କାଶ୍‌ମିର୍‌ନେ ବରଫ୍ ପଡ୍‌ଥେ ।

କ- ବରପ୍ - ଶୀତ୍ ଦିନେ କାଶ୍ମୀର୍‌ନେ ବରପ୍ ପୁଡ୍‌ଲିଆ ।

ଓ- ହିସାବ - ସାହୁକାର ମାନେ କିଣା ବିକାର ହିସାବ ରଖନ୍ତି ।

ବି- ହିସାବ୍ - ସାହୁକାରମନ ଘିନା ବେଚାନେ ହିସାବ୍ ରଖ୍‌ଥେ ।

କ- ହିସାବ୍ - ମା'ଜନ୍ ମନେ ଘିନା ବିକାର୍ ହିସାବ୍ ରଖ୍‌ତିଆନ୍ ।

| | | | |
|---|---|---|---|
| ଓ- | ହିଂସ୍ରଜନ୍ତୁ | - | ଜଙ୍ଗଲରେ ଅନେକ ହିଂସ୍ର ଜନ୍ତୁ ଥାଆନ୍ତି । |
| ବି- | ହିଂସ୍‌ଜନ୍ତୁ | - | ଜଙ୍ଗଲନେ କତ୍‌ନିକତକ୍ ହିଂସ୍‌ଜନ୍ତୁ ରେଥେ । |
| କ- | ହିସ୍ରଜନ୍ତୁ | - | ଖମ୍‌ନେ ଖୋବ୍ ହିସ୍ରଜଂତୁ ଥିତିଆ । |
| ଓ- | ହେଅ | - | ତୁମେ ବଡ଼ ହେଲେ ପିତାମାତାଙ୍କର ସ୍ନେହ ହେଅକର । |
| ବି- | ମନେ୍‌ପକାନ୍ | - | ତାହାମନ୍ ବଡ଼ଖା୍ ହେଲେଁ ବୁଆ ଆୟାକେ ସନ୍‌ହୋ ମନେ ପକାହି । |
| କ- | ହେଅ | - | ତୁମେ ବଡ଼ ହଲେ ବୁଆ ମାଁର୍ ସ୍ନେହକେ ହଥେ କେରା । |
| ଓ- | ହେବ | - | ଏ ବର୍ଷ ଭଲ ବର୍ଷା ହେବ ବୋଲି ସୂଚନା ଦିଆଯାଇଛି । |
| ବି- | ହେହି | - | ଏସୁର୍ ବଢ଼ିଆ ବରଷା ହେହି ବଏଲ୍‌କେ ଜନା ଦିଆଯାଏ୍ ସ । |
| କ- | | - | ଇ ବରଷ୍‌ବନେ ପାନ୍‌ମାରତ ବଲ୍‌ତେ ଖବର ଦିଆଗଲା ଚେ । |
| ଓ- | ହେବାଭଳି | - | ଆଜି ବର୍ଷା ହେବାଭଳି ଦିଶୁଛି । |
| ବି- | ହେହିବାଗିର୍ | - | ଆଏଜ ବର୍‌ଷା ହେହିବାଗିର ଦିଶଥେ । |
| କ- | ପରା | - | ଆଜ୍ ପାନ ମାର୍‌ତ ପରା ଲାଗଚେ । |
| ଓ- | ହେଟା | - | ହେଟା ମଲା ଜୀବଜନ୍ତୁଙ୍କ ହାଡ଼ ବୋହି ନିଏ । |
| ବି- | ହୁର୍‌ରା | - | ହୁର୍‌ରା ମୁର୍‌ଦାର୍‌ଜୀବ୍ ଜତୁକେ ହାଡ଼ ବଏ୍‌ଲେଥେ । |
| କ- | ହୁଣାର | - | ହୁଣାର ମଲା ଜୀବଯଁତୁର ହାଡ଼ ବ'ଅତେ ନିଲିଆ । |
| ଓ- | ହୃତପିଣ୍ଡ | - | ହୃତପିଣ୍ଡ ଶରୀରକୁ ଶୁଦ୍ଧ ରକ୍ତ ବିତରଣ କରେ । |
| ବି- | ଧୁକ୍‌ଧୁକି | - | ଧୁକ୍‌ଧୁକି ଦିହେଁନେ ଶୁଦ୍ ଖୁନ୍ ବଶ୍‌ରାଏ ଦେଥେ । |
| କ- | ହୃତ୍‌ପିଣ୍ଡ | - | ହୃତପିଣ୍ଡ୍ ଗାଗର୍ ବନେ ରକତ୍ ଯଗାଲିଆ । |

**'କ୍ଷ'**

| | | | |
|---|---|---|---|
| ଓ- | କ୍ଷତି | - | ବେଳେବେଳେ ବର୍ଷା ଅଭାବରୁ ଫସଲ କ୍ଷତି ହୁଏ । |
| ବି- | ନକ୍‌ସାନ୍ | - | ଛନେକଘଡେକ ବରଷା ଅଭାବନେ ତାସ୍ ନକ୍‌ସାନ୍ ହଥେ । |
| କ- | ହାନି | - | କେବେକେବେ ପାନ କମ୍ ହଲେ ଫସଲ ହାନି ହୁଲିଆ । |

ଓ- କ୍ଷୀର - ମାଆ କ୍ଷୀର ଶିଶୁ ପାଇଁ ଅମୃତ ଅଟେ ।

ବି- ଗୋରସ୍ - ଆୟାକେ ଗୋରସ୍‌ଟା ଅମୃତ ବାଗିର ଏ ।

କ- ଗୁରସ - ମାଁର୍ ଗୁରସ୍ ଛୁଆ କାଜେ ଅମୃତ ପରା ।

ଓ- କ୍ଷୁଦ୍ରତମ - ଏକ ସବୁଠାରୁ କ୍ଷୁଦ୍ରତମ ପୂର୍ଣ୍ଣ ସଂଖ୍ୟା ଅଟେ ।

ବି- ଛୋଟେ - ଏକ୍‌ଟା ସବ୍‌ଲେ ଛୋଟ ସଂଖ୍ୟା ଏ ।

କ- ସାନ - ଏକ ସବୁଠାନୁନ୍ ସାନ ପୂର୍ଣ୍ଣ ସଂଖ୍ୟା ।

ଓ- କ୍ଷେତ୍ର - କନ୍ଧମାଳ କୃଷି ନିମନ୍ତେ ଉତ୍ତମ କ୍ଷେତ୍ର ନୁହେଁ ।

ବି- ଏରିଆ - କନ୍ଧମାଲ୍ ଚାଷ କାଜେ ବଢ଼ିଆ ଏରିଆ ନିସେ ।

କ- ଜମି - କନ୍ଧମାଳ ଚାଷ କାଜେ ବନେ ଜମି ନାଇସେ ।

ଓ- କ୍ଷେତ - କ୍ଷେତରେ ଗୋବର ଖତ ଦେଲେ ଭଲ ଫସଲ ହେବ ।

ବି- ଖେତ୍ - ଖେତେନେ ଗୋରୁ ଖତ ଦେଲେଁ ଭଲ୍ ଫସଲ୍ ହେଥେ ।

କ- ଜମି - ଜମିନେ ଗବର୍ ଖତ ଦେଲେ ବନେ ଫସଲ ହତ ।

ଓ- କ୍ଷୀର - ମାଆ କ୍ଷୀର ଶିଶୁ ପାଇଁ ଅମୃତ ଅଟେ ।

ବି- ଗୋରସ୍ - ଆୟାକେ ଗୋରସ୍‌ଟା ଅମୃତ ବାଗିର ଏ ।

କ- ଗୁରସ - ମାଁର୍ ଗୁରସ୍ ଛୁଆ କାଜେ ଅମୃତ ପରା ।

ଓ- କ୍ଷୁଦ୍ରତମ - ଏକ ସବୁଠାରୁ କ୍ଷୁଦ୍ରତମ ପୂର୍ଣ୍ଣ ସଂଖ୍ୟା ଅଟେ ।

ବି- ଛୋଟେ - ଏକ୍‌ଟା ସବ୍‌ଲେ ଛୋଟ ସଂଖ୍ୟା ଏ ।

କ- ସାନ - ଏକ ସବୁଠାନୁନ୍ ସାନ ପୂର୍ଣ୍ଣ ସଂଖ୍ୟା ।

ଓ- କ୍ଷେତ୍ର - କନ୍ଧମାଳ କୃଷି ନିମନ୍ତେ ଉତ୍ତମ କ୍ଷେତ୍ର ନୁହେଁ ।

ବି- ଏରିଆ - କନ୍ଧମାଲ୍ ଚାଷ କାଜେ ବଢ଼ିଆ ଏରିଆ ନିସେ ।

କ- ଜମି - କନ୍ଧମାଳ ଚାଷ କାଜେ ବନେ ଜମି ନାଇସେ ।

ଓ- କ୍ଷେତ - କ୍ଷେତରେ ଗୋବର ଖତ ଦେଲେ ଭଲ ଫସଲ ହେବ ।

ବି- ଖେତ୍ - ଖେତେନେ ଗୋରୁ ଖତ ଦେଲେଁ ଭଲ୍ ଫସଲ୍ ହେଥେ ।

କ- ଜମି - ଜମିନେ ଗବର୍ ଖତ ଦେଲେ ବନେ ଫସଲ ହତ ।

ଓ- ତୁମର ନାମ କଣ ?

ବି- ତୋର୍ ନା କେଁଣା ?

କ- ତର ନାଁ କଦେଁ ?

ଓ- ତୁମ ବାପାଙ୍କ ନାମ କଣ ?

ବି- ତୋର୍ ବୁଆକେ ନା କେଁଣା ?

କ- ତର ବୁଆର ନାଁ କଦେଁ ?

ଓ- ତୁମ ମାଆ ନାମ କଣ ?

ବି- ତୋର୍ ମାଁ ନା କେଁଣା ?

କ- ତର ମାଁର ନାଁ କଦେଁ ?

ଓ- ଆଜି କଣ ଖାଇଛ ?

ବି- ଏଜ୍ କେଁଣା ଖାଏ୍ହେ ?

କ- ଆଏଜ୍ କାଁଟା ଖାଲିସ୍ ?

ଓ- (ନାମ) ଏଠିକି ଆସ ।

ବି- (ନା) ଇଲଗା ଆହି ।

କ- (ନାମ) ଇ ଘୁତ ଆସା ।

ଓ- ତାକୁ ଟିକିଏ କହ ।

ବି- ଉଖେଁ ଟିକେକ୍ କଏ୍ଦହ ।

କ- ତାକେ ଛନେ କ ଦିଆସ୍ ।

ଓ- କାଲି ଆଗରେ ଆସିବ ।

ବି- କାଏଲ୍ ଆଘିଲ୍ ଏହି ।

କ- କାଏଲକେ ଆଗେ ଆବାସ୍ ।

ଓ- ତୁମେ କେତେବେଳେ ସ୍କୁଲକୁ ଆସ ।

ବି- ତାହାମନ୍ କତଲ ବେଲେଁ ଇସ୍‌କୁଲ୍ ଆଥେ ।

କ- ତମେଁ କେନବେଲେ ଇସ୍‌କୁଲ ଆଏସା ।

ଓ- ସ୍କୁଲ କେତେବେଳେ ଛୁଟି ହୁଏ ।

ବି- ଇସ୍‌କୁଲ୍ କତକ୍‌ବେଲେଁ ଛୋଟି ହଥେ ।

କ- ଇସ୍‌କୁଲ କେନ୍‌ବେଲେ ଛୁଟି ହୁଲିଆ ।

ଓ- ସ୍କୁଲରେ ପ୍ରାର୍ଥନା କର କି ?

ବି- ଇସ୍‌କୁଲ୍ ନେ ପର୍‌ଥନା କର୍‌ଥେ କେଁ ।

କ- ଇସ୍‌କୁଲ ନେ ପାରଥନା କେସା କେଁ ?

ଓ- ପିଲାମାନେ ବୁଝିଲ କି ?

ବି- ଛୁଆମନେ ବୁଝେସ୍ କେଁ ?

କ- କେଡ଼ାମେନେ ବୁଝ୍‌ଲାସ୍ କେ ?

ଓ- ଜାଣିଥିବା ପିଲା ହାତ ଟେକ ।

ବି- ଜାଏନ୍‌ରେବା ଛୁଆ ହାଁତ୍ ଉଠାହି ।

କ- ଜାନଲା କେଡ଼ା ହାତ ଉଠାସ୍ ।

ଓ- ଡର ନାହିଁ ।

ବି- ନି ଡର୍‌ହି ।

କ- ନାଇ ଡ଼େର ।

ଓ- ନ ବୁଝିଲେ ପଚାର ।

ବି- ନ ବୁଝଲେଁ ପଚ୍‌ରାହି ।

କ- ନା ବୁଜ୍‌ଲେ ପଚରାହା ।

ଓ- ପିଲାମାନେ ପାଟି କରନାହିଁ ।

ବି- ଛୁଆମନେ ନି ଗୁଗାହି ।

କ- କେଡ଼ାମାନେ ହୋଲୋହାଲ ନା ହୁଆରେ ।

ଓ- ଦଳ ଗଠନ କର ।

ବି- ଦଲ୍ ତିଆର୍ କର୍‌ହି ।

କ- ଗୁଣ୍ଡ୍ କେରା ।

ଓ- ସମସ୍ତେ ଅଂଶ ଗ୍ରହଣ କର ।

ବି- ସବ୍ ଭାଗ୍ ଲିହି ।

କ- ସବି ଲୋକ୍ ଭାଗ୍ ନିଆ ।

ଓ- ଡ୍ରିଲ କରିବା ।

ବି- ଡ୍ରିଲ୍ କର୍‌ବ ।

କ- ଖେଲ୍ କେର ।

ଓ- ଖେଳ ପଡ଼ିଆକୁ ଯିବା ।

ବି- ଖେଲ୍ ପଡିଆକେ ଯାବ୍

କ- ଖେଲ୍ ଡ଼୍‌ଟାକେ ଯିବାସ୍ ।

ଓ- ପୁରସ୍କାର ପାଇବା ।

ବି- ଇନାମ୍ ପାଆବ୍ ।

କ- ପୂରୁସ୍‌କାର ପାତ ।

ଓ- (ନାମ) ଉଠ ।

ବି- (ନା) ଉଠ୍‌ହି ।

କ- (ନାମ) ଉଠ୍ ।

ଓ- ସମସ୍ତେ ଧାଡ଼ିରେ ଠିଆ ହୁଅ ।

ବି- ସବ୍ ଧାଡ଼ିନେ୍ ଠାଡ଼୍ ହହି ।

କ- ସବ୍‌ଲୋକ ଧାଡ଼ିନେ ଠାଡ୍ ଉଠା ।

ଓ- (ନାମ) ଉଠ ।

ବି- (ନା) ଉଠ୍‌ହି ।

କ- (ନାମ) ଉଠ୍ ।

ଓ- ସମସ୍ତେ ଧାଡ଼ିରେ ଠିଆ ହୁଅ ।

ବି- ସବ୍ ଧାଡ଼ିନେ୍ ଠାଡ୍ ହହି ।

କ- ସବ୍‌ଲୋକ ଧାଡ଼ିନେ ଠାଡ୍ ଉଠା ।

ଓ- ଆଖିବନ୍ଦ କର ।

ବି- ଆଏଁଖ୍ ମୁଇଜ୍ ଦହ ।

କ- ଆଁଖ୍ ମୁନ୍ଦା ।

ଓ- (ନାମ) ଘଣ୍ଟା ବାଡ଼ାଅ ।

ବି- (ନା)ଘଣ୍ଟି ବଜାହି

କ- (ନାମ) ଘଣ୍ଟା ପିଟା ।

ଓ- ନଖ କାଟିଛ ?

ବି- ନାଖୁନ୍ କାଟେହେ ?

କ- ନକ୍ କାଟଲାସ୍ କେଁ ?

ଓ- ମୁଣ୍ଡରେ ତେଲ ଲଗାଇବ ।

ବି- ମୁଡ୍‌ନେ ତେଲ୍ ଲଗାହି ।

କ- ମୁଡ଼େ ତେଲ ମକା ।

ଓ- ଖବର କାଗଜ ପଢ଼ ।

ବି- ଗେଜଟ୍ କାଗତ୍ ପଢ଼୍‌ହି ।

କ- କାଗତ୍ ପଡ଼ାଲାସ କେଁ ।

ଓ- ତୁ ତାକୁ କଣ କଲୁ ।

ବି- ତିଇଁ ଉଟାକେ କେଁଣା କରହେସ୍ ।

କ- ତୁଇ ତାକେ କାଏଁ କିଲିସ୍ ।

ଓ- ନ ଜାଣିଲେ ମୋତେ ପଚାର ।

ବି- ନି ଜାନ୍‌ଲେଁ ମଖେଁ ପଚ୍‌ରାହି ।

କ- ନା ଜାନ୍‌ଲେ ମକେ ବୁଝ ।

ଓ- ବର୍ତ୍ତମାନ ବହି ବାହାର କର ।

ବି- ଏଛେନ୍‌କା ବହି ବାହାର୍ କର୍ ।

କ- ଏବେ ବଇ ବାହାର କେର ।

ଓ- ଫୁଲ ଗଛରେ ପାଣି ପକାଅ ।

ବି- ଫୁଲ୍ ଗଛେଁନେ ପାଏନ୍ ପକାହି ।

କ- ଫୁଲ୍ ଗେଛେ୍ ପାଏନ୍ ଦିଆଁ ।

ଓ- ତୁମ ବାଗିରେ କି କି ଗଛ ଲଗାଇଛ ।

ବି- ତାହାନ୍ କେ ବାରିନେ କେଁ କେଁ ଗଛ ଲଗାହେ ।

କ- ତମର ବାଏର ନେ କାଏଁ କାଏଁ ଗେଛ୍ ଲଗାଲାଛସ୍ ?

ଓ- ନମସ୍କାର କର ।

ବି- ନମସ୍କାର କରହି ।

କ- ଜୁଆର କେର ।

ଓ- ଅଳିଆ ଗାତରେ ପକାଅ ।

ବି- ଜଗଡ଼ା କେଚଡ଼ା ଢ଼ୋଡାନେ ପକାହି ।

କ- ମଏଲା ଖାଲେ ଫିକା ।

ଓ- ଜ୍ୱର ହେଲେ କେଉଁ ଔଷଧ ଖାଇବ ।

ବି- ଜର୍ ହେଲେଁ କେଁ ଉଷୋ ଖେହି ।

କ- ଜର ହେଲେ କାଏଁ ଓଷୋ ଖାଏବାସ ?

ଓ- ଅଲସୁଆ ଦୁଃଖ ପାଏ ।

ବି- ଅଲସୁଆ ଦୁଃଖ୍ ପାଥେ ।

କ- କଦରିଆ ଦୁକ୍ ପାଏଲିଆ ।

ଓ- ତୁମ ପଡ଼ିଶା ଘରେ କିଏ ରହନ୍ତି ?

ବି- ତାହାମନ୍‌କେ ପାଖର୍ ଘର୍‌ନେ କୁନେ ରହଥେ ।

କ- ତମର ପାଖର ଘେରେ କୁନ ରହେଲିଆ ?

ଓ- ନଖ ଛାଡ଼ିଲେ କଣ ହେବ ।

ବି- ନାଖୁନ୍ ଛାଏଡ୍ ଦେଲେଁ କେଁଣା ହେହି ।

କ- ନକ୍ ବଡ଼ାଲେ କାଁଟା ହତ ?

ଓ- ସମସ୍ତେ ମିଳିମିଶି ଖେଳିବା ।

ବି- ସବ୍ ମିଲ୍‌ଜୁଏଲ୍‌କେ ଖେଲବ୍ ।

କ- ସବି ଏକାସଗେଁ ଖ୍ଲୁଁ ।

ଓ- କଳି କର ନାହିଁ ।

ବି- ଝଗ୍‌ଡା ନି କର୍‌ହି ।

କ- ଗୋଏଲ୍ ନା ଲାଗ୍ ।

ଓ- ଆହା

ବି- ଆହା

କ- ଏ.....ଏ.....

ଓ- ମୁଁ କହୁଛି ତୁମେ ଶୁଣ ।

ବି- ମେ କହଥିଁ ତାହାମନ୍ ଶୁନୋ ।

କ- ମୁଇ କଏଁ ତମେ ସୁନ ।

ଓ- ଖାତା ଅଦଳ ବଦଳ କରିବ ।

ବି- ଖତା ଅଦ୍‌ଲି ବଦ୍‌ଲି କର୍‌ହି ।

କ- ଖାତା ଅଦଲ ବଦଲ କେବାସ୍ ।

ଓ- ଗୋଲେଇ କରି ବସ ।

ବି- ଗୁଲା ହେକେ ବସ୍‌ହି ।

କ- ଗୋଲ ହତେ ବସ ।

ଓ- କେଉଁ ପଶୁମାନେ ଲୋକଙ୍କ ସହିତ ରହନ୍ତି ?

ବି- କୁନ୍ ପଶୁମନ୍ ମନ୍‌ସେ ସଙ୍ଗେନେ ରେଥେ ।

କ- କାଏଁ କାଏଁ ଜନ୍ତୁ ଲୋକର ସାଙ୍ଗେ ରହେତିଆ ?

ଓ- ତୁମେ ଘରେ କି କି ପକ୍ଷୀ ପାଳୁଛ ?

ବି- ତାହାମନ୍ କେ ଘରନେକେଁ କେଁ ଚେରେ ପୋସ୍‌ଥେ ।

କ- ତମର ଘେରେ କାଏଁ କାଏଁ ଚେରେ ଚିରଙ୍ଗୁଲ ରକଲା ଛାସ୍ ।

ଓ- କଣ କରୁଥିଲୁ ?

ବି- କେଣା କରତ୍ ହେରେଦ୍ ?

କ- କେଁଟା କେରୁ ରେଲାସ ।

ଓ- ପାଣି ପିଇଲ କି ?

ବି- ପାନି ପିଏସ୍‌ନେ କେଁ ?

କ- ପାନ୍‌ପିଲାସ କେଁ ?

ଓ- ପିଲାଟି ପଡ଼ିଗଲା ତାକୁ ଉଠାଅ ।

ବି- ଛୁଆଟା ପଡ୍ ଜାଏସ୍ ଉଶେଁ ଉଠାଏଁ ଦହ ।

କ- ପିଲା ପଡ୍‌ଲାଚେ ଉଟାଦିଆସ୍ ।

ଓ- ତୁମ ଘରେ କିଏ ରୋଷେଇ କରନ୍ତି ।

ବି- ତାହାମନ୍ କେ ଘର୍‌ନେ କୁନ୍ ରାନ୍ଧ୍‌ଥେ ।

କ- ତମର ଘେରେ କୁନ୍ ରାନ୍ଦ୍‌ଲିଆ ?

ଓ- ତୁମ ଘରେ କିଏ କିଏ ରହନ୍ତି ?

ବି- ତାହାମନ୍‌କେ ଘର୍ ନେ କୁନ୍ କୁନ୍ ରେଥେ ।

କ- ତୁମର ଘେରେ କୁନ କୁନ୍ ରେହେଛାସ୍ ?

ଓ- ତୁମ ମାମୁଁ ଘର କେଉଁଠି ।

ବି- ତାହାମନ୍ କେ ମାଁମାଁ ଘର କତିଲଗ୍ ।

କ- ତମର ମଅଲା ଘେର ଜେନ୍ ଲଗେ ?

ଓ- ତୁମ ପାଖ ପିଲାକୁ ପଚ୍ଚର ।

ବି- ତୋର୍ କେ ତିର୍‌କେ ଛୁଆକେ ପଚରାଆ ।

କ- ତର୍ ପାସର୍ କେତାକେ ପାଚାର୍ ।

ଓ- ଛାଡ଼ି ଛାଡ଼ି ବସ ।

ବି- ଛାଏଡ଼ ଛାଏଡ୍ କେ ବସ୍ ।

କ- ଘୁଚି ଘୁଚି ବସ୍ ।

ଓ- ନିଜ ନିଜ ବହି ଖୋଲ ।

ବି- ନିଜର ନିଜର ବହି ଖୋଲ ।

କ- ନିଜର ବଇ ଅତାହାଆସ୍ ।

ଓ- ତୁମେ ବଡ ହେଲେ କଣ କରିବ ।

ବି- ତାହାମନ୍ ବଡ୍‌ଖା ହେଲେଁ କେଁଣା କର୍‌ହି ।

କ- ତମେ ଧାଙ୍ଗରା ହେଲେ କାଏଁ କେବାସ ?

ଓ- ତାଳି ମାର ।

ବି- ଥାପିଡ଼ି ପିଟା ।

କ- ଠାପଡ଼ି ମାରା ।

ଓ- ତୁମ ଶ୍ରେଣୀରେ ମନିଟର କିଏ ?

ବି- ତମର ଶ୍ରେଣୀନେ ମନିଟର୍ କୁନେ ?

କ- ତମର କିଲାସର ମନିଟର କେନ୍ ହଲାଚେ ?

ଓ- ତୁମକୁ କିଏ ମାରିଲା ।

ବି- ତଗେଁ କୁନେ ମାରେସ୍ ।

କ- ତକେ କେନ୍ ମାର୍ଲ ?

ଓ- କାହିଁକି କାନ୍ଦୁଛ ?

ବି- କେ କଲେଙ୍ଗ ରୋଥୋ ?

କ- କାଏଁକେରି କାନ୍ଦସିଆସ ?

ଓ- ମନ ଦେଇ ଶୁଣ ।

ବି- ମନ୍ ଦେକେ ଶୁନିଁ ।

କ- ମନ୍ ଦେତେ ଶୁନ୍ ।

ଓ- ଗପ ଶୁଣ ।

ବି- କଥାନି ଶୁନିଁ ।

କ- କଥାନି ଶୁନ ।

ଓ- ତୁମ ପ୍ରଧାନ ଶିକ୍ଷକ ନାମ କଣ ?

ବି- ତାହାମନ୍ କେ ପ୍ରଧାନ ଶିକ୍ଷକ କେ ନାଁ କେଣା ?

କ- ତମର ହେଡ୍‌ମାସଟର୍ ନାଁ କେଁଟା ?

ଓ- ପିଲାମାନେ ହାଜିରା ପକାଏ ।

ବି- ଛୁଆମନେ ହାଜିରି ପକାହି ।

କ- କେଡ଼ାମାନେ ହାଜିରି ଦିଆଁ ।

ଓ- ତୁମେ ଏଠିକି ଆସ ।

ବି- ତାହାମନ୍ ଇଲେଗା ଆହି ।

କ- ତମେ ଇ ଘୁତୁ ଆସ ।

ଓ- ତୁମ ଗ୍ରାମ ନାମ କ'ଣ ?

ବି- ତାହାଁମନ୍ କେଗାଁ କେ ନାମ୍ କେଣା ?

କ- ତମର ଗାଁର ନାଁ କେଁଟା ?

ଓ- ତମେ ସକାଳେ କ'ଣ କର ?

ବି- ତାହାମନ୍ ସେକାଲେଁ କେଁଣା କରଥେ ।

କ- ତମେ ସାକାଲ୍ ସାକାଲ୍ କାଏଁଟା କିଲାସ ?

ଓ- ସକାଳୁ ଉଠି ମୁହଁ ଧୋଇବା ।

ବି- ସେକାଲେଁ ଉଇଠ୍‌କେ ମୁହୁଁ ଧୋହି ।

କ- ସାକାଳେ ଉଠାକେରା ମୁଁ ଧୁଆସ୍ ।

ଓ- ଖାଇବା ଆଗରୁ ହାତ ଧୋଇବା ।

ବି- ଖାବାର୍ ଆଘିଲି ହାଁତ୍ ଧୋହି ।

କ- ହାତ ଧୋତ ଖାଆସ ।

ଓ- ସକାଳୁ ଉଠି ଦାନ୍ତ ଘଷିବା ।

ବି- ସେକାଲେ୍ଲେ ଉଇଠ୍‌କେ ଦାଆଁତ୍ ରେଥି ।

କ- ସାକାଲ୍ ସାକାଲ୍ ଦାଁତ୍ ଘେଷା ।

ଓ- ଉଷୁମ ଖାଦ୍ୟ ଖାଇବା ।

ବି- ତପତ୍ ଖାନା ଖାଆବ୍ ।

କ- ଗରମ୍ ଗରମ୍ ଖେଅ ।

ଓ-   ବାସି ଖାଦ୍ୟ ଖାଇଲେ ରୋଗ ହୁଏ ।

ବି-   ବାସି ଖାନା ଖାଏଁଦେଲେଁ ବେମାର୍ ହଥେ ।

କ-   ବାସି ଖାଲେ ବେମାର ହୁଲିଆ ।

ଓ-   ମାଛି ବସା ଖାଦ୍ୟ ଖାଇବା ନାହିଁ ।

ବି-   ମାଛି ବସ୍‌ଲା ଖାଏଦ୍ ନି ଖାବ୍ ।

କ-   ମୁଚି ବସା ଖାଏଦ୍ ନା ଖାଆ ।

ଓ-   ଚପଲ ପିନ୍ଧି ପାଇଖାନା ଯିବ ।

ବି-   ଚପଲ୍ ପିନ୍ଦକେ୍ ହଗରିଖାନା ଯହିଁ ।

କ-   ଚଟି ଲଗେଇ ହଗି ଯିବାସ୍ ।

ଓ-   ଶ୍ରେଣୀରେ ଧାଁ ଧପଡ଼ ହୁଅ ନାହିଁ ।

ବି-   ଶ୍ରେଣୀନେ କୁଦାକୁଦି ନି ହେହି ।

କ-   କିଲାସନେ ନାଁ ନଗଦ୍ ।

ଓ-   ଚକା ପକାଇ ବସ ।

ବି-   ଚକା ଲୁଠିଆ ବସହି ।

କ-   ଚକାମକା ଦେତେ ବସ ।

ଓ-   ସାନ ପିଲାଙ୍କୁ ସ୍ନେହ କର ।

ବି-   ଛୋଟେ ଛୁଆକେ ଗେଲ୍ କରହି ।

କ-   ସାନ୍ ପିଲାକେ ଗେଲ୍ କେର ।

ଓ-   ଆସନ୍ତା କାଲି (ବିଷୟ) ଲେଖି ଆଣିବ ।

ବି-   ଆହି ଦିନ ଲିଖ୍ କେ ଆନହିଦ୍ ।

କ-   କାଲ୍‌କେ ଲେକ୍‌ତେ ଆନ୍‌ବାସ୍ ।

ଓ- ଦୁଷ୍ଟ କଥା ହୁଅ ନାହିଁ ।

ବି- ବଦ୍‌ମାସ୍ କାଥା ନି କହେ ।

କ- ଖାରାପ କତା ନା ହୁଆସ୍ ।

ଓ- ଏଇଟା ତାକୁ ଦେ ।

ବି- ଇଖେଁ ଉଟାକେ ଦହ ।

କ- ଇଟା ତାକେ ଦେଁ ।

ଓ- ତୁମେ ଦୁହେଁ ବାଣ୍ଟିଦିଅ ।

ବି- ତାହାମନ୍ ଦିଝନ୍ ବାଏଁଟ୍ ଦହ ।

କ- ତମେ ଦୁଇଲୋକ୍ ଭାଗ୍‌କେରା ।

ଓ- କାନ୍ଥବାଡ଼ ମଇଲା କର ନାହିଁ ।

ବି- କାଁଥ୍ କୁଢ଼େ ଅସ୍‌କଟିଆ ନି କରହି ।

କ- କା'ତିବାଡ଼ି ମଏଲ୍ ନା କେରା ।

ଓ- କ'ଣ ହେଲା ପିଲେ ।

ବି- କେଁଣା ହେସ୍ ପିଲେ ।

କ- କାଏଁ ହାଲାରେ କେଡ଼ାମାନେ ?

ଓ- ତାର ସିଙ୍ଗାଣି ପୋଛି ଦିଅ ।

ବି- ଉକେର ସିଘନ୍ ପୋଏଚ୍ ଦହ ।

କ- ତାର ସିଙ୍ଗନ୍‌କେ ପୋଛତେ ଦିଆସ ।

ଓ- ସାର୍ଟର ବୋତାମ ଲଗାଅ ।

ବି- ଦଗ୍‌ଲିକେ ବଟମ୍ ଲଗାହି ।

କ- ସାଟ୍‌ର ବୁତାମ କେ ଦିଆସ୍ ।

ଓ- ଭଲରେ ପଢ଼ିଲେ ପାସ୍ ହେବ ।

ବି- ବନେକର୍‌କେ ପଢ଼୍‌ଲେ ପାସ୍ ହେହି ।

କ- ବନେକେତେ ପଢ଼ତେ ପାସ କିବାସ୍ ।